# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ମେ ୫/୨୦୧୯ (୧୬ ପୃଷ୍ଠା) | Bhubaneswar, Sunday, May 5/2019 (ଛୁଟିଦିନ ସହ) | ★★★★★★

୪୫ଶ ଭାଗ ୧୫୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**'ଲାଲ୍ ସିଂ ଚଢ୍ଢା'ରେ ଆମିର**

ଆମିର ଖାନ୍ ୧୯୯୪ କ୍ଲାସିକ୍ 'ଫରେଷ୍ଟ ଗମ୍ପ୍'ର ହିନ୍ଦୀ ରିମେକ୍ 'ଲାଲ୍ ସିଂ ଚଢ୍ଢା'ରେ ମୁଖ୍ୟ ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି।

୦୨

୧୬

**ଅର୍ଜୁନଙ୍କ ମୂଲ୍ୟ ୫ ଲକ୍ଷ**

ମୁମ୍ବାଇ ଟି୨୦ ଲିଗ୍‌ର ଦ୍ୱିତୀୟ ସିଜନ ପାଇଁ ଅର୍ଜୁନ ତେନ୍ଦୁଲକରଙ୍କୁ ଆକାଶ ଟାଇଗର୍ସ ମୁମ୍ବାଇ ୱେଷ୍ଟର୍ସ ସବ୍‌ଅର୍ବସ ଦଳ ୫ଲକ୍ଷ ଟଙ୍କାରେ କ୍ରୟ କରିଛି।







**ଫନୀ ଗଲା ପରେ...:** ଏବେ ଖାଇବା, ପିଇବା ଚିନ୍ତା। ରାଜଧାନୀ ସମେତ ସମଗ୍ର ପ୍ରଭାବିତ ଅଞ୍ଚଳରେ ଏଭଳି ସ୍ଥିତି।

# ଫନୀ ନେଲା ୪୩ ଜୀବନ

**ଅନୀଲ ଦାସ**
**ଭୁବନେଶ୍ୱର,୪।୫**

- ଭୁବନେଶ୍ୱରରେ ୧୦ ହଜାରରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଛି
- ଉପୁଡ଼ିଛି ଲକ୍ଷ ଲକ୍ଷ ଗଛ, ପାନୀୟ ଜଳ ବ୍ୟବସ୍ଥା ବିପର୍ଯ୍ୟସ୍ତ
- ସବୁ ପରିସ୍ଥିତି ମୁକାବିଲା ପାଇଁ ଆମେ ସକ୍ଷମ: ମୁଖ୍ୟମନ୍ତ୍ରୀ
- ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ
- ସମସ୍ତ ସହାୟତା ଯୋଗାଇଦେବାକୁ କେନ୍ଦ୍ର ସରକାର ପ୍ରସ୍ତୁତ: ମୋଦି
- ୩ ହେଲିକପ୍ଟରରେ ରିଲିଫ୍, ଔଷଧ ପଠାଇଲା କେନ୍ଦ୍ର
- ୨୫ ପ୍ରତିଶତ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ହୋଇଛି: ଶକ୍ତି ସଚିବ
- ବିଦ୍ୟୁତ୍ ଯୋଗାଣ ପାଇଁ ଆହୁରି ୮ ଦିନ ସମୟ ଲାଗିବ

ବାତ୍ୟା 'ଫନୀ' ମାଡରେ ଶ୍ରୀହୀନ ହୋଇଯାଇଛି ପୁରୀ ଓ ରାଜଧାନୀ ଭୁବନେଶ୍ୱର। ଉପକୂଳବର୍ତ୍ତୀ ଜିଲା ଗଞ୍ଜାମ, ଜଗତ୍‌ସିଂହପୁର, କେନ୍ଦ୍ରାପଡା, ଭଦ୍ରକ, ବାଲେଶ୍ୱର, ଯାଜପୁର ଏବଂ ମୟୂରଭଞ୍ଜ ମଧ୍ୟ ଛାରଖାର ହୋଇଯାଇଛି। କେବଳ ଗଛ, ବିଦ୍ୟୁତ୍, ଘରଦ୍ୱାର ନୁହେଁ, ୪୩ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କର ଜୀବନ ମଧ୍ୟ ଚାଲି ଯାଇଛି। ପରିସ୍ଥିତି ଦେଖିଲେ ମୃତକଙ୍କ ସଂଖ୍ୟା ଯଥେଷ୍ଟ ଅଧିକ ହେବ ବୋଲି ଆଶଙ୍କା କରାଯାଉଛି। ମିଳିଥିବା ସୂଚନା ଅନୁଯାୟୀ ପୁରୀରେ ୧୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଭୁବନେଶ୍ୱରରେ ୧୨, ବାରିପଦାରେ ୪ , ଯାଜପୁର ୩, ବାଲେଶ୍ୱର ୧, କେନ୍ଦ୍ରାପଡା ୩, କଟକ ଜିଲା ନିଆଳି ୩, ନୟାଗଡରେ ୨ ଜଣଙ୍କର ମୃତ୍ୟୁ ହୋଇଛି। ତେବେ ବାତ୍ୟା ଯୋଗୁ କେଉଁ ଅଞ୍ଚଳରେ କେତେଜଣଙ୍କର ମୃତ୍ୟୁ ହୋଇଛି ସରକାରୀ ଭାବେ କିଛି ସ୍ପଷ୍ଟ କରାଯାଇ ନାହିଁ। ପୁନରୁଦ୍ଧାର ଓ ରିଲିଫ କାର୍ଯ୍ୟ ଜୋରଦାର ଆରମ୍ଭ ହୋଇଛି। ଅଗ୍ନିଶମ ବିଭାଗ, ଏନ୍‌ଡିଆରଏଫ୍ ଏବଂ ଓଡ୍ରାଫ କର୍ମଚାରୀମାନେ ସହରର ମୁଖ୍ୟ ରାସ୍ତାଗୁଡିକରୁ ଗଛ ହଟାଇବା ସହ ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଟେଲି ଯୋଗାଯୋଗ ବ୍ୟାହତ ହୋଇଥିବା ବେଳେ ଗତ ଦୁଇଦିନ ହେବ ରାଜଧାନୀ ଓ ପୁରୀ ସହର ସମ୍ପୂର୍ଣ୍ଣ ଅନ୍ଧାର ରହିଛି। ଶକ୍ତି ସଚିବ ହେମନ୍ତ ଶର୍ମାଙ୍କ ସୂଚନା ଅନୁଯାୟୀ କେବଳ ଭୁବନେଶ୍ୱରରେ ୧୦ ହଜାର ବିଦ୍ୟୁତ ଖୁଣ୍ଟ ନଷ୍ଟ ହୋଇଛି। ବିଦ୍ୟୁତ କର୍ମଚାରୀମାନେ ଯୁଦ୍ଧକାଳୀନ ଭିତ୍ତିରେ ପୁଣି ବିଦ୍ୟୁତ୍ ସେବା ଆରମ୍ଭ କରିବାକୁ ରାତିଦିନ ଲାଗିଛନ୍ତି। ଶନିବାର ସନ୍ଧ୍ୟା ସୁଦ୍ଧା ଭୁବନେଶ୍ୱରରେ ୨୫ ପ୍ରତିଶତ ଅଞ୍ଚଳକୁ ବିଦ୍ୟୁତ ଯୋଗାଣ କରାଯାଇଛି। ରାଜ୍ୟରେ ୩୦ ଲକ୍ଷ ବିଦ୍ୟୁତ ଉପଭୋକ୍ତା ପ୍ରଭାବିତ ହୋଇଛନ୍ତି। ବିଦ୍ୟୁତ୍ ନ ଥିବାରୁ ରାଜଧାନୀରେ ଜଳ ପାଇଁ ଲୋକମାନେ ସମସ୍ୟାର ଘୋର ସମ୍ମୁଖୀନ ହୋଇଛନ୍ତି। କେତେକ ସ୍ଥାନରେ ହାହାକାର ପଡ଼ିଗଲାଣି। ରାଜଧାନୀର କେତେକ ଅଞ୍ଚଳ ଓ ବସ୍ତିଗୁଡିକରେ ଶନିବାର ଟ୍ୟାଙ୍କର ଜରିଆରେ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଆଉ କେତେକ ସ୍ଥାନରେ ଜେନେରେଟର ଜରିଆରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସହରରେ ପିଇବା ପାଣି ଯୋଗାଇ ଦିଆଯାଇଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ଆକାଶ ମାର୍ଗରୁ ଅନୁଧ୍ୟାନ କରିବା ସହ ରିଲିଫ ଓ ଉଦ୍ଧାର କାର୍ଯ୍ୟକୁ ନିୟମିତ ତଦାରଖ କରୁଛନ୍ତି। ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଖ୍ୟମନ୍ତ୍ରୀଙ୍କ ସହ ବାତ୍ୟା ପରବର୍ତ୍ତୀ ପରିସ୍ଥିତି ସମ୍ପର୍କରେ ଟେଲିଫୋନ ଯୋଗେ ଆଲୋଚନା କରିଛନ୍ତି। ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଆସନ୍ତା ୬ ତାରିଖରେ ପ୍ରଧାନମନ୍ତ୍ରୀ ବାତ୍ୟା ପ୍ରଭାବିତ ଅଞ୍ଚଳ ଅନୁଧ୍ୟାନ କରିବାକୁ ଓଡିଶା ଗସ୍ତରେ ଆସିବେ ବୋଲି ସୂଚନା ମିଳିଛି। କ୍ୟାବିନେଟ ସଚିବ ପି. କେ. ସିହ୍ନା ମଧ୍ୟ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ସହ ବାତ୍ୟା ସହାୟତା ନେଇ ଆଲୋଚନା କରିଛନ୍ତି। କେନ୍ଦ୍ର ସରକାର ୩ଟି ହେଲିକପ୍ଟରରେ ରିଲିଫ ସାମଗ୍ରୀ ଏବଂ ଔଷଧ ପଠାଇଥିବା ସୂଚନା ମିଳିଛି।

ସଚିବାଳୟରେ ଚାଲିଛି ଘନ ଘନ ସମୀକ୍ଷା ବୈଠକ। ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଗ୍ରୀଷ୍ମ ଋତୁରେ ବାତ୍ୟା ଆସିବା ଏକ ବିରଳ ପ୍ରାକୃତିକ ବିପର୍ଯ୍ୟୟ। ଗତ ୪୩ ବର୍ଷ ମଧ୍ୟରେ ଓଡିଶାରେ ଏହା ପ୍ରଥମ ଗ୍ରୀଷ୍ମକାଳୀନ ବାତ୍ୟା। ୧୫୦ ବର୍ଷ ମଧ୍ୟରେ ଏହା ୩ୟ ଭୟଙ୍କର ବାତ୍ୟା। ଏହି କାରଣରୁ ବାତ୍ୟାକୁ ଆକଳନ କରିବା ଏକ ଆହ୍ୱାନ ଥିଲା। ବାସ୍ତବରେ ସ୍ଥଳଭାଗ ଛୁଇଁବାର ୨୪ ଘଣ୍ଟା ପର୍ଯ୍ୟନ୍ତ କୌଣସି ପାଣିପାଗ ସଂସ୍ଥା ଏହାର ନିର୍ଦ୍ଦିଷ୍ଟ ଗତିପଥକୁ ଠିକ୍ ଭାବେ ଆକଳନ କରିପାରି ନ ଥିଲେ । କିନ୍ତୁ ସରକାର ସବୁପ୍ରକାର ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିଥିଲେ। ଇତିହାସରେ ସବୁଠାରୁ ଅଧିକ ସଂଖ୍ୟାରେ ଲୋକଙ୍କୁ ସ୍ଥାନାନ୍ତର କରିବାରେ ସକ୍ଷମ ହୋଇ ପାରିଛୁ। ଗତ ୨୪ ଘଣ୍ଟା ମଧ୍ୟରେ ୧୨ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରାଯାଇ ପାରିଛି। ଗଞ୍ଜାମରେ ୩ ଲକ୍ଷ ୨୦ ହଜାର ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ବେଳେ ପୁରୀରେ ୧ ଲକ୍ଷ ୩୦ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ୯ ହଜାର ଆଶ୍ରୟ ସ୍ଥଳରେ ଥିବା ଲୋକମାନଙ୍କୁ ୭ ହଜାର ରୋଷଶାଳା ଜରିଆରେ ଖାଦ୍ୟ ଯୋଗାଇ ଦିଆଯାଇଛି। ଏହି କାର୍ଯ୍ୟରେ ୪୫ ହଜାରରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ, ୨ ହଜାର ଜରୁରିକାଳୀନ କର୍ମୀ, ଯୁଥ କ୍ଲବ ଏବଂ ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ସଂଗଠନ, ଓଡ୍ରାଫ, ଏନଡିଆରଏଫ୍, ପଞ୍ଚାୟତିରାଜ ସଂସ୍ଥା ଏବଂ ୧ ଲକ୍ଷରୁ ଊର୍ଦ୍ଧ୍ୱ ସରକାରୀ କର୍ମଚାରୀ ୨୪ ଘଣ୍ଟା ନିୟୋଜିତ ହୋଇଥିଲେ। ଏହି ସ୍ଥାନାନ୍ତର ପ୍ରକ୍ରିୟାରେ ଲକ୍ଷ ଲକ୍ଷ ଲୋକଙ୍କ ସହଯୋଗ ମଧ୍ୟ ମିଳିଥିଲା।

ପୁରୀ ଛୁଇଁବା ବେଳେ ପବନର ବେଗ ଘଣ୍ଟା ପ୍ରତି ୨୦୦ କିଲୋମିଟରରୁ ଅଧିକ ଥିଲା। ସର୍ବାଧିକ ୨୪୦ କିଲୋମିଟର ଥିଲା। ବିଦ୍ୟୁତ, ଟେଲି ଯୋଗାଯୋଗ ଓ ପାନୀୟ ଜଳ ଯୋଗାଣ ପରି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ବ୍ୟବସ୍ଥାକୁ ବାତ୍ୟା ଫନୀ ଛାରଖାର କରି ଦେଇଛି। ଲକ୍ଷ ଲକ୍ଷ ଗଛ ଉପୁଡି ରାସ୍ତା ଅବରୋଧ କରିବା ସହ ଘର ଭାଙ୍ଗିବା ଏବଂ ଅନ୍ୟାନ୍ୟ ସରକାରୀ ଭିତ୍ତିଭୂମିକୁ ନଷ୍ଟ କରିଛି।

☞ପୃଷ୍ଠା-୪




NECC NATIONAL EGG CO-ORDINATION COMMITTEE | 04.05.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 89 | 144 | 154 |
| CTC | 95 | 152 | 162 |
| DKL | 97 | 154 | 164 |
| BDK | 97 | 154 | 164 |
| BLS | 100 | 158 | 168 |
| ANG | 97 | 154 | 164 |

*Conditions Apply

**Eggs Retail Price- 37/-Dozen**
Issued in the Interest of Consumers

## ଫନୀ ତାଣ୍ଡବ: ବାଂଲାଦେଶରେ ୧୪ ମୃତ, ୬୩ ଆହତ

**ଢାକା,୪।୫(ପି.ଟି.)**

ଓଡ଼ିଶାର ଉପକୂଳ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟାଇ ୪୩ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ନେବା ପରେ ବାଂଲାଦେଶରେ ବିପର୍ଯ୍ୟୟ ଆଣିଦେଇଛି ସାମୁଦ୍ରିକ ଝଡ଼ ଫନୀ। ପଡ଼ୋଶୀ ଦେଶରେ ଶନିବାର ଫନୀ ଯୋଗୁ ୧୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୬୩ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ଶିଶୁ ଓ ୪ ମହିଳା ଅଛନ୍ତି। ବିଭିନ୍ନ ସ୍ଥାନରେ ବହୁ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଛି। ଏହାର ପ୍ରଭାବରେ ବରଗୁନା, ଭୋଲା ଓ ନୋଆଖାଲି ଜିଲାର ସର୍ବାଧିକ କ୍ଷତି ହୋଇଛି। ପ୍ରଭାବିତ ୮ ଜିଲାରୁ ରିପୋର୍ଟ ଆସିବା ପରେ ପ୍ରକୃତ କ୍ଷୟକ୍ଷତିର ଆକଳନ କରାଯାଇପାରିବ ବୋଲି ବାଂଲାଦେଶ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବାତ୍ୟାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ୩୬ଟି ଗ୍ରାମର ୧ ଲକ୍ଷ ୬୦ ହଜାର ଲୋକଙ୍କୁ ଆଗୁଆ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଏହାସହ ୧୨ଟି ବିମାନର ଚଳାଚଳ ବାତିଲ କରାଯାଇଛି। (ସମ୍ପୂର୍ଣ୍ଣ ରିପୋର୍ଟ ପୃଷ୍ଠା:୨)

ଅନିବାର୍ଯ୍ୟ କାରଣରୁ ଏ ସପ୍ତାହରେ 'ଆଗାମୀ ଆଶା' ପୃଷ୍ଠା ପ୍ରକାଶ ପାଇପାରୁ ନାହିଁ।

**ଆଜିର ସମ୍ପାଦକୀୟ**

**ଅଣଜାତି ରାଜନୀତି**

**ଆଜିର ମନ୍ତବ୍ୟ**

"ଭାରତୀୟ ସେନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବ୍ୟକ୍ତିଗତ ସମ୍ପତ୍ତି ନୁହେଁ।

–ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ






କଂଗ୍ରେସ ଭୋଟ୍ କାଟୁ ପାର୍ଟିରେ ପରିଣତ ହୋଇଛି। ଖୁବ୍‌ଶୀଘ୍ର ଏହି ଦଳର ପତନ ଦେଖିବାକୁ ମିଳିବ। ବିରୋଧୀଙ୍କ ମହାମେଣ୍ଟରୁ ମହାଦୁର୍ନୀତି ବୃଦ୍ଧି ପାଇବ।
-ନରେନ୍ଦ୍ର ମୋଦି,
ପ୍ରଧାନମନ୍ତ୍ରୀ



## ସଂକ୍ଷେପରେ

### ଆକବରଙ୍କ ବୟାନ ରେକର୍ଡ

ନୂଆଦିଲ୍ଲୀ,୪।୫(ପି.ଟି.): ଯୌନ ଶୋଷଣ ମାମଲାର ଅଭିଯୁକ୍ତ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏମ୍.ଜେ. ଆକବରଙ୍କ ବୟାନ ଶନିବାର ଦିଲ୍ଲୀର ଏକ କୋର୍ଟରେ ରେକର୍ଡ କରାଯାଇଛି। ଯୌନ ଶୋଷଣ ଅଭିଯୋଗ ଆଣିଥିବା ସାମ୍ବାଦିକା ପ୍ରିୟା ରମାନୀଙ୍କ ବିରୋଧରେ ଆକବର ମାନହାନି ମାମଲା ଦାଏର କରିଥିଲେ। ଏହି ମାମଲାରେ ଆକବର ଆଡିଶନାଲ୍ ଚିଫ୍ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ ସମର ବିଶାଲଙ୍କ ଅଦାଲତରେ ବ୍ୟକ୍ତିଗତ ଭାବେ ହାଜର ହୋଇ ପ୍ରିୟାଙ୍କ ଅଭିଯୋଗକୁ ଭିତ୍ତିହୀନ ଓ ଅପମାନଜନକ ବୋଲି ଅଭିହିତ କରିଛନ୍ତି। ଆସନ୍ତା ୨୦ ତାରିଖରେ ଏହାର ପରବର୍ତ୍ତୀ ଶୁଣାଣି କରିବାକୁ କୋର୍ଟ ଧାର୍ଯ୍ୟ କରିଛନ୍ତି। ପ୍ରକାଶ ଯେ, ୨୦ ବର୍ଷ ପୂର୍ବେ ଆକବର ଯୌନ ଶୋଷଣ କରିଥିବା ପ୍ରିୟା ଅଭିଯୋଗ ଆଣିଥିଲେ। ଏହାକୁ ନେଇ ବିବାଦ ବଢ଼ିବା ପରେ ଗତ ଅକ୍ଟୋବର ୧୭ରେ ତାଙ୍କୁ ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ପଡ଼ିଥିଲା।

### ଆଇଏସ୍ ଆତଙ୍କବାଦୀ ଗିରଫ



ୱାଶିଂଟନ,୪।୫(ପି.ଟି.): ଜେଇଏମ୍ ଓ ଆଇଏସ୍ ଗୋଷ୍ଠୀ ସହ ସମ୍ପର୍କ ରଖିଥିବା ଅଭିଯୋଗରେ ଏଫ୍‌ବିଆଇ ଦ୍ୱାରା ଜଣେ ପାକିସ୍ତାନ-ଆମେରିକାନ୍ ଯୁବକ ୱାକର-ଉଲ୍-ହାସନ୍ (୩୫)ଙ୍କୁ ଉତ୍ତର କାରୋଲିନାର ଚାର୍ଲୋଟ ଡଗ୍‌ଲାସ୍ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଗିରଫ କରାଯାଇଛି। ଜେଇଏମ୍ ମୁଖ୍ୟ ମାସୁଦ ଆଝାର ମେ' ପହିଲାରେ ଜାତିସଂଘ ଦ୍ୱାରା ବିଶ୍ୱ ଆତଙ୍କବାଦୀ ଘୋଷିତ ହୋଇଥିଲାବେଳେ ତାଙ୍କ ସହ ହାସନ୍‌ଙ୍କ ସମ୍ପର୍କ ଥିବା କୁହାଯାଉଛି। ୨୦୧୪ରୁ ଆତଙ୍କବାଦୀ ସଙ୍ଗଠନ ସହ ହାସନ୍‌ଙ୍କ ସମ୍ପର୍କ ଥିବା ଏଫ୍‌ବିଆଇ ଜାଣିବାକୁ ପାଇଛି। ୨୦୧୫ ନଭେମ୍ବରରେ ସେ ଜେଇଏମ୍ ଓ ଆଇଏସ୍ ସହ ସମ୍ପର୍କକୁ ସ୍ୱୀକାର କରିଥିଲେ। ୨୦୧୩ରେ ପାକିସ୍ତାନ ଗସ୍ତକରି ହାସନ୍ ଜେଇଏମ୍ ଲାଗି ଅର୍ଥ ସଂଗ୍ରହ କରିଥିବା ସ୍ୱୀକାର କରିଛି। ପ୍ରକାଶଥାଉ କି, ୧୯୮୪ରେ ପାକିସ୍ତାନରେ ଜନ୍ମଗ୍ରହଣ କରିଥିବା ହାସନ୍ ମାତ୍ର ୧୫ ବର୍ଷ ବୟସରେ ଅର୍ଥାତ୍ ୧୯୯୯ରେ ପରିବାର ସହ ନ୍ୟୁୟର୍କ ଆସିଥିଲେ। ୨୦୦୨ରେ ଆମେରିକା ନାଗରିକତ୍ୱ ସେ ଗ୍ରହଣ କରିଥିଲେ।

### ବିରୋଧୀ ଜିତିଲେ ପ୍ରତିଦିନ ପ୍ରଧାନମନ୍ତ୍ରୀ ବଦଳିବେ: ଶାହ



ରେୱା(ମଧ୍ୟପ୍ରଦେଶ),୪।୫: ଯଦି ବିରୋଧୀ ମେଣ୍ଟ ବିଜୟୀ ହୋଇ କେନ୍ଦ୍ରରେ ସରକାର ଗଠନ କରେ ତେବେ ପ୍ରତିଦିନ ଜଣେ ଜଣେ ପ୍ରଧାନମନ୍ତ୍ରୀଙ୍କୁ ଦେଖିବାକୁ ମିଳିବ ବୋଲି ବିଜେପି ଅଧକ୍ଷ ଅମିତ ଶାହ କହିଛନ୍ତି। ବିରୋଧୀ ମେଣ୍ଟ ନେତାଶୂନ୍ୟ ବୋଲି ସେ ମଧ୍ୟପ୍ରଦେଶର ରେୱା ଜିଲାରେ ଅନୁଷ୍ଠିତ ନିର୍ବାଚନ ର୍ୟାଲିରେ ପ୍ରକାଶ କରିଛନ୍ତି। 'ସୋମବାର ମାୟାବତୀ, ମଙ୍ଗଳବାର ଅଖିଳେଶ, ବୁଧବାର ଶରଦ ପାୱାର, ଗୁରୁବାର ଦେବେଗୌଡ଼ା, ଶୁକ୍ରବାର ଚନ୍ଦ୍ରବାବୁ, ଶନିବାର ମମତା ଓ ରବିବାର ଛୁଟି' ବୋଲି ସେ ମନ୍ତବ୍ୟ ଦେଇ ଦେଶ ଏମିତି ଚାଲିବ ନାହିଁ ବୋଲି ଶାହ କହିଛନ୍ତି। ଦାରିଦ୍ର୍ୟ ଦୂରୀକରଣ, ଆତଙ୍କବାଦ ଦମନ, ବିକାଶମୂଳକ କାର୍ଯ୍ୟ ଲାଗି ମୋଦିଙ୍କ ଭଳି ଦେଶକୁ ଦୃଢ଼ ନେତୃତ୍ୱ ଦରକାର।ବୋଲି ସେ କହିଛନ୍ତି।

# ବାଂଲାଦେଶରେ ୧୪ ମୃତ

ଢାକା,୪।୫(ପି.ଟି.)



ଓଡ଼ିଶାର ଉପକୂଳ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟାଇ ୪୩ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ନେବା ପରେ ବାଂଲାଦେଶରେ ବିପର୍ଯ୍ୟୟ ଆଣିଦେଇଛି ସାମୁଦ୍ରିକ ଝଡ଼ ଫନୀ। ପଡ଼ୋଶୀ ଦେଶରେ ଶନିବାର ଫନୀ ଯୋଗୁ ୧୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୬୩ ଆହତ ହୋଇଛନ୍ତି। ବିଭିନ୍ନ ସ୍ଥାନରେ ବହୁ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଛି। ଏହାର ପ୍ରଭାବରେ ବରଗୁନା, ଭୋଲା ଓ ନୋଆଖାଲି ଜିଲାର ସର୍ବାଧିକ କ୍ଷତି ହୋଇଥିବା ବାଂଲାଦେଶ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ମିଳିଥିବା ସୂଚନାନୁସାରେ ଓଡ଼ିଶାରେ ବିପର୍ଯ୍ୟୟ ଘଟାଇବା ପରେ ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, ବାଲେଶ୍ୱର ଓ ମୟୂରଭଞ୍ଜ ଦେଇ ଶନିବାର ସକାଳେ ପଶ୍ଚିମବଙ୍ଗରେ ପହଞ୍ଚିଥିଲା। ପଶ୍ଚିମବଙ୍ଗରେ ଏହା ଦୁର୍ବଳ ହୋଇଯାଇଥିଲା। ସେଠାରେ ପବନର ତୀବ୍ରତା ୩୦ରୁ ୪୦ କି.ମି. ଥିଲା ଓ ବିଭିନ୍ନ ସ୍ଥାନରେ ମଧ୍ୟମରୁ ପ୍ରବଳ ବର୍ଷା ହୋଇଥିଲା। କିନ୍ତୁ କୌଣସି ସ୍ଥାନରେ କେହି ମୃତାହତ ହୋଇନାହାନ୍ତି କି ବଡ଼ଧରଣର କ୍ଷତି ହୋଇନାହିଁ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି। ଅନ୍ୟପକ୍ଷରେ ଫନୀ ପଶ୍ଚିମବଙ୍ଗରୁ ବାଂଲାଦେଶ ପହଞ୍ଚିବା ପରେ ପୁଣିଥରେ ଉଗ୍ରରୂପ ଧାରଣ କରିଛି। ସେଠାରେ ଖୁବ୍ ଜୋର୍‌ରେ ପବନ ବହିବା ସହ ବର୍ଷା ଲାଗିରହିଛି। ଝଡ଼ରେ ୫୦୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଯାଇଛି। ବିଦ୍ୟୁତ୍ ଖୁଣ୍ଟ ଓ ଗଛ ପଡ଼ି ଅନେକ ଲୋକଙ୍କ ଜୀବନ ଯାଇଛି। ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା କରାଯାଉଛି। ବିଦ୍ୟୁତ୍ ଓ ଟେଲିଯୋଗାଯୋଗ ସେବା ବ୍ୟାହତ ହୋଇଛି। ବିମାନବନ୍ଦର କର୍ତ୍ତୃପକ୍ଷ ୧୨ଟି ବିମାନର ଚଳାଚଳ ବାତିଲ କରିଦେଇଛନ୍ତି। ସବୁ ଅଞ୍ଚଳରୁ ରିପୋର୍ଟ ଆସିବା ପରେ ପ୍ରକୃତ କ୍ଷତିର ଆକଳନ କରାଯାଇପାରିବ ବୋଲି ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ଏନାମୁର ରହମନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଢାକା ଟ୍ରିବ୍ୟୁନ୍‌ର ରିପୋର୍ଟ ଅନୁସାରେ ଦକ୍ଷିଣ ପଶ୍ଚିମ ଅଞ୍ଚଳରୁ ପ୍ରବେଶ କରିଥିବା ଫନୀ ଯୋଗୁ ନୋଆଖାଲି, ଭୋଲା ଓ ଲକ୍ଷ୍ମୀପୁର ସମେତ ୮ ଜିଲାରେ ୧୪ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ୨ ବର୍ଷୀୟ ବାଳକ ଓ ୪ ମହିଳା ରହିଛନ୍ତି। ଆହତମାନଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ୩୬ଟି ଗ୍ରାମର ୧ ଲକ୍ଷ ୬୦ ହଜାର ଲୋକଙ୍କୁ ଆଗୁଆ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା।

**ଫନୀ ତାଣ୍ଡବ**
- ୬୩ ଆହତ, ବଢ଼ିପାରେ ମୃତ୍ୟୁସଂଖ୍ୟା
- ପଶ୍ଚିମବଙ୍ଗରେ ପ୍ରଭାବହୀନ

## ଭାରତକୁ ଜାତିସଂଘର ପ୍ରଶଂସା

ଜାତିସଂଘ,୪।୫(ପି.ଟି.)

ଜାତିସଂଘ ବିପର୍ଯ୍ୟୟ ପ୍ରଶମନ ସଂସ୍ଥା ଭାରତରେ ଫନୀ ପ୍ରଭାବିତ ଅଞ୍ଚଳର ମୃତ୍ୟୁସଂଖ୍ୟା ହ୍ରାସ ପାଇଁ ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି)କୁ ପ୍ରଶଂସା କରିଛି। ଅତି ପ୍ରବଳ ଘୂର୍ଣ୍ଣିଝଡ ଫନୀ ଆସିବାର କିଛିଦିନ ଆଗରୁ ଆଇଏମ୍‌ଡି ସତର୍କ ସୂଚନା ଜାରି କରିଥିବାରୁ ବିଭାଗୀୟ କର୍ତ୍ତୃପକ୍ଷ ଉପକୂଳବର୍ତ୍ତୀ ଅଞ୍ଚଳର ଲୋକଙ୍କୁ ଖୁବ୍ କମ୍ ସମୟ ମଧ୍ୟରେ ସ୍ଥାନାନ୍ତର କରିବା ସହିତ ଅନେକ ଜୀବନ ରକ୍ଷା କରିପାରିଛନ୍ତି। ୧୯୯୯ ମହାବାତ୍ୟା ପରେ ଦୀର୍ଘ ୨୦ବର୍ଷ ମଧ୍ୟରେ ଏହା ଥିଲା ଅତି ପ୍ରବଳ ଝଡ଼ବାତ୍ୟା। ଏଥିଯୋଗୁ ଅନେକ ଧନସମ୍ପଦ କ୍ଷତିଗ୍ରସ୍ତ ହୋଇଥିଲେ ସୁଦ୍ଧା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତ୍ୱରିତ ପଦକ୍ଷେପ ଯୋଗୁ ମୃତ୍ୟୁସଂଖ୍ୟା କମ୍ କରାଯାଇପାରିଛି। ଫନୀ ମେ ୩ ଶୁକ୍ରବାର ପୂର୍ବାହ୍ନରେ ଭାରତର ପୂର୍ବ ଉପକୂଳବର୍ତ୍ତୀ ଜିଲା ପୁରୀରେ ସ୍ଥଳଭାଗ ଛୁଇଁଥିଲା। ଏହାର ପ୍ରଭାବରେ ସମୁଦାୟ ମୃତ୍ୟୁସଂଖ୍ୟା ୪୩କୁ ଛୁଇଁଛି। ପ୍ରବଳ ବର୍ଷା ଓ ପବନ ଯୋଗୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି। ସମଗ୍ର ଉପକୂଳବର୍ତ୍ତୀ ଜିଲା ଗୁଡ଼ିକରେ ୧୧ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଫନୀ ସତର୍କ ସୂଚନା ପାଇଁ ଭାରତୀୟ ପାଣିପାଗ ବିଭାଗର ଆଗୁଆ ପଦକ୍ଷେପ ମୃତ୍ୟୁସଂଖ୍ୟା ହ୍ରାସ କରିବାରେ ସହାୟକ ହୋଇପାରିଲା ବୋଲି ଜାତିସଂଘ ବିପର୍ଯ୍ୟୟ ପ୍ରଶମନ ପାଇଁ ଉଦ୍ଦିଷ୍ଟ ସଂସ୍ଥାର ସେକ୍ରେଟାରୀ ଜେନେରାଲଙ୍କ ସ୍ୱତନ୍ତ୍ର ପ୍ରତିନିଧି ମାମି ମୁଜୁଟୋରି ପ୍ରକାଶ କରିଛନ୍ତି।

■ ୬ରେ ପଞ୍ଚମ ପର୍ଯ୍ୟାୟ ନିର୍ବାଚନ: ୭ ରାଜ୍ୟର ୫୧ ଆସନ

## ହାଇଭୋଲ୍‌ଟେଜ୍ ପ୍ରଚାର ଥମିଲା

ନୂଆଦିଲ୍ଲୀ,୪।୫(ପି.ଟି.)

ଆସନ୍ତା ୬ ତାରିଖରେ ପଞ୍ଚମ ପର୍ଯ୍ୟାୟ ନିର୍ବାଚନ ହେବ। ଏଥିପାଇଁ ୭ ରାଜ୍ୟର ୫୧ ଆସନରେ ସବୁ ଦଳ ପକ୍ଷରୁ ହାଇଭୋଲ୍‌ଟେଜ୍ ପ୍ରଚାର ଶନିବାର ଶେଷ ହୋଇଛି। ପଞ୍ଚମ ପର୍ଯ୍ୟାୟରେ ଯେଉଁ ୫୧ ଆସନରେ ମତଦାନ ହେବ ସେଗୁଡ଼ିକ ହେଲା ବିହାର (୫), ଜମ୍ମୁ ଓ କଶ୍ମୀର (୨), ଝାଡ଼ଖଣ୍ଡ (୪), ମଧ୍ୟପ୍ରଦେଶ (୭), ରାଜସ୍ଥାନ (୧୨), ୟୁପି (୧୪), ପଶ୍ଚିମବଙ୍ଗ (୭)। ସୋମବାର ଭାଗ୍ୟ ନିର୍ଦ୍ଧାରଣ ହେବାକୁ ଥିବା ହେଭିୱେଟ୍‌ଙ୍କ ମଧ୍ୟରେ ଅଛନ୍ତି କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ, ସ୍ମୃତି ଇରାନୀଙ୍କ ସମେତ ଉପା ଅଧକ୍ଷା ସୋନିଆ ଗାନ୍ଧୀ, କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜିତିନ ପ୍ରସାଦ, ପ୍ରଗତିଶୀଳ ସମାଜବାଦୀ ପାର୍ଟି (ଲୋହିଆ) ମୁଖ୍ୟ ଶିବପାଲ ଯାଦବ ଓ ଅଭିନେତା ଶତ୍ରୁଘ୍ନ ସିହ୍ନାଙ୍କ ସ୍ତ୍ରୀ ପୁନମ୍ ସିହ୍ନା।

■ ରାଫାଲ ରାୟ ଉପରେ ରିଭ୍ୟୁ ପିଟିଶନ

## ସୁପ୍ରିମକୋର୍ଟରେ କେନ୍ଦ୍ରର ଜବାବ ଦାଖଲ

ନୂଆଦିଲ୍ଲୀ,୪।୫(ପି.ଟି.)



ରାଫାଲ ଚୁକ୍ତିନାମାରେ ସୁପ୍ରିମକୋର୍ଟଙ୍କ ଗତ ଡିସେମ୍ବର ୧୪ ତାରିଖ ରାୟର ସମୀକ୍ଷା ଲାଗି ହୋଇଥିବା ଆବେଦନ ଉପରେ କେନ୍ଦ୍ର ସରକାର ଶନିବାର ଜବାବ ରଖିଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ରାୟରେ ସମୀକ୍ଷା କଲା ଭଳି କୌଣସି ତ୍ରୁଟି ନ ଥିଲା ବୋଲି ସରକାର କହିଛନ୍ତି। ଆବେଦନକାରୀ କେତେକ ଗଣମାଧ୍ୟମ ରିପୋର୍ଟ ଉପରେ ଭରସା କରି ଏବଂ ବେଆଇନ ତଥା ଅନଧିକୃତ ଭାବେ ପ୍ରତିରକ୍ଷା ବିଭାଗର ଅସମ୍ପୂର୍ଣ୍ଣ ଦସ୍ତାବିଜ ଆଧାରରେ ସର୍ବୋଚ୍ଚ ଅଦାଲତଙ୍କ ରାୟର ସମୀକ୍ଷା ଲାଗି ଆବେଦନ କରିଛନ୍ତି। ରିଭ୍ୟୁ ପିଟିଶନର ବିଚାର ପରିସର ଅତ୍ୟନ୍ତ ସୀମିତ ହୋଇଥିବାରୁ ସମ୍ପୂର୍ଣ୍ଣ ମାମଲାର ପୁନଃ ତଦନ୍ତ ଲାଗି ଦାବି କରାଯାଇପାରିବ ନାହିଁ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

ରାଫାଲ ଡିଲକୁ ନେଇ ଡିସେମ୍ବର ୧୪ରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ କ୍ଲିନଚିଟ ଦେଇଥିଲେ। ଏହି ଚୁକ୍ତିନାମାରେ କୌଣସି ଅନିୟମିତତା ନଜରକୁ ଆସି ନ ଥିବା ସର୍ବୋଚ୍ଚ ଅଦାଲତ କହିଥିଲେ। ଉକ୍ତ ରାୟର ସମୀକ୍ଷା ଲାଗି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶୱନ୍ତ ସିହ୍ନା, ଅରୁଣ ଶୌରୀ ଏବଂ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ରିଭ୍ୟୁ ପିଟିଶନ ଦାଏର କରିଥିଲେ। ରାଫାଲ ଯୁଦ୍ଧବିମାନ ଚୁକ୍ତିନାମାରେ ବହୁକୋଟି ଟଙ୍କା ଦୁର୍ନୀତି ହୋଇଥିବା ଅଭିଯୋଗ କରି ସେମାନେ ଏହାର ସାନି ତଦନ୍ତ ଦାବି କରିଥିଲେ, ଯାହାକୁ କୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି। ଆମ୍ ଆଦ୍‌ମୀ ପାର୍ଟି ନେତା ସଞ୍ଜୟ ସିଂ ଏବଂ ଆଇନଜୀବୀ ବିନୀତ ଧଣ୍ଡା ମଧ୍ୟ ରାୟର ସମୀକ୍ଷା ପାଇଁ ପିଟିଶନ ଦାଏର କରିଥିଲେ।

■ ଏସ୍‌ଏମ୍‌ପିଏଲ୍‌ର ଅତ୍ୟଧିକ ଲୁହାପଥର ଉତ୍ତୋଳନ

## ସୁପ୍ରିମକୋର୍ଟରେ ରିପୋର୍ଟ ଦାଖଲ କରିବ ସିଇସି

ନୂଆଦିଲ୍ଲୀ,୪।୫

**ଜରିମାନା ପ୍ରସଙ୍ଗ**

ଓଡିଶାରେ ଅତ୍ୟଧିକ ଲୁହାପଥର ଉତ୍ତୋଳନ ଲାଗି ଶାରଦା ମାଇନ୍ସ ପ୍ରାଇଭେଟ ଲିମିଟେଡ (ଏସ୍‌ଏମ୍‌ପିଏଲ୍) ଉପରେ କେତେ ପରିମାଣରେ ଜରିମାନା ଧାର୍ଯ୍ୟ କରାଯିବ ସେ ନେଇ କେନ୍ଦ୍ରୀୟ ଉଚ୍ଚକ୍ଷମତା ସମ୍ପନ୍ନ କମିଟି (ସିଇସି) ବୁଧବାର ସୁଦ୍ଧା ସୁପ୍ରିମକୋର୍ଟରେ ରିପୋର୍ଟ ଦାଖଲ କରିବ। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଏବଂ ଜଷ୍ଟିସ ଦୀପକ ଗୁପ୍ତାଙ୍କ ଖଣ୍ଡପୀଠଙ୍କୁ ଶନିବାର ଆମିକସ୍ କ୍ୟୁରି ଏ.ଏନ.ଡି. ରାଓ ଏହା ଜଣାଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ୮ ତାରିଖକୁ ଧାର୍ଯ୍ୟ କରାଯାଇଛି। ଏସଏମପିଏଲ୍ କମ୍ପାନୀ ଉପରେ କେତେ ପରିମାଣରେ ଜରିମାନା ଧାର୍ଯ୍ୟ କରାଯିବ ଜଣାଇବା ଲାଗି ଗତବର୍ଷ ନଭେମ୍ବର ୧୨ରେ ସୁପ୍ରିମକୋର୍ଟ ସିଇସିକୁ ନିର୍ଦ୍ଦେଶ ଦେଇଥିଲେ। କମ୍ପାନୀ ଖଣି ଲିଜ୍ ନେବାର ପ୍ରଥମ ବର୍ଷରୁ ଅତ୍ୟଧିକ ଲୁହାପଥର ଉତ୍ତୋଳନ କରିଥିଲା। ପରିବେଶ ବିଭାଗର ମଞ୍ଜୁରୀ ଅନୁଯାୟୀ ୨୦୦୪ ସେପ୍ଟେମ୍ବର ୨୨ରୁ ଏସ୍‌ଏମ୍‌ପିଏଲ୍ ଉପରେ ଜରିମାନା ଧାର୍ଯ୍ୟ ନିଷ୍ପତ୍ତି ଅଦାଲତ ସିଇସି ଉପରେ ଛାଡିଥିଲେ ଏବଂ ଏଥିପାଇଁ ୬ ସପ୍ତାହ ସମୟ ଦେଇଥିଲେ।



## କେଜ୍‌ରିୱାଲ୍‌ଙ୍କୁ ଚାପୁଡ଼ା

ନୂଆଦିଲ୍ଲୀ,୪।୫

ଆମ୍ ଆଦ୍‌ମୀ ପାର୍ଟି ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ୍ ରୋଡ୍ ଶୋ'କରୁଥିବାବେଳେ ଜଣେ ବ୍ୟକ୍ତିଙ୍କଠାରୁ ଚାପୁଡ଼ା ଖାଇଛନ୍ତି। ନୂଆଦିଲ୍ଲୀର ମୋତିନଗର ବିଧାନସଭା ଅଞ୍ଚଳରେ ସେ ରୋଡ୍ ଶୋ' କରୁଥିଲାବେଳେ ଲାଲ୍ ରଙ୍ଗର ସାର୍ଟ ପିନ୍ଧିଥିବା ଜଣେ ବ୍ୟକ୍ତି ତାଙ୍କ ଗାଡ଼ି ଉପରକୁ ଚଢିଯାଇ ଚାପୁଡ଼ା ମାଡ଼ କରିଥିଲେ। ଦଳୀୟ କର୍ମୀମାନେ ଉକ୍ତ ବ୍ୟକ୍ତିଙ୍କୁ ନିସ୍ଥୁକ ମାଡ଼ ମାରିଥିଲେ। ପରେ ପୋଲିସ ତାଙ୍କୁ ଗିରଫ କରି ନେଇଯାଇଥିଲା। କେଜରିୱାଲଙ୍କ ଉପରେ ଆକ୍ରମଣ ଏହା ପ୍ରଥମ ନୁହେଁ। ଏହାପୂର୍ବରୁ ଅନେକଥର କେଜରିୱାଲଙ୍କୁ ଆକ୍ରମଣ ହୋଇଛି।

## ମୋଦିଙ୍କ ବ୍ୟକ୍ତିଗତ ସମ୍ପତ୍ତି ନୁହେଁ ସେନା: ରାହୁଲ

ନୂଆଦିଲ୍ଲୀ,୪।୫(ପି.ଟି.)



ଭାରତୀୟ ସେନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବ୍ୟକ୍ତିଗତ ସମ୍ପତ୍ତି ନୁହେଁ। ଭାଜପା ଆତଙ୍କବାଦକୁ ନେଇ ସାଲିସ କରୁଛି। କାରଣ ପୂର୍ବ ଏନ୍‌ଡିଏ ସରକାର ଅମଳରେ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ମୁଖ୍ୟ ମାସୁଦ୍ ଆଝାରଙ୍କୁ ମୁକ୍ତ କରାଯାଇଥିଲା ବୋଲି କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ଶନିବାର ଟାର୍ଗେଟ କରିଛନ୍ତି।

ଏଆଇସିସି ମୁଖ୍ୟାଳୟରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ରାହୁଲ କହିଛନ୍ତି, ଆତଙ୍କବାଦ ଏକ ବଡ଼ ପ୍ରସଙ୍ଗ। ଭାଜପା ନିଜର ରାଜନୈତିକ ଫାଇଦା ପାଇଁ ସେନାକୁ ବ୍ୟବହାର କରୁଛି। କଂଗ୍ରେସ କ୍ଷମତାକୁ ଆସିଲେ ଆତଙ୍କବାଦୀଙ୍କ ବିରୋଧରେ ମୋଦିଙ୍କଠାରୁ ଅଧିକ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ରାହୁଲ ପ୍ରତିଶ୍ରୁତି ଦେଇଛନ୍ତି। ଉପାର ସର୍ଜିକାଲ ଷ୍ଟ୍ରାଇକ୍ ଭିଡିଓ ଗେମ୍ ବୋଲି ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟକୁ ସେ ଏହି ଅବସରରେ ସମାଲୋଚନା କରିଛନ୍ତି। ସେହିପରି ନିର୍ବାଚନ କମିଶନ ବିରୋଧୀ ଦଳଗୁଡ଼ିକ କ୍ଷେତ୍ରରେ ଭେଦଭାବପୂର୍ଣ୍ଣ ନୀତି ଆପଣାଉଥିବା ରାହୁଲ ଅଭିଯୋଗ ଆଣିଛନ୍ତି।

## ଆମିରଙ୍କ ନୂଆ ଫିଲ୍ମ ଲାଲ୍ ସିଂ ଚଢ଼ା

**ମୁମ୍ବାଇ:** ଆମିର ଖାନ୍ ୧୯୯୪ କ୍ଲାସିକ୍ 'ଫରେଷ୍ଟ ଗମ୍ପ'ର ହିନ୍ଦୀ ରିମେକ୍ 'ଲାଲ୍ ସିଂ ଚଢ଼ା'ରେ ମୁଖ୍ୟ ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି। ଏହାର ଶୁଟିଂ ଅକ୍ଟୋବରରେ ଆରମ୍ଭ ହେବ। ୨୦୨୦ ଡିସେମ୍ବର ୨୫ରେ ଖ୍ରୀଷ୍ଟମାସ ଉତ୍ସବ ପରିପ୍ରେକ୍ଷୀରେ ଏହା ରିଲିଜ ହେବ ବୋଲି ବ୍ୟବସାୟିକ ବିଶ୍ଳେଷକ ତରନ୍ ଆଦର୍ଶ ପ୍ରକାଶ କରିଛନ୍ତି। ଭାୟକମ୍ ୧୮ ମୋଶନ ପିକ୍ଚର୍ସ ବ୍ୟାନରରେ ପ୍ରସ୍ତୁତ ହେବାକୁ ଥିବା ଏହି ଫିଲ୍ମର କାହାଣୀ ରଚନା କରୁଛନ୍ତି ଅତୁଲ କୁଲକର୍ନି ଏବଂ ଏହାର ନିର୍ଦ୍ଦେଶନା ଦେବେ ଅଦ୍ୱୈତ ଚନ୍ଦନ। ପୂର୍ବରୁ ଏକ ସାକ୍ଷାତ୍‌କାରରେ ଆମିର କହିଥିଲେ, ଲାଲ୍ ସିଂ ଚଢ଼ାରେ ଅଭିନୟ ପାଇଁ ତାଙ୍କୁ ୨୦ କିଗ୍ରା ଓଜନ ହ୍ରାସ କରି ଶରୀରକୁ ପତଳା କରିବାକୁ ହେବ। ଏଥିସହିତ ତାଙ୍କୁ ଉକ୍ତ ରୋଲ୍ ପାଇଁ ପଗଡ଼ି ପିନ୍ଧିବାକୁ ପଡିବ। ଏଥିପାଇଁ ପୂରା ପ୍ରସ୍ତୁତ ହେବାକୁ ତାଙ୍କୁ ୬ମାସ ଲାଗିବ। ଉକ୍ତ ହଲିଉଡ୍ ଫିଲ୍ମ ସମ୍ପର୍କରେ ଆମିର କହନ୍ତି, ଏଥିରେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ଟମ୍ ହାଙ୍କ୍‌ସ, ରବିନ ରାଇଟ୍, ଗ୍ୟାରି ସିନାଇଜ୍, ସାଲି ଫିଲ୍ଡ, ହେଲି ଜୋଲ୍ ଆସ୍‌ମେଣ୍ଟ ଏବଂ ମାଇକେଲ୍ ଟି. ୱିଲିୟମସନ୍। ଉକ୍ତ ଫିଲ୍ମରେ ନାମକୁ ମାତ୍ର ଚରିତ୍ରରେ ଅଭିନୟ କରିଥିବା ସ୍ୱଳ୍ପ ବୁଦ୍ଧିସମ୍ପନ୍ନ ବ୍ୟକ୍ତି ଆମେରିକା ଇତିହାସରେ କେତେକ ଗୁରୁତ୍ୱପୂର୍ଣ୍ଣ ଘଟଣାର ପ୍ରତ୍ୟକ୍ଷଦର୍ଶୀ ସାଜିଛନ୍ତି।

■ ପୂର୍ବତନ ବ୍ୟବସାୟିକ ସହଯୋଗୀଙ୍କୁ ପ୍ରତିରକ୍ଷା ଅଫ୍‌ସେଟ୍ ଠିକା

## ରାହୁଲଙ୍କ ଉପରେ ବର୍ଷିଲେ ଜେଟଲୀ

ନୂଆଦିଲ୍ଲୀ,୪।୫(ଆଇଏଏନ୍‌ଏସ୍)



ଉପା ସରକାର ବେଳେ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କ ପୂର୍ବତନ ବ୍ୟବସାୟିକ ସହଯୋଗୀଙ୍କୁ ପ୍ରତିରକ୍ଷା ଅଫ୍‌ସେଟ୍ ଠିକା ପ୍ରଦାନ କରାଯିବା ନେଇ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ଏବଂ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ୍ ଶାହ ଜୋରଦାର ବର୍ଷିଛନ୍ତି। ପ୍ରତିରକ୍ଷା ଡିଲ୍ ପୁଶର୍ ପାଇଁ ଅଭିଳାଷ ରଖିଥିବା ବ୍ୟକ୍ତି ଏବେ ଭାରତର ପ୍ରଧାନମନ୍ତ୍ରୀ ହେବା ଲାଗି ସ୍ୱପ୍ନ ଦେଖୁଛନ୍ତି ବୋଲି ଜେଟ୍‌ଲୀ କହିଛନ୍ତି। ରାଫାଲ ଚୁକ୍ତିନାମାକୁ ନେଇ ବିନା ପ୍ରମାଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦୋଷାରୋପ କରୁଥିବା ରାହୁଲଙ୍କ ସମ୍ପର୍କରେ ଅନ୍ୟମାନେ କିଭଳି ବିଚାର କରିବେ ସେ ତାହା ସ୍ପଷ୍ଟ କରନ୍ତୁ ବୋଲି ଅର୍ଥମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ରାଫାଲ ଚୁକ୍ତିନାମାକୁ ସିଏଜି ଏବଂ ସୁପ୍ରିମକୋର୍ଟ ସବୁଜ ସଙ୍କେତ ଦେବା ପରେ ମଧ୍ୟ ଏଥିରେ ଦୁର୍ନୀତି ହୋଇଥିବା ରାହୁଲ ଅଭିଯୋଗ କରୁଛନ୍ତି। ଅଫ୍‌ସେଟ ଠିକା ଗୋଟିଏ କମ୍ପାନୀକୁ ମିଳିଥିବାବେଳେ ଉକ୍ତ କମ୍ପାନୀ ସହ ସମ୍ପୃକ୍ତ ନ ଥିବା ବ୍ୟକ୍ତିଙ୍କୁ ରାହୁଲ ସମାଲୋଚନା କରୁଛନ୍ତି। ତେବେ ଅନ୍ୟ ଏକ ପ୍ରତିରକ୍ଷା ଡିଲ୍ ପାଇଥିବା କମ୍ପାନୀ ସହ ରାହୁଲ ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ ବୋଲି ଏକ ଖବରଦାତା ସମ୍ମିଳନୀରେ ଜେଟଲୀ କହିଛନ୍ତି।

ଉପା ସରକାରବେଳେ ୨୦୧୧ରେ ସ୍କର୍ପିୟନ ସବ୍‌ମେରାଇନ୍ସ ବଦଳରେ ରାହୁଲଙ୍କ ପୂର୍ବତନ ବ୍ୟବସାୟିକ ସହଯୋଗୀ ଉଲରିକ୍ ମାକ୍‌ନାଇଟଙ୍କ ବ୍ରିଟେନରେ ଥିବା ବ୍ୟାକପ୍ସ ଲିଃକୁ ଫ୍ରାନ୍ସର ପ୍ରତିରକ୍ଷା ଯୋଗାଣକାରୀ ନାଭାଲ ଗ୍ରୁପରୁ ଅଫ୍‌ସେଟ ପ୍ରତିରକ୍ଷା ଠିକା ମିଳିଥିଲା। ୨୦୦୩ରୁ ୨୦୦୯ ପର୍ଯ୍ୟନ୍ତ ଉକ୍ତ କମ୍ପାନୀରେ ରାହୁଲଙ୍କର ୬୫ ପ୍ରତିଶତ ଅଂଶଧନ ଥିଲା। ମାକନାଇଟ ଉକ୍ତ ଠିକା ପାଇବା ପରେ ସ୍କର୍ପିୟନ ବୁଡାଜାହାଜ ପାଇଁ କ୍ଷେପଣାସ୍ତ୍ର ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରାଂଶ ଯୋଗାଇବା ଲାଗି ବିଶାଖାପାଟଣାର ଏକ କମ୍ପାନୀ ସହ ଚୁକ୍ତି ସ୍ୱାକ୍ଷର କରିଥିଲା। ମାକ୍‌ନାଇଟ ଆମେରିକା ନାଗରିକ ହେଲେ ମଧ୍ୟ ରାହୁଲ ଗାନ୍ଧୀଙ୍କ ସୋସିଆଲ୍ ଗ୍ୟାଙ୍ଗର ସଦସ୍ୟ ବୋଲି ଜେଟ୍‌ଲୀ କହିଛନ୍ତି।

ଅନ୍ୟପକ୍ଷରେ ତାଙ୍କ ବିରୋଧରେ ଯେକୌଣସି ତଦନ୍ତ ଏବଂ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ରାହୁଲ ଅନୁରୋଧ କରିଛନ୍ତି। ସେ କିଛି ଭୁଲ୍ କରି ନ ଥିବାରୁ ଏଥିରେ ତାଙ୍କର କିଛି ସମସ୍ୟା ନାହିଁ। ତେବେ ଏହା ସହିତ ରାଫାଲ ଚୁକ୍ତିର ମଧ୍ୟ ତଦନ୍ତ କରିବାକୁ ରାହୁଲ ଏକ ଖବରଦାତା ସମ୍ମିଳନୀରେ ଆହ୍ୱାନ କରିଛନ୍ତି।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତସିଂହପୁର ଅଫିସ-(06724)224030, 8763968203, ନୟାଗଡ ଅଫିସ-(06753)252710, ଭଦ୍ରକ ଅଫିସ-(06784)242101, ନୂଆପଡ଼ା ଅଫିସ-(06678)223068, ଝାରସୁଗୁଡ଼ା ଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ା ଅଫିସ-06727233825.

## ସଂକ୍ଷେପରେ

### ନିଟ୍ ପରୀକ୍ଷା ବାତିଲ

ଭୁବନେଶ୍ୱର, ୪।୫(ବ୍ୟୁରୋ): ବାତ୍ୟା 'ଫନୀ' ଯୋଗୁ ଓଡ଼ିଶାରେ ଦି ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ(ନିଟ୍) ପରୀକ୍ଷା ବାତିଲ କରାଯାଇଛି। ବାତ୍ୟା ପରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ଥଇଥାନ କାର୍ଯ୍ୟ ଜାରି ରହିଥିବାରୁ ପରୀକ୍ଷା ବାତିଲ କରିବାକୁ ରାଜ୍ୟ ସରକାର ପୂର୍ବରୁ ଅନୁରୋଧ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଶନିବାର ଓଡ଼ିଶାରେ ପରୀକ୍ଷା ବାତିଲ ନେଇ ଘୋଷଣା କରାଯାଇଛି। ୫ ତାରିଖରେ ଏହି ପରୀକ୍ଷା ହେବାକୁ ଥିଲା। କିନ୍ତୁ ରାଜ୍ୟ ସରକାରଙ୍କ ଅନୁରୋଧକ୍ରମେ ପରୀକ୍ଷା ବାତିଲ ହୋଇଛି। ତେବେ କେବେ ପରୀକ୍ଷା ହେବ ତାହା ଖୁବ୍‌ଶୀଘ୍ର ଘୋଷଣା କରାଯିବ ବୋଲି କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ସଚିବ ଆର୍. ସୁବ୍ରମଣ୍ୟମ୍ ଟୁଇଟର ଜରିଆରେ ଜଣାଇଛନ୍ତି।




# ପୋଲିସ-ମାଓବାଦୀ ଗୁଳି ବିନିମୟ: ୨ ଗିରଫ

ମାଲକାନଗିରି,୪।୫(ଡି.ଏନ୍.ଏ.)

ମାଲକାନଗିରି ଜିଲା ସୀମାନ୍ତବର୍ତ୍ତୀ ଛତିଶଗଡ ଦନ୍ତେୱାଡା ଜିଲାରେ ଶୁକ୍ରବାର ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଆହତ ହୋଇଥିବା ୨ ମାଓବାଦୀଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ମାଓବାଦୀ ନେତା ଲକ୍ଷ୍ମଣ ବେଟି ଓ ବାମନ ମୁକା। ଘଟଣାସ୍ଥଳରୁ ୨ଟି ବନ୍ଧୁକ, କିଟ୍ ବ୍ୟାଗ ଓ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି।

ଦକ୍ଷିଣ ବସ୍ତର ମଙ୍ଗନାର ଜଙ୍ଗଲରେ ମାଓବାଦୀମାନେ ମେଳି କରିଥିବା ଖବରପାଇ ଡିଆର୍‌ଜି ପକ୍ଷରୁ କୋମ୍ବିଂ ଅପରେଶନ ଜୋର୍‌ଦାର କରାଯାଇଥିଲା। ପୋଲିସ ଆସୁଥିବା ଜାଣି ମାଓବାଦୀମାନେ ପ୍ରଥମେ ଗୁଳିଚାଳନା କରିଥିଲେ। ପରେ ପୋଲିସ ପାଲଟା ଗୁଳିଚାଳନା କରିବାରୁ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଘଟଣାସ୍ଥଳରୁ ପୋଲିସ ଆହତ ୨ ମାଓବାଦୀଙ୍କୁ ଧରିବାରେ ସଫଳ ହୋଇଥିଲା। ପ୍ରକାଶଥାଉ କି, ଗତ ଗୁରୁବାର ଏହି ଅଞ୍ଚଳରେ ଲାଲବାହିନୀ ପୋଲିସ ଇନ୍‌ଫର୍ମର ସନ୍ଦେହରେ ଦୁଇ ଗ୍ରାମବାସୀଙ୍କୁ ହତ୍ୟା କରିଥିଲେ। କ୍ରିଷ୍ଟାରାମ ଥାନା ଅନ୍ତର୍ଗତ ପରିଗୁଣ୍ଡମ ଗ୍ରାମର ପଡିଆ ମୁଡା ଏବଂ କୋକା ଲଛୁଙ୍କୁ ଘରୁ ଡାକି ନେଇ ମାଓବାଦୀମାନେ ହତ୍ୟା କରିଥିଲେ। ସିଆରପିଏଫଙ୍କୁ ମାଓବାଦୀଙ୍କ ଗତିବିଧି ସମ୍ପର୍କରେ ସୂଚନା ଦେବା ଏବଂ ଆଦିବାସୀଙ୍କୁ ମାଓବାଦୀ ନାମରେ ଗିରଫ କରିବା, ଜଙ୍ଗଲଜାତ ଦ୍ରବ୍ୟକୁ କମ୍ ମୂଲ୍ୟରେ କ୍ରୟ କରୁଥିବା ଆଦି ଅଭିଯୋଗରେ ସେମାନଙ୍କୁ ହତ୍ୟା କରାଯାଇଥିବା ମାଓବାଦୀମାନେ ସେଠାରେ ଛାଡି ଯାଇଥିବା ଏକ ପୋଷ୍ଟରରେ ଉଲ୍ଲେଖ କରିଥିଲେ। ସିପିଆଇ ମାଓବାଦୀ ଦଣ୍ଡକାରଣ୍ୟ ସ୍ପେଶାଲ ଜୋନାଲ କମିଟି ତରଫରୁ ଏହି ଘଟଣା ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜଣାପଡିଛି।

# ନିଶ୍ଚିହ୍ନ ହୋଇଗଲା ବାଲୁଖଣ୍ଡ ଅଭୟାରଣ୍ୟ



'ନିଜେ ଧ୍ୱଂସ ପାଇଲା, ଅନ୍ୟକୁ ରକ୍ଷା କଲା'

ଉଜୁଡ଼ି ଯାଇଥିବା ବାଲୁଖଣ୍ଡ ଅଭୟାରଣ୍ୟ।

- ବ୍ୟାପକ କ୍ଷୟକ୍ଷତି, ହଜାର ହଜାର ଗଛ ନଷ୍ଟ
- ହରିଣ ଓ ଅନ୍ୟ ଜୀବଜନ୍ତୁଙ୍କ ସ୍ଥିତିକୁ ନେଇ ଆଶଙ୍କା

ଚିଦାନନ୍ଦ ଜେନା

ଭୁବନେଶ୍ୱର, ୪।୫(ବ୍ୟୁରୋ)/ ପୁରୀ ଅଫିସ

ବାତ୍ୟାରେ ସମ୍ପୂର୍ଣ୍ଣ ଛାରଖାର ହୋଇଯାଇଛି ପୁରୀ ଜିଲାର ବାଲୁଖଣ୍ଡ ଅଭୟାରଣ୍ୟ। ଅଭୟାରଣ୍ୟର ପୁରୀରୁ କୋଣାର୍କ ମଧ୍ୟବର୍ତ୍ତୀ ଅଞ୍ଚଳରେ ବାତ୍ୟା 'ଫନୀ' ଲ୍ୟାଣ୍ଡ୍‌ଫଲ୍ କରି ତାଣ୍ଡବ ରଚିଥିଲା। ତେବେ ଲ୍ୟାଣ୍ଡ୍‌ଫଲ୍ ପରେ ଫନୀ ଆହୁରି ଭୟଙ୍କର ରୂପ ନେଇଥିଲା। ଫନୀର ଶକ୍ତିଶାଳୀ ପବନ ବହୁ ଘଣ୍ଟା ଧରି ସେଠାରେ ଭଉଁରୀ ଖେଳିଥିଲା। ଫଳରେ ଅଭୟାରଣ୍ୟର ଝାଉଁ ଓ ଅନ୍ୟ ଗଛ ମୋଡିହୋଇ ପୂରା ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। କେତେକ ସ୍ଥାନାରେ ଗଛଗୁଡିକ ବାଲିରେ ମୋଡି ହୋଇ ପଶିଯାଇଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଅଭୟାରଣ୍ୟରେ ରହୁଥିବା ହରିଣ ଓ ଅନ୍ୟ ଜୀବଜନ୍ତୁଙ୍କ ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି।

ଯୋଗଯୋଗ ସମ୍ଭବ ହେଉ ନ ଥିବାରୁ ବାସ୍ତବ ସ୍ଥିତି ସମ୍ପର୍କରେ କିଛି ସୂଚନା ମିଳିପାରୁନି। ସେହିଭଳି ପୁରୀ ନିକଟବର୍ତ୍ତୀ ମଧୁର ଜଳ ଅଞ୍ଚଳ କୁହାଯାଉଥିବା ତାଳବଣିଆ ଅଞ୍ଚଳରେ ଥିବା ବହୁ ସଂଖ୍ୟକ ଗଛ ମଧ୍ୟ ନଷ୍ଟ ହୋଇଛି। ଗଛ କ୍ଷୟ ଦ୍ୱାରା ଜଳଧାରଣା କ୍ଷମତା ଉପରେ ପ୍ରଭାବ ପକାଇବ ବୋଲି ପରିବେଶବିତ୍‌ମାନେ ଆଶଙ୍କା କରିଛନ୍ତି। ବାତ୍ୟାରେ ବାଲୁଖଣ୍ଡ ଧ୍ୱଂସ ପାଇଯାଇଥିଲେ ମଧ୍ୟ ଅଭୟାରଣ୍ୟ ଯୋଗୁ ଆଖପାଖ ଅଞ୍ଚଳର ଜନବସତି ଆହୁରି ଅଧିକ କ୍ଷତିଗ୍ରସ୍ତ ହୋଇଥାନ୍ତା ବୋଲି ସ୍ଥାନୀୟ ଲୋକେ କହୁଛନ୍ତି। ବାଲିଗୁଆଳିର ଯୁବକ ଲୋକନାଥ ପ୍ରଧାନଙ୍କ କହିବାନୁଯାୟୀ, ଶୁକ୍ରବାର ପୂର୍ବାହ୍ନରୁ ପବନର ବେଗ ହଠାତ ବୃଦ୍ଧି ପାଇଥିଲା। ଘୁ ଘୁ ଶବ୍ଦ ଗ୍ରାମବାସୀଙ୍କୁ ବ୍ୟସ୍ତ କରୁଥିଲା। ପୂର୍ବରୁ ୧୯୯୯ ବାତ୍ୟାକୁ ସାମ୍ନା କରିଛୁ, ହେଲେ ଏହି ଫନୀ ତାହାଠାରୁ ଅଧିକ ଭୟଙ୍କର ମନେ ହୋଇଥିଲା। ଝାଉଁ ଗଛ ନ ଥିଲେ, ଫନୀ ଗାଁ ଉଜାଡ଼ି ଦେଇଥାନ୍ତା ବୋଲି ଲୋକନାଥ କହିଛନ୍ତି। ଅଭୟାରଣ୍ୟରେ ଥିବା ଝାଉଁ, କାଜୁ, କରଞ୍ଜ, ପୋଲାଙ୍ଗ, ଲିମ୍ବ ଏବଂ ତେନ୍ତୁଳି ଆଦି ସମସ୍ତ ଗଛ ନଷ୍ଟ ହୋଇଯାଇଛି। ଅଧିକାଂଶ ଜୀବଜନ୍ତୁ ମରିଯାଇଥିବା ଅନୁମାନ କରାଯାଉଛି। ଏହି ଜଙ୍ଗଲରେ ରହୁଥିବା ବହୁ ସଂଖ୍ୟକ ହରିଣ, ଗଧିଆଙ୍କ ମୃତ୍ୟୁ ସୁନିଶ୍ଚିତ ବୋଲି ସ୍ଥାନୀୟ ଗ୍ରାମବାସୀ କହିଛନ୍ତି। ଶ୍ରୀବିହାର ପଛପାଖରୁ ଆରମ୍ଭ କରି କୋଣାର୍କ ଯାଏ ଲମ୍ବିଥିବା ପ୍ରାୟ ୭୨ କି.ମି. ବାଲୁଖଣ୍ଡ ବନାଞ୍ଚଳର କେତେ ଗଛ ଭାଙ୍ଗିଛି ଓ କେତେ ଜୀବଜନ୍ତୁ ମରିଛନ୍ତି ତାହାର ତଥ୍ୟ ମିଳିପାରୁନି। ସେହିଭଳି ଗୋପାଳପୁର ବାସିନ୍ଦା ବିନୟ କୁମାର ମୁଦୁଲିଙ୍କ କହିବାନୁଯାୟୀ, ବାଲୁଖଣ୍ଡରେ ଯେଉଁ କ୍ଷତି ହୋଇଛି, ତାହା ଅପୂରଣୀୟ। ଗଛ ଲଗାଇ ପୁନଶ୍ଚ ନୂତନ ଜଙ୍ଗଲ ସୃଷ୍ଟି କରିବା ପାଇଁ ହୁଏତ ଦୁଇ ଦଶନ୍ଧି ଲାଗିଯାଇପାରେ। ବିଦ୍ୟୁତ ଏବଂ ଜଳଯୋଗାଣ ବ୍ୟବସ୍ଥା ସୁଧାର ପରେ ନୂତନ ଜଙ୍ଗଲ ସୃଷ୍ଟି ପାଇଁ ସମସ୍ତେ ମିଳିତ ଉଦ୍ୟମ କରିବାର ଆବଶ୍ୟକତା ଥିବା ସେ କହିଛନ୍ତି।

### ଅର୍ଥନୈତିକ କ୍ଷତିଗ୍ରସ୍ତ ହେବ ନିକଟବର୍ତ୍ତୀ ଗାଁ

ବାଲୁଖଣ୍ଡ ଧ୍ୱଂସ ପାଇବା ଦ୍ୱାରା ଅନେକ ଗାଁ ଅର୍ଥନୈତିକ ଭାବେ କ୍ଷତିଗ୍ରସ୍ତ ହେବେ ବୋଲି ଜଣାପଡ଼ିଛି। ସ୍ଥାନୀୟ ବାସିନ୍ଦା ରାକେଶ କୁମାର ମାଳଙ୍କ କହିବାନୁଯାୟୀ, ପ୍ରତିବର୍ଷ କାଜୁ ଜଙ୍ଗଲ ଗ୍ରାମବାସୀଙ୍କ ଦ୍ୱାରା ରକ୍ଷଣବେକ୍ଷଣ କରାଯାଇଥାଏ। ଉତ୍ପାଦିତ କାଜୁ ମଞ୍ଜିକୁ ବିକ୍ରି କରାଯାଇ ମିଳୁଥିବା ଅର୍ଥ ଗାଁ କୋଠରେ ରୁହେ। ପୁରୀ ସଦରର ଅଧିକାଂଶ ଗାଁ ଏହିପରି ଭାବେ ସାମୂହିକ ଆୟ କରିଥାନ୍ତି। ଏମିତିକି ସର୍ବନିମ୍ନ ୫୦୦ରୁ ୬୦୦ କୁଇଣ୍ଟାଲ କାଜୁ ମଞ୍ଜି ବିକ୍ରି କରାଯାଇଥାଏ। ତେଣୁ ଫନୀ ଦ୍ୱାରା ବହୁଦିନର ଚଳି ଆସୁଥିବା ସାମୂହିକ ଆୟର ବାଟ ପ୍ରଭାବିତ ହେବ।

### ବହୁ ସଂଖ୍ୟକ ଅଲିଭ୍ ରିଡ୍‌ଲେଙ୍କ ମୃତ୍ୟୁ

ଅନ୍ୟପକ୍ଷରେ ବାତ୍ୟା ପ୍ରଭାବରେ ସାମୁଦ୍ରିକ ଜୀବ ମଧ୍ୟ ମରିଥିବା ସୂଚନା ମିଳିଛି। ପୁରୀ ବେଳାଭୂମି ସମେତ ରାମଚଣ୍ଡୀ ମନ୍ଦିର ଏବଂ କୋଣାର୍କ ନିକଟବର୍ତ୍ତୀ ଅଞ୍ଚଳରେ ସମୁଦ୍ର ଜଳ ରାସ୍ତା ଉପରକୁ ଚାଲି ଆସିଥିଲା। ରାମଚଣ୍ଡୀ ଓ କୋଣାର୍କ ବେଳାଭୂମି ଅଞ୍ଚଳରେ ବହୁ ସଂଖ୍ୟକ ଅଲିଭ୍ ରିଡ୍‌ଲେ କଇଁଛ ଓ ମାଛ ବାଲିରେ ମରିଥିବା ଦେଖିବାକୁ ମିଳିଛି।

### ଉଦ୍ଧାର କାର୍ଯ୍ୟ ଜାରି, ସ୍ୱାଭାବିକ ହେଉଛି ଯାତାୟାତ

ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ପୁରୀ-ଭୁବନେଶ୍ୱର ରାସ୍ତାରେ ଯିବା ଆସିବା ସମ୍ଭବ ହୋଇଥିବାବେଳେ ପୁରୀ-କୋଣାର୍କରେ ସାମାନ୍ୟ ବାଧାପ୍ରାପ୍ତ ହୋଇଛି। ବାଲିଗୁଆଳି ନିକଟ ଏକ ସ୍ଥାନରେ ୩୩/୧୧ କେ.ଭି ଖୁଣ୍ଟ ଓଲଟି ପଡ଼ିଥିବାରୁ ଦୁଇ ଚକିଆ ଓ ଛୋଟ କାର ଯିବା ସମ୍ଭବ ହେଇପାରିଛି। ଶେଷ ଖବର ଅନୁସାରେ, ପୁରୀ ପୋଲିସ ପ୍ରଶାସନ ପହଞ୍ଚି ବିଦ୍ୟୁତଖୁଣ୍ଟ ସଫା କରିବା କାର୍ଯ୍ୟ ଆରମ୍ଭ କରିଛନ୍ତି। ପୁରୀ ସଦର ବ୍ଲକର ପ୍ରାୟ ସବୁ ଗାଁ ଫନୀ ଦ୍ୱାରା ପ୍ରଭାବିତ ହୋଇଛନ୍ତି। ବାଲିଗୁଆଳି ଗାଁରେ ପ୍ରଶାସନ ପହଞ୍ଚି ବାତ୍ୟା ଆଶ୍ରୟସ୍ଥଳୀରେ ଲୋକଙ୍କ ସୁବିଧା ଅସୁବିଧା ବୁଝିବା ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି। ସେହିପରି ସ୍ଥାନୀୟ ଯୁବକ ଏବଂ ଗ୍ରାମବାସୀ ମଧ୍ୟ ନିଜସ୍ୱ ଉଦ୍ୟମରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି।

# ଶ୍ରୀହୀନ ସବୁଜିମା

- ଉଜୁଡ଼ିଗଲା ସପ୍ତଶଯ୍ୟା ନର୍ସରୀ
- ୪୫ ହଜାର ଚାରା ନଷ୍ଟ
- କପିଳାସ ଜୁ'ରେ ପ୍ରାଣୀ ସୁରକ୍ଷିତ

ଢେଙ୍କାନାଳ ଅଫିସ, ୪।୫



ଢେଙ୍କାନାଳର ସବୁଜିମାକୁ ଶ୍ରୀହୀନ କରିଦେଇଛି 'ଫନୀ'। ଜିଲାର ବିଭିନ୍ନ ସ୍ଥାନରେ ଥିବା ସଂରକ୍ଷିତ ଜଙ୍ଗଲରେ ହଜାର ହଜାର ଗଛ ଭାଙ୍ଗିଛି। ମାତ୍ର କେଇଘଣ୍ଟା ଭିତରେ ବଦଳି ଯାଇଛି ସପ୍ତଶଯ୍ୟାସ୍ଥିତ ସରକାରୀ ନର୍ସରୀ ଚିତ୍ର। ସେଠାରେ ଥିବା ୪୫ ହଜାର ବେଲ, ଆମ୍ବଚାରା ନଷ୍ଟ ହୋଇଯାଇଛି। କପିଳାସ ଚିଡ଼ିଆଖାନା ପରିସରରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି। ଶତାଧିକ ବଡ଼ ବଡ଼ ଗଛ ଭୂଲୁଣ୍ଠିତ ହୋଇଛି। ତେବେ ଜୁ'ରେ ଥିବା ପ୍ରାଣୀ ସୁରକ୍ଷିତ ଥିବା କର୍ତ୍ତୃପକ୍ଷ କହିଛନ୍ତି।

ବାତ୍ୟା ପ୍ରଭାବରେ ଜିଲାରେ ଭୀଷଣ ବର୍ଷା ହୋଇଛି। ୮ ବ୍ଲକରେ ୭୧୫.୨ ମିମି ବର୍ଷା ରେକର୍ଡ କରାଯାଇଛି। ଗଁଦିଆରେ ସର୍ବାଧିକ ୧୯୪.୦ମିମି ଏବଂ କଙ୍କଡ଼ାହାଡ଼ରେ ସର୍ବନିମ୍ନ ୩୩.୬ ମିମି ବର୍ଷା ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଢେଙ୍କାନାଳରେ ୭୩.୪ମିମି, ଓଡ଼ାପଡ଼ାରେ ୬୮ମିମି, ହିନ୍ଦୋଳରେ ୧୧୨.୪ମିମି, କାମାକ୍ଷାନଗରରେ ୩୮.୮ମିମି, ଭୁବନରେ ୧୪୦ମିମି, ପରଜଙ୍ଗରେ ୫୫ ମିମି ବର୍ଷା ହୋଇଛି।

ବର୍ଷା ପାଣି ସ୍ରୋତରେ ଗଁଦିଆ ବ୍ଲକ ଧନେଇନାଳୀରେ ନିର୍ମାଣାଧୀନ ପୋଲର ଆପ୍ରୋଚ ରୋଡ୍ ଧୋଇଯାଇଥିଲା। ଫଳରେ ଢେଙ୍କାନାଳ-ଭୁବନ ରାସ୍ତାରେ ଯାତାୟାତ ଠପ୍ ହୋଇଯାଇଥିଲା। ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣଙ୍କ ନିର୍ଦ୍ଦେଶକ୍ରମେ ତୁରନ୍ତ ରାସ୍ତା ମରାମତି କରାଯିବା ପରେ ଶନିବାର ଯାତାୟାତ ସ୍ୱାଭାବିକ ହୋଇଥିଲା।

ବାତ୍ୟା ପରେ ସାରା ଜିଲାରେ ବିଦ୍ୟୁତ୍ ସେବାରେ ବିଭ୍ରାଟ ଦେଖାଦେଇଛି। ସେସୁର ବିଦ୍ୟୁତ୍ ଭିତ୍ତିଭୂମି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ, ତାର କ୍ଷତିଗ୍ରସ୍ତ ହୋଇଛି। ଢେଙ୍କାନାଳ ସମେତ ଅଧିକାଂଶ ଅଞ୍ଚଳ ଅନ୍ଧାରରେ ରହିଛି। ଭୁବନ, ଢେଙ୍କାନାଳ, ଗଁଦିଆର ବିଭିନ୍ନ ସ୍ଥାନରେ ପଡ଼ିଥିବା ଗଛ କାଟି ସଫା କରାଯାଉଛି। କ୍ଷୟକ୍ଷତି ଆକଳନ କରାଯାଉଛି। ବିଦ୍ୟୁତ୍ ସଂଯୋଗ ସ୍ୱାଭାବିକ କରିବାକୁ ମରାମତି ଜାରି ରହିଥିବା ସେସୁ ନିର୍ବାହୀଯନ୍ତ୍ରୀ ସ୍ୱପ୍ନ ସରିତ ମିଶ୍ର ସୂଚନା ନେଇଛନ୍ତି। ଏ ନେଇ ଜିଲା ଆପାତ ଓ ଜରୁରିକାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର କୁହନ୍ତି, ବାତ୍ୟା ସମୟରେ ୨ଜଣ ଆହତ ହୋଇଥିବା ସୂଚନା ମିଳିଛି। କ୍ଷୟକ୍ଷତି ଆକଳନ ପରେ ଏ ନେଇ ସବିଶେଷ ସୂଚନା ଦିଆଯାଇପାରିବ ବୋଲି ସେ କହିଛନ୍ତି।

ବାତ୍ୟା(ଫୋନି) ପରବର୍ତ୍ତୀ ସ୍ୱାସ୍ଥ୍ୟ ସଚେତନତା
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ଓଡ଼ିଶା ସରକାର
ପାଣିରେ ବୁଡ଼ିଯାଇଥିବା କୂଅ ଓ ନଳକୂଅର ପାଣି ପିଅନ୍ତୁ ନାହିଁ।
ପାଣିକୁ ଫୁଟାଇ କିମ୍ବା ହାଲୋଜେନ୍ ବଟିକା ପକାଇ ପିଅନ୍ତୁ।

ଖାଇବା ପୂର୍ବରୁ ଓ ଶୌଚହେବା ପରେ ହାତକୁ ସାବୁନରେ ଧୁଅନ୍ତୁ।
ରନ୍ଧା ଖାଦ୍ୟକୁ ଘୋଡାଇ ରଖନ୍ତୁ ଓ ମାଛି ବସିବାକୁ ଦିଅନ୍ତୁ ନାହିଁ।

ତରଳ ଝାଡା ହେଲେ ଓ.ଆର.ଏସ୍. ଦ୍ରବଣ ପିଅନ୍ତୁ।
ସାପ କାମୁଡିଲେ ତୁରନ୍ତ ଡାକ୍ତରଖାନା ନେଇଯାଆନ୍ତୁ।

ମ୍ୟାଲେରିଆ ଓ ଡେଙ୍ଗୁରୁ ରକ୍ଷା ପାଇବା ପାଇଁ ମଶାରୀ ଟାଣି ଶୁଅନ୍ତୁ।
ଘର ଆଖପାଖ ସଫା ରଖନ୍ତୁ ଓ ପାଣି ଜମିବାକୁ ଦିଅନ୍ତୁ ନାହିଁ।
ଗାଁ କଲ୍ୟାଣ ସମିତିର ସଭ୍ୟସଭ୍ୟା ମାନେ ଧ୍ୟାନ ଦିଅନ୍ତୁ:

- ଗାଁର ସମସ୍ତ କୂଅ, ନଳକୂଅ ଇତ୍ୟାଦି ବିଶୋଧନ ସହିତ ଗାଁ ସଫେଇ କାର୍ଯ୍ୟରେ ସାମିଲ ହୁଅନ୍ତୁ ଓ ଲୋକମାନଙ୍କୁ ବିଶୁଦ୍ଧ ପାଣି ପିଇବାପାଇଁ ବୁଝାନ୍ତୁ।
- ସାପ କାମୁଡା ରୋଗୀଙ୍କୁ ତୁରନ୍ତ ଡାକ୍ତରଖାନା ନେବାରେ ସାହାଯ୍ୟ କରନ୍ତୁ।
- ଗାଁରେ ତରଳଝାଡ଼ା, ଜ୍ୱର,ଥଣ୍ଡା,ଚର୍ମରୋଗ,ଜଣ୍ଡିସ୍ ଆଦି ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଲେ ତୁରନ୍ତ ଆଶାଦିଦି କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କୁ ଜଣାନ୍ତୁ।
ଜରୁରୀ ସ୍ୱାସ୍ଥ୍ୟସୂଚନା ପାଇଁ ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ନିୟନ୍ତ୍ରଣ କକ୍ଷ ଫୋନ ନଂ-୦୬୭୪-୨୩୯୦୪୬୬ ରେ ଯୋଗାଯୋଗ କରିପାରିବେ।
facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

# ବିମାନ ସେବା ସ୍ୱାଭାବିକ

ଭୁବନେଶ୍ୱର, ୪।୫(ବ୍ୟୁରୋ)

ବାତ୍ୟା ଫନୀକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରର ଅଧିକାଂଶ ବିମାନ ସେବା ବାତିଲ କରାଯାଇଥିଲା। ଶନିବାର ପାଗ ଠିକ୍ ହେବା ପରେ ସନ୍ଧ୍ୟାରେ ବିମାନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଶନିବାର ଅପରାହ୍ନ ୧ଟା ପର୍ଯ୍ୟନ୍ତ ବିମାନ ସେବା ବନ୍ଦ କରିବାକୁ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ(ଏଏଆଇ) ପକ୍ଷରୁ କୁହାଯାଇଥିଲା। ତେଣୁ ସମସ୍ତ ବିମାନସେବା ବାତିଲ ହୋଇଥିଲା। ସୂଚନାଯୋଗ୍ୟ, ଶୁକ୍ରବାର ଅଧିକାଂଶ ଏୟାରଲାଇନ୍ସ ନିଜ ସେବା ବାତିଲ କରିଥିଲେ। ଇଣ୍ଡିଗୋ ଏୟାରଲାଇନ୍ସ ପ୍ରାୟ ୨୪ଟି ବିମାନର ଉଡାଣକୁ ବାତିଲ କରିଥିବା ବେଳେ 'ଗୋ ଏୟାର୍' ସମସ୍ତ ବିମାନ ସେବାକୁ ବାତିଲ କରିଥିଲା। 'ଭିସ୍ତାରା' ପକ୍ଷରୁ ଭୁବନେଶ୍ୱର ଓ କଲିକତା ମଧ୍ୟରେ ବିମାନ ଚଳାଚଳ ବାତିଲ କରାଯାଇଥିଲା। ଏହାସହ ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁବାର ମଧ୍ୟରାତ୍ରିରୁ ଭୁବନେଶ୍ୱର ବିମାନବନ୍ଦରରୁ ଆସନ୍ତା ୨୪ ଘଣ୍ଟା ପାଇଁ ବିମାନ ଚଳାଚଳ ସମ୍ପୂର୍ଣ୍ଣ ଭାବେ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଗୁଡୁଲ
ପରିବାରବର୍ଗ


ଅନୁରାଗ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଫନୀ: ଭୁବନେଶ୍ୱରରେ ଅନ୍ଧାରର ଭୟ

**ଭୁବନେଶ୍ୱର,୪।୫ (ବ୍ୟୁରୋ)**

ଫନୀର ପ୍ରଭାବରେ ଭୁବନେଶ୍ୱର ଅନ୍ଧକାରମୟ ହୋଇପଡିଛି। ଯେଉଁଠି ଦେଖିବ ସେଠି ଅନ୍ଧାର। ଲୋକମାନେ ଘରୁ ବାହାରିବା ମାତ୍ର ସାଥିରେ ଟର୍ଚ୍ଚ ଲାଇଟ୍ ଧରି ଘରୁ ବାହାରୁଥିବା ଦେଖିବାକୁ ମିଳୁଛି। ବହୁ ସ୍ଥାନରେ ଅନ୍ଧାର ଥିବାରୁ ଚୋରି ଏବଂ ସାପ ଭୟ ମଧ୍ୟ ରହିଛି। ଦୋକାନୀ ଓ ଘର ମାଲିକମାନେ ଅନିଦ୍ରା ରହି ରାତିରେ ଦୋକାନକୁ ଜଗି ରହୁଛନ୍ତି। ପୂର୍ବରୁ ପୋଲିସ କମିଶନର ନିର୍ଦ୍ଦେଶ ଦେଇଥିଲେ ଯେ ବାତ୍ୟା ପରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯିବ, ହେଲେ ତାହା କରା ଯାଉ ନ ଥିବା ଅଭିଯୋଗ ହେଉଛି। ଲେଡିଜ୍ ହଷ୍ଟେଲ ଗୁଡିକରେ ଯୁବତୀମାନେ ଅସୁରକ୍ଷିତ ଅବସ୍ଥାରେ ରହିଛନ୍ତି।

**ପିଏଚ୍‌ଡି ପାଣି ପାଇଁ ମଗାଯାଉଛି ୫ ଶହ ଟଙ୍କା**

ଫନୀ ପରେ ବିଦ୍ୟୁତ୍ ସରବରାହ ନ ଥିବାରୁ ରାଜଧାନୀକୁ ପାଣି ଯୋଗାଣ ବାଧାପ୍ରାପ୍ତ ହୋଇଛି। ତେଣୁ ପାଣି ପାଇଁ ଲୋକେ ଉହଳ ବିକଳ ହେଉଛନ୍ତି। ଏପରିକି ଲାଇନ୍ ନ ଥିବାରୁ ବଡ ବଡ କୋଠା ଘରେ ରହୁଥିବା ଲୋକମାନେ ମୋଟର ଚଲାଇ ପାରୁନାହାନ୍ତି। ଫଳରେ ପାଣି ପାଇଁ ନଳକୂପ ଥିବା ଜାଗାକୁ ଯିବାକୁ ପଡୁଛି। ତେଣୁ ଏବେ ଏସବୁ ଲୋକମାନେ ପିଏଚ୍‌ଡି ବିଭାଗକୁ ପାଣି ଯୋଗାଇବାକୁ କହିଛନ୍ତି। ଏପରିକି ପିଏମ୍‌ଡି ବିଭାଗ ଗାଡି ଟାଙ୍କିରେ ପାଣି ନେଇ ଘର ପାଣି ଟାକି ଫୁଲ କରିବାକୁ ୫ ଶହ ଟଙ୍କାରୁ ଊର୍ଦ୍ଧ୍ୱ ମାଗୁଥିବା ଅଭିଯୋଗ ହୋଇଛି। ଲୋକମାନେ ପାଣି ପାଇଁ ବାଧ୍ୟ ହୋଇ ଟଙ୍କା ଦେଇ ଟାଙ୍କି ଭରୁଥିବା ଦେଖିବାକୁ ମିଳୁଛି।

**୨୦ ବର୍ଷର ଗଛ ଭାଙ୍ଗିଲା**

ରାଜଧାନୀକୁ ସୌନ୍ଦର୍ଯ୍ୟମୟ କରିବାକୁ ଏକାଧିକ ଗଛ ଲଗାଯାଇଥିଲା। ହେଲେ ୨୦ ବର୍ଷର ଗଛଗୁଡିକ ଉପୁଡି ପଡିଛି। ଏହିସବୁ ଗଛଗୁଡିକୁ ଲଗାଇବା ପାଇଁ ବର୍ଷ ବର୍ଷ ଲାଗିଥିଲା। ଏପରି କି ପିଏମ୍‌ଜି ଛକ କି ଗର୍ଭନର ହାଉସ୍ ହେଉ, ସବୁଠି ଗଛ ଭାଙ୍ଗି ଯାଇଛି। ନିକଟରେ ବନ ବିଭାଗ ପକ୍ଷରୁ ଏହିସବୁ ଗଛଗୁଡିକୁ ଚିହ୍ନଟ କରାଯାଇ ନାମ ଫଳକ ମରା ଯାଇଥିଲା। ହେଲେ ଗଛଗୁଡିକ ଉପୁଡି ପଡିଛି।

**ବୋହି ନେଉଛନ୍ତି କାଠ**

ଫନୀର ପ୍ରଭାବରେ ରାଜଧାନୀରେ ବହୁ ମୂଲ୍ୟବାନ ଗଛ ଉପୁଡି ପଡିଛି। ଫଳରେ ଏଗୁଡିକୁ ଓଡ୍ରାଫ ଏବଂ ଅଗ୍ନିଶମ ବିଭାଗ କାଟି ସଫା କରୁଛନ୍ତି। କଟା ହୋଇ ରାସ୍ତା କଡରେ ପଡିଥିବା ଗଛଗୁଡିକୁ ଲୋକେ ବୋହି ନେଉଛନ୍ତି। ଏପରିକି ଏହିସବୁ ମୂଲ୍ୟବାନ କାଠକୁ ନେବା ଏକ ପ୍ରକାର ବେଆଇନ କାର୍ଯ୍ୟ। ତଥାପି କେହି ଏହି ସମୟରେ ଏହାକୁ ମାନୁନାହାନ୍ତି।

**ଟ୍ରାଫିକ ସିଗନାଲ ଫେଲ୍:**

ବାତ୍ୟା ପ୍ରଭାବରେ ରାଜଧାନୀର ବିଭିନ୍ନ ଛକରେ ଲାଗିଥିବା ଟ୍ରାଫିକ୍ ସିଗନାଲ କ୍ଷତିଗ୍ରସ୍ତ ହୋଇଛି। ଟ୍ରାଫିକ ସିଗ୍‌ନାଲଗୁଡିକ ଭାଙ୍ଗି ପଡିଥିବା ବେଳେ ଆଉ କେତେକ ରହିଛି। ହେଲେ ସେସବୁ ସିଗନାଲ ଲାଇନ୍ ଅନ୍ୟ ଦିଗକୁ ମୋଡି ହୋଇଯାଇଛି। ଏପରିକି ଯେଉଁ ଟ୍ରାଫିକ୍ ସିଗନାଲ ରହିଛି ତାହା ଠିକ୍ ଭାବେ କାର୍ଯ୍ୟକ୍ଷମ ହେଉନି। ବିଶେଷ କରି ଏହି ସିଗନାଲଗୁଡିକ ସୋଲାର ଚାଳିତ ହେଉଥିବାରୁ ଲାଇଟ୍ ସିନା ଜଳୁଛି ହେଲେ ସିଗନାଲ ପ୍ରକ୍ରିୟା ଏକ ପ୍ରକାର ଫେଲ୍ ମାରିଛି। ଅନେକ ଗାଡି ଚାଳକ ଶନିବାର ମନଇଚ୍ଛା ଯିଏ ଯୁଆଡେ ପାରିଲେ ଯାଉଥିବା ଦେଖିବାକୁ ମିଳିଛି। ଏପରି କି ଏକା ଦିନରେ ଛୋଟ ଛୋଟ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳିଛି।

**ସବୁ ଛକରେ ସିସିଟିଭି ଅଚଳ**

କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ରାଜଧାନୀର ଏକାଧିକ ଛକରେ ସିସିଟିଭି କ୍ୟାମେରା ଲଗାଯାଇଥିଲା। ଏକାଧିକ ଛକରେ ଲାଗିଥିବା କ୍ୟାମେରା ଫନୀ ପବନରେ ଭାଙ୍ଗି ଯାଇଥିବା ବେଳେ ଆଉ କେଉଁଠି ଉଡିଯାଇଛି। ଫଳରେ ବିଭିନ୍ନ ଛକରେ ଲାଗିଥିବା ସିସିଟିଭି ଅଚଳ ହୋଇପଡିଛି। କମିଶନରେଟ ମୁଖ୍ୟାଳୟ ସହ ଏହି ସିସିଟିଭିଗୁଡିକୁ ସଂଯୋଗ ଛିନ୍ନ ହୋଇଛି। ଏହାର ସୁଯୋଗରେ ଅପରାଧୀମାନେ ରାଜଧାନୀରେ ଲୁଟପାଟ୍ ଓ ଚୋରି କରିବା ସମ୍ଭାବନା ରହିଛି। ତେଣୁ କିଭଳି ସିସିଟିଭିଗୁଡିକୁ କାର୍ଯ୍ୟକ୍ଷମ କରାଯାଇ ପାରିବ ସେଥିଲାଗି କମିଶନରେଟ୍ ପୋଲିସ ଗୁରୁତ୍ୱ ଦେଇଛି।

**ପକ୍ଷୀ ବେସାହାରା**

ଫନୀ ପ୍ରଭାବରେ ରାଜଧାନୀର ବହୁ ଗଛ ଉପୁଡି ପଡିଛି। ତେଣୁ ଗଛରେ ବସା କରିଥିବା ପକ୍ଷୀମାନେ ବେସାହାରା ହୋଇ ପଡୁଛନ୍ତି। ଅନେକ ଗଛର ପକ୍ଷୀ ବସା ଭାଙ୍ଗି ତଳେ ପଡିଥିଲା। ଏପରି କି କେତେକ ପକ୍ଷୀ ବସାରେ ଥିବା ଅଣ୍ଡା ଏବଂ ଛୋଟ ଛୁଆ ମରି ତଳେ ପଡିଥିବା ଦେଖିବାକୁ ମିଳିଥିଲା। ଶନିବାର ଚଢେଇ ବସାରେ ପକ୍ଷୀ ଛୁଆ କୌଣସି ମତେ ବଞ୍ଚି ଯାଇଥିବା ବେଳେ ମା' ପକ୍ଷୀ ଉଠାଇ ଅନ୍ୟତ୍ର ନେଉଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା।

(ରିପୋର୍ଟ: ତ୍ରିନାଥ ମହାନ୍ତି)

## ଫନୀ ନେଲା... ପ୍ରଥମ ପୃଷ୍ଠାରୁ...

ପୁରୀ ଓ ଖୋର୍ଦ୍ଧା ଜିଲାର କିଛି ଅଂଶରେ ବିଦ୍ୟୁତ୍ ଭିତ୍ତିଭୂମି ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଛି। କଟକ, ଭଦ୍ରକ, କେନ୍ଦ୍ରାପଡା, ଜଗତ୍‌ସିଂହପୁର, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ନୟାଗଡ ଆଦି ଜିଲାଗୁଡିକ ପ୍ରଭାବିତ ହୋଇଛି। କ୍ଷୟକ୍ଷତି ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଉଛି। ପ୍ରାଥମିକ ତଥ୍ୟ ଅନୁଯାୟୀ ପୁରୀ, ଖୋର୍ଦ୍ଧା ଜିଲାର ଅଧିକାଂଶ ଅଞ୍ଚଳ ଏବଂ ଅନ୍ୟ ଜିଲାଗୁଡିକର କଚାଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ମୋ ପାଇଁ ଓ ମୋ ସରକାର ପାଇଁ ପ୍ରତ୍ୟେକ ଜୀବନ ମୂଲ୍ୟବାନ। ଆମେ ସେହି ଲକ୍ଷ୍ୟ ନେଇ କାମ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନିଃସ୍ୱାର୍ଥପର ଭାବେ ୧୨ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରିଥିବା ସ୍ୱେଚ୍ଛାସେବୀ ସଂସ୍ଥା ଏବଂ ସରକାରୀ କର୍ମଚାରୀଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଛନ୍ତି। ସାଧାରଣତଃ ଅକ୍ଟୋବର ମାସରେ ବାତ୍ୟା ଓଡିଶାକୁ ପ୍ରଭାବିତ କରିଥାଏ। ମେ ମାସରେ ବାତ୍ୟା ଆସିବା କଥା ସାଧାରଣ ଲୋକେ କେବେ ବି ସ୍ୱପ୍ନରେ ଭାବି ନ ଥିଲେ। କିନ୍ତୁ ଗତ ମେ ୩ରେ ଏହା ଘଟିଲା। ଓଡିଶାବାସୀଙ୍କ ସହଯୋଗରେ ଆମେ ସଫଳତାର ସହ ମୁକାବିଲା କରିପାରିଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମହାବାତ୍ୟା ପରି ଏତେବଡ ବାତ୍ୟା ଘଟିଲା। ଜନସାଧାରଣଙ୍କ ସହଯୋଗରେ ଲୋକମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇ ପାରିଛି। ସବୁ ପରିସ୍ଥିତିର ମୁକାବିଲା ପାଇଁ ଆମେ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟ ସରକାରଙ୍କ ବାତ୍ୟା ମୁକାବିଲା ପ୍ରସ୍ତୁତିକୁ ନ୍ୟୁୟର୍କ ଟାଇମ୍ସ ପ୍ରଶଂସା କରିଛି। ବାତ୍ୟାକୁ କିଭଳି ମୁକାବିଲା କରାଯିବ ତାହା ଓଡ଼ିଶାଠାରୁ ଶିଖିବା ଦରକାର ବୋଲି ଉକ୍ତ ଅନ୍ତର୍ଜାତୀୟ ସଂସ୍ଥା ପ୍ରକାଶ କରିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** - ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଓ ପାରିବାରିକ ପରିସ୍ଥିତି ପୂର୍ବପରି ରହିବ। କର୍ମକ୍ଷେତ୍ରରେ ଅତ୍ୟଧିକ ଯୁକ୍ତିତର୍କ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡ଼ିପାରେ। ଭ୍ରମଣ ହେତୁକ କ୍ଳାନ୍ତି ଅନୁଭବ କରିପାରନ୍ତି। ସାମାଜିକ ସ୍ତରରେ ଲକ୍ଷ୍ୟ ହାସଲ କରିବାରେ ସମର୍ଥ ହେବେ।

**ବୃଷ** - କର୍ମକ୍ଷେତ୍ରରେ ସମସ୍ୟା ରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ଅର୍ଥନୈତିକ ପ୍ରଗତି ସାମୂହିକ ଜୀବନଯାତ୍ରାକୁ ସୁଖମୟ କରିବ। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ଅତ୍ୟଧିକ କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହି ନ ପାରେ।

**ମିଥୁନ** - ପରିବାରର ସମସ୍ୟା ସମାଧାନ ହେବା କାରଣରୁ ମାନସିକ ଶାନ୍ତି ପାଇବେ। ବହୁତ ଦିନରୁ ରହିଯାଇଥିବା ଅପୂର୍ଣ୍ଣ କାମକୁ ଆଜି ସନ୍ଧ୍ୟା ସୁଦ୍ଧା ସମ୍ପୂର୍ଣ୍ଣ କରିବେ। ସାମାଜିକ ସ୍ତରରେ ଆନୁଷ୍ଠାନିକ କିମ୍ବା ଧର୍ମକାର୍ଯ୍ୟରେ ବ୍ୟସ୍ତ ରହିବେ। ଅଫିସରେ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡ଼ିବ।

**କର୍କଟ** - କ୍ରନିକ୍ ରୋଗ ହେତୁ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ। ଆର୍ଥିକ ଅନଟନ ଲାଗି ରହିଲେ ମଧ୍ୟ ଆପଣ ପରିସ୍ଥିତିକୁ ସମ୍ଭାଳିନେବେ। ପରିଶ୍ରମ ତୁଳନାରେ ପାରିଶ୍ରମିକ କମ୍ ହେବ, ଯାହାକି ମନ ଦୁଃଖର କାରଣ ହୋଇପାରେ। ଆତ୍ମୀୟମାନେ ପ୍ରତ୍ୟେକ କ୍ଷେତ୍ର ସକାଶେ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ସିଂହ** - ସ୍ଥଗିତ କାମଗୁଡିକ ପଦସ୍ଥ ବ୍ୟକ୍ତିଙ୍କ ସହାୟତାରେ ସାଧିତ ହେବ। ପାରିବାରିକ ସମସ୍ୟା ମଧ୍ୟରେ ଗତିକରି ମାନସିକ ପରିସ୍ଥିତି ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡ଼ି ସହକର୍ମୀଙ୍କ ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝିପାରିବେନି। ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବନାହିଁ।

**କନ୍ୟା** - ରାସ୍ତାରେ ଠିକଣା ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପଡିବେ। ସାଧାରଣ ଯୁକ୍ତିତର୍କରେ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ବ୍ୟବସାୟ ଓ ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା, କଚେରି ମାମଲା ବିଷୟରେ ଚିନ୍ତା କରିପାରନ୍ତି। ଦେବ ଦର୍ଶନର ସୁଯୋଗ ପାଇପାରନ୍ତି। ପାରିବାରିକ ସ୍ଥିତି ସକାଳ ସମୟଟି ଭଲ ରହିବ।

**ତୁଳା** - ସକାଳୁ ସକାଳୁ ମନ କୌଣସି ଶୁଭ ଖବର ପାଇ ଖୁସୀ ହୋଇଯିବ। ଅର୍ଥ ଓ ସମ୍ମାନ ପାଇବେ ଏବଂ ଏହା ସାଙ୍ଗକୁ ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମମୁଖର ହେବେ। ଆଜି ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ। ଅଫିସରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

**ବିଛା** - ନିକଟ ସମ୍ପର୍କୀୟଙ୍କୁ ନିଜ ସପକ୍ଷରେ ଆଣିବାରେ ସମର୍ଥ ହେବେ। ବାରମ୍ବାର ଚେଷ୍ଟାର ପରିଣାମ ସ୍ୱରୂପ ଆଜି ସାମାନ୍ୟ ବିଳମ୍ବ ହେଲେ ମଧ୍ୟ କାର୍ଯ୍ୟ ସାଧିତ ହେବ। ପାରିବାରିକ କଳହ ଦେଖାଦେଇପାରେ। ଦୂରଯାତ୍ରାର ସୁଯୋଗ ପାଇବେ। ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି।

**ଧନୁ** - ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ଦେଖିବେ ସବୁକିଛି ଠିକ୍ ହୋଇଯିବ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ଏଣୁ ସାବଧାନ ରହିବା ଭଲ। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟକୁ ଯିବାରେ କିଛି ଅସୁବିଧା ହେବନାହିଁ। ସଭାସମିତିରେ ଯୋଗ ଦେଇପାରନ୍ତି କିମ୍ବା ଜମିଜମା କାରବାରରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ।

**ମକର** - ଆଜିର ଯାତ୍ରା ବାଣିଜ୍ୟ ତଥା ପାରିବାରିକ ଜୀବନକୁ ପ୍ରଭାବିତ କରିପାରେ। ଫଳତଃ ପ୍ରତ୍ୟେକ କ୍ଷେତ୍ରରେ ନିଜ ଲୋକମାନଙ୍କ ଦ୍ୱାରା ସମସ୍ୟାଗ୍ରସ୍ତ ହୋଇପାରନ୍ତି। ଅବଶ୍ୟ ବନ୍ଧୁମାନଙ୍କ ସହ ଆଲୋଚନା କରି ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ କୌଣସି ଯୋଜନା କରିବେ। ନିଜର ଦୂରଦର୍ଶିତା ହେତୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**କୁମ୍ଭ** - କାମଗୁଡ଼ିକ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବାରେ ପ୍ରତିବନ୍ଧକ ରହିବ ନାହିଁ। କିନ୍ତୁ ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ପୂର୍ବ ଶତ୍ରୁତାକୁ ନେଇ ଆତ୍ମୀୟମାନଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ମୀନ** - ମାନସିକ ସ୍ଥିତି ଭଲ ନ ରହିଲେ ମଧ୍ୟ ଶାରୀରିକ ସ୍ୱାସ୍ଥ୍ୟ ସମସ୍ୟା ଏକପ୍ରକାର ନିୟନ୍ତ୍ରଣାଧୀନ ରହିବ। ପରିବାର ପାଇଁ ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ବନ୍ଧୁଙ୍କ ଜରିଆରେ ଆଜିର ଅର୍ଥ ସଂଗ୍ରହର ପ୍ରଚେଷ୍ଟା ନିଷ୍ଫଳ ହେବନାହିଁ। କଳା, ସାହିତ୍ୟ, ସାମ୍ବାଦିକତା, ଆଲୋଚନା, ସତ୍‌ସଂଗ, ଆନୁଷ୍ଠାନିକ କ୍ଷେତ୍ରରୁ ସୁଫଳ ମିଳିବ।

ଆଜି ବୈଶାଖ ଶୁକ୍ଳ ପ୍ରତିପଦା ରବିବାର, ମେ ୫ ତାରିଖ, ବିଶ୍ୱ ଆଥ୍‌ଲେଟିକ୍ସ ଦିବସ, ବିଶ୍ୱ ହାସ୍ୟ ଦିବସ, ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମେଷ ରାଶିର ଘାତବାର, ଦିବା ଘ୬।୫୦ମି. ଗତେ ଘ୮।୨୪ମି. ମଧ୍ୟେ ଅମୃତ ବେଳା। ଦିବା ଘ୮।୨୪ମି. ଗତେ ଘ୧୦।୦୦ମି. ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ନ ଘ୪।୩୧ମି. ଗତେ ଘ୬।୦୮ମି. ମଧ୍ୟେ ରାହୁକାଳ।

# SUNDAY classifieds




### GROOM WANTED

26 ବୟସ୍କା Lab Technician ଛାତ୍ରପତ୍ର ପ୍ରାପ୍ତ କୈବର୍ତ୍ତ ଝିଅଙ୍କ ପାଇଁ ଯେ କୌଣସି ଜାତିର ପୁଅ ଦରକାର। 7008080967. D-60833

Wanted serviceable groom for sovour Jena (SC) bride 24yrs, BA (Hons), PGDCA. Contact: 9437068620. D-12397

Khandayat girl, Govt. Odia lecturer 40, required job/ businessman proposal (caste no bar). 9078940188. D-12399

Brahmin B.Tech 28/ 5'2" working Hyderabad searching groom (Hyderabad). 8338083380. D-12419

Divorcee Brahmin B.Tech 30/ 5'6" searching qualified groom (Bangalore). 8480611745. D-12420

Teli B.Tech 26/ 5'5" working Bangalore searching qualified groom. 8480611745. D-12421

Now Matrimonial ads. only on Wednesday & Sunday
Book 1 Get 1 FREE




### HIRE

ଡେଲିଭରି ନିମନ୍ତେ ଅଟୋ ଏବଂ ମ୍ୟାଜିକ୍ (ଡ୍ରାଇଭର ସହ) ଭଡ଼ାରେ ଆବଶ୍ୟକ। Contact: 8018172594, 9078000108. D-66507

Required good condition Hy-va (10/12 wheelers) on monthly basis. (Contact: 9861657726, 9439815746). D-65890




### SALE

ORERA registered 1BHK, Studio flats @ Narendrakona, Puri. Construction in full swing. Mobile: 9238356740, 9437030740. D-66515

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 8480745797. D-66332

30' road, electricity, boundary ଥାଇ BDA plot Bhubaneswar Patapalli chhakରେ ମିଳୁଅଛି। 9090963952. D-66343

4BHK Duplex at Balianta with gated community (Land-1400, construction-2200 @ 55lakh and 2600 @ 65 lakh) Residential land at Hanspal @ 1650 Pahala @ 1400, Balianta @ 850, Malipada @ 1000, Tamando @ 1000, Infovally @ 950. Contact- Mplanets: 9938219397, 9861022055. D-12431

ଭୁବନେଶ୍ୱର KEC, ଗୁଡିଆ ପୋଖରୀଠାରେ 30'road boundarywall electry, gharabari, Temple, sqft. 650/-ରେ ଦିଆଯାଉଅଛି। 7008045582, 9692003948. D-12389

Gharabari plot sale Bhubaneswar, Sundarpada, 30'road, sqft. 850/-, BJEM-2 - 550/-, 350/-, ବାଳକାଟି- 450/-, 650/-. 9438823759, 9937922999. D-66369

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8594954102. D- 66367

3BHK ready to move flat 1667 sqft., 3rd floor, Satyamvilla apartment at Ranasingpur mouza, infront of AIIMS Hospital, Sizua, Bhubaneswar. For sale contact: 9438677341, 7978180463. D-58080

Resale furnished 2BHK, flat for sale in Patia and Nayapalli, Bhubaneswar. 9861616986. D-62178

Duplex approved plot for sale near Patia college, Bhubaneswar. 7978751719. D-62179

Six nos. gharabari plots for sale near main road Malipada, Nuagaon, 500 metres from Sum Hospital, yellow zone 1600/-, 1800/- sqft. 9777063609. D-65891

Commercial plots connecting NH for sale near Khandagiri, Bhubaneswar. 9861616986. D-62177

**Bhubaneswar Infocity-II ମଦନପୁର ନିକଟରେ sqft. 399/-ରେ Boundary plot କିଣନ୍ତୁ। 9337285332.** D-66366

କେଶୁରାରେ ଘରବାରି corner plot black top road କୁ ଲାଗି boundary ଓ elctricity ସହିତ ମିଳୁଛି। 9178031478. D-65892

ଭୁବନେଶ୍ୱର, ଉତ୍ତରାଛକ ପାଖରେ 25' ରୋଡ୍, ପାଚେରି ସହ ୧୫୦୦ ଏବଂ ୨୦୦୦ sqft. ଘରବାରି ନିଜସ୍ୱ ୨ଟି ପ୍ଲଟ୍ ବିକ୍ରି ହେବ। 7005927638, 9436703629 D-12428

3 bedroom flat=35 lakhs at Bhubaneswar, gated community, genuine buyers directly contact Deepak: 9937329999. D-66230

### GENERAL SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66368

### PURCHASE

**Wanted running generator 10 HP to 25 HP. Contact: 7809525452** D-65893




Independent house 1650 sqft. 3BHK garage, pujaghar, borewell at Jagamara for residence. 8585088850, 7978485307. D-12435

1800 sqft. office space for rent at Goutam nagar, Bhubaneswar. 9337117523. D-62180

160,000 sqft. vacant land with compound wall to let for godown stock yard and ware housing purpose at Totapada, Adjacent to NH.16 near Khurdha. Contact: 9937033933, 8328835823. D-12335




Shivam logistic packers movers. Household/ car relocation country wide. 9777044177, 9338461133. D-12311




Fully refreshed/ relaxed body massage by expert therapist, Shastri Nagar: 7377984773. D-66508

Rejuvenate and ayurvedic full body massage by smart Therapist: 9114402304. D-66509

Full body massage with refreshment, expert therapist. 7381239385, 0674-2540855. D-66510

Experience full body massage with us (expert). Call: 7377048581, 0674-2597822. D-66511

Summer special mesmerizing offer expert therapeutic refreshing massage appointment. 9668374480. D-66514

Physiotherapy, full body massage by trained ladies/ gents therapist: 7008773793. D-66446

Herbal full body massage by smart/expert therapist. Contact: 8338067247. D-66512

Newly opening ayurvedic body massage smart therapist, Shree herbal. 7750020754. D-66513




English teaching CBSE course for clss 6 to 10 and Spoken English for class 4 to 8 by experienced Teacher at Goutam Nagar, Bhubaneswar. Contact: 9439828200. D-12398

ଭୁବନେଶ୍ୱରରେ ମାଗଣା ପଢି ପରିକ୍ଷା ଦେବାକୁ ଚାହୁଁଥିଲେ contact କରନ୍ତୁ- 9439909456. D-63947

### ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା



**ସୁଶ୍ରୀ ସୁଜନ ମହାରଣା**
ବୋଲଗଡ଼
ଶୁଭ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଭଲରେ ରଖନ୍ତୁ।
ଶୁଭେଚ୍ଛା ସହ
ବାବା, ମାମା, ବଡ଼ବାବା, ବଡ଼ ମାମା, ଦାଦା, ଅକା, ମାମୁଁ, ମାଈଁ, ଭାଇ, ଭଉଣୀ ଓ ପରିବାରବର୍ଗ।
ଧ-୧୨୪୩୯

### ଜନ୍ମଦିନ ଶୁଭେଚ୍ଛା



**ରେନ୍‌ଜିନ (ଗୁଡୁଲ)**
ସାନହୁଲା, ଆଠମଲ୍ଲିକ
ତୋର ତୃତୀୟ ଜନ୍ମବାର୍ଷିକ ଉତ୍ସବ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଭଲରେ ରଖନ୍ତୁ।
ଶୁଭେଚ୍ଛା ସହ:ସାହୁ ପରିବାରବର୍ଗ
ଧ-୧୨୪୪୦

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# Business

## ଆଜିଠାରୁ ଭୁବନେଶ୍ୱରରୁ ସ୍ୱାଭାବିକ ହେବ ଟ୍ରେନ ସେବା

ଭୁବନେଶ୍ୱର,୪-୫

ସାମୁଦ୍ରିକ ବାତ୍ୟା ଫନୀ ଯୋଗୁ ରାଜ୍ୟର ରେଳ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି। ଏଥି ଲାଗି ଶୁକ୍ରବାର ଏବଂ ଶନିବାର ଟ୍ରେନ ସେବା ବନ୍ଦ ରହିଥିଲା। ମାତ୍ର ସ୍ଥିତିର ସମୀକ୍ଷା ପରେ ରବିବାରଠାରୁ ଭୁବନେଶ୍ୱରରୁ ଟ୍ରେନ ସେବା ସ୍ୱାଭାବିକ କରିବାକୁ ରେଲୱେ ପକ୍ଷରୁ ସୂଚନା ରହିଛି। ହାଓଡା-ଚେନ୍ନାଇ ମେନ୍ ଲାଇନରେ ଟ୍ରେନ ଚଳାଚଳ ନେଇ ସ୍ଥିତି ସୁଧୁରିଛି। ଭୁବନେଶ୍ୱରଠାରୁ ବାହାରିବାକୁ ଥିବା ଦୁଇ ଟ୍ରେନ ବାଦ ଅନ୍ୟ ସବୁ ଟ୍ରେନ ଚଳାଇବାକୁ ନିଷ୍ପତ୍ତି ହୋଇଥିବା ପୂର୍ବତଟ ରେଳପଥର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସେହିଭଳି ଚଳିତ ମାସ ୧୦ ତାରିଖ ପୂର୍ବରୁ ପୁରୀଠାରୁ ଟ୍ରେନ ସେବା ପୁଣି ଥରେ ସ୍ୱାଭାବିକ ସ୍ଥିତିକୁ ଫେରିବନି ବୋଲି ଅଧିକାରୀ ଜଣକ କହିଛନ୍ତି। ରେଳ ଭିତ୍ତିଭୂମି ପ୍ରଭାବିତ ହେବା ଫଳରେ ମେନ୍ ଲାଇନର ଟ୍ରେନ ସେବାରେ ଆଂଶିକ ଭାବେ ଉନ୍ନତି ଆସିଛି। ପୁରୀ-ଭୁବନେଶ୍ୱର-ଖୋର୍ଦ୍ଧାରୋଡରେ ରେଳ ଭିତ୍ତିଭୂମି ଗଭୀର ଭାବେ ପ୍ରଭାବିତ ହୋଇଛି। ଭୁବନେଶ୍ୱର ଏବଂ ଖୋର୍ଦ୍ଧାରୋଡ ସ୍ଥିତିରେ ମଧ ସାମାନ୍ୟ ପରିବର୍ତ୍ତନ ଆସିଛି। ଏବେ କିଛି ଟ୍ରେନ ଆରମ୍ଭ ନେଇ ପ୍ରସ୍ତୁତ ରହିଛି। ଅନ୍ତତଃପକ୍ଷେ ଚଳିତ ମାସ ୧୦ ଯାଏ ପୁରୀରୁ କୌଣସି ଟ୍ରେନ ଚାଲି ପାରିବ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି।

### ୧୦ ପୂର୍ବରୁ ପୁରୀରୁ ଗଡ଼ିବନି ଟ୍ରେନ



### ବାତିଲ ହେଲା ଆଉ କିଛି ଲୋକାଲ ଟ୍ରେନ୍

ସାମୁଦ୍ରିକ ବାତ୍ୟା ଫନି ଯୋଗୁ ରାଜ୍ୟର ରେଳ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି। ଏଥି ଲାଗି ୪ ମେ ଲାଗି ଆଉ କିଛି ଟ୍ରେନକୁ ବାତିଲ ଘୋଷଣା କରାଯାଇଛି। ଏହି ଟ୍ରେନଗୁଡିକ ଖଡଗପୁର-ଯାଜପୁର କେନ୍ଦୁଝର ରୋଡ-ଖଡଗପୁର ପାସେଞ୍ଜର,ରାଉରକେଲା-ପୁରୀ-ରାଉରକେଲା ପାସେଞ୍ଜର, ହାଓଡା-ଭଦ୍ରକ-ହାଓଡା ପାସେଞ୍ଜର ଏବଂ ଖଡଗପୁର-ଭଦ୍ରକ-ଖଡଗପୁର ପାସେଞ୍ଜର ଭଳି ଟ୍ରେନ ରହିଛି।

### ଫନୀ ପ୍ରଭାବିତଙ୍କୁ ରିଲିଫ୍

## ଇଣ୍ଡଷ୍ଟ୍ରି ଚାମ୍ବର୍ସଙ୍କୁ ପ୍ରଭୁଙ୍କ ଆହ୍ୱାନ

ନୂଆଦିଲ୍ଲୀ,୪-୫

ଫନୀ ପ୍ରଭାବିତ ରାଜ୍ୟ ଓଡ଼ିଶାରେ ରିଲିଫ୍ କାର୍ଯ୍ୟ ଆରମ୍ଭ କରିବା ଲାଗି ବାଣିଜ୍ୟ ଓ ଉଦ୍ୟୋଗମନ୍ତ୍ରୀ ସୁରେଶ ପ୍ରଭୁ ଶନିବାର ଦେଶର ସମସ୍ତ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଚାମ୍ବର୍ସଙ୍କୁ ଆହ୍ୱାନ ଦେଇଛନ୍ତି। ବାତ୍ୟାଦ୍ୱାରା ପ୍ରଭାବିତ ବ୍ୟକ୍ତିବିଶେଷ ଓ ପରିବାରଙ୍କୁ ଯଥାସମ୍ଭବ ସହାୟତା ପହଞ୍ଚାଇବା ଲାଗି ଆମକୁ ପ୍ରୟାସ କରିବାକୁ ହେବ ବୋଲି ସେ କହିଛନ୍ତି। ସିଆଇଆଇ, ଫିକି ଏବଂ ଆସୋଚାମ ସମେତ ସମସ୍ତ ଚାମ୍ବର୍ସ ଅଫ୍ କମର୍ସ ଏଦିଗରେ ଉଦ୍ୟମ ଆରମ୍ଭ କରିବାକୁ ପ୍ରଭୁ ଟୁଇଟ୍ ଯୋଗେ ଆହ୍ୱାନ ଦେଇଛନ୍ତି। ସୂଚନାଥାଉ କି, ଶୁକ୍ରବାର ସକାଳ ୮ଟାରେ ଫନୀ ଭୟଙ୍କର ରୂପ ଧାରଣ କରି ଓଡ଼ିଶାର ପୁରୀ ଉପକୂଳରେ ମାଡ କରିଥିଲା। ଏହାପରେ ବାତ୍ୟା ପ୍ରବଳ ବେଗରେ ୮/୧୦ଟି ଜିଲାରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି।

## ସକ୍ଷମ କମ୍ପାନୀଙ୍କୁ ବନ୍ଦ କରିବା ବିପଜ୍ଜନକ: ଆଇବିବିଆଇ ମୁଖ୍ୟ

ନୂଆଦିଲ୍ଲୀ,୪-୫

ଦେବାଳିଆ ପ୍ରକ୍ରିୟା ଅଧୀନରେ ଥିବା କମ୍ପାନୀ ସମ୍ପର୍କରେ ଋଣପ୍ରଦାନକାରୀ କମିଟି(ସିଓସି) ସମସ୍ତ ତଥ୍ୟ ପ୍ରଦାନ କରିବା ଆବଶ୍ୟକ। ଏହାଛଡ଼ା ଏହି ପ୍ରକ୍ରିୟା ଅଧୀନରେ ଥିବା କମ୍ପାନୀଗୁଡ଼ିକ ଚାଲିବା ନେଇ ସିଓସିଙ୍କୁ ତାଙ୍କର ମତପୋଷଣ କରିବାକୁ ହେବ। ସକ୍ଷମ ଥିବା କମ୍ପାନୀଗୁଡ଼ିକୁ ବନ୍ଦ କରିଦେବା ଲାଗି ପ୍ରୟାସ କରାଯିବା ବିପଜ୍ଜନକ ବୋଲି ଆଇବିବିଆଇ ମୁଖ୍ୟ ଏମ୍.ଏସ୍ ସାହୁ ପ୍ରକାଶ କରିଛନ୍ତି।

ଆସୋଚାମ୍ ପକ୍ଷରୁ ଆୟୋଜିତ ଏକ ସମ୍ମିଳନୀରେ ଯୋଗଦେଇ ସାହୁ କହିଛନ୍ତି ଯେ, ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍(ଆଇବିସି) ଅଧୀନରେ ଚାପଗ୍ରସ୍ତ କମ୍ପାନୀଗୁଡ଼ିକର ଏନ୍‌ପିଏ ସମାଧାନ ଲାଗି ସୁପାରିସ କରାଯିବା ବଢ଼ିଯାଇଛି। ତେବେ ଦେବାଳିଆ ପ୍ରକ୍ରିୟା ଚାଲିବା ଭିତରେ କମ୍ପାନୀଗୁଡ଼ିକର ତ୍ରୁଟି ସଜାଡିବା ମଧ ଆବଶ୍ୟକ। ସକ୍ଷମ ଥିବା କମ୍ପାନୀଗୁଡ଼ିକୁ ପୁଣିଥରେ ଆରମ୍ଭ କରିବା ଏବଂ ଅକ୍ଷମଙ୍କୁ ବନ୍ଦ କରିଦେବା ଆଇନର ମୂଳ ଲକ୍ଷ୍ୟ ରହିଛି ବୋଲି ସେ ପ୍ରକାଶ କରିଛନ୍ତି। ତେବେ ସିଓସିଙ୍କ ଅପାରଗତା ଯୋଗୁ ସଫଳତା ନ ମିଳିଲେ ଏହା ଓଲଟା ଫଳ ଦେବ ବୋଲି ସେ ସତର୍କ କରାଇ ଦେଇଛନ୍ତି। ଆଇବିସି ଅଧୀନରେ ବଜାରଭିତ୍ତିକ ତଥା ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ ହେବା ଲୋଡା ବୋଲି ସେ ମତପ୍ରକାଶ କରିଛନ୍ତି।

## ବିଏନ୍‌ଆଇ କଟକ ଚାପ୍ଟରର ଅଧିବେଶନ

କଟକ,୪-୫

ପ୍ରମୁଖ ବିଜନେସ ରେଫରାଲ ପ୍ରତିଷ୍ଠାନ ବିଏନ୍‌ଆଇ ପକ୍ଷରୁ କଟକ ଦ୍ୱିତୀୟ ଚାପ୍ଟରର ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଏନ୍‌ଆଇ କଟକର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଦୀପ ଅଗ୍ରୱାଲଙ୍କ ସମେତ ୩୦ ସଦସ୍ୟ ଯୋଗ ଦେଇଥିଲେ। ବିଏନ୍‌ଆଇ ବର୍ତ୍ତମାନ ଦେଶର ୭୪ ସହରର ୫୫୦ ଚାପ୍ଟର ସହ କାର୍ଯ୍ୟ କରୁଥିବା ବେଳେ ୨୮୦୦ ସଦସ୍ୟ ଅଛନ୍ତି। ବାଣିଜ୍ୟ ଅଭିବୃଦ୍ଧି ଲାଗି ମିଳିତ ହୋଇ କାର୍ଯ୍ୟ କରିବା ବିଏନ୍‌ଆଇ ପ୍ରମୁଖ ଲକ୍ଷ୍ୟ ବୋଲି ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଦୀପ ଅଗ୍ରୱାଲ କହିଛନ୍ତି। ସେହିଭଳି ବିଏନ୍‌ଆଇ କଟକ ୭.୨ କୋଟି ବାଣିଜ୍ୟ କାରବାର ହାସଲ କରିଥିବା ଅଗ୍ରୱାଲ କହିଛନ୍ତି।

### ଗୋଆରେ ବିଜ୍‌ନେସ୍ କନ୍‌କ୍ଲେଭ ଆୟୋଜନ କରିବ ଫ୍ରାନ୍ସ

**ପାନାଜୀ,୪-୫:** ଚଳିତବର୍ଷ ଅକ୍ଟୋବରରେ ଫ୍ରାନ୍ସ ପକ୍ଷରୁ ଗୋଆରେ ଏକ ବିଜନେସ୍ କନ୍‌କ୍ଲେଭ ଆୟୋଜନ କରାଯିବ। ଏହି ସମୁଦ୍ର ଉପକୂଳ ରାଜ୍ୟର ବିଭିନ୍ନ ସେକ୍ଟରରେ ପୁଞ୍ଜିନିବେଶ ପାଇଁ ଫ୍ରାନ୍ସର କମ୍ପାନୀଗୁଡ଼ିକୁ ଏହି କନ୍‌କ୍ଲେଭରେ ଯୋଗ ଦେବାକୁ ଆହ୍ୱାନ କରାଯିବ ବୋଲି ଜଣାପଡିଛି। ଏ ସଂକ୍ରାନ୍ତରେ ଏକ ପ୍ରସ୍ତାବ ଖୁବଶୀଘ୍ର ଗୋଆ ସରକାରଙ୍କୁ ଦିଆଯିବ ବୋଲି ମୁମ୍ବାଇସ୍ଥିତ କନସଲ ଜେନେରାଲ ଅଫ୍ ଫ୍ରାନ୍ସ ସୋନିଆ ବାବ୍ରି କହିଛନ୍ତି। ଗତବର୍ଷ ଏଭଳି କନ୍‌କ୍ଲେଭ ପ୍ରଥମଥର ନାଗପୁରଠାରେ ଆୟୋଜନ କରାଯାଇଥିଲା।




## ଗଞ୍ଜାମ ଜିଲାରେ ଭାଙ୍ଗିଛି ୧୦୨୫ ଘର

ଛତ୍ରପୁର,୪।୫(ଡି.ଏନ.ଏ)

ବାତ୍ୟା 'ଫନୀ'ରେ ଗଞ୍ଜାମ ଜିଲାରେ ୪୦୨ ପଞ୍ଚାୟତ ଅନ୍ତର୍ଗତ ୨,୬୭୩ ଗାଁର ୨୦ ଲକ୍ଷ ଲୋକେ ପ୍ରଭାବିତ ହୋଇଥିବା ଶନିବାର ଛତ୍ରପୁରସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି। ବାତ୍ୟାରେ କାହାରି ମୃତ୍ୟୁ ହୋଇ ନ ଥିବା ସେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଜିଲାର ୩୫୦ ହେକ୍ଟର ଜମିରେ ଫଳ ଓ ଫୁଲ ଚାଷ କ୍ଷତି ହୋଇଥିବା ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ ଜିଲାପାଳଙ୍କୁ ଜଣାଇଥିବା ବେଳେ ୨,୩୪୨ ହେକ୍ଟର ଜମିର ଧାନ, ମକା, ସୂର୍ଯ୍ୟମୁଖୀ, ବାଦାମ ଓ ତୈଳ ଜାତୀୟ ଫସଲ କ୍ଷତି ହୋଇଥିବା କୃଷି ଉପନିର୍ଦ୍ଦେଶକ ରିପୋର୍ଟ ଦାଖଲ କରିଛନ୍ତି। ବାତ୍ୟାରେ ପ୍ରଭାବିତ ୨,୦୩୯ ପରିବାରକୁ ପଲିଥିନ ଦିଆଯାଇଛି । ବିଭିନ୍ନ ଆଶ୍ରୟସ୍ଥଳୀରେ ଥିବା ଲୋକଙ୍କୁ ରନ୍ଧାଖାଦ୍ୟ ସହ ୮୨୮.୩୭ କୁଇଣ୍ଟାଲ ଚୁଡା, ୨୦୪.୭୪ କୁଇଣ୍ଟାଲ ଗୁଡ ଓ ୨୩, ୨୦୦ ଲିଟର କିରୋସିନ ବଣ୍ଟାଯାଇଥିବା ଜିଲାପାଳ କହିଛନ୍ତି। ବାତ୍ୟାରେ ଜିଲାରେ ୨୧ ଗୃହପାଳିତ ପ୍ରାଣୀଙ୍କ ମୃତ୍ୟୁ ହୋଇଛି।



ଖବରଦାତା ସମ୍ମିଳନୀରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଉଛନ୍ତି।

### ଫନୀ ପ୍ରଭାବ

ବାତ୍ୟା ପୂର୍ବରୁ ୫୩୯ ଗର୍ଭବତୀଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୫୩ ଜଣ ପ୍ରସବ କରିଛନ୍ତି। ପରେ ୩୭୬ ଗର୍ଭବତୀଙ୍କୁ ସେମାନଙ୍କ ଘରକୁ ସୁରକ୍ଷିତ ଭାବେ ପଠାଯାଇଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଫନୀରେ ଜିଲାର ୧୦୨୫ କଚ୍ଚା ଘର ଭାଙ୍ଗିଛି । ସେଥିମଧ୍ୟରେ ୩ଟି ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ପାତ୍ରପୁର ବ୍ଲକର ୨ ଟି ରାସ୍ତା କ୍ଷତି ହୋଇଛି। ବର୍ତ୍ତମାନ ସୁଦ୍ଧା ଖଲ୍ଲିକୋଟ ଓ ଅନ୍ୟ କେତେକ ସ୍ଥାନରେ ବିଦ୍ୟୁତ ସେବା ସ୍ୱାଭାବିକ ହୋଇପାରି ନ ଥିବା ସୂଚନା ଦିଆଯାଇଛି। ବାତ୍ୟା ବିପତ୍ତି ବେଳେ ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ, ପୋଲିସ ଏବଂ ଗଣମାଧ୍ୟମ ସହଯୋଗ କରିଥିବାରୁ ଜିଲାପାଳ ସାଧୁବାଦ ଜଣାଇଛନ୍ତି। ଖବରଦାତା ସମ୍ମିଳନୀରେ ଗଞ୍ଜାମ ଏସପି ବ୍ରିଜେଶ କୁମାର ରଏ, ଡିଆରଡିଏ ପିଡି ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ବ୍ରହ୍ମପୁର ମହାନଗର ନିଗମର କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର, ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଓ ଲକ୍ଷ୍ମୀକାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ରିଲିଫ୍ ରନ୍ଧାଖାଦ୍ୟକୁ ନେଇ ଉତ୍ତେଜନା

ଆସିକା,୪।୫(ଡି.ଏନ୍.ଏ.)

ଆସିକା ଏନ୍‌ଏସି ୧୮ ନଂ. ୱାର୍ଡ ପାକଲାପଲ୍ଲୀ ଗ୍ରାମରେ ଶୁକ୍ରବାର ଅପରାହ୍ନରେ ଏନ୍‌ଏସି ପକ୍ଷରୁ ରିଲିଫ୍ ରନ୍ଧା ଖାଦ୍ୟ ଯୋଗାଣକୁ ନେଇ ଅସନ୍ତୋଷ ଦେଖାଦେଇଥିଲା। ପୋଲିସ ଉପସ୍ଥିତିରେ ଏହାର ସମାଧାନ ହୋଇଥିବା ବେଳେ ଶତାଧିକ ଗ୍ରାମବାସୀ ଆସିକା ଥାନାରେ ପହଞ୍ଚି ସମ୍ପୃକ୍ତ କର୍ମଚାରୀଙ୍କ ଅଶିଷ୍ଟ ବ୍ୟବହାର ସମ୍ପର୍କରେ ଅଭିଯୋଗ କରିଥିଲେ। ଅପରାହ୍ନରେ ଏହି ରନ୍ଧା ଖାଦ୍ୟକୁ ନେଇ ଏନ୍‌ଏସି କର୍ମଚାରୀମାନେ ସମ୍ପୃକ୍ତ ବିଦ୍ୟାଳୟରେ ପହଞ୍ଚିଥିଲେ। ଆଶ୍ରୟସ୍ଥଳୀରେ ଥିବା ଜନସାଧାରଣ ନିଜ ଘରକୁ ଫେରିଯାଇଥିବାରୁ ରନ୍ଧା ଖାଦ୍ୟ ସମ୍ପୃକ୍ତ ବସ୍ତିରେ ବାଣ୍ଟିବା ପାଇଁ ଗ୍ରାମର କେତେଜଣ ବ୍ୟକ୍ତି ପରାମର୍ଶ ଦେଇଥିଲେ। ତେବେ ଦାୟିତ୍ୱରେ ଯାଇଥିବା କର୍ମଚାରୀମାନେ ଗ୍ରାମବାସୀଙ୍କୁ ଅସୌଜନ୍ୟ ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ଉତ୍ତେଜନା ସୃଷ୍ଟି ହୋଇଥିଲା। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏ ନେଇ ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନଙ୍କୁ ପଚାରିବାରୁ ରିଲିଫ୍ ରନ୍ଧା ଖାଦ୍ୟ ବିପନ୍ନଙ୍କୁ ସମ୍ପୃକ୍ତ ବସ୍ତିକୁ ନେଇ ବାଣ୍ଟିବା ଲାଗି ଗ୍ରାମବାସୀ ଦାବି କରିଥିବା ବେଳେ କେନ୍ଦ୍ରରେ ହିଁ ରନ୍ଧା ଖାଦ୍ୟ ଦେବା ପାଇଁ କର୍ମଚାରୀଙ୍କ ଜିଦ୍‌କୁ ନେଇ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କହିଛନ୍ତି। ତେବେ ଘଟଣା ସମ୍ପର୍କରେ କୌଣସି ପକ୍ଷ ପୋଲିସରେ ଲିଖିତ ଅଭିଯୋଗ କରି ନ ଥିବା ଜଣାପଡ଼ିଛି।

## ନିର୍ବାଚନ ପରବର୍ତ୍ତୀ ହିଂସା, ୩ ଗୁରୁତର

ପାତ୍ରପୁର,୪।୫(ଡି.ଏନ୍.ଏ.)

ଜରଡ଼ା ଥାନା ମକୁନ୍ଦପୁର ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ପୁଣି ରାଜନୈତିକ ହିଂସା ଘଟିଛି। ଗ୍ରାମର ୨ ରାଜନୈତିକ ଦଳ ମଧ୍ୟରେ ଗଣ୍ଡଗୋଳ ହେବାରୁ ଭାଜପାର ୩ କର୍ମୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ କେ. ମିଟା, କେ. କ୍ରିଷ୍ଣା ଓ କେ. ଲବ । ଏମାନଙ୍କୁ ପ୍ରଥମେ ପାତ୍ରପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମିଟାଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।




**INSTITUTE OF RAIL TRANSPORT**

Room No.104, North Central Railway Project Unit, Shivaji Bridge, Behind Shankar Market, Near I.R.W.O. Office, New Delhi - 110001.
Ph. Nos.: 01123416832/23416833
E-mail: irtindia3@gmail.com,
Website: www.irt-india.com, www.irt.indianrailways.gov.in

Apply Online Also

The Institute of Rail Transport (IRT) has extended the date **28 June 2019,** for receipt of application for **Transport Economics & Management** and also invites fresh application for **Multi-Modal Transport (Containerisation) & Logistic Management, Rail Transport & Management** diploma courses by correspondence.

1. TRANSPORT ECONOMICS & MANAGEMENT
2. MULTI-MODAL TRANSPORT (CONTAINERISATION) & LOGISTICS MANAGEMENT
3. RAIL TRANSPORT & MANAGEMENT

**Each Course Fee: ₹ 7,000/- (Including Study Material & Contact Classes).**

**ELIGIBILITY :** Graduate or Three Years Diploma in any Discipline from any recognized University/Institute/State Govt. with relaxation to Central/State Govt. employees/Armed Service Personnel (Serving & Retired), these candidates should have completed Sr. Sec. School with three year working experience.

**EXAMINATION CENTRES:** Delhi, Mumbai, Kolkata, Chennai, Secunderabad, Lucknow, Guwahati and Bhubaneswar. (Subject to sufficient number of students appearing in any centre). Refer prospectus for details, on **payment of ₹ 200/-** including postal charges by Demand Draft in favour of **Institute of Rail Transport,** payable at **New Delhi.** Write full name and address in capital on the reverse of the draft and the name of the course.

Prospectus also available by cash payment of ₹150/- at the following counters & apart from above counter also:

**1. IRT Library and Study Centre, Dy. C. Engg./Bridge Line Office, Near Tilak Bridge Railway Station and Railway Police Post, Mahawat Khan Road, New Delhi-110002, Ph. : 011-23214362**

**2. IRT office C/o General Manager Office, Rail Sadan, South Block, Chandrashekharpur, Bhubaneswar, Odisha-17**

Prospectus and admission is also available on online at **www.irt.indianrailways.gov.in.** The course fee for online Admission is **₹ 6500/-.** The last date 28 June, 2019 for receipt of Application is **the Institute will remain closed on Saturdays, Sundays & Gazetted Holidays.**

**The Institute has applied for Affiliation with National Rail & Transportation Institute (NRTI), Deemed to be University.**

## ଫନୀରେ ୩ ଶିଶୁ ଜନ୍ମ



**ଛତ୍ରପୁର,୪।୫(ଡି.ଏନ୍.ଏ.):** 'ଫନୀ' ବାତ୍ୟା ପ୍ରଭାବରେ ବର୍ଷା ଓ ପବନ ଚାଲିଥିବାବେଳେ ଶୁକ୍ରବାର ଛତ୍ରପୁର ହସ୍‌ପିଟାଲରେ ୩ ଜଣ ଶିଶୁ ଜନ୍ମ ନେଇଛନ୍ତି। କତୁରୁ ଗାଁର ପି. ନାଇଡୁଙ୍କ ସ୍ତ୍ରୀ ପି. ପୂର୍ଣ୍ଣିମା ସକାଳ ୬ଟା ୫୫ରେ ଏକ ଶିଶୁକନ୍ୟା ଜନ୍ମ ନେଇଥିଲେ। ଗୁରୁବାର ସେ ମେଡିକାଲକୁ ଆସିଥିଲେ। ସେହିପରି ତୁଡକପଲ୍ଲୀ ଗାଁର ଅରୁଣ ଦାସଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳୀ ମଧ୍ୟାହ୍ନ ୧୨ଟା ୫୫ରେ ଏକ ଶିଶୁକନ୍ୟା ଜନ୍ମ ଦେଇଛନ୍ତି। ସେ ଗତ ୩୦ ତାରିଖ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଲଣ୍ଡା ବାଉଁଶ ଗାଁର ମନୋରଞ୍ଜନ ସାହୁଙ୍କ ସ୍ତ୍ରୀ କୁମତୀ ଶୁକ୍ରବାର ୧ଟା ୪୮ମିନିଟ୍‌ରେ ଶିଶୁକନ୍ୟା ଜନ୍ମ ଦେଇଛନ୍ତି। ଗର୍ଭବତୀଙ୍କୁ ପ୍ରଶାସନ ପକ୍ଷରୁ ବାତ୍ୟା ପୂର୍ବରୁ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା।

## ନଦୀରେ ବୁଡ଼ି ଜଣେ ମୃତ

ହିଞ୍ଜିଳିକାଟୁ,୪।୫(ଡି.ଏନ୍.ଏ.)

ହିଞ୍ଜିଳି ଥାନା କାଞ୍ଚିଆମା ଗ୍ରାମ ଋଷିକୁଲ୍ୟା ନଦୀରେ ବୁଡ଼ି ଶନିବାର ଅପରାହ୍ନରେ କାଞ୍ଚିଆମାର ଗୋପୀନାଥ ଜେନା(୫୫)ଙ୍କର ମୃତ୍ୟୁ ଘଟିଛି। ଏ ନେଇ ନଂ.୧୦/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ସହ ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଥିବା ଥାନା ଭାରପ୍ରାପ୍ତ ଅଧିକାରୀ ଅଭିମନ୍ୟୁ ଦାସ କହିଛନ୍ତି। ଗୋପୀନାଥ ଗାଧୋଇବା ପାଇଁ ନିକଟସ୍ଥ ଋଷିକୁଲ୍ୟା ନଦୀକୁ ଯାଇ ବୁଡିଯାଇଥିଲେ।

## ପୁନଃ କାର୍ଯ୍ୟାରମ୍ଭ କଲା ଗୋପାଳପୁର ବନ୍ଦର

ବ୍ରହ୍ମପୁର ଅଫିସ୍,୪।୫

ସାମୁଦ୍ରିକ ଝଡ଼ 'ଫନୀ' ପାଇଁ ଗୋପାଳପୁର ବନ୍ଦରକୁ ବନ୍ଦ କରାଯାଇଥିଲା । ଶୁକ୍ରବାର ଫନୀ ଗୋପାଳପୁର ଦେଇ ପୁରୀ ଆଡ଼କୁ ଚାଲିଯାଇଥିଲା । ତେବେ ଏହି ବାତ୍ୟାରେ ବନ୍ଦରର କୌଣସି କ୍ଷତି ହୋଇନି। ତଥାପି ସୁରକ୍ଷା ଦୃଷ୍ଟିରୁ ବନ୍ଦ କରାଯାଇଥିଲା। ପୁଣିଥରେ ବନ୍ଦରରେ କାର୍ଯ୍ୟାରମ୍ଭ ହୋଇଯାଇଛି। ବ୍ୟବସାୟିକ କାର୍ଯ୍ୟ ପୂର୍ବଭଳି ଶନିବାର ଅପରାହ୍ନରୁ ଆରମ୍ଭ ହୋଇଛି ବୋଲି ବନ୍ଦରର ସହକାରୀ ଉପସଭାପତି (କର୍ପୋରେଟ୍ ଆଫାୟାର୍ସ ଆଣ୍ଡ କମ୍ୟୁନିକେଶନ୍) ଜଗଦୀଶ ଚନ୍ଦ୍ର ରାଉତ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି ।

## ବିଏସ୍‌ଏନ୍‌ଏଲ୍ ସେବା ଅଚଳ

ଭଞ୍ଜନଗର,୪।୫(ଡି.ଏନ୍.ଏ.)

ସାମୁଦ୍ରିକ ଝଡ 'ଫନୀ'ର ପ୍ରଭାବ ଭଞ୍ଜନଗର ଅଞ୍ଚଳରେ ସେଭଳି ପରିଲକ୍ଷିତ ହୋଇନାହିଁ। ମାତ୍ର ବାତ୍ୟା ଚାଲିଗଲା ପରେ ବିଏସ୍‌ଏନ୍‌ଏଲ୍ ମୋବାଇଲ ଓ ଇଣ୍ଟରନେଟ୍ ସେବା ବନ୍ଦ ହୋଇଯାଇଛି। ଫନୀ ଯିବାର ୨ଦିନ ବିତିବାକୁ ବସିଥିଲେ ମଧ ସେବାରେ ସୁଧାର ଆସିନାହିଁ। ମାତ୍ର ଅନ୍ୟ ପ୍ରମୁଖ ମୋବାଇଲ କମ୍ପାନୀର ସେବା ଉପଲବ୍ଧ ଅଛି। ସରକାରୀ ସଂସ୍ଥା ବିଏସ୍‌ଏନ୍‌ଏଲ୍‌ର ଏପରି ଅବ୍ୟବସ୍ଥା ନେଇ ଗ୍ରାହକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି।

## ଜ୍ୱରରେ ୨ ଜଣଙ୍କ ଜୀବନ ଗଲା

ପାତ୍ରପୁର,୪।୫(ଡି.ଏନ୍.ଏ.)

ପାତ୍ରପୁର ବ୍ଲକରେ ବାତ୍ୟା ସମୟରେ ଜ୍ୱରରେ ପୀଡ଼ିତ ୨ ଜଣଙ୍କ ଚିକିତ୍ସା ଅଭାବରୁ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ବୁରାତାଲ ପଞ୍ଚାୟତ ବଡ଼ ଅଞ୍ଜୁପା ଗ୍ରାମର ବାବୁଲା ବଡ଼ମୁଣ୍ଡିଙ୍କ ୫ ବର୍ଷୀୟା ଝିଅ ମହେଶ୍ୱରୀ ଓ ତୁମ୍ବା ପଞ୍ଚାୟତ ତାବୁଡ଼ିଆ ଗ୍ରାମର ପବିତ୍ର ଭୂୟାଁ (୩୮)ଙ୍କ ଜ୍ୱରରେ ମୃତ୍ୟୁ ଘଟିଛି। ମହେଶ୍ୱରୀ ତାଙ୍କ ଜେଜେବାପା ଓ ଜେଜେ ମା'ଙ୍କ ସହିତ ବୁରାତାଲ ଆଦିବାସୀ ବିଦ୍ୟାପୀଠ ଆଶ୍ରୟସ୍ଥଳରେ ଥିଲେ। ଗୁରୁବାର ସେ ଜ୍ୱରରେ ଚେତାଶୂନ୍ୟ ହୋଇ ପଡ଼ିଥିଲେ ମଧ ଡାକ୍ତରଖାନା ନିଆଯାଇ ନ ଥିଲା। ଶୁକ୍ରବାର ତାଙ୍କୁ ପ୍ରଥମେ ତୁମ୍ବା ଓ ପରେ ବ୍ରହ୍ମପୁର ମେଡ଼ିକାଲ ନେବାବେଳେ ମୃତ୍ୟୁ ଘଟିଛି। ସେହିପରି ଆଶ୍ରୟସ୍ଥଳକୁ ନ ଯାଇ ପାହାଡ଼ ଉପରେ ନିଜ ଘରେ ଥିବା ପବିତ୍ରଙ୍କ ଜ୍ୱରରେ ମୃତ୍ୟୁ ଘଟିଛି।



# ଅଣଜାତି ରାଜନୀତି



ଆକାର ପଟେଲ

ସାଧାରଣତଃ ଉତ୍ତରପ୍ରଦେଶକୁ ଅନ୍ୟ ରାଜ୍ୟର ଅଧିବାସୀମାନେ ଭଲଦୃଷ୍ଟିରେ ଦେଖନ୍ତି ନାହିଁ, ଯାହା ଠିକ୍ ନୁହେଁ। ଦେଶର ଅନେକ ସ୍ଥାନରେ ବସବାସ କରୁଥିବା ଉତ୍ତରପ୍ରଦେଶର ମୂଳ ଅଧିବାସୀମାନଙ୍କୁ ସ୍ଥାନୀୟ ରାଜନୀତି ଦ୍ୱାରା ହଇରାଣ ହରକତ କରାଯାଏ। ମହାରାଷ୍ଟ୍ର ଓ ଗୁଜରାଟ ଭଳି ରାଜ୍ୟରେ ଉତ୍ତରପ୍ରଦେଶରୁ ଆସି କାମକରୁଥିବା ଲୋକମାନେ କଠିନ ପରିଶ୍ରମ କରି ସେସବୁ ରାଜ୍ୟର ଅର୍ଥନୀତିକୁ ସମୃଦ୍ଧ କରୁଥିଲେ ମଧ୍ୟ ସେମାନଙ୍କ ପ୍ରତି ଦୁର୍ବ୍ୟବହାର କରାଯାଏ। କିଛିବର୍ଷ ତଳେ ଏକ ନ୍ୟୁଜ୍ ଚ୍ୟାନେଲର ଟେଲିଭିଜନ ଶୋ'ରେ ଏହା ପ୍ରତିଫଳିତ ହୋଇଥିଲା। ଏଥିରେ ଏକ ପ୍ରଶ୍ନ ପଚରାଯାଇଥିଲା– କେଉଁ ରାଜ୍ୟକୁ ଭାରତୀୟମାନେ ବେଶି ପସନ୍ଦ କରନ୍ତି? ବିଶେଷଜ୍ଞମାନେ ଗୋଆ ଓ କେରଳକୁ ଶ୍ରେଷ୍ଠ ରାଜ୍ୟ ଭାବେ ନେଲେ, କେବଳ ରାଜୀବ ଶୁକ୍ଲା କହିଲେ ଉତ୍ତରପ୍ରଦେଶ ହେଉଛି ଅଧିକାଂଶ ଭାରତୀୟଙ୍କ ପସନ୍ଦର ରାଜ୍ୟ। କିନ୍ତୁ ଅନ୍ୟମାନେ ଅନେକ ସହରୀ ଭାରତୀୟଙ୍କ ପରି ସମ୍ଭବତଃ ଏହାକୁ ଏକ ରୋଗଣା ରାଜ୍ୟ ବୋଲି ଭାବୁଥିଲେ। ତେବେ ଚଳିତ ନିର୍ବାଚନରେ ଉତ୍ତରପ୍ରଦେଶ ନିଶ୍ଚିତ ଭାବେ ସମସ୍ତଙ୍କର ଆକର୍ଷଣର କେନ୍ଦ୍ର ହୋଇଛି।

ଏହା ସ୍ପଷ୍ଟ ଯେ ନରେନ୍ଦ୍ର ମୋଦି ପୁଣିଥରେ ପ୍ରଧାନମନ୍ତ୍ରୀ ହେବେ କି ନା ତାହା ଉତ୍ତରପ୍ରଦେଶ ହିଁ ସ୍ଥିର କରିବ। ଏହାର ଏମ୍‌ପି ସିଟ୍ ସଂଖ୍ୟା ୮୦ ଏବଂ ୨୦୧୪ ନିର୍ବାଚନରେ ଏଥିରୁ ଭାଜପା ୭୧ଟି ଆସନ ଜିତିଥିଲା। ଯଦି ଭାଜପା ପୁଣିଥରେ ଏଠାରେ ଜିତେ, ତା'ହେଲେ ଜାତିକୁ ନେଇ ଚାଲୁଥିବା ବିବାଦୀୟ ରାଜନୀତିବିଜ୍ଞାନ ତତ୍ତ୍ୱ ଓଲଟିଯିବ। କଥା ହେଉଛି ରାଜନୈତିକ ଦଳଗୁଡ଼ିକର ପ୍ରାଥମିକ ଜାତି–ଭିତ୍ତି ରହିଛି, ଯେମିତି ଗୁଜରାଟରେ ଭାଜପାର ମୁଖ୍ୟତଃ ପଟେଲ, ସମାଜବାଦୀ ପାର୍ଟି ଓ ଜେଡିଏସ୍‌ର ଯାଦବ ଇତ୍ୟାଦି। ଦଳ ସେମାନଙ୍କୁ ନିର୍ବାଚନ ଲଢ଼ିବା ପାଇଁ ଟିକେଟ୍ ଦିଏ, ଜିତିଲେ ମନ୍ତ୍ରୀ କରେ ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ଦିଏ। ତେଣୁ ସେମାନେ ଦଳର ବଶମ୍ୱଦ ହୋଇ ରହନ୍ତି। କ୍ଷମତାକୁ ଆସିଗଲା ପରେ ସେହି ଜାତିର ଲୋକମାନଙ୍କୁ ରାଜନୈତିକ ପୃଷ୍ଠପୋଷକତା ଯଥା ସରକାରୀ ଚାକିରି, ସଂରକ୍ଷଣ ସୁବିଧା ଆଦି ମଧ୍ୟ ମିଳେ। ଏହି ଜାତିଭିତ୍ତିକ ଦଳଗୁଡ଼ିକ ଯେତେବେଳେ ଅନ୍ୟ ଦଳ ସହ ମେଣ୍ଟ କରନ୍ତି, ସେମାନଙ୍କ ଭାଗର ଭୋଟ ମଧ୍ୟ ସହଯୋଗୀ ଦଳକୁ ଦେଇପାରନ୍ତି। ତେଣୁ ଏପରି ମେଣ୍ଟ ରାଜନୈତିକ ଦୃଷ୍ଟିରୁ ଲାଭଦାୟକ ହୋଇଥାଏ। ଭାଜପା ଚାହୁଁଛି ଉତ୍ତରଭାରତୀୟ ରାଜ୍ୟଗୁଡ଼ିକରେ ଏହି ଧାରାକୁ ବଦଳାଇଦେବା ପାଇଁ।

ଗୋଟିଏ ଦଳ ଏକ ରାଜ୍ୟରେ ଏକାକୀ ୫୦% ପାଖାପାଖି ଭୋଟ ପାଇବା ନିଶ୍ଚୟ ଆଶ୍ଚର୍ଯ୍ୟଜନକ। ତା'ର ମାନେ ଏହି ଦଳର ରାଜନୈତିକ ପୃଷ୍ଠପୋଷକତା ବିଭିନ୍ନ ଜାତି ଓ ଗୋଷ୍ଠୀରେ ବାଣ୍ଟି ହୋଇଯିବ ଏବଂ କୌଣସି ନିର୍ଦ୍ଦିଷ୍ଟ ଜାତି ମାତ୍ରାଧିକ ପୃଷ୍ଠପୋଷକତା ପାଇବ ନାହିଁ। କିନ୍ତୁ ଭାଜପା ଗୁଜରାଟରେ ୫୦% ଭୋଟ ପାଇଛି ଏବଂ ଦେଶର ବୃହତ୍ତମ ରାଜ୍ୟରେ ମଧ୍ୟ ତାକୁ ଛୁଇଁବାକୁ ଚେଷ୍ଟା କରିଛି। ଆପଣ ଯୁକ୍ତି କରିପାରନ୍ତି ଯେ, ଏହା ସେହି ଦଳ ପକ୍ଷେ ସମ୍ଭବ ଯିଏ ବିରୋଧୀ ଦଳଠାରୁ ଲୋକଙ୍କୁ ଅଧିକ ସୁବିଧା ସୁଯୋଗ ଦେଇପାରୁଥିବ। ତାହା ହୋଇପାରେ କିନ୍ତୁ ଭାରତ ପରି ଏକ ଗରିବ ଓ ବେକାରିଭରା ଦେଶରେ ଏହା ଅତ୍ୟନ୍ତ କଷ୍ଟକର। ପଡ଼ୋଶୀ ଦେଶରେ ସାମରିକ କାର୍ଯ୍ୟାନୁଷ୍ଠାନକୁ ନେଇ ମଧ୍ୟବିତ୍ତ ବର୍ଗର ଲୋକମାନେ ଏକ ସରକାରକୁ ବାଛିପାରନ୍ତି। କିନ୍ତୁ ଆମ ପରି ଅଧିକାଂଶ ଲୋକଙ୍କ ପାଇଁ ଆମର ଦୈନନ୍ଦିନ ଜୀବନକୁ ପ୍ରଭାବିତ କରୁଥିବା ସରକାରଙ୍କ ବାସ୍ତବ ସେବା ହିଁ ଗୁରୁତ୍ୱ ରଖେ। ସତକଥା ହେଲା କୌଣସି ବି ସରକାର ସମସ୍ତଙ୍କ ଦୈନନ୍ଦିନ ଜୀବନରେ ବିଶେଷ କିଛି ପରିବର୍ତ୍ତନ ଆଣିପାରିବେ ନାହିଁ। ତେଣୁ ରାଜନୈତିକ ପୃଷ୍ଠପୋଷକତା ଦ୍ୱାରା ଗୋଷ୍ଠୀସ୍ୱାର୍ଥ ସୁରକ୍ଷିତ ରଖିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।

୨୦୧୪ ନିର୍ବାଚନରେ ଭାଜପା ଉତ୍ତରପ୍ରଦେଶରେ ୪୨% ଭୋଟ ପାଇଥିଲା। ତିନିବର୍ଷ ପରେ ୨୦୧୭ ବିଧାନସଭା ନିର୍ବାଚନରେ ଏହା ଏଠାରେ ୪୧% ଭୋଟ ପାଇଥିଲା। ଉତ୍ତରପ୍ରଦେଶରେ ଜିତିବା ପାଇଁ ଆଗରୁ କେବେ ଏତେ ଅଧିକ ପ୍ରତିଶତ ଭୋଟ ଆବଶ୍ୟକ ପଡ଼ିନାହିଁ। ୨୦୧୨ରେ ୨୯% ଭୋଟ ପାଇ ସମାଜବାଦୀ ପାର୍ଟି ପୂର୍ଣ୍ଣସଂଖ୍ୟାଗରିଷ୍ଠତା ସହ ଜିତିଥିଲା। ମୋଦିଙ୍କ ଜାତି–ବିହୀନ ମେଣ୍ଟ ସମ୍ଭବତଃ ଖେଳ ଓଲଟାଇଦେଇଛି। ୨୦୧୪ରେ ମାୟାବତୀ ୨୦% ଭୋଟ ପାଇ ଗୋଟିଏ ବି ଆସନ ଜିତି ନ ଥିଲେ। ସମାଜବାଦୀ ପାର୍ଟି ୨୨% ଭୋଟ ପାଇଁ ମାତ୍ର ୫ଟି ଆସନ ଜିତିଥିଲା। ଏଥର ଯଦି ମେଣ୍ଟଭୁକ୍ତ ଉଭୟ ଦଳର ସବୁ ଭୋଟ ପରସ୍ପର ଆଡ଼କୁ ଯାଏ, ତଥାପି ସେମାନେ ଭାଜପାର ସମକକ୍ଷ ହେବେ ନାହିଁ। ଏ ପରିସ୍ଥିତିରେ ଉକ୍ତ ରାଜ୍ୟରେ ୨୦୧୯ର ଏହି ନିର୍ବାଚନ ହେଉଛି ପୁରୁଣା ଜାତିଭିତ୍ତିକ ରାଜନୀତି ଓ ଏକ ନୂଆ ପଦ୍ଧତି (ଯାହା ଆମେ ଏପର୍ଯ୍ୟନ୍ତ ଠିକ୍‌ଭାବେ ବୁଝିପାରି ନାହୁଁ) ମଧ୍ୟରେ ଏକ ମ୍ୟାଚ୍। ୨୦୧୭ ବିଧାନସଭା ନିର୍ବାଚନରେ ଏସ୍‌ପି ଜିତିଥିଲା ୨୮% ଓ ବିଏସ୍‌ପି ୨୨%। ଏଥର ଆସନ ବୁଝାମଣା ଯୋଗୁ ସେମାନେ ଏକକ ଭାବେ କିଛି ହରାଇପାରନ୍ତି ଏବଂ ଏ ଲଢ଼େଇ ଅତ୍ୟନ୍ତ ଉତ୍ସାହଜନକ ହେବାର ଦେଖାଯାଉଛି। କଂଗ୍ରେସ ଏକଦା ଜାତିରୁ ଉର୍ଦ୍ଧ୍ୱରେ ଥିଲା। ଏହା ଦଳିତ, ମୁସଲମାନ ଓ ଆଦିବାସୀଙ୍କ ପ୍ରତିନିଧିତ୍ୱ କରୁଛି ବୋଲି ଦାବି କଲେ ମଧ୍ୟ ଏହା ଏକ ଜାତିଭିତ୍ତିକ ଦଳ ନ ଥିଲା। ଭାଜପା ଏବେ ଜାତିଗତ ଭେଦଭାବରୁ ଉର୍ଦ୍ଧ୍ୱରେ ଥିବା ଏକ ଦଳ ଭାବେ ପରିଚୟ ସୃଷ୍ଟି କରୁଛି, ଯଦିଚ ଏହା କେବଳ ହିନ୍ଦୁ ଭୋଟ ଉପରେ ନିର୍ଭର କରୁଛି।

Email: aakar.patel@gmail.com

# ସଡ଼କର ସନ୍ତାନ



ଚିତ୍ର ଚରିତ୍ର

ନିରଞ୍ଜନ ପାଢ଼ୀ

ବୈଶାଖ ମାସର ମଧ୍ୟାହ୍ନ। ମୁଣ୍ଡ ଉପରେ ଦାଉ ଦାଉ ଜଳୁଥିବା ତାତିଲା ସୂର୍ଯ୍ୟ ଓ ପାଦ ତଳେ ଉତ୍ତପ୍ତ ବସୁଧା। ରାଜଧାନୀର ଏକ ସମ୍ଭ୍ରାନ୍ତ ଅଞ୍ଚଳର ରାଜରାସ୍ତାରେ ନିଶୂନ ନୀରବତା। ସତେଯେମିତି କେଉଁ ଏକ ଭୟଙ୍କର ରାକ୍ଷସର ସମ୍ଭାବ୍ୟ ଉତ୍ପୀଡନରେ ଆତଙ୍କିତ ହୋଇ ନାଗରିକବୃନ୍ଦ କିଏ କେଉଁଠି ଆତ୍ମଗୋପନ କରିଛନ୍ତି। ଅଥଚ ସେଇ ରାକ୍ଷସର ସମ୍ଭାବ୍ୟ ଉପସ୍ଥିତିକୁ ଗୋଟିଏ ଫୁତ୍କାରରେ ଉଡାଇଦେଇ ପତିପତ୍ନୀ ଦୁହେଁ ରାସ୍ତାକଡରେ ଖୋଳି ଚାଲିଛନ୍ତି ଜନସ୍ୱାସ୍ଥ୍ୟ ବିଭାଗର ଏକ ଜଳବାହୀ ପାଇପ ଲାଇନକୁ, ଆବଶ୍ୟକ ମରାମତି ପାଇଁ। ପ୍ରଚଣ୍ଡ ରୌଦ୍ରତାପ ମଧ୍ୟରେ ବିନା ଜଳ ଯୋଗାଣରେ ରୁଦ୍ର ରୂପ ଧାରଣ କରୁଥିବା ବଡବାବୁମାନଙ୍କୁ ଜଳକଷ୍ଟରୁ ଉଦ୍ଧାର କରିବା ପାଇଁ।

ଦିନ ମଜୁରିଆ ଦମ୍ପତିଙ୍କଠୁ ଅନତିଦୂରରେ ଗୋଟିଏ ପତ୍ରଝଡା ଗଛର ହାଲୁକା ଛାଇରେ ହାତଗୋଡ ହଲାଇ ଆକାଶକୁ ଚାହିଁ ପରମ ଆନନ୍ଦରେ ଖେଳୁଥିଲା ବର୍ଷକରୁ କମ୍ ବୟସର କଅଁଳ ଶିଶୁଟିଏ। ପାଖରେ ତା'ର ତିନିବର୍ଷରୁ ସାମାନ୍ୟ ଅଧିକ ବୟସର ଅଗ୍ରଜ ଯିଏ ତା'ଜୀବନର ପ୍ରଥମ ଅଭିଭାବକତ୍ୱ ଜାହିର କରୁଛି ସାନଭାଇ ଉପରେ ମା'ବାପାଙ୍କ ଅବର୍ତ୍ତମାନରେ। ନିଜ ଶୀର୍ଣ୍ଣ ଶୈଶବର ଜୀର୍ଣ୍ଣ ଅବସ୍ଥା ସତ୍ତ୍ୱେ ଦୁଇଭାଇଙ୍କ ମୁହଁ ଦୁଇଟିରେ ଫୁଟି ଉଠୁଥିଲା ପରିତୃପ୍ତିର ହାସ୍ୟରେଖା। ତାଙ୍କ ବୟସର ଥିଲାବାଲା ଘରର ଅନ୍ୟ ଶିଶୁମାନେ ଯେତେବେଳେ ବିଦ୍ୟୁତ୍ ପଙ୍ଖା, ଏୟାର କୁଲର ବା ଏୟାର କଣ୍ଡିଶନରର ଶୀତଳ ବାୟୁ ସେବନ କରି ଘରର ନିରାପଦ ବଳୟ ଭିତରେ ସୁରକ୍ଷିତ, ସେତେବେଳେ ଆକାଶର ଅଗ୍ନିବର୍ଷା ତଳେ ଦୁହେଁ ଯେମିତି ଉପଭୋଗ କରୁଥିଲେ ନିଜ ନିଜର ସ୍ୱପ୍ନମୟ ଶୈଶବ!

ସେ ଅଂଶୁର ଅସୁର, ଆତପର ଆତଙ୍କ, ଯାହାର ଉଦଣ୍ଡ ଉତ୍ପାତରେ ପ୍ରତିବର୍ଷ ଆମ ରାଜ୍ୟରେ ଅକାଳରେ ଟଳିପଡୁଛନ୍ତି କିଛି କିଛି ଲୋକ। ଏଥର ବି ସେ ଆସିଛି ଅଧିକ ତେଜ ଓ ପରାକ୍ରମ ନେଇ। ସାରା ଓଡିଶାକୁ ଜାଳିଦେବା ପାଇଁ ଯେମିତି ପଣ କରିଛି। ଆଦ୍ୟ ବିଷୁବର ଆରମ୍ଭରୁ ଆସ୍ତେ ଆସ୍ତେ ଅଗ୍ନିଗର୍ଭା ହୋଇ ନିଆଁ ଝାଡୁଥିବା ସୂର୍ଯ୍ୟଙ୍କୁ ଆକାଶର ଛାତ ତଳେ ଆତଯାତ ହେଉଥିବା ଅସହାୟ ମଣିଷ କେମିତି ବା ସାମ୍ନା କରନ୍ତା! ପ୍ରକୃତିର ତାଣ୍ଡବ ଆଗରେ ତା'ର ସକଳ ବିଦ୍ୟା, ବିଦ୍‌ବତ୍ତା ଓ ବୌଦ୍ଧିକତା ତ ସବୁବେଳେ ପରାଜିତ। ସତତ ପରାହତ ତା'ର ସକଳ ଜ୍ଞାନ ଓ ବିଜ୍ଞାନ। ତଥାପି ଅଂଶୁଘାତ ସମ୍ପର୍କରେ ସତର୍କ ସୂଚନାର ବ୍ୟାପକ ପ୍ରଚାର କରାଯାଉଛି। ବାରମ୍ବାର ପ୍ରତିଧ୍ୱନିତ ହେଉଛି ଟିଭି, ରେଡିଓ ଓ ଖବରକାଗଜ ଆଦି ବିସ୍ତୃତ ଗଣମାଧ୍ୟମରେ। ବଡ ବଡ ଅକ୍ଷରରେ ପ୍ରକାଶ ପାଉଛି– ଦିନ ଦଶଟା ପରେ ଘରୁ ପଦାକୁ ବାହାର ନାହିଁ। ଯଦି ବାହାରିବା ନିତାନ୍ତ ଲୋଡା, ତେବେ ମୁଣ୍ଡରେ ଧଳା ପଗଡି, ଆଖିରେ କଳା ଚଷମା, ପାଦରେ ଜୋତା, ଦେହରେ ହାଲୁକା ପୋଷାକ ଓ କାନ୍ଧରେ ପାଣି ମୁଣି ଧରି ବାହାର। କଠିନ କାମ କରନାହିଁ। ଶିଶୁ ଓ ବୃଦ୍ଧମାନଙ୍କ ପ୍ରତି ଅଧିକ ସତର୍କ ହୁଅ।

ଯେଉଁମାନେ ଟିଭି ଦେଖନ୍ତି ବା ଖବରକାଗଜ ପଢନ୍ତି, ସେମାନଙ୍କ ଉପରେ ଏ ସତର୍କ ସୂଚନାର ପ୍ରଭାବକୁ କେହି କେବେ ଅସ୍ୱୀକାର କରିପାରିବେ ନାହିଁ। ନାଗରିକର ଜୀବନ ପ୍ରତି ନିଜର ଦାୟିତ୍ୱ ଓ ଦରଦ ପ୍ରକଟ କରୁଥିବା ରାଷ୍ଟ୍ର ଓ ପ୍ରଶାସନ ପ୍ରତି ସେମାନେ କୃତଜ୍ଞ ହୋଇ ପଡନ୍ତି। ଦୈନନ୍ଦିନ ଜୀବନଚର୍ଯ୍ୟାରେ ସତର୍କତା ଅବଲମ୍ବନ କରି ସେମାନେ ଅଂଶୁଘାତର ଆତଙ୍କଠାରୁ ଏକ ନିରାପଦ ଦୂରତ୍ୱକୁ ଚାଲିଯାଇଥାନ୍ତି। ଏମାନେ ସଭ୍ୟ, ଶିକ୍ଷିତ ଓ ସତର୍କ ମଣିଷ। ଘରେ ହେଉ କି ବାହାରେ, ନିଜ ନିଜର ନିରାପତ୍ତା ବଳୟ ମଧ୍ୟରେ ଏମାନେ ବେଶ୍ ସୁରକ୍ଷିତ। ଏମାନେ ଗାଡିମୋଟରରେ ଯା'ଆସ କରନ୍ତି, କେଉଁଠି ପଙ୍ଖା ତଳେ ତ ଆଉ କେଉଁଠି ଏସି କକ୍ଷରେ ବସି ଅଫିସ ବା ବ୍ୟବସାୟ ସମ୍ଭାଳନ୍ତି। ବାରମ୍ବାର ଥଣ୍ଡାପାଣି ପିଉଥାନ୍ତି, ମୁଣ୍ଡରେ ବରଫ ଲଦୁଥାନ୍ତି ଏବଂ ଏସବୁ ସତ୍ତ୍ୱେ ପରିସ୍ଥିତି ତଥାପି ଅସହ୍ୟ ମନେହେଲେ ଦିନ କାମ ରାତିକୁ ରଖିଦିଅନ୍ତି।

ମାତ୍ର ଯେଉଁମାନେ ସଡକର ସନ୍ତାନ! ସଡକକୁ ନ ବାହାରିଲେ ଯେଉଁମାନଙ୍କ ଦିନ ସରେ ନାହିଁ କି ପେଟ ପୂରେନାହିଁ, ସେମାନଙ୍କ ପାଇଁ ଖରାବର୍ଷା, ଶୀତ ଅବା ସବୁଦିନ ସବୁ ମାସର ଅନୁଭବ ଏକାପରି। ବୈଶାଖ ଓ ଶ୍ରାବଣ ଭିତରେ କିଛି ଫରକ ନାହିଁ। ଜ୍ୱଳନ୍ତ ଅଂଶୁର ଅଗ୍ନିବର୍ଷୀ ଆକାଶ ଓ ବାଦଲଘେରା ବର୍ଷାମୁଖର ଆକାଶ ମଧ୍ୟରେ କିଛି ପ୍ରଭେଦ ନ ଥାଏ ସେମାନଙ୍କ ପାଇଁ। ବାସ ଉପରେ ଆକାଶ ଓ ତଳେ ପୃଥିବୀ। ତା' ମଧ୍ୟରେ ଅଲୋଡା ଅବହେଳିତ ଜୀବନଟିଏ ବଞ୍ଚୁଥିବା ସଡକର ମଣିଷ ସେ। ଟିଭି ଦେଖିବା ବା ରେଡିଓ ଶୁଣିବାର ସୁଯୋଗ ନାହିଁ ତା'ର। ଖବରକାଗଜଟିଏ ପଢିବାର ଯୋଗ୍ୟତା ନାହିଁ ଯେତେବେଳେ ସେ କାହୁଁ ବା ଜାଣନ୍ତା ପ୍ରଚଣ୍ଡ ଗ୍ରୀଷ୍ମତାପର ପ୍ରକୋପରେ ଏଠି ଆତଙ୍କିତ ହୋଇପଡିଛି ଅବଶିଷ୍ଟ ପୃଥିବୀ। ଜାଣିଲେ ବି ସେ କରନ୍ତା ବା କ'ଣ? ଦିନଟାଏ ସଡକକୁ ନ ବାହାରିଲେ, ଅଂଶୁଘାତକୁ ଡରି ନିଜକୁ ଘର ଭିତରେ ବନ୍ଦୀ କରି ରଖିଲେ, ପରଦିନ ପୃଥିବୀ ପୃଷ୍ଠରେ ବଞ୍ଚି ରହିବାକୁ ସେ ଓ ତା' ପରିବାର ହୁଏତ ସୁଯୋଗ ପାଇ ନ ପାରନ୍ତି।

ସୁତରାଂ, ସେ ବିଲକୁ ଯାଇ ହଳ କରେ, ରାଜପଥ ଉପରେ ରିକ୍ସା ଟାଣେ। ସଡକ ଧାରରେ ପଇଡ କି ତରଭୁଜ ବିକେ, ହାତରେ କରଣି ଧରି ଘର ତିଆରି କରେ କି କୋଦାଳ ଧରି ପାଣି ପାଇପ ମରାମତି ପାଇଁ ମାଟି ଖୋଳୁଥାଏ। କେବଳ ତା' ଭଳି ପୂର୍ଣ୍ଣବୟସ୍କ କି ବୟସ୍କା ନୁହେଁ, କଅଁଳ ବୟସରେ ଭଲ କରି ଫୁଟିବା ପୂର୍ବରୁ ସେ କେଉଁଠି ଘଷି ପାରୁଥାଏ, ଜରି ଗୋଟାଉଥାଏ ତ ଅନ୍ୟ କେଉଁଠି ମା'ବାପାଙ୍କ କାମ ସରିବାକୁ ଅପେକ୍ଷା କରି ଗଛମୂଳରେ ବସି ଛୋଟ ଭାଇ କିମ୍ବା ଭଉଣୀଟିର ଦାୟିତ୍ୱ ନେଉଥାଏ। ପ୍ରଚଣ୍ଡ ଖରା ବା ବର୍ଷା ବିପ୍ଳାତ ସମ୍ପର୍କରେ ଏମାନଙ୍କୁ କେହି ଚେତାଇଦେଲେ, ଏମାନେ ହସି ଉଠନ୍ତି। ପ୍ରକୃତିର ପ୍ରକୋପ ପ୍ରତି ଅବଜ୍ଞାର ହସ କେତେ ମନଖୋଲା ହୋଇପାରେ, ଏହା କେବଳ ଏମାନଙ୍କୁ ଦେଖିଲେ ଜାଣିହୁଏ। ଏମାନଙ୍କ ହସରେ ଉଚ୍ଚାରିତ ହୁଏ ଅବଜ୍ଞା ଓ ଅବସୋସର ପ୍ରତିଧ୍ୱନି। ଗୁଞ୍ଜରିତ ହେଉଥାଏ ଅଭିମାନ ଓ ଅଭିଯୋଗର ଉଚ୍ଚାରଣ– ''ଆମେ ତ ଆଉ ତୁମ ପରି ପାଟିରେ ରୁପା ଚାମଚ ନେଇ ସଂସାରକୁ ଆସିନୁ ଯେ ଆକାଶର ତାତିଲା ସୂର୍ଯ୍ୟକୁ ଦେଖି ଘରେ ବସିରହିବୁ। ଆମେ ସଡକର ସନ୍ତାନ। ସଡକକୁ ନ ବାହାରିଲେ ବଞ୍ଚିବୁ କେମିତି!''

ନିଜ ନିଜର ମହର୍ଗ ମଗଜକୁ ଖରାବର୍ଷାରୁ ସୁରକ୍ଷିତ ରଖିବା ପାଇଁ ଏୟାର କଣ୍ଡିଶନ କାରରେ ସବାର ହୋଇ ଶାସନ ଚଳାଉଥିବା ବାବୁମାନେ ଅବା ଶ୍ରମିକ ଦିବସରେ ବେକରେ ଫୁଲମାଳ ପକାଇ ମାଇକ ଆଗରେ ଗରିବ ଶ୍ରମିକଙ୍କ ସ୍ୱାର୍ଥରକ୍ଷା ପାଇଁ ଚିତ୍କାର ଛାଡୁଥିବା ନେତାମାନଙ୍କ ପାଖରେ ଏମାନଙ୍କ ପ୍ରଶ୍ନର କିଛି ଉତ୍ତର ଅଛି କି?

ପୃଥିବୀର ପ୍ରଭୁମାନଙ୍କ ପାଖରେ ଏ ପ୍ରଶ୍ନର ଉତ୍ତର ଥାଉ କି ନ ଥାଉ, ପ୍ରକୃତିର ପ୍ରଭୁଙ୍କ ପାଖରେ ଏ ଅଭିମାନର କିଛି ମୂଲ୍ୟ ନ ଥାଏ। ଖରା ବର୍ଷା ଶୀତ କାକରର ସାମାନ୍ୟ ସମ୍ଭାବନାରୁ ନିଜ ନିଜକୁ ସବୁମତେ ସୁରକ୍ଷିତ ରଖୁଥିବା ସଭ୍ୟ, ସମର୍ଥ ଓ ସତର୍କ ମଣିଷମାନଙ୍କ ପାଖ ମାଡିପାରୁ ନ ଥିବା ଏସବୁ ପ୍ରାକୃତିକ ଦୁର୍ବିପାକରେ ଟଳି ପଡନ୍ତି କେବଳ ଏଇ ସଡକର ସନ୍ତାନମାନେ। କେତେବେଳେ ନାଳ ଖୋଳୁଥିଲା ବେଳେ ଅବା ରାସ୍ତାରେ ରିକ୍ସା ଟାଣୁଥିବା ବେଳେ ଅଂଶୁଘାତରେ ଜଳିଯାନ୍ତି ତ ଅନ୍ୟବେଳେ ବିଲରେ ଚାଷ କରୁଥିବା ସମୟରେ ବଜ୍ରପାତରେ ଟଳି ପଡନ୍ତି। ଟିକିଏ ନିରିଖେଇ ଲକ୍ଷ୍ୟକଲେ ସ୍ପଷ୍ଟରୂପେ ଜାଣିହୁଏ ଯେ ଏମାନେ କେବଳ ନିଜ ପେଟ ପୋଷିବା ପାଇଁ ଘର ଛାଡି ସଡକକୁ ବାହାରି ନ ଥାନ୍ତି। ଏମାନଙ୍କ ଅଭିଶପ୍ତ ଜୀବନ ସମର୍ପିତ ଥାଏ ଅବଶିଷ୍ଟ ଅନ୍ୟମାନଙ୍କ ସେବା କରିବା ପାଇଁ। ସେମାନେ ନ ଥିଲେ ଆମମାନଙ୍କୁ ଖାଇବାକୁ ଦାନା ମିଳନ୍ତା ନାହିଁ କି ପିଇବାକୁ ପାଣି ମିଳନ୍ତା ନାହିଁ। ରହିବାକୁ ଘର ଖଣ୍ଡିଏ ସମ୍ଭବ ହୁଅନ୍ତାନି କି ପିନ୍ଧିବାକୁ ଜୋତା ହଳେ ମିଳନ୍ତାନି। ସଡକର ଏଇ ସନ୍ତାନଗଣ ବୈଶାଖର ପ୍ରଚଣ୍ଡ ତାତିରେ ସଡକ ଧାରରେ ଶୋଇଯାଉ ନ ଥିଲେ ସ୍ୱଚ୍ଛଳ ସନ୍ତାନମାନେ ପାଇପରୁ ପାଣି ପିଇ ଶୀତଳ କକ୍ଷର ତୂଳିତଳ୍ପ ଶେଯରେ ଶୋଇପାରନ୍ତେ ନାହିଁ।

ଏ ପ୍ରସଙ୍ଗରେ ଦୁଇଦିନ ତଳେ ଜଣେ ବନ୍ଧୁଙ୍କଠାରୁ ଶୁଣିଥିବା କଥାଟିଏ ବେଶ୍ ରୋଚକ। ରାଜ୍ୟର ଜଣେ ପୂର୍ବତନ ମନ୍ତ୍ରୀ ତଥା ଏଥର ନିର୍ବାଚନରେ ବି ଆଉ ଥରେ ମନ୍ତ୍ରୀ ହେବା ପାଇଁ ପ୍ରାଣାନ୍ତକ ପ୍ରଚେଷ୍ଟାରେ ଲାଗିଥିବା ଜଣେ ରାଜନେତାଙ୍କ ସମ୍ପର୍କରେ ଥିଲା ସେଇ କଥାଟି। ପ୍ରଚଣ୍ଡ ଖରାରେ ସଭାସମିତି, ରୋଡ୍ ଶୋ ତଥା ଘରକୁ ଘର ବୁଲି ନିଜ ସପକ୍ଷରେ ପ୍ରଚାର କରୁଥିବା ବେଳେ ନେତା ମହୋଦୟ ବଡ ଅସ୍ୱସ୍ତି ବୋଧ କରିବାରୁ ତାଙ୍କୁ ପ୍ରଚାର ବନ୍ଦ କରି ଫେରିଯିବାକୁ ପଡିଲା। ନିର୍ବାଚନ ସରିଗଲା ପରେ ନିଜର ଏ ଅନୁଭୂତି ବର୍ଣ୍ଣନା କରି ତାଙ୍କର ଜଣେ ସମ୍ପର୍କୀୟ ଆମର ଏ ବନ୍ଧୁଙ୍କୁ କହୁଥିଲେ, କି ପ୍ରଚଣ୍ଡ ତାତି! ମରୁ ମରୁ ବଞ୍ଚିଗଲି। ରାଜନେତା ଜଣକ ଏ ନିବନ୍ଧର ଉପକ୍ରମଣିକାରେ ବର୍ଣ୍ଣିତ ସେଇ ଶ୍ରମିକ ପରିବାରଟିର ଅଭାବିତ ଦୃଶ୍ୟଟିକୁ ଅବଲୋକନ କରିଥାନ୍ତେ ସିନା, ପାଞ୍ଚବର୍ଷରେ ଥରେ ଖରାରେ ବୁଲିବା ଭଳି ଦୁର୍ଭାଗ୍ୟ ପାଇଁ ଅବସୋସ ପ୍ରକଟ ନ କରି ନିଜ ସୁକୁମାର ଜୀବନର ସୌଭାଗ୍ୟ ପାଇଁ ସ୍ରଷ୍ଟାଙ୍କୁ ଶତ ଧନ୍ୟବାଦ ଦେଇଥାନ୍ତେ। ପ୍ରକୃତରେ ସଡକର ସନ୍ତାନ ଭାବେ ଜୀବନଟିଏ ଜିଇବା କେତେ ଯେ ଦୁର୍ଭାଗ୍ୟର ଅପେକ୍ଷା ରଖେ, ଏ କଥା ସେଇ ପୂର୍ବତନ ମନ୍ତ୍ରୀଙ୍କ ଭଳି ଭାଗ୍ୟବାନ୍‌ମାନେ କାହୁଁ ବା ଜାଣନ୍ତେ!

ପ୍ରଜ୍ଞା ନିଳୟ, ବିଦ୍ୟାପତିନଗର,
ଚକେଇସିହାଣି, ଭୁବନେଶ୍ୱର,
ମୋ–୮୮୯୫୬୭୨୪୧୦୫

# ନିଃଶ୍ୱାସରେ ବିଷ



ଡା. ନୀଳମାଧବ ପୃଷ୍ଟି

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱ ଜନସଂଖ୍ୟାର ୯୨ ପ୍ରତିଶତ ଲୋକ ଯେଉଁସବୁ ଅଞ୍ଚଳରେ ରହୁଛନ୍ତି ସେଠାରେ ବାୟୁ ପ୍ରଦୂଷଣ ମାତ୍ରା ଗ୍ରହଣଯୋଗ୍ୟ ସୀମାଠାରୁ ଅଧିକ। ଏହା ଏକ ଉଦ୍‌ବେଗଜନକ ତଥ୍ୟ। ଏଥିରୁ ଜଣାପଡୁଛି ଯେ, ସମଗ୍ର ବିଶ୍ୱରେ ଲୋକେ ଯେଉଁ ନିଃଶ୍ୱାସ ନେଉଛନ୍ତି ସେଥିରେ ବିଷ ଭରି ରହିଛି।

ମିଳିଥିବା ତଥ୍ୟ ଅନୁସାରେ କମ୍ ଓ ମଧ୍ୟମ ଆୟକାରୀ ଦେଶଗୁଡ଼ିକରେ ବାୟୁ ପ୍ରଦୂଷଣ ଉତ୍କଟ। କିନ୍ତୁ ଧନୀ ଦେଶଗୁଡ଼ିକ ବି ଏହାର ପ୍ରଭାବରୁ ମୁକ୍ତ ନୁହନ୍ତି। ଉନ୍ନତ ଦେଶଗୁଡ଼ିକରୁ ୫୮ ପ୍ରତିଶତ ସହରରେ ଏହି ପ୍ରଦୂଷଣ ଉତ୍କଟ। ଏଣୁ ମଣିଷ ଜୀବନ ଉପରେ ଏହାର ପ୍ରଭାବ ଯଥେଷ୍ଟ ଅଧିକ। ପ୍ରାୟ ୩ ନିୟୁତ ଲୋକ ପ୍ରତିବର୍ଷ ପ୍ରଦୂଷିତ ବାୟୁ ଯୋଗୁ ମରୁଛନ୍ତି। ସେଥିରୁ ୯୪ ପ୍ରତିଶତ ମୃତ୍ୟୁର କାରଣ ହେଲା ଫୁସ୍‌ଫୁସ୍ କର୍କଟ, ହୃଦ୍‌ରୋଗ ଓ ଷ୍ଟ୍ରୋକ୍। ଅଧିକ ଉଦ୍‌ବେଗର ବିଷୟ ହେଲା ଏହି ସମସ୍ୟାରେ ଆକ୍ରାନ୍ତ ଦେଶଗୁଡ଼ିକ ମଧ୍ୟରେ ଭାରତ ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ରିପୋର୍ଟ ଅନୁସାରେ ଗତ ୨୦୧୨ରେ ବାୟୁ ପ୍ରଦୂଷଣ ଯୋଗୁ ଭାରତରେ ୬ ଲକ୍ଷ ଲୋକଙ୍କର ମୃତ୍ୟୁ ଘଟିଥିଲା। ଏ କ୍ଷେତ୍ରରେ ସେ ବର୍ଷ ଭାରତର ସ୍ଥାନ ଥିଲା ଦ୍ୱିତୀୟ। ପ୍ରଥମ ସ୍ଥାନ ନେଇଥିବା ଚାଇନାରେ ୮ଲକ୍ଷ ଲୋକ ଏ ବର୍ଷ ମରିଥିଲେ। ଅବଶ୍ୟ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଦର୍ଶାଇଛି ଯେ, ସଂଗ୍ରହ କରାଯାଇଥିବା ତଥ୍ୟ ସବୁ ଦିଗ ଉପରେ ଆଧାରିତ ନୁହେଁ। ଏଣୁ କ୍ଷତିକୁ କମ୍ କରି ଦର୍ଶାଯାଇଛି। କାରଣ ଏହାର ଅନୁଧ୍ୟାନ କେବଳ ଶିଳ୍ପ, କାର ଓ ବାୟୋମାସରୁ ବାହାରୁଥିବା ସୂକ୍ଷ୍ମ କଣିକାଜନିତ ପ୍ରଦୂଷଣକୁ ହିସାବକୁ ନେଇ କରାଯାଇଛି। ଯଦି ନାଇଟ୍ରୋଜେନ ଅକ୍‌ସାଇଡ଼ ପରି ବାୟୁ ପ୍ରଦୂଷଣକାରୀଗୁଡ଼ିକର ପ୍ରଭାବରୁ ଆକଳନ କରାଯାଇଥାନ୍ତା, ସନ୍ତାନ ଆଗୁଆ ଜନ୍ମ ବା ଜନ୍ମବେଳେ ସନ୍ତାନର ଓଜନ କମ୍ ହେବା ସମସ୍ୟା ସହ ବାୟୁପ୍ରଦୂଷଣର ସମ୍ପର୍କକୁ ଅନୁଧ୍ୟାନ କରାଯାଇଥାନ୍ତା, ତେବେ ହୁଏ ତ ବେଶି ସାଂଘାତିକ ତଥ୍ୟ ମିଳିଥାନ୍ତା। ତା'ଛଡ଼ା ଏହି ରିପୋର୍ଟ ଖୋଲା ଅଞ୍ଚଳର ବାୟୁ ଉପରେ ପର୍ଯ୍ୟବସିତ। ଘର ଭିତରେ ବାୟୁ ପ୍ରଦୂଷଣ କିପରି ଅଛି ତାକୁ ହିସାବକୁ ନିଆଯାଇ ନାହିଁ। ଆଗରୁ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଏକ ରିପୋର୍ଟରେ ସତର୍କ କରାଇ ଦେଇଥିଲା ଯେ ଭାରତରେ ୧.୪ ନିୟୁତ ଲୋକ ଇନ୍‌ଡୋର ବାୟୁ ପ୍ରଦୂଷଣ ଯୋଗୁ ମୃତ୍ୟୁବରଣ କରିଛନ୍ତି। ବିଶ୍ୱସ୍ତରରେ ଦେଖିବାକୁ ଗଲେ ଏହି ସମସ୍ୟା ଉପରେ ପରସ୍ପରକୁ ଦୋଷାରୋପ ଛଡ଼ା ଆଉ କିଛି ହେଉନାହିଁ। କେବଳ କେଉଁ ଦେଶର ପ୍ରଦୂଷିତ ବାୟୁ ନିର୍ଗମନ ମାତ୍ରା କେତେ ଅଧିକ ସେହି ତଥ୍ୟ ଦିଆଯାଇ ଅନ୍ୟ ଦେଶଗୁଡ଼ିକ ଉପରେ ଦୋଷ ଲଦାଯାଉଛି। ଯେହେତୁ ବିଶୁଦ୍ଧ ଶକ୍ତିର ବ୍ୟବହାର ପାଇଁ ସମସ୍ତେ କହିବା ଆରମ୍ଭ କରିଛନ୍ତି, ସେ ଦୃଷ୍ଟିରୁ ଭାଷଣ ଅପେକ୍ଷା ଏ କ୍ଷେତ୍ରରେ ସମସ୍ତେ ସହଯୋଗ ରକ୍ଷାକରି କାମ କରିବା ଦରକାର। ଏଥିପାଇଁ ସମୃଦ୍ଧ ଦେଶଗୁଡ଼ିକ ବିଶୁଦ୍ଧ ଶକ୍ତିର କାରିଗରି କୌଶଳ ବିକାଶଶୀଳ ଦେଶଗୁଡ଼ିକୁ ଯୋଗାଇବା ଉଚିତ। ତା'ସାଙ୍ଗକୁ ପ୍ରଥମେ ଧନୀ ଦେଶଗୁଡ଼ିକ ପ୍ରଦୂଷଣ ହ୍ରାସ ଲାଗି ଉପଯୁକ୍ତ ଜୀବନଶୈଳୀ ଗ୍ରହଣ କରିବା ଆବଶ୍ୟକ। ଫଳରେ ସେମାନେ ଅନ୍ୟମାନଙ୍କୁ ଅନୁପ୍ରାଣିତ କରିପାରିବେ। ଏବେ ବି ବାୟୁ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ ମଧ୍ୟରେ ସମ୍ପର୍କ ନେଇ ବିତର୍କ ଚାଲିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ରିପୋର୍ଟ ଦେଖିବାକୁ ଗଲେ ଗରିବ ହେଉ ବା ଧନୀ, ଦରିଦ୍ର ବା ବିକାଶଶୀଳ ଦେଶ ହୁଅନ୍ତୁ ବା ସମୃଦ୍ଧ ରାଷ୍ଟ୍ର ହୁଅନ୍ତୁ ସମସ୍ତେ ଚିନ୍ତିତ ହେବା କଥା। କାରଣ ପ୍ରତ୍ୟେକେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ଲକ୍ଷ୍ୟ କଲେଣି। ଏଣୁ ବିପଦ ବିଷୟରେ ଆଉ ବୁଝାଇବା ଦରକାର ନାହିଁ। ଏହାର ଅର୍ଥନୈତିକ ପ୍ରଭାବକୁ ବି ହିସାବ କରାଗଲାଣି। ସ୍ୱାସ୍ଥ୍ୟ ଉପରେ ଏହି ସମସ୍ୟାର କୁପ୍ରଭାବ ଓ ତାକୁ ମୁକାବିଲା କରିବା ଲାଗି କିପରି ଖର୍ଚ୍ଚ ବଢୁଛି ତାହା ସମସ୍ତେ ଦେଖୁଛନ୍ତି। ଏଣୁ ସବୁ କ୍ଷେତ୍ରରେ ପ୍ରଦୂଷଣ ମାତ୍ରା କମିଲେ ଅନ୍ୟାନ୍ୟ ସମସ୍ୟା ବି ହ୍ରାସ ପାଇବ। ଅନ୍ତତଃ ଲୋକେ ଯେପରି ନିଃଶ୍ୱାସରେ ବିଷ ନ ନେବେ ସେଥିଲାଗି ଉଦ୍ୟମ ହେବା ଦରକାର। ଯଦି ୯୨ ପ୍ରତିଶତ ବିଶ୍ୱବାସୀ ଅଧିକ ବାୟୁ ପ୍ରଦୂଷଣ ଥିବା ଅଞ୍ଚଳରେ ରହୁଛନ୍ତି ତେବେ ସେହି ହାର ଯେ ବଢ଼ି ଚାଲିବ ତାହା ଏବେକାର ସ୍ଥିତିରୁ ନିଃସନ୍ଦେହରେ କୁହାଯାଇପାରେ। ଏହି ଚାଲେଞ୍ଜକୁ ମୁକାବିଲା କରିବା ପାଇଁ ସବୁ ଦେଶ କାମ କରିବାକୁ ହେବ। ଏଥିଲାଗି ଅଧିକ ଜନସଚେତନତା ଲୋଡ଼ା। ଜନସାଧାରଣଙ୍କ ସମ୍ପୃକ୍ତି ବିନା ଏପରି ସମସ୍ୟାକୁ ମୁକାବିଲା କରିହେବ ନାହିଁ। କାରଣ ଏଥିଲାଗି ଜୀବନଶୈଳୀ ପରିବର୍ତ୍ତନ ବି ଆବଶ୍ୟକ, ଯେଉଁଥିରେ ପ୍ରତ୍ୟେକଙ୍କୁ ସହଯୋଗ କରିବାକୁ ହେବ।

ଇଏନ୍‌ଟି ବିଭାଗ, ବୁର୍ଲା,
ମୋ–୯୪୩୯୪୮୨୫୨୬

## ଏଇ ଭାରତରେ

ଟ୍ରାଫିକ୍ ପୋଲିସର ନିୟମ ଭଙ୍ଗ ପ୍ରେମୀଯୁଗଳଙ୍କ ପାଇଁ ବରଦାନ ସଦୃଶ ହୋଇଛି। ଏପରି ଏକ ଘଟଣା ଗୁଜରାଟରେ ଘଟିଛି। ଉଭୟେ ଏକ ବାଇକ୍‌ରେ ଯାଉଥିବା ସମୟରେ ଟ୍ରାଫିକ୍ ନିୟମ ଭଙ୍ଗ କରିଥିଲେ। ବତ୍ସଲ ପାରେଖ ନାମକ ଉକ୍ତ ଯୁବକଙ୍କ ଘରକୁ ଟ୍ରାଫିକ୍ ପୋଲିସ୍ ଏକ ଅଭିଯୋଗ ପତ୍ର ପଠାଇଥିଲା। ଏଥିରେ ଯୁବକ ବାଇକ୍ ଉପରେ ବସିଥିବାର ଏକ ଫଟୋ ମଧ୍ୟ ଥିଲା। ତା' ସହ ତାଙ୍କ ପଛରେ ଜଣେ ଯୁବତୀ ମଧ୍ୟ ବସିଥିଲେ। ବତ୍ସଲଙ୍କ ଘର ଲୋକ ଏହାକୁ ଦେଖିବା ପରେ ଝିଅଟି ସମ୍ପର୍କରେ ତାଙ୍କ ପୁଅକୁ ପଚାରିଥିଲେ। ପୁଅ ବତ୍ସଲ ମଧ୍ୟ ସଫା ସଫା କହିଥିଲେ ଯେ, ସେ ହେଉଛନ୍ତି ତାଙ୍କ ପ୍ରେମିକା ଓ ସେ ତାଙ୍କୁ ବିବାହ କରିବାକୁ ଚାହାନ୍ତି। ଏହା ଜାଣିବା ପରେ ବତ୍ସଲଙ୍କ ପରିବାର ଲୋକେ ସମ୍ପୃକ୍ତ ଝିଅର ପରିବାର ସଦସ୍ୟଙ୍କୁ ଡାକି ଶୀଘ୍ର ଉଭୟଙ୍କ ବିବାହ କରି ଦେଇଥିଲେ। ଏହାପରେ ଯୁବକ ଜଣକ ଅହମଦାବାଦ ପୋଲିସକୁ ଧନ୍ୟବାଦ ଦେବା ସହ ଟୁଇଟରରେ ନିଜର କୃତଜ୍ଞତା ପ୍ରକାଶ କରିଥିଲେ।

## ଚିରନ୍ତନୀ

ପରଶିଛି ପଥେ ପଥେ
ହରଷାଇ ଘାସରେ
ପରାଚୀର ପରଥମ ହାସରେ!
ତାରକା ଖଚିତ ନଭେ
ତାହାରି ପରଶ ଦ୍ରବେ
ପଞ୍ଚମୀ ଜୋଛନାର ପ୍ରାସରେ
ପରଶିଛି ହରଷାଇ ଘାସରେ!

(ଶିଶିର–ହାସ୍ୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୫ ମେ ୧୯୯୪

- ରାଜସ୍ଥାନର ଜୟପୁରଠାରୁ ୬୫ କିମି ଦୂର ଜୟସମନ ହ୍ରଦରେ ଦେଶୀ ନୌକା ବୁଡି ୧୨ ମୃତ।
- ମହାରାଷ୍ଟ୍ରର ସୋଲାପୁରରେ ଏକ ବଡଧରଣର ବିସ୍ଫୋରଣ ଘଟି ୨୩ଜଣ ମୃତ୍ୟୁବରଣ କରିଛନ୍ତି।

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | | 2 | | | E | 7 | 4 | A | 0 | | | | | |
| 3 | | 0 | | | B | 1 | | | | | 4 | | | |
| | E | | | 6 | 1 | | B | | | | | 5 | | 9 |
| | | 7 | 3 | 2 | | | | | | | | 4 | | |
| C | 1 | 8 | 5 | | | | | | | | 7 | | B | |
| 6 | | 5 | C | | | 2 | | E | D | 0 | | | | 7 |
| | | | | 9 | | | | | 6 | B | | | 5 | |
| 8 | | 1 | | | 3 | 0 | | | | C | A | 6 | | 4 |
| | 0 | | | | | A | | | 8 | | 2 | | D | |
| | A | 4 | | 0 | | | | | | | 9 | 1 | 8 | B |
| | | | | | | | 6 | | | | E | 8 | C | 3 |
| 0 | 3 | | | | 5 | 4 | | | | | C | | 1 | |
| 1 | | | | | | B | 5 | | | | D | | | 6 |
| | | | | | | 9 | | 7 | 3 | | | | | |
| 2 | | B | | | 6 | 3 | | | | | | A | 7 | E |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | C | 5 | 1 | 3 | B | 7 | 0 | D | 9 | 6 | 2 | 4 | E | A |
| 3 | B | 9 | 0 | 5 | 4 | 2 | 1 | E | 8 | D | A | C | 6 | 7 |
| D | 1 | E | 8 | C | 2 | 4 | A | 6 | 3 | 7 | 0 | 9 | 5 | B |
| 7 | 0 | 4 | A | 9 | 6 | C | 8 | 3 | E | 5 | B | 1 | 2 | D |
| 6 | A | 2 | D | E | 7 | 5 | 9 | B | C | 1 | 4 | 8 | 3 | 0 |
| E | 6 | D | 5 | A | C | B | 3 | 8 | 4 | 2 | 7 | 0 | 9 | 1 |
| 1 | 4 | A | E | 7 | 8 | 0 | 6 | 2 | 5 | 9 | C | D | B | 3 |
| C | 2 | 0 | 4 | 6 | 9 | A | 7 | 1 | B | 3 | D | E | 8 | 5 |
| B | 8 | 7 | 3 | D | 1 | 9 | 4 | 5 | 0 | E | 6 | A | C | 2 |
| 9 | 5 | 3 | 2 | B | 0 | E | D | C | 1 | A | 8 | 6 | 7 | 4 |
| 0 | 7 | 6 | C | 1 | D | 3 | E | 9 | A | B | 5 | 2 | 4 | 8 |
| 5 | D | 8 | B | 2 | A | 1 | C | 7 | 6 | 4 | E | 3 | 0 | 9 |
| 2 | 3 | 1 | 7 | 8 | E | 6 | 5 | 4 | D | 0 | 9 | B | A | C |
| 4 | 9 | B | 6 | 0 | 3 | 8 | 2 | A | 7 | C | 1 | 5 | D | E |
| A | E | C | 9 | 4 | 5 | D | B | 0 | 2 | 8 | 3 | 7 | 1 | 6 |

ଗତକାଲି ପ୍ରକାଶିତ ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପିସି କାରବାର

ମହାଶୟ,

ଲୋକଙ୍କ ଉନ୍ନତି ସାଧନ ନିମନ୍ତେ ସରକାର ବିଭିନ୍ନ ଲୋକାଭିମୁଖୀ ଯୋଜନା ପ୍ରଣୟନ କରନ୍ତି। ହିତାଧିକାରୀ ଚୟନ ନିମନ୍ତେ ପଲ୍ଲିସଭା ଓ ଗ୍ରାମସଭା କରାଯାଇଥାଏ। ଏହି ପଲ୍ଲିସଭା/ଗ୍ରାମସଭା ନିଷ୍ପତ୍ତି ନିଏ ଗୋଟିଏ ପ୍ରକାର, କାର୍ଯ୍ୟାନ୍ୱୟନ ହୁଏ ଭିନ୍ନ ପ୍ରକାର। କାର୍ଯ୍ୟାନ୍ୱୟନ ସତ କି ମିଛ ତନଖି କରିବା ନିମନ୍ତେ ଭାରପ୍ରାପ୍ତ କର୍ତ୍ତୃପକ୍ଷ ଅନିଚ୍ଛୁକ। ସେ ଫଟୋ ଦେଖି ବିଲ୍ ପାସ୍ କରନ୍ତି, ତେଣିକି ନିର୍ମିତ ଗୃହ ପୂର୍ବନିର୍ମିତ ହେଉ ଅବା ଉପର ମହଲା ହେଉ। ହିତାଧିକାରୀମାନେ ପ୍ରକଳ୍ପର ନାମ ଲେଖିବାକୁ ଅନିଚ୍ଛୁକ। ଏହାର କାରଣଟି ହେଲା ପ୍ରଜ୍ଞାପନ ଲେଖିଲେ ଲୋକେ ଜାଣିବେ ଦୁର୍ନୀତି ହୋଇଛି ବୋଲି। ଆମ ଲୋକଙ୍କର ଚରିତ୍ର ବିଚିତ୍ର, ଯଦି ଦଶହଜାର ଟଙ୍କା ଦେଇ ଆବାସ ଏବଂ ଦୁଇ ହଜାରରେ ପାଇଖାନା, ତେବେ ପୁରସ୍କାର କୋଡ଼ିଏ ହଜାର। ଏହା ହିଁ ପିସିର ଚମତ୍କାରିତା। କାଗଜରେ କୂଅ ଅଛି, ବାସ୍ତବରେ ନାହିଁ।

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡା, ଗବକୁଣ୍ଡ, ପୁରୀ

### ନିର୍ବାଚନ ସଂସ୍କାର ଓ କେନ୍ଦ୍ର ସରକାର

ଭାରତରେ ନିର୍ବାଚନକୁ ଅର୍ଥବଳ ଓ ବାହୁବଳ କବଳିତ କରିବା ଫଳରେ ରାଜନୀତି କଳୁଷିତ ହୋଇଗଲାଣି। ଏଥିପାଇଁ ଗଣତନ୍ତ୍ର ପ୍ରତି ଲୋକଙ୍କ ଆସ୍ଥା କମିବାରେ ଲାଗିଛି। ସ୍ୱଚ୍ଛ, ଅବାଧ ଓ ମୁକ୍ତ ନିର୍ବାଚନ ପାଇଁ ବ୍ୟାପକ ସଂସ୍କାରର ଆବଶ୍ୟକତା ଥିବାବେଳେ କେନ୍ଦ୍ର ସରକାର ଏଥିପ୍ରତି ଆଗ୍ରହ ପ୍ରଦର୍ଶନ କରୁନାହାନ୍ତି। ଏହି ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟ ଓ ନିର୍ବାଚନ କମିଶନ କେନ୍ଦ୍ର ସରକାରଙ୍କୁ ଅନେକ ପ୍ରସ୍ତାବ ଓ ପରାମର୍ଶ ଦେଇଥିବା ସତ୍ତ୍ୱେ କେନ୍ଦ୍ର ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ମିଥ୍ୟା ସତ୍ୟପାଠ ହୋଇଥିଲେ ସଭ୍ୟପଦ ଲୋପ କରିବା, ଦାଗୀ ନେତାଙ୍କୁ ନିର୍ବାଚନ ଲଢିବାରେ ଅଙ୍କୁଶ ଲଗାଇବା, ବୟସସୀମା ଓ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଧାର୍ଯ୍ୟ କରିବା ଇତ୍ୟାଦି ବିଷୟ ରାଜନୈତିକ ଦଳଗୁଡିକ ସେମାନଙ୍କ ଇସ୍ତାହାରରେ ଅନ୍ତର୍ଭୁକ୍ତ କରିବା ଉଚିତ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)


ବାତ୍ୟାରେ ବଳିଆପଣ୍ଡା ବସ୍ତି ନିଶ୍ଚିହ୍ନ ହୋଇଯାଇଛି।


ପେଣ୍ଟକଟା ବସ୍ତିରେ ଥିବା ଘରଗୁଡ଼ିକ ଭାଙ୍ଗିଯାଇଛି।


ବାତ୍ୟାରେ ମତ୍ସ୍ୟଜୀବୀମାନଙ୍କ ଡଙ୍ଗା ଉଡ଼ିଯାଇ ଏକ ଘର ଉପରେ ପଡ଼ିଛି।

# ପୁରୀ ଜିଲା ଧ୍ୱସ୍ତବିଧ୍ୱସ୍ତ, ୧୫ରୁ ଊର୍ଦ୍ଧ୍ୱ ମୃତ

**ପୁରୀ ଅଫିସ, ୪।୫**

- ମାଟିରେ ମିଶିଲା ହଜାର ହଜାର ଘର, ବହୁ କୋଠା କ୍ଷତିଗ୍ରସ୍ତ
- ଦୁଇଦିନ ହେଲା ପଡ଼ିରହିଛି ଭଙ୍ଗାଗଛ, ବିଦ୍ୟୁତ୍ ଖୁଣ୍ଟ
- ବସ୍ତି ଛାରଖାର, ଉଜୁଡ଼ିଲା ମତ୍ସ୍ୟଜୀବୀଙ୍କ ଜୀବିକା

ବାତ୍ୟା 'ଫନୀ'ର କୋପରେ ପୁରୀ ଜିଲା ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଗାଁଠୁ ସହର ସବୁଠି ଫନୀର କରାଳଚିହ୍ନ ବାରି ହୋଇପଡୁଛି। ପୁରୀ ସହର ସମେତ ବିଭିନ୍ନ ବ୍ଲକ୍‌ରେ ହଜାର ହଜାର ଘର ମାଟିରେ ମିଶିଯାଇଥିବାବେଳେ ଗଛ, ବିଦ୍ୟୁତ୍ ଖୁଣ୍ଟ, ଟେଲିଫୋନ ଟାୱାର ଆଦି ଭାଙ୍ଗିଯାଇଛି। ଗଛ ଓ ବିଦ୍ୟୁତ୍ ଖୁଣ୍ଟ ରାସ୍ତାରେ ପଡିରହିଥିବାରୁ ଦୁଇଦିନ ପରେ ବି ଯାତାୟାତ ସ୍ୱାଭାବିକ ହୋଇପାରିନି। ବିଦ୍ୟୁତ୍ ଓ ଟେଲିଫୋନ୍ ସେବା ବନ୍ଦ ରହିଥିବାରୁ ତାଣ୍ଡବର ପ୍ରକୃତ ଚିତ୍ର ଏବେ ବି ସ୍ପଷ୍ଟ ହୋଇପାରୁନି। ତେବେ ଜିଲାର ବିଭିନ୍ନ ସ୍ଥାନରେ କାନ୍ଥ ଓ ଗଛ ପଡ଼ି ୧୫ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବା ସରକାରୀ ଭାବେ କୁହାଯାଇଥିବାବେଳେ ଏହି ସଂଖ୍ୟା ଆହୁରି ବହୁତ ଅଧିକ ହେବ ବୋଲି ଅନୁମାନ କରାଯାଉଛି। ରାସ୍ତାରେ ଗଛ ପଡିଥିବାରୁ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ସମ୍ପର୍କୀୟମାନେ ଡାକ୍ତରଖାନାକୁ ଆଣିପାରୁ ନ ଥିବା ଖବର ମିଳିଛି। ପାଣି ପାଇଁ ଲୋକେ ଡହଳବିକଳ ହେଉଛନ୍ତି। ପ୍ରଶାସନ ପକ୍ଷରୁ ଯଥାସମ୍ଭବ ବିପନ୍ନଙ୍କ ପାଖରେ ଖାଦ୍ୟ, ପାନୀୟ ପହଞ୍ଚାଇବା ଲାଗି ଉଦ୍ୟମ ହେଉଛି। କିନ୍ତୁ ରାସ୍ତା ସଫା ହୋଇପାରି ନ ଥିବାରୁ ଅନେକ ଲୋକଙ୍କ ପାଖରେ କୌଣସି ସୁବିଧା ପହଞ୍ଚି ପାରୁନାହିଁ। ସବୁଠି ହାହାକାର ପରିସ୍ଥିତି ଦେଖିବାକୁ ମିଳୁଛି।

ପୁରୀ ସମେତ କୋଣାର୍କ, ପିପିଲି, ନିମାପଡ଼ା, କାକଟପୁର, ଅସ୍ତରଙ୍ଗ, କଣାସ, ଗୋପ, ନାଗପୁର, ଡେଲାଙ୍ଗ, ସତ୍ୟବାଦୀ, ଚନ୍ଦନପୁର, ବ୍ରହ୍ମଗିରି ଆଦି ବଜାର ସମେତ ଜିଲାର ବିଭିନ୍ନ ଗାଁ, ସାହି ଓ ଗଳିକନ୍ଦିରେ ଦେଖିବାକୁ ମିଳୁଛି ଫନୀର ପ୍ରଳୟ। ପୁରୀ ସହର, ଚନ୍ଦ୍ରଭାଗା ଓ ଜିଲାର ଅନ୍ୟ ଅଞ୍ଚଳରେ ଥିବା ବସ୍ତିଗୁଡ଼ିକ ସମ୍ପୂର୍ଣ୍ଣ ଛାରଖାର ହୋଇଯାଇଛି। ପୁରୀର ପେଣ୍ଟକଟା ବସ୍ତି, ବଳିଆପଣ୍ଡା, ବାଲି ଉପରସାହି, ନୋଳିଆସାହି ସମେତ ସବୁ ବସ୍ତିର ଘରଦ୍ୱାର ଭାଙ୍ଗିଯାଇଛି। କଚା ଓ ଖଟିମାଟି ଘର ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଛି। ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଛି ପେଣ୍ଟକଟା ବସ୍ତି। ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ରହୁଥିବା ଏହି ବସ୍ତି ଧ୍ୱଂସସ୍ତୂପରେ ପରିଣତ ହୋଇଛି। ଏଠାରେ ଅଧିକାଂଶ ମତ୍ସ୍ୟଜୀବୀ ପରିବାର ବାସ କରନ୍ତି। ବାତ୍ୟା ଭୟରେ ବସ୍ତିବାସିନ୍ଦା ଯିଏ ଯେଉଁଠି ନିରାପଦ ସ୍ଥାନରେ ଜୀବନ ବଞ୍ଚାଇ ରହିଯାଇଥିଲେ ମଧ୍ୟ ସେମାନଙ୍କ ଜୀବିକା ଉଜୁଡ଼ି ଯାଇଛି। ଏମାନଙ୍କ ଜୀବିକାର ଏକମାତ୍ର ମାଧ୍ୟମ ପାଲଟିଥିବା ଡଙ୍ଗା ଓ ଜାଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଫନୀ ପ୍ରଭାବରେ ଉଠିଥିବା ସମୁଦ୍ର ଜୁଆର ଓ ପବନ ମାଡ଼ରେ ଅଧିକାଂଶ ଡଙ୍ଗା ଭାଙ୍ଗି ଯାଇଥିବାବେଳେ ବହୁ ଡଙ୍ଗା କେଉଁଆଡ଼େ ଭାସିଯାଇଛି। କେବଳ ବସ୍ତିରେ ନୁହେଁ, ସହରର ଅଧିକାଂଶ ଆଜବେଷ୍ଟସ ଘର ମଧ୍ୟ ଭାଙ୍ଗିଯାଇଛି। କେତେକ କୋଠା ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଅଧିକାଂଶ ସ୍ଥାନରେ କାନ୍ଥ ଭୁଶୁଡ଼ିପଡିଛି। ଜିଲା ସଦର ମୁଖ୍ୟ ଚିକିତ୍ସାଳୟ ପରିସର ଓଭରହେଡ୍ ପାଣି ଟାଙ୍କି ଭୁଶୁଡି ପଡିଛି। ପ୍ରଶାସନ ପକ୍ଷରୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଣ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ତାହା ପର୍ଯ୍ୟାପ୍ତ ହେଉନାହିଁ। ଜେନେରେଟର ଲଗାଇ କେତେକ ସାହିକୁ ପାଇପଜଳ ଯୋଗାଣ ହେଉଥିବା ସୂଚନା ମିଳିଛି। କିନ୍ତୁ ଯେଉଁଠି ଟ୍ୟାଙ୍କର ଲାଗୁଛି ସେଠାରେ ପାଣି ପାଇଁ ଲୋକଙ୍କ ଲମ୍ବା ଧାଡ଼ି ଲାଗୁଛି। ପ୍ରଶାସନ ପକ୍ଷରୁ ଅଧିକ ଟ୍ୟାଙ୍କର ବ୍ୟବସ୍ଥା କରାଯାଉଥିବା ସୂଚନା ଦିଆଯାଇଛି। ବିଦ୍ୟୁତ୍ ଖୁଣ୍ଟ ଉପୁଡି ପଡିଥିବାରୁ ଅଗ୍ନିଶମ ବିଭାଗ ପକ୍ଷରୁ ସହରର ପ୍ରମୁଖ ଛକରେ ରାତିରେ ଆସ୍କା ଲାଇଟ୍ ଲଗାଯାଉଛି।

ଶୁକ୍ରବାର ଅପରାହ୍ଣଠାରୁ ଅଗ୍ନିଶମ ବିଭାଗ କର୍ମଚାରୀ ରାସ୍ତାରେ ପଡିଥିବା ଗଛ ସଫା କରିବାରେ ଲାଗିଛନ୍ତି। ମୁଖ୍ୟ ରାସ୍ତାକୁ ପ୍ରଥମେ ପ୍ରାଥମିକତା ଦେଇ ସଫା କରାଯାଉଛି। ଶନିବାର ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥରେ ଯାତାୟାତ ସ୍ୱାଭାବିକ ହୋଇଛି। କିନ୍ତୁ ପୁରୀ ସହର ଓ ଅନ୍ୟ ଅଞ୍ଚଳର ଗଳିକନ୍ଦି ଅବସ୍ଥା ଅଧିକ ଶୋଚନୀୟ ହୋଇପଡିଛି। ବିଦ୍ୟୁତ୍ ଖୁଣ୍ଟ ଉପୁଡି ପଡିଥିବାବେଳେ ଗଛଡାଳ ଭାଙ୍ଗି ଯାତାୟାତ ସମ୍ଭବ ହେଉନାହିଁ। ଶନିବାର ଲୋକମାନେ ମଧ୍ୟ ରାସ୍ତା ସଫା କରିବା କାର୍ଯ୍ୟରେ ଲଗିପଡିଥିବା ଦେଖିବାକୁ ମିଳିଛି।

## ଫନୀ ରଚିଲା ମୃତ୍ୟୁ ବିଭୀଷିକା

ଆଗୁଆ ସତର୍କତା ଓ ସବୁକିଛି ବ୍ୟବସ୍ଥା ସତ୍ତ୍ୱେ ବହୁ ଜୀବନ ନେଇଛି ଫନୀ। ଜିଲା ସଦର ମୁଖ୍ୟ ଚିକିତ୍ସାଳୟରୁ ମିଳିଥିବା ସୂଚନା ମୁତାବକ, ଶାସନ ଦାମୋଦରପୁରର ବଇଠା ସାହୁ, କପିଳେଶ୍ୱରପୁରର ଜଗନ୍ନାଥ ସ୍ୱାଇଁ, ଆମ୍ବପଡ଼ାର ସୁଶୀଳା ଦେବୀ, ତଳଜଙ୍ଗର ଅନ୍ନପୂର୍ଣ୍ଣା ଦେବୀ, ପୁରୀର ରାକେଶ ବେହେରାଙ୍କ ମୃତ୍ୟୁ ଘଟିଛି। କାନ୍ଥ ପଡିଯିବାରୁ ଏମାନଙ୍କ ମୃତ୍ୟୁ ଘଟିଥିବା ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଗାଁରୁ ମୃତକଙ୍କୁ ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ଅଣାଯାଇପାରୁ ନାହିଁ। ସମ୍ପର୍କୀୟମାନେ ଜିଲା ପ୍ରଶାସନର ଦ୍ୱାରସ୍ଥ ହେଉଥିଲେ ମଧ୍ୟ ପ୍ରଶାସନ ମଧ୍ୟ ନିରୁପାୟ ହୋଇପଡିଛି। ଶୁକ୍ରବାର କାନ୍ଥ ପଡିଯିବାରୁ ବ୍ରହ୍ମଗିରି ବ୍ଲକ କାଣ୍ଡଗୋଦା ଅଞ୍ଚଳର ଟିକିନା ପରିଡ଼ା (୪୫)ଙ୍କ ମୃତ୍ୟୁ ଘଟିଥିଲା। ହେଲେ ରାସ୍ତାରେ ଗଛପଡ଼ି ଥିବାରୁ ସମ୍ପର୍କୀୟମାନେ ବ୍ୟବଚ୍ଛେଦ ଲାଗି ମୃତଦେହକୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିପାରୁ ନାହାନ୍ତି। ଶନିବାର ତାଙ୍କର ସମ୍ପର୍କୀୟ ଜିଲାପାଳଙ୍କୁ ଜଣାଇଥିଲେ। ସ୍ଥାନୀୟ ବିଡ଼ିଓଙ୍କୁ ଜଣାଇ ଶବ ସତ୍କାର କରିଦେବାକୁ କହିଥିବା ଟିକିନାଙ୍କ ସମ୍ପର୍କୀୟ କହିଛନ୍ତି। ତେବେ ସବୁ ଯୋଗାଯୋଗ ଫେଲ୍ ମାରିଥିବାରୁ ମୃତ୍ୟୁ ବିଭୀଷିକାର ପ୍ରକୃତ ତଥ୍ୟ ହସ୍ତଗତ ହୋଇପାରୁନି। ସ୍ଥିତି ସମ୍ପର୍କରେ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି ଯେ, ଲୋକଙ୍କୁ ପ୍ରଥମେ ଖାଦ୍ୟ ଏବଂ ପାନୀୟ ଜଳ ଯୋଗାଇଦେବା ଉପରେ ପ୍ରାଥମିକତା ଦିଆଯାଉଛି। ଏଥିପାଇଁ ଯୁଦ୍ଧକାଳୀନ ଭିତ୍ତିରେ ସହରର ପ୍ରମୁଖ ରାସ୍ତା ସଫା କରଯାଉଛି। ଅଗ୍ନିଶମ କର୍ମଚାରୀ ରାସ୍ତା ସଫା କରୁଛନ୍ତି। ବିଭିନ୍ନ ସ୍ଥାନରେ ଆଶ୍ରୟ ନେଇଥିବା ବାତ୍ୟାବିପନ୍ନଙ୍କୁ ରନ୍ଧାଖାଦ୍ୟ ଏବଂ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଉଛି। ବିପନ୍ନଙ୍କୁ ପଲିଥିନ ଯୋଗାଇ ଦିଆଯିବ। ପରିମଳ ବ୍ୟବସ୍ଥା ପ୍ରତି ମଧ୍ୟ ନଜର ରହିଛି। ଜିଲା ଯୋଗାଣ ଅଧିକାରୀ ତୁଷାରକାନ୍ତ ଦେଓ କହିଛନ୍ତି, ବାତ୍ୟାବିପନ୍ନଙ୍କୁ ଖାଦ୍ୟ ଯୋଗାଇବା ଲାଗି ୧,୦୦୦ କୁଇଣ୍ଟାଲ ଚାଉଳ, ୧୨୦୦ କୁଇଣ୍ଟାଲ ଚୁଡ଼ା, ୧୦୦ କୁଇଣ୍ଟାଲ ଗୁଡ଼ ପ୍ରାଥମିକ ଭାବେ ଯୋଗାଇ ଦିଆଯାଇଛି। ପର୍ଯ୍ୟାପ୍ତ ସାମଗ୍ରୀ ମଧ୍ୟ ମହଜୁଦ୍ ଅଛି।


ପୁରୀ ବେଳାଭୂମି ମାର୍ଗରେ ହାଇମାଷ୍ଟ ଲାଇଟ୍ ଖୁଣ୍ଟ ପଡ଼ିଯିବା ସହ ରାସ୍ତାରେ ବାଲି ମାଡ଼ିଯାଇଛି।


ପୁରୀ ଘୋଡ଼ା ବଜାର ଶିଶୁ ମନ୍ଦିର ସମ୍ମୁଖରେ ଥିବା ଟେଲିଫୋନ ଟାୱାର ଭାଙ୍ଗିଯାଇଛି।


ଗୁଣ୍ଡିଚାମନ୍ଦିର ରୋଷଶାଳା ଛପର ଉଡ଼ିଯାଇଛି।


ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ନିକଟରେ ଥିବା ପୁରୁଣା ଗଛ ଭାଙ୍ଗିଯାଇଛି।

# ଶ୍ରୀମନ୍ଦିର କ୍ଷତିଗ୍ରସ୍ତ

## ଗର୍ଭଗୃହରେ ଗଳିଲା ପାଣି

**ପୁରୀ ଅଫିସ, ୪।୫**

- ଖସି ପଡ଼ିଲା ଲୁହାଭାରା, ମନ୍ଦିର କାରୁକାର୍ଯ୍ୟ ନଷ୍ଟ ଆଶଙ୍କା
- ମୁଖ୍ୟ ମନ୍ଦିରର ୨ ସିଂହମୂର୍ତ୍ତି ଭାଙ୍ଗିପଡ଼ିଲା

'ଫନୀ' ପ୍ରଳୟରୁ ବାଦ୍ ପଡ଼ିଲାନି ଶ୍ରୀମନ୍ଦିର। ବାତ୍ୟାରେ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି ଶ୍ରୀମନ୍ଦିରର କାରୁକାର୍ଯ୍ୟ ଓ ଏହା ପରିସରରେ ଥିବା ବୃକ୍ଷରାଜି। ଶ୍ରୀମନ୍ଦିରର ମରାମତି ଲାଗି ବନ୍ଧାଯାଇଥିବା ଲୁହାଭାରା ଖସି ପଡିଥିବାବେଳେ କାରୁକାର୍ଯ୍ୟ କ୍ଷତିଗ୍ରସ୍ତ ହୋଇଛି। ମୁଖ୍ୟ ମନ୍ଦିରର ୨ ସିଂହମୂର୍ତ୍ତି ମଧ୍ୟ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। କଳ୍ପବଟ ଭାଙ୍ଗି ପଡିଥିବାବେଳେ ସିଂହଦ୍ୱାରରେ ଥିବା ଜୟମୂର୍ତ୍ତି ଖସି ପଡି ଚୂର୍ମାର ହୋଇଯାଇଛି। ଗର୍ଭଗୃହରେ ମଧ୍ୟ ପାଣି ଗଳିଥିବା ସୂଚନା ମିଳିଛି। ଲୁହା ରେଲିଂ ମାଡ଼ରେ କୌଣସି ଏକ ସ୍ଥାନରେ ଫାଟିଯାଇଥିବାରୁ ଗର୍ଭଗୃହକୁ ପାଣି ଆସିଥିବା କୁହାଯାଉଛି।

ଶୁକ୍ରବାର ପ୍ରବଳ ବେଗରେ ପବନ ବହିଥିଲା। ଶକ୍ତିଶାଳୀ ପବନ ପ୍ରଭାବରେ ମନ୍ଦିର ମରାମତି ପାଇଁ ଏଏସ୍ଆଇ ପକ୍ଷରୁ ବନ୍ଧା ଯାଇଥିବା ଲୁହାଭାରା ବାରମ୍ବାର ମୁଖ୍ୟ ମନ୍ଦିରରେ ମାଡ଼ ହୋଇଥିଲା। ପ୍ରାୟ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଲୁହାଭାରା ମନ୍ଦିରରେ ମାଡ଼ ହେବା ପରେ ଭାଙ୍ଗି ଖସିପଡିଥିଲା। ଏହି ସମୟରେ ଜୋର୍‌ରେ ଶବ୍ଦ ହୋଇଥିବା ଆଖପାଖ ଲୋକେ ଶୁଣିବାକୁ ପାଇଥିଲେ। ଏହି ଭାରାମାଡ଼ରେ ମୁଖ୍ୟ ମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ଥିବା ଦୁଇଟି ସିଂହମୂର୍ତ୍ତି ଭାଙ୍ଗି ତଳେ ପଡିଥିଲା ବୋଲି ଶ୍ରୀମନ୍ଦିରର ଖୁଣ୍ଟିଆ ସେବକ ନିରଞ୍ଜନ ଖୁଣ୍ଟିଆ କହିଛନ୍ତି। ତାଙ୍କ ସୂଚନା ମୁତାବକ, ଭାରା ମାଡ଼ ଦ୍ୱାରା ମନ୍ଦିର କ୍ଷତିଗ୍ରସ୍ତ ହୋଇଥିଲା। ଫଳରେ ଗର୍ଭଗୃହରେ ପାଣି ଗଳିଥିଲା। ସେହିପରି ସିଂହଦ୍ୱାରରେ ଥିବା ଜୟମୂର୍ତ୍ତି ମଧ୍ୟ ଭାଙ୍ଗି ଯାଇଥିଲା। ଶୁକ୍ରବାର ସକାଳେ ଏହି ମୂର୍ତ୍ତି ତଳେ ପଡି ଚୂନା ହୋଇଯାଇଥିବା ଦେଖିବାକୁ ମିଳିଥିଲା। ଶ୍ରୀମନ୍ଦିର ପରିସରରେ ଥିବା ବଟବୃକ୍ଷ ସମେତ ଅନ୍ୟାନ୍ୟ ଗଛଗୁଡ଼ିକ ମଧ୍ୟ ଭାଙ୍ଗି ପଡିଛି।


ମୁଖ୍ୟ ମନ୍ଦିରର ଭାଙ୍ଗିଯାଇଥିବା ଦୁଇ ସିଂହ ମୂର୍ତ୍ତି।

ଶୁକ୍ରବାର ବରାଦି ମହାପ୍ରସାଦ ରାନ୍ଧିବା ମଧ୍ୟ ସମ୍ଭବ ହୋଇ ନ ଥିଲା। କେବଳ କୋଠ ଭୋଗ ରୋଷେଇ କରାଯାଇଥିଲା।

ଗର୍ଭଗୃହରେ ପାଣି ଗଳିବାକୁ ନେଇ ଏଏସ୍ଆଇକୁ ଦୋଷ ଦେଇଛନ୍ତି ବୁଦ୍ଧିଜୀବୀ ଏବଂ ସେବାୟତ। କାମ ସରିଥିଲେ ବି ଦୀର୍ଘଦିନ ହେଲାଣି ଏଏସ୍ଆଇ ଭାରା ଖୋଲି ନ ଥିଲା। ଫଳରେ କିଛିଦିନ ତଳେ ଜଣେ ନାବାଳକ ଏହି ଭାରା ଦେଇ ଶ୍ରୀମନ୍ଦିର ଚୂଡ଼ାକୁ ଚଢିଯାଇଥିଲେ। ନୀଳଚକ୍ରରୁ ବାନା ଛିଣ୍ଡାଇ ଆଣିବା ସହ ଏକ ପୁରୁଣା ଗାମୁଛା ବାନ୍ଧି ଆସିଥିଲେ। ଏହାକୁ ନେଇ ଏଏସ୍ଆଇକୁ ବିଭିନ୍ନ ମହଲରୁ ସମାଲୋଚନା କରାଯାଇଥିଲା। ପରେ ଏଏସ୍ଆଇ ଭାରା ଖୋଲିବା କାମ ଆରମ୍ଭ କରିଥିଲା। ଉପରୁ ମାତ୍ର ଅଳ୍ପ ଭାରା ଖୋଲା ଯାଇଥିବାବେଳେ ଶୁକ୍ରବାର ବାତ୍ୟା ଫନୀରେ ଏହା ସମ୍ପୂର୍ଣ୍ଣ ମୋଡ଼ି ହୋଇ ଭାଙ୍ଗିଯାଇଛି।

# ଦେଶ ଓଡ଼ିଶା ସାଙ୍ଗରେ ଅଛି: ଧର୍ମେନ୍ଦ୍ର

**ପୁରୀ ଅଫିସ, ୪।୫:** ବାତ୍ୟା ପ୍ରଭାବରେ ଅଧିକ କ୍ଷତିଗ୍ରସ୍ତ ହୋଇଛି ପୁରୀ। ଜିଲାର ସବୁ ବ୍ଲକ ପ୍ରଭାବିତ ହୋଇଛି। ଘରଦ୍ୱାର ଭାଙ୍ଗି ପଡିଥିବାବେଳେ ବିଦ୍ୟୁତ୍, ଜଳଯୋଗାଣ ବ୍ୟବସ୍ଥା ବନ୍ଦ ହୋଇଯାଇଛି। ଗଛ ପଡିଥିବାରୁ ଯାତାୟାତ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଛି। ଏଭଳି ବିପର୍ଯ୍ୟୟ ସମୟରେ ଶନିବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୁରୀ ଗସ୍ତରେ ଆସି ବାତ୍ୟାର କ୍ଷୟକ୍ଷତି ବୁଲି ଦେଖିଛନ୍ତି। ପୁରୀ ସହରର କେତେକ ଅଞ୍ଚଳକୁ ଯାଇ ବିପନ୍ନଙ୍କୁ ଭେଟି ସେମାନଙ୍କ ଅବସ୍ଥା ପଚାରି ବୁଝିଛନ୍ତି। ଏଥିସହ ଜିଲାପାଳ ଜ୍ୟୋତିପ୍ରକାଶ ଦାସଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। ପରେ ଶ୍ରୀମନ୍ଦିରକୁ ଯାଇ ମନ୍ଦିର ଉପରେ ବାତ୍ୟା କି ପ୍ରଭାବ ପକାଇଛି ତାହା ଦେଖିଛନ୍ତି। ଜୟ ମୂର୍ତ୍ତି ଭାଙ୍ଗିବା, ୨ଟି ସିଂହ ମୂର୍ତ୍ତି ଭାଙ୍ଗିବା ଆଦି ବୁଲି ଦେଖିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ବାତ୍ୟାରେ ପୁରୀ ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବ୍ରହ୍ମଗିରିରୁ କାକଟପୁର ପର୍ଯ୍ୟନ୍ତ ସବୁଠି ବାତ୍ୟା ତାଣ୍ଡବ ରଚିଛି। ସମସ୍ତେ ସାହସର ସହ ଏହି ପରିସ୍ଥିତିର ମୁକାବିଲା କରିବା ଦରକାର। ଥଇଥାନ ଏବଂ ପୁନରୁଦ୍ଧାର କାର୍ଯ୍ୟରେ ସମସ୍ତଙ୍କ ସହଯୋଗ ଆବଶ୍ୟକ। ଦେଶ ଆଜି ଓଡ଼ିଶା ସାଙ୍ଗରେ ଅଛି। ପ୍ରଧାନମନ୍ତ୍ରୀ ଏହା ଉପରେ ନିଜେ ନଜର ରଖିଛନ୍ତି। ସକାଳେ ମୁଖ୍ୟମନ୍ତ୍ରୀଙ୍କ ସହ ମଧ୍ୟ ପ୍ରଧାନମନ୍ତ୍ରୀ କଥା ହୋଇଛନ୍ତି। ଓଡ଼ିଶା ଯାହା ଆବଶ୍ୟକ କରିବ ତାହା ଯୋଗାଇ ଦିଆଯିବ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର।



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୁରୀ ଟାଉନଥାନାରେ ହୋଇଥିବା କଣ୍ଟ୍ରୋଲ ରୁମ୍‌ରେ ପରିସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରୁଛନ୍ତି।

## ମାଳତୀପାଟପୁର ବସଷ୍ଟାଣ୍ଡ୍



ରିପୋର୍ଟ: ହେମନ୍ତ କୁମାର ନାୟକ, ପ୍ରଭାତ ପାଣିଗ୍ରାହୀ
ଫଟୋ: ଅନୀଲ ସାହୁ, ଯଜ୍ଞେଶ୍ୱର ମହାନ୍ତି




## ଫନୀ ଦେଖାଇଲା କରାଳରୂପ

ବାଲୁଗାଁ,୪।୫(ଡି.ଏନ୍.ଏ.) ପ୍ରଳୟଙ୍କରୀ ବାତ୍ୟା ସମଗ୍ର ଚିଲିକା ଅଞ୍ଚଳରେ ତାଣ୍ଡବ ରଚିଛି। ପାଣିପାଗ ବିଭାଗ ପୂର୍ବ ଆକଳନକ୍ରମେ ଶୁକ୍ରବାର ସକାଳ ପ୍ରାୟ ୮ଘଟିକାରୁ ଘଣ୍ଟାପ୍ରତି ୧୪୦କିମି ବେଗରେ ପବନ ବହିବା ସହ ବର୍ଷା ଆରମ୍ଭ ହୋଇଥିଲା। ଦୀର୍ଘ ୩ ଘଣ୍ଟା ଧରି ଫନୀ ତାର କରାଳ ରୂପ ଜାରି ରଖିଥିଲା। ଫଳରେ ରାସ୍ତାପାର୍ଶ୍ୱ ବହୁ ପୁରାତନ ବୃକ୍ଷ ଓ ବିଦ୍ୟୁତ୍ ଖୁଣ୍ଟ ଆଦି ଉପୁଡି ପଡ଼ିବା ସହ ଅନେକ ସ୍ଥାନରେ କଚ୍ଚାଘର ଭୁଶୁଡ଼ି ପଡ଼ିଥିଲା। ବାତ୍ୟା ପ୍ରଭାବରେ ଘରର ଆଜବେଷ୍ଟସ୍ ଓ ଟିଣ ଛପର ଉଡ଼ି ଅନ୍ୟ ସ୍ଥାନରେ ପଡ଼ିଥିଲା। ତେବେ ସୌଭାଗ୍ୟବଶତଃ କେହି ମୃତାହତ ହୋଇ ନ ଥିବା ଜଣାଯାଇଛି। ବାଲୁଗାଁ ବଜାରସ୍ଥିତ କଲ୍ୟାଣ ମଣ୍ଡପ ଛକରେ ଗଛ ଉପୁଡି ବୋଲେରୋ ଉପରେ ପଡ଼ିବାରୁ ଗାଡ଼ିଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ବଜାର ମଧ୍ୟରେ ଥିବା ୨ଶହ ବର୍ଷର ଏକ ତେନ୍ତୁଳି ଗଛ ଉପୁଡି ପଡିଛି। ଉକ୍ତ ସ୍ଥାନ କଇଁଆ ଗଛ ଛକ ବୋଲି ନାମିତ ଥିଲା। ରାଜପଥ ପାର୍ଶ୍ୱରେ ଟାୱାର ଭାଙ୍ଗି ଯନ୍ତ୍ରାଂଶ ସବୁ ରାସ୍ତାରେ ବିଛାଡିହୋଇ ପଡ଼ିଥିଲା। ଗଛ ଉପୁଡି ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଗ୍ରାମକୁ ଗମନାଗମନ ବାଧା ଉପୁଜିଛି। ବାତ୍ୟା ପରେ ଆଶ୍ରୟସ୍ଥଳରେ ରହିଥିବା ଲୋକେ ନିଜ ଘରକୁ ପ୍ରତ୍ୟାବର୍ତ୍ତନ କରିଥିବା ଚିଲିକା ବିଡିଓ ବାଦଲ ମହାନ୍ତି କହିଛନ୍ତି।

## ଭାଙ୍ଗିଲା କଚ୍ଚାଘର, ଉଡ଼ିଲା ଛପର

ବୋଲଗଡ଼,୪।୫(ଡି.ଏନ.ଏ.): ବୋଲଗଡ଼ ବ୍ଲକ ଅଞ୍ଚଳରେ ସକାଳ ୧୦ ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଫନୀ ତାଣ୍ଡବ ରଚିଛି। ଏହାର ପ୍ରଭାବରେ ବୋଲଗଡ଼ର ବାଙ୍କୋଇ, କନ୍ତାଇଲେ, ଅସରଳା, କଅଁରପୁର, ଗିରିଗିରିଆ, ସାନପଦର, ସାନବାଡ-ଚମ୍ପାଇଲୋ, ଖଉରୁଣୀ, ଆରିକମା, କାଦୁଆପଡ଼ା, ଗେଡିଆପଲ୍ଲୀ, ଗର୍ଭଣୀପଡା, ହାଟବସ୍ତ, ବୋଲଗଡ଼, ମାଣିକାଗୋଡା, ଚଟୁଆ ବିଭିନ୍ନ ଅଞ୍ଚଳରେ ଗଛ ଓ କଚ୍ଚା ଘର ଭାଙ୍ଗିଯାଇଛି। ସମସ୍ତ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଯାଇଛି। ମୋବାଇଲ୍, ଇଣ୍ଟରନେଟ୍ ନେଟ୍‌ୱର୍କ ସମ୍ପୂର୍ଣ୍ଣ ଭାବେ ବ୍ୟାହତ ହେବା ଯୋଗୁ ସାଧାରଣ ଲୋକେ ହଇରାଣ ହେଉଛନ୍ତି। ପ୍ରଶାସନ ତରଫରୁ ଯୋଗାଇ ଦିଆଯାଇଥିବା ବାତ୍ୟା ଆଶ୍ରୟସ୍ଥଳ, ଅସ୍ଥାୟୀ ବାସଗୃହରେ ପ୍ରାୟ ୪ ହଜାର ଲୋକ ଆଶ୍ରୟ ନେଇଥିଲେ। ସେମାନଙ୍କୁ ରନ୍ଧାଖାଦ୍ୟ, ଚୁଡ଼ା, ଗୁଡ଼ ଇତ୍ୟାଦି ଯୋଗାଇ ଦିଆଯାଇଥିଲା।

### ଖୋର୍ଦ୍ଧା ଜିଲାରେ ବଡ଼ ବିପର୍ଯ୍ୟୟ

# ବିଦ୍ୟୁତ୍, ଫୋନ ସେବା ବିଚ୍ଛିନ୍ନ

ଖୋର୍ଦ୍ଧା ଅଫିସ, ୪।୫

ସାମୁଦ୍ରିକ ଝଡ ଫନୀର ପ୍ରଭାବରେ ଖୋର୍ଦ୍ଧା ଜିଲା ଧ୍ୱଂସ ବିଧ୍ୱଂସ୍ତ ହୋଇପଡିଛି। ବିଦ୍ୟୁତ୍ ସରବରାହ ବନ୍ଦ ଯୋଗୁ ସ୍ୱାସ୍ଥ୍ୟ, ପାନୀୟଜଳ ପରି ଅତ୍ୟାବଶ୍ୟକ ସେବା ପ୍ରଭାବିତ ହୋଇଛି। ଦୁଇଦିନ ବିତିଯିବାକୁ ବସିଥିବାବେଳେ ରାସ୍ତାଘାଟରୁ ଗଛ କଟା ଶେଷ ହୋଇପାରିନାହିଁ। ରାସ୍ତା କଡରେ ଭଙ୍ଗା ବିଦ୍ୟୁତ ଖୁଣ୍ଟ ଓ ତାର ଛିଣ୍ଡି ପଡି ରହିଛି। ଜିଲା ସଦର ମହକୁମା ସହ ମ୍ୟୁନିସିପାଲିଟି, ଏନଏସି ଅଞ୍ଚଳରେ ପ୍ରଶାସନ ପକ୍ଷରୁ ସେଭଳି କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଲୋକେ ହନ୍ତସନ୍ତ ହେଉଛନ୍ତି। ଜିଲାର ଖୋର୍ଦ୍ଧା, ବେଗୁନିଆ, ବୋଲଗଡ, ଜଟଣୀ, ଟାଙ୍ଗୀ, ବାଣପୁର, ଚିଲିକା ବ୍ଲକ ଏବଂ ଖୋର୍ଦ୍ଧା, ଜଟଣୀ, ବାଣପୁର, ବାଲୁଗାଁ ସହରାଞ୍ଚଳ ଅନ୍ଧାରରେ ରହିଛି। ବାତ୍ୟା ଆଶ୍ରୟସ୍ଥଳୀରେ ରହୁଥିବା ଲୋକଙ୍କୁ ଠିକ୍ ଭାବେ ଖାଦ୍ୟ ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ଖୋର୍ଦ୍ଧା ସେସୁ ଅଧୀନରେ ଥିବା ଜଟଣୀ, ଜଙ୍କିଆ, ବେଗୁନିଆ, ଖୋର୍ଦ୍ଧା କଟକ ଜିଲାର ବାଙ୍କୀ ସବ୍‌ଡିଭିଜନ ଅଞ୍ଚଳରେ ୨୫୬ଟି ୩୩ କେଭି ବିଦ୍ୟୁତ୍ ଲାଇନ୍ ଖୁଣ୍ଟ, ୧୧ କେଭିର ବିଦ୍ୟୁତ୍ ଖୁଣ୍ଟ ୧୯୮୪ଟି, ଏଲଟି ବିଦ୍ୟୁତ୍ ଖୁଣ୍ଟ ୩୨ ଶହ ଭାଙ୍ଗି ପଡିଛି। ସେହିପରି ୩୬୮ ସବ୍ ଷ୍ଟେଶନ ବାତ୍ୟା ଯୋଗୁ ନଷ୍ଟ ହୋଇଯାଇଛି। ରାସ୍ତାରେ ପଡିଥିବା ଭଙ୍ଗା ବିଦ୍ୟୁତ୍ ଖୁଣ୍ଟଗୁଡିକୁ ସ୍ଥାନୀୟ ବାସିନ୍ଦା ହଟାଇ ଦେଇଛନ୍ତି। କିନ୍ତୁ ଏଯାବତ ବିଦ୍ୟୁତ୍ ମରାମତି ଲାଗି ସେସୁ ପକ୍ଷରୁ ସେଭଳି କିଛି ପଦକ୍ଷେପ ନିଆଯାଇ ନ ଥିବା ଜଣାପଡିଛି।

### ଡିବିରି ଓ ଲଣ୍ଠନ ଲାଗି ଦୋକାନରେ ଭିଡ଼

ଫନୀ ବାତ୍ୟା ସହରୀ ଲୋକଙ୍କୁ ପୁଣି ପୁରୁଣା କାଳିଆ ନିତ୍ୟ ବ୍ୟବହାର୍ଯ୍ୟ ଉପକରଣ ବ୍ୟବହାର କରିବାକୁ ଏକ ପ୍ରକାର ବାଧ କରି ଦେଇଛି। ଖୋର୍ଦ୍ଧା ସହର ଓ ଆଖପାଖ ଅଞ୍ଚଳରେ ବିଦ୍ୟୁତ୍ ନ ଥିବାରୁ ଲୋକେ ଡିବିରି ଓ ଲଣ୍ଠନ କିଣିବାକୁ ଦୋକାନରେ ଭିଡ ଜମାଉଛନ୍ତି। ବଜାରରେ ମହମବତିର ଅଭାବ ଦେଖାଦେଇଛି। ଖରାଦିନ ହୋଇ ଥିବାରୁ ଶିଶୁ, ରୋଗୀ ଓ ଲୋକମାନେ ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ଟାଣ ଖରାରେ ଆଉଟପାଉଟ ହୋଇ ଯାଉଛନ୍ତି।



ଖୋର୍ଦ୍ଧା ପୋଷ୍ଟ ଅଫିସ ଛକରେ ବିଦ୍ୟୁତ ଖୁଣ୍ଟ ଭାଙ୍ଗି ବିପଦସଙ୍କୁଳ ଅବସ୍ଥାରେ ରହିଛି।

### ଅଧଘଣ୍ଟାକୁ ଜେନେରେଟର ଭଡ଼ା ୫ ଶହ ଟଙ୍କା

ବିଦ୍ୟୁତ୍ ନ ଥିବାରୁ ପାନୀୟ ଜଳ ମୁନ୍ଦେ ପିଇବାକୁ ଲୋକେ ପାଉନାହାନ୍ତି। ଖୋର୍ଦ୍ଧା ମ୍ୟୁନିସିପାଲିଟି ପକ୍ଷରୁ ଶନିବାର ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ ଆରମ୍ଭ ହୋଇଥିଲେ ଏହା ସମୁଦ୍ରକୁ ଶଙ୍ଖେ ଭଳି ହୋଇଛି। ଅଧିକାଂଶ ଲୋକ ଘରେ ଥିବା ନଳକୂପରୁ ପାଣି ଟାଙ୍କି ପୂର୍ଣ୍ଣ କରିବାକୁ ଜେନେରେଟର ଭଡାକୁ ଆଣି ଲଗାଉଛନ୍ତି। ହେଲେ ଜେନେରେଟର ଲଗାଉ ଥିବା ବ୍ୟକ୍ତିମାନେ ଅଧ ଘଣ୍ଟାକୁ ୫ଶହ ଟଙ୍କା ନେଉଛନ୍ତି। ଫଳରେ ଲୋକେ ପାଣି ପାଇଁ ୫ ଶହ ଟଙ୍କା ଯାଉ ପଛେ ଶୋଷ ମେଣ୍ଟୁ ବୋଲି କହୁଛନ୍ତି।

### ପରିମଳ ସେବା ବିପର୍ଯ୍ୟସ୍ତ

ବାତ୍ୟା ପରେ ପରିମଳ ବ୍ୟବସ୍ଥା ବିଗିଡିଯାଇଛି। ଗୁରୁବାରଠାରୁ ଖୋର୍ଦ୍ଧା ସହରରେ ସଫେଇ କାର୍ଯ୍ୟ ବ୍ୟାହତ ହୋଇଛି। ଚାରି ଆଡେ କୁଢ କୁଢ ଆବର୍ଜନା ପରିପୂର୍ଣ୍ଣ ହୋଇ ରହିଛି। ଏଭଳି ଅବସ୍ଥା ଲାଗି ରହିଲେ ବିଭିନ୍ନ ପ୍ରକାର ରୋଗ ହେବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ।

### ରାସ୍ତାକଡ଼ ଗଛ ଶୂନ୍ୟ

ଫନୀ ଯୋଗୁ ଖୋର୍ଦ୍ଧା ସହରର ରାସ୍ତା କଡ ଓ ସହରର ବିଭିନ୍ନ ୱାର୍ଡରୁ ୩ ହଜାରରୁ ଊର୍ଦ୍ଧ୍ୱ ଗଛ ଭାଙ୍ଗିଯାଇଛି। ତେବେ ରାସ୍ତାକଡରେ ଥିବା ଅଧିକାଂଶ ବର, ଅଶ୍ୱତ୍ଥ, ଆମ୍ବ, ଚାକୁଣ୍ଡା, କଇଁଆ ଗଛ ଭାଙ୍ଗି ପଡିଛି। ଖୋର୍ଦ୍ଧା ମ୍ୟୁନିସିପାଲିଟି କାର୍ଯ୍ୟାଳୟ ସମ୍ମୁଖ ପୁରୁଣା ବରଗଛ ଭାଙ୍ଗିଯାଇଛି। ସେହିପରି ଇଗଲ କ୍ଲବ ପାଖ ଏବଂ ବଲାଙ୍ଗୀ- ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ୩ଟି ବହୁ ପୁରାତନ ବରଗଛ ଉପୁଡି ପଡିଛି। ଏହି ବରଗଛଗୁଡିକ ୧୯୯୯ ମହାବାତ୍ୟା ସମୟରେ କିଛି କ୍ଷତି ହୋଇ ନ ଥିଲା। ମୋଟାମୋଟି ଖୋର୍ଦ୍ଧା ସହରରେ ବାତ୍ୟାରେ ୩୧ଟି ବର ଓ ଅଶ୍ୱତଥ ଭାଙ୍ଗି ପଡିଥିବା ଜଣାପଡିଛି।

–ରିପୋର୍ଟ: ଲୋକନାଥ ମିଶ୍ର

### ମିଳୁ ନାହାନ୍ତି ଶ୍ରମିକ

ବାତ୍ୟା ପରେ ଭଙ୍ଗା ଘରକୁ ମରାମତି କରିବାକୁ ଶ୍ରମିକ, ମିସ୍ତ୍ରି ମିଳୁନାହାନ୍ତି। ଶ୍ରମିକ ଓ ମିସ୍ତ୍ରି ନିଜ ଘରକୁ ସଜାଡୁଥିବାବେଳେ ଅନ୍ୟ ଘର ମରାମତି କରିବାକୁ ସମୟ ନାହିଁ। ଫଳରେ ବିପନ୍ନମାନେ ଭଙ୍ଗାଘରେ ବିପଦସଙ୍କୁଳ ଭାବେ ରହିଛନ୍ତି। ଅନ୍ୟପକ୍ଷେ ବ୍ୟବସାୟୀମାନେ ବେଶି ହଇରାଣ ହେଉଛନ୍ତି। ଏପଟେ ବେପାର ବନ୍ଦ, ସେପଟେ ଦୋକାନ ଘର ମରାମତି ହୋଇପାରୁନାହିଁ।

### ଘରଭଙ୍ଗା ତଥ୍ୟ ମିଳୁନି

ଖୋର୍ଦ୍ଧା ଜିଲାରେ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ଚାଳ, ଆଜବେଷ୍ଟସ ଓ ଟାଇଲ ଛପର ଘର ଓ ଦୋକାନ ଭାଙ୍ଗି ଯାଇଥିବା ବେସରକାରୀ ଭାବେ ଜଣାପଡିଛି। ତେବେ ଟେଲିଫୋନ ସେବା ବନ୍ଦ ରହିଥିବା କାରଣରୁ ଜିଲା ଆପାତକାଳୀନ ବିଭାଗ ପକ୍ଷରୁ ଘରଭଙ୍ଗା ତଥ୍ୟ ବ୍ଲକ ଓ ତହସିଲ କାର୍ଯ୍ୟାଳୟରୁ ସଂଗ୍ରହ କରିବା ଅସମ୍ଭବ ହୋଇପଡିଛି। ବାତ୍ୟାର ୨ ଦିନ ପରେ କେତେ ଘର ଭାଙ୍ଗିଛି ଜଣାପଡିନାହିଁ।


ବାଲୁଗାଁ ଅଞ୍ଚଳରେ ଏକ ଗାଡ଼ି ଉପରେ ଭାଙ୍ଗିପଡ଼ିଥିବା ଗଛ।


୫୭ ନଂ. ଜାତୀୟ ରାଜପଥର ଇଗଲ କ୍ଲବ ସମ୍ମୁଖ ରାସ୍ତାରେ ଭାଙ୍ଗିପଡ଼ିଥିବା ଗଛ ତଳେ ଲୋକଙ୍କ ଯାତାୟତ।

# ଭୁବନେଶ୍ୱର

## ପାଣି ସମସ୍ୟା ଦୂର ପାଇଁ କଲିକତା ଗଲା ହେଲିକପ୍ଟର

ଭୁବନେଶ୍ୱର, ୪।୫ (ବ୍ୟୁରୋ): ଭୁବନେଶ୍ୱରକୁ ମୁଖ୍ୟତଃ ୭୦ ପ୍ରତିଶତ ପାନୀୟ ଜଳ ମହାନଦୀର ମୁଣ୍ଡଳୀ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟରୁ ପାଇପ୍ ଜରିଆରେ ଆସିଥାଏ। ମାତ୍ର ମୁଣ୍ଡଳୀରୁ ଓ ଚନ୍ଦକା ଦେଇ ଆସିଥିବା ପାଇପ୍ ଲାଇନ କଡ଼ରେ ଥିବା ଗଛଗୁଡ଼ିକ ଉପୁଡ଼ି ପଡ଼ିବାରୁ ୧୫ କି.ମି. ଧରି ପାଇପ୍‌ଲାଇନ କ୍ଷତିଗ୍ରସ୍ତ ହୋଇଛି। ଏଥିସହ ପ୍ଲାଣ୍ଟରେ ଥିବା ଉଚ୍ଚ କ୍ଷମତା ସମ୍ପନ୍ନ ଜେନେରେଟରରେ ଯାନ୍ତ୍ରିକ ସମସ୍ୟା ଦେଖାଦେବାରୁ ପ୍ଲାଣ୍ଟ ଏକ ପ୍ରକାର ବନ୍ଦ ହୋଇଯାଇଛି। ଦେଢ ହଜାର କିଲୋ ୱାଟ୍‌ର ଯେଉଁ ଜେନେରେଟର ବ୍ୟବସ୍ଥା କରାଯାଇଥିଲା ତାହା ଫନୀ ଦ୍ୱାରା କ୍ଷତିଗ୍ରସ୍ତ ହୋଇଛି। ଜେନେରେଟରରେ ଲାଗୁଥିବା ପାର୍ଟସ ଭୁବନେଶ୍ୱରରେ ଉପଲବ୍ଧ ନ ଥିବାରୁ ପାର୍ଟସ୍ ଆଣିବା ପାଇଁ ଏକ ସ୍ୱତନ୍ତ୍ର ହେଲିକପ୍ଟର କଲିକତା ଯାଇଥିବା ସୂଚନା ମିଳିଛି।


ଭୁବନେଶ୍ୱର ବୁଦ୍ଧେଶ୍ୱର କଲୋନୀରେ ଭାଙ୍ଗିପଡ଼ିଥିବା ନଡ଼ିଆଗଛ।

## ବିଏମ୍‌ସି: ୨୪ଘଣ୍ଟାରେ ୪୬୦ ଅଭିଯୋଗ

ବାତ୍ୟା ଫନୀ ଲାଗି ମେ ୧ରୁ ବିଏମ୍‌ସି ମୁଖ୍ୟାଳୟରେ ଖୋଲାଯାଇଥିବା ମଲ୍ଟିଏଜେନ୍ସି କଣ୍ଟ୍ରୋଲରୁମ୍‌ରେ ଶନିବାର ସନ୍ଧ୍ୟା ସୁଦ୍ଧା ମୋଟ ୪୬୦ ଅଭିଯୋଗ ଆସିଛି। ମୁଖ୍ୟତଃ ଘର ଭାଙ୍ଗିବା, ରାସ୍ତା ଜାମ୍ ହେବା ଓ ପାଣି ସମସ୍ୟା ନେଇ ଅଧିକ ଅଭିଯୋଗ ମିଳିଛି। ତେବେ ଏନ୍‌ଡ଼ିଆର୍‌ଏଫ୍‌ର ୫ଟି ଟିମ୍‌ର ୧୨୧ କର୍ମଚାରୀଙ୍କ ସମେତ ୮ଜଣ ଅଧିକାରୀ ଓ ଅଗ୍ନିଶମ ବିଭାଗର ୬ ଟିମ୍‌ର ୨୫୦ ଜଣ କର୍ମଚାରୀ ରାସ୍ତା ସଫା କାର୍ଯ୍ୟ ଜାରି ରଖିଛନ୍ତି। ସେହିପରି ବିଦ୍ୟୁତ୍ ବିଭାଗର ତିନୋଟି ଟିମ୍ ଇଲେକ୍ଟ୍ରି ପୋଲ ଏବଂ ତାର ରାସ୍ତାରୁ ହଟାଇବା ସହ ମରାମତି କାର୍ଯ୍ୟରେ ଲାଗି ପଡିଛନ୍ତି।

## ରାସ୍ତାକଡ଼ ଦୋକାନ, ପେଟ୍ରୋଲ ପମ୍ପରେ ଭିଡ଼

ସହରରେ ଅଧିକାଂଶ ଦୋକାନ ବଜାର କ୍ଷତିଗ୍ରସ୍ତ ହୋଇଛି। ଶନିବାର ଶପିଂ ମଲ୍ ଓ ବଡ଼ ଦୋକାନ ପ୍ରାୟତଃ ବନ୍ଦ ରହିଥିଲା। କାଁଭାଁ କେଉଁଠି ଦୋକାନ ଖୋଲିଥିଲା। ଅପରାହ୍ନରୁ ରାସ୍ତାକଡ଼ ଦୋକାନ, ଓମ୍‌ଫେଡ଼ ଏବଂ ଠେଲାଗାଡ଼ିରେ ଲୋକଙ୍କ ପ୍ରବଳ ଭିଡ଼ ଲାଗିଥିଲା। ସନ୍ଧ୍ୟାରେ ଅନ୍ଧାର ସତ୍ତ୍ୱେ ବ୍ୟାଟେରି ଓ ଚାର୍ଜ ଲାଇଟ୍ ଲଗାଇ ଦୋକାନୀମାନେ ବେପାର କରୁଥିଲେ। ଚାର୍ଜ ସରିଯିବା ପରେ ଦୋକାନ ବନ୍ଦ କରି ଦେଇଥିଲେ। ଏକ ନମ୍ବର ହାଟରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଥିଲା। ସେହିପରି ଶୁକ୍ରବାର ତମାମ ହୋଟେଲ ବନ୍ଦ ରହିଥିବାବେଳେ ଶନିବାର ବିଳମ୍ବରେ ଦୋକାନ ବଜାର ଖୋଲିଥିଲା। ଷ୍ଟେଶନ ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ଅନେକ ଦୋକାନୀ ମରାମତି କାର୍ଯ୍ୟରେ ବ୍ୟସ୍ତ ରହିବାରୁ ଖାଦ୍ୟ ମିଳି ନ ଥିଲା। କିଛି ସ୍ଥାନରେ କେବଳ ଦହିବରା ଓ ରାସ୍ତା କଡ଼ ଠେଲା ଉପରେ ଭରସା କରି ଅପେକ୍ଷାରତ ଯାତ୍ରୀମାନେ ଦିନ କାଟିଥିଲେ। ଖାଦ୍ୟ ଓ ପାଣି ସମସ୍ୟା ଉତ୍କଟ ହେଉଥିବା ବେଳେ ବିଏମ୍‌ସି ସେଲଟର ରୁମ୍‌ରେ ପାଣି ଓ ଖାଦ୍ୟ ପାଇଁ ଅସହାୟ ଲୋକଙ୍କ ଭିଡ଼ ଜମିବାର ମଧ୍ୟ ପରିଲକ୍ଷିତ ହୋଇଥିଲା। ସେହିପରି ବନ୍ଦ ଥିବା ପେଟ୍ରୋଲ ପମ୍ପଗୁଡ଼ିକ ଖୋଲିବା ପରେ ଆରମ୍ଭରୁ ପ୍ରବଳ ଭିଡ଼ ହୋଇଥିଲା। ଶହ ଶହ ଲୋକ ପେଟ୍ରୋଲ ପକାଇବା ପାଇଁ ଲମ୍ବା ଲାଇନରେ ଗାଡି ଧରି ରହିଥିଲେ।

## ଆଶ୍ରୟସ୍ଥଳୀ ଅନ୍ଧାର, ଲୋକେ ଭୟଭୀତ

ବିଏମ୍‌ସି ପକ୍ଷରୁ ୧୩୨ଟି ଅସ୍ଥାୟୀ ଆଶ୍ରୟସ୍ଥଳରେ ଲୋକଙ୍କୁ ରଖାଯାଇଛି। ମାତ୍ର ସେଠାରେ ଆଲୋକ ବ୍ୟବସ୍ଥା ହୋଇନ ଥିବାରୁ ରାତିରେ ଲୋକେ ଅନ୍ଧାରରେ ରହୁଛନ୍ତି। ଅନେକ ସ୍ଥାନରେ ଜେନେରେଟର ଥାଇ ମଧ୍ୟ ରାତି ୯ଟା ପରେ ବନ୍ଦ କରି ଦିଆଯାଉଛି। ଲୋକମାନେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଆଶ୍ରୟସ୍ଥଳୀରେ ରାଜଧାନୀର ବିଭିନ୍ନ ଅଞ୍ଚଳରୁ ୬୯୧ ଜଣ ଗର୍ଭବତୀ ମହିଳାଙ୍କୁ ସ୍ୱତନ୍ତ୍ର ଚିକିତ୍ସା ପ୍ରଦାନ କରାଯାଉଛି। ଅନେକଙ୍କ ଘର ଦ୍ୱାର ନ ଥିବାରୁ ସେମାନେ ଆଶ୍ରୟସ୍ଥଳ ଉପରେ ନିର୍ଭରଶୀଳ ମାତ୍ର ରାତିରେ ଅନ୍ଧାରରେ ରହୁଥିବାରୁ ସେମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ତେବେ ଅସ୍ଥାୟୀ ଆଶ୍ରୟସ୍ଥଳଗୁଡ଼ିକରେ ରହୁଥିବା ୮୫ ହଜାର ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଥିବା ବିଏମ୍‌ସି ପକ୍ଷରୁ ସୂଚନା ମିଳିଛି।


ଆଚାର୍ଯ୍ୟ ବିହାର ନିକଟ ରାସ୍ତାପାର୍ଶ୍ୱରେ ଥିବା ଏକ ବସ୍ତିରେ ଲୋକେ ଘର ମରାମତି କରୁଛନ୍ତି।

## ପାର୍କ, ସୌନ୍ଦର୍ଯ୍ୟକରଣ କ୍ଷତିଗ୍ରସ୍ତ

ବାତ୍ୟାରେ ବଦଳିଯାଇଛି ସ୍ମାର୍ଟ ସିଟିର ରୂପ ଓ ସୌନ୍ଦର୍ଯ୍ୟ। ସହରରେ ଥିବା ବିଭିନ୍ନ ପାର୍କ କ୍ଷତିଗ୍ରସ୍ତ ହୋଇଥିବାବେଳେ କରାଯାଇଥିବା ସୌନ୍ଦର୍ଯ୍ୟକରଣ ନଷ୍ଟ ହୋଇଯାଇଛି। ଇନ୍ଦିରାଗାନ୍ଧୀ ପାର୍କ, ମହାତ୍ମାଗାନ୍ଧୀ ପାର୍କ, ବିଜୁ ପଟ୍ଟନାୟକ ପାର୍କ, ଜୟଦେବବାଟିକା, ଏକାମ୍ରକାନନ ପାର୍କରେ ଥିବା ବଡ଼ ବଡ଼ ଗଛ ଭାଙ୍ଗିଯାଇଛି। ସେହିଭଳି ଅନ୍ୟ ଛୋଟ ପାର୍କରେ ଥିବା ଗଛ ଓ ସୌନ୍ଦର୍ଯ୍ୟକରଣ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ମୁକ୍ତାକାଶ ଜିମ୍ ସରଞ୍ଜାମ ଓ ଶିଶୁମାନଙ୍କ ଲାଗି କରାଯାଇଥିବା କ୍ରୀଡ଼ା ସାମଗ୍ରୀଗୁଡ଼ିକ ମଧ୍ୟ ନଷ୍ଟ ହୋଇଛି।

## ଚାଲିଲା ଘରୋଇ ବସ୍, ଠେଲାପେଲା

ଶନିବାର ମଧ୍ୟାହ୍ନରୁ ରାଜଧାନୀରୁ କେତେକ ଘରୋଇ ବସ୍ ସେବା ଆରମ୍ଭ କରିଛନ୍ତି। ବରମୁଣ୍ଡା ଓ ମାଷ୍ଟରକ୍ୟାଣ୍ଟିନରୁ କିଛି ବସ୍ ସହର ସମେତ ଅନ୍ୟ ଜିଲାକୁ ବସ୍ ଯାତ୍ରାରମ୍ଭ କରିଥିବା ସୂଚନା ମିଳିଛି। ତେବେ ଦୁଇଦିନ ଧରି ଅଟକି ରହିଥିବା ଯାତ୍ରୀମାନେ ବସ୍‌ରେ ଯିବାକୁ ପ୍ରବଳ ଭିଡ଼ ଲଗାଇଥିଲେ। ଏହି ସମୟରେ ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଥିଲା। ସ୍ଥାନ ନ ଥିବାରୁ ବହୁ ଯାତ୍ରୀ ମଧ୍ୟ ଯାଇପାରି ନ ଥିଲେ।



ଭୁବନେଶ୍ୱର ରେଳ ଷ୍ଟେଶନରେ ଅପେକ୍ଷାରତ ଯାତ୍ରୀ ।


ୟୁନିଟ୍ ୩ ସ୍ଥିତ ରାସ୍ତାରେ ଭାଙ୍ଗିପଡ଼ିଥିବା ଏକ ବଡ଼ ଗଛ ।




–ରିପୋର୍ଟ: ସ୍ମିତପ୍ରଜ୍ଞ ମିଶ୍ର, ଜ୍ୟୋତିରଞ୍ଜନ ମହାପାତ୍ର

# ରାଜଧାନୀରେ ବ୍ୟାପକ କ୍ଷତି

ଭୁବନେଶ୍ୱର,୪।୫ (ତ୍ରିନାଥ ମହାନ୍ତି): ବାତ୍ୟା ଫନୀ ପ୍ରଭାବରେ ରାଜଧାନୀରେ ବ୍ୟାପକ କ୍ଷତି ଘଟିଛି। ବସ୍ତିଠୁ ଆରମ୍ଭ କରି ଭିଆଇପି ଅଞ୍ଚଳରେ ଫନୀ ତାଣ୍ଡବ ରଚିଛି। ବଡବଡ ଗଛ ଭାଙ୍ଗିବା ସହ ଅଜବେଷ୍ଟସ ଘର, କାନ୍ଥ, ଘରର ପାଚେରୀ ଏବଂ ବିଦ୍ୟୁତ୍ ଖୁଣ୍ଟି, ବଡ ବଡ ହୋର୍ଡିଂ ଆଦି ଭାଙ୍ଗି ଛାରଖାର କରି ଦେଇଛି। ଓଡ୍ରାଫ ଏବଂ ଅଗ୍ନିଶମ ବିଭାଗ ଯୁଦ୍ଧକାଳୀନ ଭିତ୍ତିରେ ସଫେଇ କାର୍ଯ୍ୟ କରୁଥିଲେ ମଧ ଏକାଧିକ ଗଛ କାଟିବାରେ ସେମାନେ ଅକ୍ଷମ ହେଉଛନ୍ତି। ଅନ୍ୟପକ୍ଷେ ସେସୁ ପକ୍ଷରୁ ବିଦ୍ୟୁତ୍ ସରବରାହ ପାଇଁ ଶନିବାର ସକାଳୁ କାର୍ଯ୍ୟ ଆରମ୍ଭ କରାଯାଇଛି। ରାସ୍ତାର ଅନେକ ସ୍ଥାନରେ ପଡିଥିବା ଷ୍ଟ୍ରିଟ୍ ଲାଇଟ୍‌ରୁ ଏଲିଡି ଚୋରି ହୋଇଯାଇଥିବା ଦେଖିବାକୁ ମିଳିଛି। ପାଣି ଓ ଖାଦ୍ୟ ପାଇଁ ରାଜଧାନୀବାସୀ ହା ହା କାର ହୋଇଛି। ବସ୍ତିରେ ରହୁଥିବା ଲୋକଙ୍କୁ ଖାଦ୍ୟ, ପାନୀୟ କିମ୍ବା ସହାୟତା ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ଫଳରେ ରାଜଧାନୀର ବହୁ ବସ୍ତିର ଲୋକେ ରାସ୍ତାରୋକୋ କରିଥିଲେ। ଏହାସହ ଯେଉଁମାନଙ୍କୁ ବାତ୍ୟା ଆଶ୍ରୟସ୍ଥଳୀରେ ରଖାଯାଇଛି ସେଠାରେ ମଧ ଖାଦ୍ୟ ଠିକ୍ ସେ ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ଯେଉଁମାନେ ବାତ୍ୟା ଆଶ୍ରୟସ୍ଥଳୀରେ ରହିଥିଲେ ସେମାନେ ଶନିବାର ନିଜର ଘରକୁ ଫେରିଥିଲେ। ଏପରି କି ଭାଙ୍ଗି ଯାଇଥିବା ଘରକୁ ଦେଖି ସେମାନଙ୍କୁ କୋହ ସମ୍ଭରଣ କରି ପାରୁ ନ ଥିବା ଦେଖିବାକୁ ମିଳିଥିଲା। ସେମାନେ ସେଇ ଭଙ୍ଗା ଘରକୁ ସଜାଡିବାରେ ଲାଗି ପଡିଛନ୍ତି।



ଧିରୀକୂଟି ବସ୍ତିରେ ବାତ୍ୟା ବର୍ଷାରେ ଭିଜି ଯାଇଥିବା ପାଠ୍ୟପୁସ୍ତକ ଶୁଖାଇବା ପାଇଁ ନିଆଯାଉଛି।



ବୁଦ୍ଧନଗର କଦଳୀ ଗୋଦାମ ବସ୍ତିର ଏକ ଘର ଆଜବେଷ୍ଟସ ଉଡ଼ିଯାଇଛି।



ସୈନିକ ସ୍କୁଲ ନିକଟ ଏକ ବସ୍ତିର ଘରୁ ଖାଦ୍ୟ ସାମଗ୍ରୀ ଓ ଗ୍ୟାସ ସିଲିଣ୍ଡର ପଦାରେ ପଡ଼ିରହିଛି।



ବାଣୀବିହାର ଛକ ରାସ୍ତା ଉପରେ ପଡ଼ିରହିଥିବା ଲୁହା ଫ୍ରେମ୍ ଓ ହୋର୍ଡିଂ।

## ମୃତ୍ୟୁସଂଖ୍ୟା ୧୨ ଛୁଇଁଲା

ଫନୀ ପ୍ରଭାବରେ ରାଜଧାନୀରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ମଧ ଧନଜୀବନ ହାନୀ ଘଟିଛି। ଫନୀ ତାଣ୍ଡବ ଯୋଗୁ ରାଜଧାନୀରେ ମୃତ୍ୟୁ ସଂଖ୍ୟା ୧୨ ଛୁଇଁଛି। ଶୁକ୍ରବାର ୭ ଜଣଙ୍କ ମୃତ୍ୟୁ ଘଟିଥିବା ନେଇ ଜଣାପଡିଥିବା ବେଳେ ଶନିବାର ଏହି ସଂଖ୍ୟା ୧୨କୁ ବୃଦ୍ଧି ପାଇଛି। ବିଶେଷକରି ଚନ୍ଦ୍ରଶେଖରପୁର ଥାନା ତାରିଣୀ ବସ୍ତି, ଶହୀଦନଗର ଟଙ୍କପାଣି ରୋଡ, ଜଟଣୀ, ଖଣ୍ଡଗିରି, ତମାଣ୍ଡୋ, ନନ୍ଦନକାନନ, ପଟିଆ ଓ ବାଲିପାଟଣା ଆଦି ଅଞ୍ଚଳରେ ୧୨ ଜଣ ଲୋକଙ୍କ ମୃତ୍ୟୁ ଘଟିଛି। ଏହାସହ ୬୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ପ୍ରଶାସନ ଲୋକଙ୍କୁ ବାତ୍ୟା ସମୟରେ ଘରୁ ନ ବାହାରିବାକୁ ବାରଣ କରିଥିଲା। ହେଲେ ଏହାକୁ ଅନେକେ ବେଖାତିରି କରି ବାତ୍ୟା ସମୟରେ ବାହାରେ ବୁଲାବୁଲି କରିଥିଲେ। ଫଳରେ ଗଛ ଉପୁଡି ପଡିବାରୁ ୭ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୫ ଜଣଙ୍କ ଆଜବେଷ୍ଟସ ପଡି ମୃତ୍ୟୁ ହୋଇଥିବା ନେଇ କ୍ୟାପିଟାଲ ହସ୍ପିଟାଲ ସୂତ୍ରରୁ ପ୍ରକାଶ।

## ମୃତଦେହକୁ ମୂଷା ଖାଇବା ଭୟ

ଫନୀ ପ୍ରଭାବରେ ରାଜଧାନୀରେ ୧୨ଜଣଙ୍କ ମୃତ୍ୟୁ ଘଟିଛି। ଗୋଟିଏ ଦିନରେ ୫ ଜଣଙ୍କ ଶବ ବ୍ୟବଚ୍ଛେଦ ହୋଇଥିଲେ ମଧ ବାକି ବ୍ୟକ୍ତିଙ୍କର ହୋଇପାରିନାହିଁ। ଏପରିକି କ୍ୟାପିଟାଲ ହସ୍ପିଟାଲରେ ମୃତଦେହ ରଖାଯାଉଥିବା ଶବ ସଂରକ୍ଷଣ ଗୃହରେ ଜେନେରେଟରର ବ୍ୟବସ୍ଥା ନାହିଁ। କ୍ୟାପିଟାଲ ହସ୍ପିଟାଲରେ ଜେନେରେଟର ବ୍ୟବସ୍ଥା ଥିଲେ ମଧ ଶବ ସଂରକ୍ଷଣ ପାଇଁ ବ୍ୟବସ୍ଥା କରାଯାଇନାହିଁ। ଫଳରେ କେତେକ ମୃତଦେହକୁ ସଂରକ୍ଷଣ କରାଯାଇଥିବା ବେଳେ ବାକିକୁ ତଳେ ରଖାଯାଇଛି। ଫଳରେ ମୂଷା ଏବଂ ଜନ୍ଦା ଖାଇବାର ଭୟ ରହିଛି। ଯେଉଁ ମୃତଦେହକୁ ସଂରକ୍ଷଣ ଗୃହରେ ରଖାଯାଇଛି ବିଦ୍ୟୁତ୍ ନ ଥିବାରୁ ତାହା ପଚି ଯିବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ହସ୍ପିଟାଲର ଶବ ସଂରକ୍ଷଣ ଗୃହରେ ଜେନେରେଟରର ବ୍ୟବସ୍ଥା କରାଯିବ ନାହାତି ଆବଶ୍ୟକ ବୋଲି ଲୋକେ ଦାବି କରିଛନ୍ତି।

## ପାଣି, ଖାଦ୍ୟ ପାଇଁ ରାସ୍ତାରୋକୋ

ଫନୀର ପ୍ରଭାବରେ ରାଜଧାନୀର ଏକାଧିକ ବସ୍ତି ଛାରଖାର ହୋଇଯାଇଛି। ବସ୍ତି ଲୋକେ ଶନିବାର ନିଜ ଘରକୁ ଫେରିଛନ୍ତି। ହେଲେ ପାଣି କି ଖାଦ୍ୟ ସୁବିଧା ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇନାହିଁ। ଏହାକୁ ନେଇ ପ୍ରଶାସନ ଉପରେ ବସ୍ତି ଲୋକଙ୍କର ରୋଷ ଦେଖିବାକୁ ମିଳିଛି। ରାଜଧାନୀର ୟୁନିଟ୍-୭ ଦୁର୍ଗା ମଣ୍ଡପ ବସ୍ତିର ଲୋକମାନେ ଗଭର୍ନର ହାଉସ ଛକ ନିକଟରେ ରାସ୍ତାରୋକୋ କରିଥିଲେ। ସେମାନଙ୍କୁ ଖାଦ୍ୟ ଓ ପାନୀୟ ବ୍ୟବସ୍ଥା କରା ନ ଯିବା ପର୍ଯ୍ୟନ୍ତ ରାସ୍ତାରୁ ହଟିବେ ନାହିଁ ବୋଲି କହିଥିଲେ। ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ ଓ ପ୍ରଶାସନିକ ଅଧିକାରୀମାନେ ସେଠାରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ତୁରନ୍ତ ପାଣି ଓ ଖାଦ୍ୟ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏପିରିକି ଜିଲା ପ୍ରଶାସନ ପକ୍ଷରୁ ଜରିପାଲ ଓ ଅନ୍ୟ ସହାୟତା ଦିଆଯିବାର ପ୍ରତିଶ୍ରୁତି ଦିଆଯିବା ପରେ ସେମାନେ ରାସ୍ତାରୁ ହଟି ଥିଲେ।

## ବଡ଼ବାବୁଙ୍କ ଘର ଆଗରୁ ଗଛ କଟା

ରାଜଧାନୀରେ ସରକାରୀ କ୍ୱାର୍ଟର୍ସ ପାଇଥିବା ନେତା, ମନ୍ତ୍ରୀ, ଆଇଏଏସ୍ ଓ ଆଇପିଏସ୍‌ଙ୍କ କ୍ୱାର୍ଟର୍ସ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଅନେକ ସରକାରୀ କ୍ୱାର୍ଟର୍ସ ଆଗରେ ବଡ ବଡ ଗଛ ଭାଙ୍ଗି ଯାଇ ଘର ଉପରେ ପଡିଛି। ଫଳରେ ଘରର ଛାତ ଫାଟିଯିବା ସହ କାନ୍ଥ ଭୁଶୁଡି ପଡିଛି। ପ୍ରାୟତଃ ସରକାରୀ କ୍ୱାର୍ଟର୍ସର ପାଚେରୀ ଭାଙ୍ଗି ଯାଇଛି। ଚାରିଆଡେ ଖୋଲାମେଲା। ହେଲେ ସବୁଠୁ ବଡ କଥା ହେଲା ରାଜଧାନୀର ଏକାଧିକ ସ୍ଥାନରେ ଓଡ୍ରାଫ ଓ ଅଗ୍ନିଶମ ପକ୍ଷରୁ ଗଛଗୁଡିକୁ କଟାଯାଇ ସଫା କରାଯାଉଛି। ଅନେକ ସ୍ଥାନରେ ରାସ୍ତା ଉପରେ ଗଛ ସବୁ ପଡି ରହିଥିବା ବେଳେ ତାହାକୁ କଟା ନ ଯାଇ ଅଫିସର ବାବୁମାନଙ୍କୁ ଘର ଆଗ ଓ କ୍ୱାର୍ଟର୍ସ ପରିସର ଭିତରୁ ଗଛଗୁଡିକୁ ସଫା କରାଯାଉଥିବା ଅଭିଯୋଗ ହୋଇଛି।

## ଚାଇନା ଲାଇଟ୍ ପାଇଁ ଭିଡ଼

ଫନୀ ପ୍ରଭାବରେ ରାଜଧାନୀରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଫଳରେ ଅନେକ ବିଦ୍ୟୁତ୍ ଖୁଣ୍ଟ ଉପୁଡି ପଡିଛି। ତେଣୁ ଲାଇନ୍ ଆସିବାକୁ ଆହୁରି ୩ ଦିନ ଲାଗିବ ବୋଲି କୁହାଯାଉଛି। ସେହିଦିନ ପର୍ଯ୍ୟନ୍ତ କିଭଳି ଲୋକେ ଚଳିବେ ତାହାକୁ ନେଇ ଚିନ୍ତାରେ ପଡିଛନ୍ତି। ବିଶେଷକରି ଅନେକ ଲୋକେ ରାସ୍ତାକଡରେ ପଡିଥିବା ଚାଇନା ଲାଇଟ୍ ନେବା ଲାଗି ଭିଡ ଜମାଇ ଥିଲେ। କେହି କେହି ମୋବାଇଲ୍ ପାଇଁ ସୋଲାର ଚାର୍ଜର ଏବଂ ସୋଲାର ଲାଇଟ୍ ଆଦି ନେଇଥିଲେ। ଏପରିକି ରସ୍ତା କଡରେ ପଡିଥିବା ଉକ୍ତ ଦୋକାନରେ ନାହି ନ ଥିବା ଭିଡ ଦେଖିବାକୁ ମିଳିଥିଲା। ଯେଉଁଠି ଚାଇନା ମାର୍କେଟ ରହିଛି ସେଠାରେ ମଧ ଭିଡ ଦେଖିବାକୁ ମିଳିଥିଲା।

## ନାକେଦମ ଓଡ୍ରାଫ ଓ ଅଗ୍ନିଶମ ଟିମ୍

ରାଜଧାନୀରେ ଯେଉଁଠି ଦେଖିବ ଏକାଧିକ ଗଛ ଭାଙ୍ଗି ପଡିଛି। କିଭଳି ଏହି ସବୁ ଗଛକୁ କଟାଯାଇ ସଫା କରାଯିବ ତାହାକୁ ନେଇ ଚିନ୍ତାରେ ଓଡ୍ରାଫ ଓ ଅଗ୍ନିଶମ ଟିମ୍ ପଡିଛି। ସେମାନେ ଏକାଧିକ ସ୍ଥାନରେ ଗଛ କାଟିଥିଲେ ମଧ ଶନିବାର ସୁଦ୍ଧା ଶେଷ କରି ପାରି ନ ଥିଲେ। ଫଳରେ ରାଜଧାନୀର ଗଳିକନ୍ଦିରେ ଶହ ଶହ ଗଛ କଟା ଯାଇ ନ ପାରି ପଡି ରହିଛି। ଲୋକଙ୍କ ଘର ଆଗରେ ଗଛ ପଡିଥିଲେ ମଧ ସେମାନେ ନିଜ ଏହାକୁ କାଟୁନାହାନ୍ତି। ସେମାନେ ଓଡ୍ରାଫ ଏବଂ ଅଗ୍ନିଶମ ବିଭାଗର କର୍ମଚାରୀଙ୍କୁ ଅପେକ୍ଷା କରିଛନ୍ତି। ଓଡ୍ରାଫ ଟିମ୍ ରାଜଧାନୀର ମୁଖ୍ୟ ରାସ୍ତା ସବୁରୁ ପଡିଥିବା ଗଛଗୁଡିକୁ ସଫା କରୁଛନ୍ତି। ତେଣୁ ସେମାନେ ଏହିସବୁ ଗଛ କାଟିବାକୁ ବିଳମ୍ବ ହେବ ବୋଲି କହିଛନ୍ତି।



ସୈନିକ ସ୍କୁଲ ନିକଟ ଏକ ବସ୍ତିର ଘରଗୁଡ଼ିକରୁ ଛପର ଉଡ଼ିଯାଇଛି।



ରେଳ ଡବା ମରାମତି କାରଖାନା ପାଚେରି ଭାଙ୍ଗି ଏକ ଓଲା କାର୍ ଉପରେ ପଡ଼ିରହିଛି।



ରେଳ ଷ୍ଟେଶନରେ ଯାତ୍ରୀମାନେ ଗନ୍ତବ୍ୟସ୍ଥଳକୁ ଯିବା ପାଇଁ ସୂଚନା ସଂଗ୍ରହ କରୁଛନ୍ତି।

ଭୁବନେଶ୍ୱର



ମାଷ୍ଟରକ୍ୟାଣ୍ଟିନ୍ ଛକ ନିକଟ ଏକ ନଳକୂପରୁ ପାଣି ସଂଗ୍ରହ କରୁଥିବା ସ୍ଥାନୀୟ ଅଞ୍ଚଳର ଲୋକେ।



ବାଣୀବିହାର ପରିସରରେ ଏକ କାର ଉପରେ ଗଛ ଭାଙ୍ଗି ପଡ଼ିଛି।




ରେଳୱେ ଷ୍ଟାଡିୟମର ପାଚେରି ଭୁଶୁଡ଼ି ପଡ଼ିଛି।



ବାଣୀବିହାର ନିକଟରେ ଭାଙ୍ଗିପଡ଼ିଥିବା ଘର ସଜଡ଼ା ଯାଉଛି।



ବାତ୍ୟାରେ ସାଇ ଆଶ୍ରୟରେ ବ୍ୟାପକ କ୍ଷୟକ୍ଷତି।




ଉଜୁଡ଼ିଯାଇଥିବା ଆଚାର୍ଯ୍ୟବିହାର ବସ୍ତି।

(ଫଟୋ: ବିକାଶ ନାୟକ, ମନୋରଞ୍ଜନ ମିଶ୍ର)


କଟକ ଡଗରପଡ଼ା ଅଞ୍ଚଳରେ ପାନୀୟ ଜଳ ପାଇଁ ଟ୍ୟୁବ୍‌ୱେଲ୍ ନିକଟରେ ଲୋକଙ୍କ ଧାଡ଼ି।


ଆଳୁଦମ୍ ଦହିବରା ବିକାଳିଙ୍କୁ ଘେରି ରହିଥିବା ଲୋକେ।


କଲେଜ ଛକ ଜଳଖିଆ ଦୋକାନରେ ଲୋକଙ୍କ ଭିଡ଼।


କଲେଜ ଛକ ନିକଟ ଏକ ପେଟ୍ରୋଲ ପମ୍ପରେ ଲୋକଙ୍କ ଭିଡ଼।



ମହାନଦୀ ରିଂ ବନ୍ଧ ରାସ୍ତା କଡ଼ରେ ପଡ଼ିଥିବା ଗଛକୁ ଅଗ୍ନିଶମ ବିଭାଗ କର୍ମଚାରୀମାନେ କାଟୁଛନ୍ତି।


କଟକ ରେଳ ଷ୍ଟେଶନ ନିକଟ ଦୋକାନ ଘର ଛପର ଉଡ଼ିଯାଇଥିବାରୁ ବ୍ୟବସାୟୀମାନେ ଏହାକୁ ସଜାଡ଼ୁଛନ୍ତି।

## ସେବା ଯୋଗାଇବାରେ ଫେଲ୍ ମାରିଲା ସିଏମ୍‌ସି

**କଟକ ଅଫିସ,୪।୫**

ସାମୁଦ୍ରିକ ଝଡ ଫନୀକୁ ମୁକାବିଲା କରିବା ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଏକାଧିକ ଥର ବୈଠକ ବସିଥିଲା। ଏହି ବୈଠକରେ ଲୋକଙ୍କ ପାଇଁ ଖାଦ୍ୟ, ପାନୀୟର ବ୍ୟବସ୍ଥା ସହ ସେମାନଙ୍କୁ କିପରି ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯିବ ସେ ନେଇ ଆଲୋଚନା ହୋଇଥିଲା। ଶେଷରେ ଏହି ଆଲୋଚନା ଫେଲ୍ ମାରିଛି। ଫନୀ ପାଇଁ ସିଏମ୍‌ସି ପକ୍ଷରୁ କୌଣସି ଆଗୁଆ ବ୍ୟବସ୍ଥା କରା ନ ଯିବାରୁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଗୁରୁବାର ବସ୍ତିରେ ରହୁଥିବା ଲୋକଙ୍କ ବାତ୍ୟା ଆଶ୍ରୟସ୍ଥଳୀକୁ ନିଆଯାଇଥିଲା। କିନ୍ତୁ ସେଠାରେ ଖାଦ୍ୟ, ପାନୀୟର ବ୍ୟବସ୍ଥା କରାଯାଇ ନ ଥିବାରୁ ଲୋକମାନେ ଭୋକରେ ନିଜ ପିଲାଛୁଆଙ୍କୁ ଧରି ରହିଥିଲେ। ଏପରି କି ସେଠାରେ ଆଲୋକ ବ୍ୟବସ୍ଥା କରାଯାଇ ନ ଥିବା ବସ୍ତିବାସିନ୍ଦା ଅଭିଯୋଗ କରିଛନ୍ତି। ସିଏମ୍‌ସି ରିଲିଫ ବାବଦରେ କିଛି ଦେଇନାହାନ୍ତି, କିନ୍ତୁ ସବୁ ଦେଇଥିବା ମିଛରେ ହାଲା କରୁଛନ୍ତି ବୋଲି କାଠଯୋଡି ବିହାରବସ୍ତିର ବାସିନ୍ଦା ସୁଲୋଚନା ସାହୁ କହିଛନ୍ତି। ବାତ୍ୟା ଆସିବା ପୂର୍ବରୁ ଅନେକ ବସ୍ତିର ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ଯିବା ପାଇଁ ସିଏମ୍‌ସି କର୍ତ୍ତୃପକ୍ଷ ଅବଗତ କରାଇ ନ ଥିବା ମୁଣ୍ଡାସାହି ବସ୍ତିର ବାସିନ୍ଦା ପ୍ରଭାତ ସେନାପତି କହିଛନ୍ତି।

ଅନ୍ୟପକ୍ଷରେ ଲୋକଙ୍କ ନିମନ୍ତେ ଚୁଡା, ଗୁଡ ମହଜୁଦ ରଖା ଯାଇ ନ ଥିବାରୁ ଲୋକେ ଭୋକରେ ରହିଥିଲେ। ଶନିବାର କେତେଜଣ ପୂର୍ବତନ କର୍ପୋରେଟର ଲୋକଙ୍କ ସମସ୍ୟା ସମ୍ପର୍କରେ ସିଏମ୍‌ସି କମିଶନର ଶରତ ଚନ୍ଦ୍ର ନାୟକଙ୍କୁ ଅବଗତ କରାଇଥିଲେ। ହେଲେ ଏ ଦିଗରେ କମିଶନର କୌଣସି ପଦକ୍ଷେପ ନ ନେଇ ଚୁପ୍ ବସିଥିବା ଅଭିଯୋଗ ହୋଇଛି। ଏ ନେଇ କମିଶନର ନାୟକଙ୍କୁ ପଚାରିବାରୁ ଜିଲା ପ୍ରଶାସନ ଲୋକଙ୍କ ଖାଇବା ବ୍ୟବସ୍ଥା କରିବା କଥା କହି ନିଜ ମୁଣ୍ଡରୁ ସବୁ ଦୋଷ ଖସାଇ ଦେଇଥିଲେ। ଶୁକ୍ରବାର ରାତିରେ ଅକ୍ଷୟ ଫାଉଣ୍ଡେଶନକୁ ୨୦ହଜାର ଲୋକଙ୍କ ପାଇଁ ଖାଇବା ବ୍ୟବସ୍ଥା କରିବାକୁ କୁହାଯାଇଥିଲା। କିନ୍ତୁ ଫାଉଣ୍ଡେଶନ ପକ୍ଷରୁ ୧୨ହଜାର ଲୋକଙ୍କ ନିମନ୍ତେ ଖାଇବା ବ୍ୟବସ୍ଥା କରାଯାଇଥିଲା। ହେଲେ ବର୍ଷା ଲାଗିରହିବାରୁ ସେଥିମଧ୍ୟରୁ ୭ହଜାର ଲୋକଙ୍କ ପାଖରେ ଖାଦ୍ୟ ପହଞ୍ଚି ପାରି ନ ଥିଲା। ଫଳରେ ଉକ୍ତ ଖାଦ୍ୟ ନଷ୍ଟ ହେବାରୁ ଶନିବାର ତାହାକୁ ପୋତି ଦିଆଯାଇଛି। ଲୋକଙ୍କୁ ବିସ୍କୁଟ୍ ପ୍ୟାକେଟ୍ ଯୋଗାଇ ଦିଆଯାଉଥିବା କମିଶନର କହିଛନ୍ତି।

## ରାସ୍ତା ସଫା ପାଇଁ ହେଉଛି ଗଛକଟା

**କଟକ ଅଫିସ,୪।୫**

ଫନୀର ପ୍ରଭାବରେ ସହରର ବିଭିନ୍ନ ସ୍ଥାନରେ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଉପୁଡି ରାସ୍ତା ଉପରେ ପଡିରହିଛି। ଫଳରେ ଲୋକମାନେ ଯାତାୟାତ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଉପରୁ ବିଦ୍ୟୁତ୍ ଖୁଣ୍ଟ ଓ ତାରକୁ ହଟାଇବା ସହ ଗଛଡାଳ ସଫା କରିବା ପାଇଁ ପ୍ରଶାସନ ପକ୍ଷରୁ ଜୋରଦାର ଉଦ୍ୟମ ଜାରି ରହିଛି। ଏହି କାର୍ଯ୍ୟରେ ଓଡ୍ରାଫ ଟିମ୍, ପୋଲିସ ଓ ଅଗ୍ନିଶମ କର୍ମଚାରୀ ଲାଗିପଡିଛନ୍ତି। ରାସ୍ତାର କେତେକ ସ୍ଥାନରେ ବଡ ଗଛକୁ କଟର ସାହାଯ୍ୟରେ କଟାଯିବା ପରେ ହଟାଇ ଦିଆଯାଇଥିବା ଦେଖିବାକୁ ମିଳିଛି। ଶନିବାର ଯୋବ୍ରା ଛକ ଲାଇନ, ହାଇକୋର୍ଟ ରୋଡ, ବାଲିଯାତ୍ରା ପଡିଆ ରୋଡ ସମେତ ସହରର ବିଭିନ୍ନ ୱାର୍ଡ ଅଞ୍ଚଳରୁ ଗଛଗୁଡିକ କାଟି ସଫା କରାଯାଇଥିଲା। ଏଥିସହ ବିଦ୍ୟୁତ୍ ବିଭାଗ ପକ୍ଷରୁ ମଧ୍ୟ ନଷ୍ଟ ହୋଇଥିବା ଖୁଣ୍ଟଗୁଡିକ କାଢି ଦିଆଯାଇଥିଲା। ତୁରନ୍ତ କେତେକ ସ୍ଥାନରେ ଖୁଣ୍ଟ ମରାମତି ସହ ଆଉ କେତେକ ସ୍ଥାନରେ ନୂତନ ଖୁଣ୍ଟ ପୋତାଯାଇ ବିଦ୍ୟୁତ୍ ସରବରାହ ସ୍ୱାଭାବିକ କରାଯିବ ବୋଲି ବିଦ୍ୟୁତ୍ ବିଭାଗର ଜନୈକ କର୍ମଚାରୀ କହିଛନ୍ତି।

### ଜେନେରେଟର ଦୋକାନରେ ଭିଡ଼

ଫନୀ ପ୍ରଭାବରେ ବିଭିନ୍ନ ସ୍ଥାନରେ ଖୁଣ୍ଟ ଉପୁଡି ପଡିବାରୁ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଛି। ଫଳରେ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିରୁ ରକ୍ଷା ପାଇବା ପାଇଁ ଶନିବାର ସକାଳୁ ଜେନେରେଟର ଦୋକାନରେ ଭିଡ ଦେଖିବାକୁ ମିଳିଥିଲା। କାଁ ଭାଁ କେତେକ ଦୋକାନ ଖୋଲିଥିବାବେଳେ ଜେନେରେଟର କିଣିବା ପାଇଁ ସେଠାରେ ଲୋକଙ୍କ ଗହଳି ଦେଖିବାକୁ ମିଳିଥିଲା।

## ନିଆଳିରେ ବ୍ୟାପକ କ୍ଷତି, ୩ ମୃତ

**ନିଆଳି,୪।୫(ଡି.ଏନ୍.ଏ.)**

ସାମୁଦ୍ରିକ ଝଡ 'ଫନୀ' ପ୍ରଭାବରେ ନିଆଳି ଅଞ୍ଚଳରେ ଶୁକ୍ରବାର ବ୍ୟାପକ କ୍ଷତି ଘଟିଛି। ଏଥିରେ ୩ଜଣଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏରଞ୍ଚ ପଞ୍ଚାୟତ ଅଧୀନ ମାଗୁରାକୁଦ ଗ୍ରାମର ପବିତ୍ର ବେହେରା ଓ ପ୍ରଶାନ୍ତ ବେହେରା ବାତ୍ୟା ସମୟରେ ଘରୁ ନିରାପଦ ସ୍ଥାନକୁ ଯାଉଥିଲେ। ଏହି ସମୟରେ ସେମାନଙ୍କ ଉପରେ ଗଛ ପଡିଯିବାରୁ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷରେ ବାତ୍ୟା ପ୍ରଭାବରେ ଘରର ଆଜବେଷ୍ଟସ ଉଡିଯିବାରୁ କୋଲାପ୍ସ ହୋଇ ନିଆଳି ଅଞ୍ଚଳରେ ଭଡାରେ ରହୁଥିବା ଶମ୍ଭୁ ଖୁଣ୍ଟିଆଙ୍କ ମୃତ୍ୟୁ ଘଟିଥିବା ତାଙ୍କ ସ୍ତ୍ରୀ ତହସିଲ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି।

## ବିଦ୍ୟୁତ୍ ତାର ବେକରେ ଗୁଡ଼ାଇ ହୋଇ ଛାତ୍ରଙ୍କ ମୃତ୍ୟୁ

**କଣ୍ଟାପଡ଼ା,୪।୫(ଡି.ଏନ୍.ଏ.)**

ବିଦ୍ୟୁତ୍ ତାର ଗୁଡାଇ ହୋଇ ଶନିବାର ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଓଲଟପୁରସ୍ଥିତ ଏସ୍‌ଭି ନିରତାର ଦିବ୍ୟାଙ୍ଗ ଗବେଷଣା କେନ୍ଦ୍ରର ୩୦ତମ ବ୍ୟାଚ ଛାତ୍ର ସ୍ୱସ୍ତିକ ରାଉତରାୟ। ସ୍ୱସ୍ତିକଙ୍କ ଘର ନିମାପଡ଼ା ଅଞ୍ଚଳରେ ବୋଲି ଜଣାପଡିଛି। ସୂଚନା ଅନୁଯାୟୀ, ସ୍ୱସ୍ତିକ ତାଙ୍କର ଜଣେ ସହପାଠୀଙ୍କ ସହ ଅଡଶପୁର ବଜାରରୁ ଖାଦ୍ୟ ଆଣି ଫେରୁଥିଲେ। ବାଇରୋଇ ଓଲଟପୁର ରାସ୍ତାର ବାତ୍ୟା ଯୋଗୁ ଏକ ବିଦ୍ୟୁତ୍ ତାର ଝୁଲି ରହିଥିଲା। ବାଇକ୍ ଚଲାଉଥିବା ସହପାଠୀଜଣଙ୍କ ମୁଣ୍ଡ ନୁଆଁଇ ଗାଡି ନେଇ ପଳାଇବାକୁ ଉଦ୍ୟମ କରୁଥିବା ବେଳେ ପଛରେ ବସିଥିବା ସ୍ୱସ୍ତିକଙ୍କ ବେକରେ ତାର ଗୁଡାଇ ହୋଇଯାଇଥିଲା। ଫଳରେ ସେ ତଳେ ପଡିଯାଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ତାଙ୍କୁ ପ୍ରଥମେ ସ୍ଥାନୀୟ ଏସ୍‌ଭି ନିରତାର ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



କଟକ ରେଳ ଷ୍ଟେଶନର ଟାଇମ୍ ଡିସ୍‌ପ୍ଲେ କ୍ଷତିଗ୍ରସ୍ତ।


ତୁଳସୀପୁର ଡିୟର ପାର୍କ ରୋଡ୍।


କଟକ ଡିସିପି ଅଫିସ ସମ୍ମୁଖ ରିଂ ବନ୍ଧ ପାର୍ଶ୍ୱରେ ଓଲଟି ପଡ଼ିଥିବା ଟାୱାର।



ରିଂ ବନ୍ଧ ମାତା ମଠ ରାସ୍ତାରେ ପଡ଼ିଥିବା ଗଛକୁ ଜେସିବି ସାହାଯ୍ୟରେ କଢ଼ାଯାଉଛି।


ମାଲଗୋଦାମ ଓଭରବ୍ରିଜ୍ ତଳ ରାସ୍ତା।


ବାତ୍ୟା ପରେ ରାଣୀହାଟ ମେଡିକାଲ ରୋଡ ନିକଟ ମଙ୍ଗଳା ବସ୍ତି।


ଓଡ଼ିଶା ହାଇକୋର୍ଟ ପାର୍କିଂ ସ୍ଥଳ ଭାଙ୍ଗି ଯାଇଛି।

(ଫଟୋ: ରାଜକିଶୋର ମହାନ୍ତି)

# କେନ୍ଦୁଝର ଜିଲାରେ 'ଫନୀ'ର ପ୍ରଭାବ

**କେନ୍ଦୁଝର, ୪।୫(ଡି.ଏନ୍.ଏ.)**

■ବିଭିନ୍ନ ସ୍ଥାନରେ ଗଛ ଉପୁଡ଼ି ରାସ୍ତା ଅବରୋଧ, ଘର ଭାଙ୍ଗିଲା
■ବନ୍ୟାଜଳରେ ପୂରିଲା ନଈନାଳ

'ଫନୀ' ପ୍ରଭାବରେ କେନ୍ଦୁଝର ଜିଲାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ପ୍ରବଳ ବର୍ଷା ସାଙ୍ଗକୁ ଜୋରରେ ପବନ ବହିବାରୁ ବିଭିନ୍ନ ସ୍ଥାନରେ ଗଛ ଉପୁଡି ରାସ୍ତା ଅବରୋଧ ହୋଇଛି। ଅନେକ ସ୍ଥାନରେ ଘରଦ୍ୱାର ଭାଙ୍ଗିପଡିଛି। ଆନନ୍ଦପୁର ନିକଟରେ ବୈତରଣୀର ଜଳସ୍ତର ବୃଦ୍ଧି ପାଇଛି। ସେଠାରେ ବିପଦସଙ୍କେତ ୩୮.୩୬ ମିଟର ଥିବାବେଳେ ଶନିବାର ସକାଳ ୬ଟା ସୁଦ୍ଧା ଜଳସ୍ତର ୩୨.୪୭ ମିଟର ରହିଥିଲା। କୁଶେଇ ନଦୀର ବେଲବାହାଳୀଠାରେ ବିପଦସଙ୍କେତ ୩୯.୭୦ ମିଟର ଥିବାବେଳେ ସେଠାରେ ୩୫.୩୮ ମିଟରରେ ଜଳ ପ୍ରବାହିତ ହେଉଥିଲା।

ବାତ୍ୟା ଓ ବର୍ଷାଜନିତ କ୍ଷୟକ୍ଷତି ସମ୍ପର୍କରେ ଅଧିକ ସୂଚନା ମିଳିନାହିଁ । ରାସ୍ତାରେ ଗଛ ପଡିବା କାରଣରୁ ସୋସୋ-ଭରଡାଗଡିଆ, ଲଇଛନପୁର-କରଗୋଡା, ସଡ଼ା, ଆଇତିପୁର-ନୂଆଗାଁ ଓ ହାବଳେଶ୍ୱର ଗ୍ରାମ୍ୟ ରାସ୍ତା ଅବରୋଧ ହୋଇପଡିଛି। ହାଟଡିହି ଅଞ୍ଚଳରେ ଉପସ୍ଥିତ ଏନ୍‌ଡିଆର୍‌ଏଫ୍ ଟିମ୍, ଓଡ୍ରାଫ୍ ଟିମ୍, ଅଗ୍ନିଶମ ବିଭାଗ, ପୂର୍ତ୍ତ ବିଭାଗ ଶୁକ୍ରବାର ଗଛକଟା କାର୍ଯ୍ୟ ଜାରି ରଖିଥିଲେ। ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ତାର ଛିଣ୍ଡିପଡିଥିବାରୁ ସମଗ୍ର ଅଞ୍ଚଳ ଅନ୍ଧକାରାଚ୍ଛନ୍ନ ହୋଇ ରହିଛି। ଶୁକ୍ରବାର ସକାଳୁ ଶନିବାର ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ କେନ୍ଦୁଝର ଜିଲାର ବିଭିନ୍ନ ସ୍ଥାନରେ ୯୪୩.୩ ମିଲିମିଟର ବର୍ଷା ରେକର୍ଡ ହୋଇଛି। କେନ୍ଦୁଝର ସଦର ବ୍ଲକ ଅଞ୍ଚଳରେ ସର୍ବାଧିକ ୧୧୦.୨ ମିଲିମିଟର ବର୍ଷା ହୋଇଥିବା ବେଳେ ଘଷିପୁରାରେ ୯୭.୫ ମି.ମି., ଘଟଗାଁରେ ୯୭.୪ ମି.ମି., ଆନନ୍ଦପୁରରେ ୮୯.୩ ମି.ମି., ହାଟଡିହିରେ ୮୦.୩ ମି.ମି., ଝୁମ୍ପୁରାରେ ୮୫.୨ ମିମି, ଯୋଡାରେ ୮୩.୪ ମି.ମି., ହରିଚନ୍ଦନପୁର ବ୍ଲକରେ ୭୪.୨ ମି.ମି. ବର୍ଷା ରେକର୍ଡ ହୋଇଛି ।

ସତର୍କତା ବ୍ୟବସ୍ଥା ସ୍ୱରୂପ ବାତ୍ୟା ପୂର୍ବରୁ ଶୁକ୍ରବାର ହାଟଡିହି ବ୍ଲକରେ ଥିବା ଖାଲୁଆ ଅଞ୍ଚଳରୁ ୧୦୬ ଗାଁର ୩୧୨୫ଜଣ ଲୋକଙ୍କ ସମେତ ଜିଲାର ମୋଟ ୪୫୦୭ ଜଣଙ୍କୁ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳଙ୍କୁ ସ୍ଥାନାନ୍ତର କରାଯାଇଥିଲା।

# ପାର୍କିଂକୁ ନେଇ ପୋଲିସ-ପବ୍ଲିକ ମୁହାଁମୁହିଁ, ଜଣେ ଗିରଫ

**ଯୋଡ଼ା, ୪।୫(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ସହରରେ ଗୁରୁବାର ରାତିରେ ମୋଟରସାଇକେଲ ପାର୍କିଂକୁ ନେଇ ପୋଲିସ-ପବ୍ଲିକ ମଧ୍ୟରେ ହୋଇଥିବା ଗଣ୍ଡଗୋଳରେ ପୁଣି ଜଣେ ଅଭିଯୁକ୍ତ ଗିରଫ ହୋଇଥିବା ଜଣାପଡିଛି। ଅଭିଯୁକ୍ତ ହେଲେ ଯୋଡ଼ା ଶହୀଦନଗରର ପିଣ୍ଟୁ ଗୁପ୍ତା। ମାର୍କେଟସ୍ଥିତ ନବରଙ୍ଗ ହୋଟେଲ ସମ୍ମୁଖ ରାସ୍ତାରେ ମୋଟରସାଇକେଲ ପାର୍କିଂ ହୋଇଥିବାରୁ ଯୋଡା ପୋଲିସ ତାହାକୁ ହଟାଇଥିଲା। ଏନେଇ କେତେକ ଲୋକଙ୍କ ସହ ପୋଲିସ କର୍ମଚାରୀଙ୍କ ମଧ୍ୟରେ ବଚସା ଆରମ୍ଭ ହୋଇଥିଲା । ଶତାଧିକ ଲୋକ ପୋଲିସ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ କରୁଥିବା କହି ପୋଲିସକୁ ଗାଳିଗୁଲଜ କରିବା ସହ ଥାନା ଘେରାଉ କରିବେ ବୋଲି କହିଥିଲେ। ସେଠାରେ ପୋଲିସ ଗାଡିକୁ ମଧ୍ୟ କେତେକ ଉତ୍ତ୍ୟକ୍ତ ଲୋକ ଅଟକାଇଥିଲେ। ଖବର ପାଇ ପୋଲିସ ଫୋର୍ସ ସହିତ ଯୋଡା ଥାନା ଅଧିକାରୀ ମନୋଜ କୁମାର ରାଉତ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ଘଉଡାଇ ଦେଇଥିଲେ। ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ । ଏହି ଘଟଣାରେ ପୋଲିସ ପୂର୍ବରୁ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ତ୍ରିନାଥ ନାଏକ, ହରିଶ ଦାସ। ଏ ନେଇ ଥାନାରେ ଏକ ମାମଲା (ନଂ.୭୦/୨୦୧୯) ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଯୋଡା ଥାନା ଅଧିକାରୀ ରାଉତ ସୂଚନା ଦେଇଛନ୍ତି। ଏହି ଘଟଣାରେ ଅନ୍ୟ ଅଭିଯୁକ୍ତଙ୍କୁ ପୋଲିସ ଖୋଜୁଛି ଓ ଏହାର ଅଧିକ ତଦନ୍ତ ଚାଲିଛି ବୋଲି ପୋଲିସ ଅଧିକାରୀ କହିଛନ୍ତି।

## ଆରଡ଼ିରେ ବ୍ୟାପକ କ୍ଷତି

**ଆରଡ଼ି, ୪।୫ (ଡି.ଏନ.ଏ.)**

ବାତ୍ୟା 'ଫନୀ' ପ୍ରଭାବରେ ଆରଡ଼ି ଅଞ୍ଚଳରେ ବ୍ୟାପକ କ୍ଷତି ହୋଇଛି। ଶୁକ୍ରବାର ସକାଳୁ ବର୍ଷା ସାଙ୍ଗକୁ ଘଣ୍ଟା ପ୍ରତି ୬୦ରୁ ୭୦ କି.ମି. ବେଗରେ ପବନ ବହିଥିଲା। ପବନର ବେଗ ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଥିଲା। ଅପରାହ୍ନ ପ୍ରାୟ ୪ଟା ପରେ ଫନୀର ତାଣ୍ଡବ ଆରମ୍ଭ ହୋଇ ରାତି ୧୨ଟାରେ ଶେଷ ହୋଇଥିଲା। ପୂର୍ବଦିନର ସୂଚନା ଅନୁସାରେ, ସକାଳଠାରୁ ଆରଡ଼ି ବସ୍‌ଷ୍ଟାଣ୍ଡରେ ବସ୍‌ଗୁଡ଼ିକ ଅଟକି ରହିଥିଲା। ଭଦ୍ରକ-ଆରଡ଼ି ରାଜ୍ୟ ରାଜପଥରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଏହାଛଡ଼ା ଗୁରୁବାର ସନ୍ଧ୍ୟାଠାରୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ପ୍ରଶାସନର ଘୋଷଣା ଅନୁସାରେ ସ୍ଥାନୀୟ ଅଞ୍ଚଳର ଲୋକେ ଘରୁ ବାହାରି ନ ଥିଲେ। ଆରଡ଼ି, ନାନ୍ଦପୁର, ଓଳଗ, ସୁନ୍ଦରପୁର, ପାଳସାହି, ରବପୁର ଓ ଶ୍ୟାମସୁନ୍ଦରପୁର ପଞ୍ଚାୟତର ସମସ୍ତ ଗାଁରେ ଫନୀର ପ୍ରଭାବ ଅନୁଭୂତ ହୋଇଥିଲା। ବହୁ ଚାଳଘର, ଆଜବେଷ୍ଟସ ଓ ଟିଣ ଘର ସମ୍ପୂର୍ଣ୍ଣ ରୂପେ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା। ଶହ ଶହ ଛୋଟ ବଡ଼ ଗଛ ଉପୁଡ଼ି ପଡ଼ିଥିଲା। ଆରଡ଼ି-ଭଦ୍ରକ ରାସ୍ତାକଡ଼ରେ ଥିବା ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିବାରୁ ଶନିବାର ଅପରାହ୍ନ ପର୍ଯ୍ୟନ୍ତ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ସକାଳୁ ଆରଡ଼ି ଫାଣ୍ଡି ଅଧିକାରୀ ବ୍ରଜକିଶୋର ଦାସ, ପୋଲିସ କର୍ମଚାରୀ ଯଯାତି କେଶରୀ ପ୍ରଧାନ ପ୍ରମୁଖ ସ୍ଥାନୀୟ ଅଞ୍ଚଳର ଯୁବକଙ୍କ ସହାୟତରେ ବହୁ ସ୍ଥାନରେ ଗଛ କଟାଇ ରାସ୍ତା ସଫା କରିଥିଲେ।

# ନଈରେ ବୁଡ଼ି ବାପ ପୁଅ ମୃତ

**ଉଦଳା, ୪।୫(ଡି.ଏନ୍.ଏ)**

ଫନୀ ବିପର୍ଯ୍ୟୟ ଲୋକଙ୍କୁ ଆତଙ୍କିତ କରିଥିବା ବେଳେ ମୟୂରଭଞ୍ଜ ଜିଲା ଉଦଳା ନିକଟସ୍ଥ ସୋନ ନଦୀରେ ଶନିବାର ବାପ ପୁଅ ବୁଡିଯାଇ ପ୍ରାଣ ହରାଇବା ଭଳି ଦୁଃଖଦ ଘଟଣା ପଦାକୁ ଆସିଛି। ଉଦଳା ଏନ୍‌ଏସି ଅନ୍ତର୍ଗତ ୬ ନଂ. ୱାର୍ଡର ଭବାନୀ ଶଙ୍କର ପାତ୍ର ୧୦ ବର୍ଷର ପୁଅ ଭଗୀ ରଞ୍ଜନଙ୍କ ସହ ଜିରିଡା ଘାଟକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ବେଳେ ଭଗୀ ରଞ୍ଜନ ଜଳସ୍ରୋତର ଭିତରକୁ ଟାଣିହୋଇଯିବା ଯୋଗୁ ବାପା ଭବାନୀ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ହେଲେ ବାପ ପୁଅ ବୁଡିଯାଇ ପ୍ରାଣ ହରାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।


## NOTICE

In view of the after effects of the cyclonic storm "FANI", all the Diploma examinations under SCTE&VT, Odisha from 06.05.2019 to 11.05.2019 are postponed until further orders. The revised dates of the above examinations shall be notified later on.

**Sd./ Controller of Examinations**
**State Council for Technical Education & Vocational Training, Odisha**


# ଟଳିଲା ବାତ୍ୟା, ବଢ଼ିଲା ଦୁର୍ଦ୍ଦଶା

**ଭୋଗରାଇ, ୪।୫(ଡି.ଏନ.ଏ.)**



ବ୍ଲକ ପରିସରରେ ମନ୍ତ୍ରୀ ଅନନ୍ତ ଦାସ ବାତ୍ୟା କ୍ଷୟକ୍ଷତି ଉପରେ ସମୀକ୍ଷା କରୁଛନ୍ତି।

■ମନ୍ତ୍ରୀ, ଏମ୍‌ପି କଲେ କ୍ଷୟକ୍ଷତି ସମୀକ୍ଷା
■୨୦ ଘଣ୍ଟା ବିଦ୍ୟୁତ୍ ବ୍ୟାହତ, ଜନଜୀବନ ଅସ୍ତବ୍ୟସ୍ତ

ଭୟଙ୍କର ସାମୁଦ୍ରିକ ଝଡ଼ 'ଫନୀ' ଶୁକ୍ରବାର ମଧ୍ୟରାତ୍ରିରେ ବାଲେଶ୍ୱର ଉପକୂଳ ଅତିକ୍ରମ କରି ଦୁର୍ବଳ ହୋଇଛି। ହେଲେ ଏହାର ବିଭୀଷିକା ଲୋକଙ୍କ ମଧ୍ୟରେ ଆତଙ୍କ ଖେଳାଇ ଦେଇଛି। ରାତି ବଢୁଥିବାବେଳେ ବାତ୍ୟାର ଉଗ୍ରରୂପ ଶୁକ୍ରବାର ରାତିରେ ଜନଜୀବନକୁ ପ୍ରଭାବିତ କରିଥିଲା। ରାତି ୧୨ଟାର ବତାଶର ହୁ ହୁ ଗର୍ଜନ ଲୋକଙ୍କ ମନରେ ଛନକା ସୃଷ୍ଟି କରିଥିଲା। ନଡ଼ାଛପର ଘରେ ଥିବା ବୟସ୍କ ଲୋକେ ପିଲାଛୁଆ ଧରି ଗୋଟିଏ ସ୍ଥାନରେ ବସି ରାତି ଉଜାଗର ହୋଇଥିଲେ। ସାମୁଦ୍ରିକ ଝଡ଼ 'ଫନୀ' ପ୍ରଭାବରେ ବହୁ ପାନବରଜ, ନଡ଼ାଛପର ଘର ଉଣା ଅଧିକେ କ୍ଷତି ହୋଇଥିବା ବେଳେ ପାଚିଲା ଧାନ କ୍ଷେତରେ ୩ରୁ ୪ଫୁଟ୍ ପାଣି ଜମି ରହିବା, ଧାନକ୍ଷେତ ପବନ ଓ ବର୍ଷା ମାଡ଼ରେ ଚାପିଯିବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ସମୁଦ୍ରରେ ୬ରୁ ୮ ଫୁଟ୍ ଉଚ୍ଚର ଢ଼େଉ କୂଳ ଆଡ଼କୁ ମାଡ଼ି ଆସି ଦୀଘା, ଉଦୟପୁର, ତାଳସାରୀ, କୀର୍ତ୍ତନିଆ, ଚୌମୁଖ, କଙ୍କଡ଼ାପାଳ, ଡଗରା, ବାହାବଳପୁର, କଷାଫଳରେ ମାଡ ହେଉଥିଲା। ଦୀଘା ସୈକତ ସହରରେ ସାମୁଦ୍ରିକ ଢ଼େଉ ସୁରକ୍ଷା ବନ୍ଧ ଡେଇଁ ପାଣି ପଶିଥିଲା। ପ୍ରବଳ ଜୁଆର ମାଡ଼ରେ ତାଳସାରୀ ସୁବର୍ଣ୍ଣପୁର ଦ୍ୱୀପରେ ଥିବା ସହସ୍ରାଧିକ ଝାଉଁଗଛ ସମୁଦ୍ର ଗର୍ଭକୁ ଭସାଇ ନେଇଥିଲା।

ଶୁକ୍ରବାର ସନ୍ଧ୍ୟାରୁ ଶନିବାର ଅପରାହ୍ନ ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ଠପ୍ ହୋଇଥିବାବେଳେ ପିଇବା ପାଣି ନେଇ ଲୋକେ ଘୋର ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଶନିବାର ମନ୍ତ୍ରୀ ଅନନ୍ତ ଦାସ, ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଭୋଗରାଇ ବ୍ଲକ ପରିସରରେ 'ଫନୀ' ବାତ୍ୟାର କ୍ଷୟକ୍ଷତି ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକ କରିଥିଲେ। ମନ୍ତ୍ରୀ ଅନନ୍ତ ଦାସ ଭୋଗରାଇରେ ଭାତ ହାଣ୍ଡି କୁହାଯାଉଥିବା ପାଚିଲା ଧାନର ବ୍ୟାପକ କ୍ଷତି ସହ ପାନବରଜ, ଭାଙ୍ଗି ଯାଇଥିବା ନଡ଼ା ଛପର ଘର, ଗୋଖାଦ୍ୟର ସମୀକ୍ଷା ବୈଠକ କରି ମୁଖ୍ୟମନ୍ତ୍ରୀ ଦପ୍ତରକୁ ଏକ ଚିଠି ଲେଖିଥିଲେ। ଏଥିସହିତ ଯୁଦ୍ଧକାଳୀନ ଭିତ୍ତିରେ ଭାଙ୍ଗିଯାଇଥିବା ଗୃହକୁ ପଲିଥିନ ଯୋଗାଇ ଦେବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

■ ଛାତ୍ରୀଙ୍କୁ ଅସଦାଚରଣ ଘଟଣା

# କୋର୍ଟରେ ଆତ୍ମସମର୍ପଣ ପରେ ଜେଲ୍ ଗଲେ ପ୍ରଧାନଶିକ୍ଷକ

**ଭଦ୍ରକ ଅଫିସ, ୪।୫**

ଜଣେ ବିବାହିତା ଛାତ୍ରୀଙ୍କୁ ଅସଦାଚରଣ କରିବା ଘଟଣା ପ୍ରଧାନଶିକ୍ଷକଙ୍କ ପାଇଁ ମହଙ୍ଗା ପଡ଼ିଛି। ଛାତ୍ରୀଙ୍କ ପରିବାର ଲୋକେ କରିଥିବା ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ଦୀର୍ଘ ୫୨ ଦିନ ପରେ ଧାମନଗର ଥାନା ଅଧୀନ ପାହିମହୁରା ସିଟି ସ୍କୁଲର ପ୍ରଧାନଶିକ୍ଷକ ପ୍ରଦୀପ୍ତ ଚୌଧୁରୀଙ୍କୁ ଗିରଫ କରିଛି। କୋର୍ଟ ଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଗତ ମାର୍ଚ୍ଚ ୮ ତାରିଖରେ ଅସଦାଚରଣର ଶିକାର ହୋଇଥିବା ଛାତ୍ରୀ ଦିନକ ପରେ ୯ ତାରିଖରେ ଧାମନଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏନେଇ ମାମଲା(ନଂ.୪୧/୧୯ ) ରୁଜୁ କରି ଅଭିଯୁକ୍ତ ପ୍ରଧାନଶିକ୍ଷକଙ୍କୁ ଖୋଜୁଥିଲା। ଏହାପରେ ଛାତ୍ରୀଙ୍କ ସ୍ୱାମୀଙ୍କ ଉପରେ ମଧ୍ୟ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷେ ପ୍ରଧାନଶିକ୍ଷକ ତାଙ୍କ ବିରୋଧରେ ପାଲଟା ଅଭିଯୋଗ ଆଣିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରଧାନଶିକ୍ଷକଙ୍କୁ ପୋଲିସ ଉଦ୍ଦେଶ୍ୟମୂଳକ ଭାବେ ଗିରଫ କରୁ ନ ଥିବା ଛାତ୍ରୀଙ୍କ ସ୍ୱାମୀ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ। ଏପରିକି ତାଙ୍କୁ ଗିରଫ କରା ନ ଗଲେ ଛାତ୍ରୀଙ୍କ ସହ ସେମାନେ ଏସ୍‌ପିଙ୍କ ଅଫିସ ଆଗରେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଅଭିଯୁକ୍ତ ପ୍ରଧାନଶିକ୍ଷକ ଜାମିନ୍ ପାଇବା ଲାଗି ହାଇକୋର୍ଟଙ୍କ ଆଶ୍ରୟ ନେଇଥିଲେ। ହାଇକୋର୍ଟ ତାଙ୍କୁ ଭଦ୍ରକ କୋର୍ଟରେ ଆତ୍ମସମର୍ପଣ କରିବାକୁ କହିଥିଲେ। ତଦନୁଯାୟୀ ସେ ଗତ ୧ ତାରିଖରେ ଭଦ୍ରକ କୋର୍ଟରେ ଆତ୍ମସମର୍ପଣ କରି ଜାମିନ୍ ଆବେଦନ କରିଥିଲେ। ତାଙ୍କ ଜାମିନ ଖାରଜ ହେବାରୁ ତାଙ୍କୁ ଭଦ୍ରକ ଜେଲ୍ ହାଜତକୁ ଯିବାକୁ ପଡିଛି।

## ବାଇକ୍ ଧକ୍କାରେ ଜଣେ ମୃତ, ଜଣେ ଗୁରୁତର

**କେନ୍ଦୁଝର/ରାଇସୁଆଁ, ୪।୫(ଡି.ଏନ୍.ଏ.)**

କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ଧୂପଦାଠାରେ ବାଇକ୍ ଧକ୍କାରେ କିଶୋର ଚନ୍ଦ୍ର ସେଠୀଙ୍କର ମୃତ୍ୟୁ ହୋଇଥିବାବେଳେ ବାଇକ୍ ଚାଳକ ଦେବାଶିଷ ନାୟକ ଗୁରୁତର ଅବସ୍ଥାରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। କେନ୍ଦୁଝର ମହିନ୍ଦ୍ରା ଶୋ'ରୁମ୍‌ରେ କାର୍ଯ୍ୟ କରୁଥିବା ତଥା ଭାଲୁକିପାତଳାର ୫ନଂ ଲେନ୍‌ରେ ରହୁଥିବା କିଶୋର ଶନିବାର ପୂର୍ବାହ୍ନ ପ୍ରାୟ ସାଢ଼େ ୯ଟାରେ ଶୋ'ରୁମ୍‌ର ଏକ ଜିନିଷ ବସ୍‌ରେ ଦେଇ ଚାଲି ଚାଲି ଫେରୁଥିବାବେଳେ କେନ୍ଦୁଝରରୁ ରାଇସୁଆଁ ପଟକୁ ବଜାଜ୍ ପ୍ଲାଟିନା ଯୋଗେ ଯାଉଥିବା ଦେବାଶିଷ ତାଙ୍କୁ ଧକ୍କା ଦେଇଥିଲେ। ଖବର ପାଇ କେନ୍ଦୁଝର ଟାଉନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଦୁର୍ଘଟଣା ଘଟାଇଥିବା ବାଇକ୍‌କୁ ଜବତ କରିଛି।

## ନାବାଳିକାଙ୍କୁ ବଳାତ୍କାର: ଅଭିଯୁକ୍ତ ଗିରଫ

**ତିହିଡ଼ି, ୪।୫ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ କୁବେରା ଅଞ୍ଚଳର ଜଣେ ନାବାଳିକାଙ୍କୁ ଶୁକ୍ରବାର ରାତିରେ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ତିହିଡ଼ି ଥାନା ପୋଲିସ ଏନେଇ ଏକ ମାମଲା(ନଂ.୧୮୩/୧୯) ରୁଜୁ କରି ଶନିବାର ଅଭିଯୁକ୍ତ ସେହି ଅଞ୍ଚଳର ସୁଶୀଲ ନାୟକଙ୍କୁ ଗିରଫ କରିଛି। ନାବାଳିକା ଜଣଙ୍କ ଗ୍ରାମରେ ଥିବା ଏକ ଦୋକାନରୁ ସାମଗ୍ରୀ କିଣି ଘରକୁ ଫେରୁଥିଲେ। ସୁଶୀଲ ତାଙ୍କୁ ରାସ୍ତାରୁ ଘରକୁ ନେଇଯାଇ ବଳାତ୍କାର କରିଥିବା ଅଭିଯୋଗରେ ଦର୍ଶାଯାଇଛି। ସୁଶୀଲଙ୍କୁ ଡାକ୍ତରୀ ମାଇନା କରାଯାଇ କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି।

# ବାତ୍ୟା ବେଳେ ରାସ୍ତାକଡ଼ରେ ବନବାସୀ

**କେନ୍ଦୁଝର, ୪।୫ (ସ୍ୱ.ପ୍ର.)**

ସାମୁଦ୍ରିକ ବାତ୍ୟା ଫନୀ ଲାଗି ପାଇଁ ପ୍ରଶାସନ ପକ୍ଷରୁ ସତର୍କତା ସୂଚନା ଦିଆଯାଇଥିଲା । ପେଟ ପାଟଣା ଚିନ୍ତା ନେଇ ବନବାସୀମାନେ ବାତ୍ୟାକୁ ଭ୍ରୂକ୍ଷେପ ନ କରି ଶୁକ୍ରବାର ଓ ଶନିବାର ପାହାଡ ଜଙ୍ଗଲକୁ ଯାଇ ବିଭିନ୍ନ ଫଳମୂଳ, ପନିପରିବା, ଦାନ୍ତକାଠି, ପତ୍ର ସଂଗ୍ରହ କରି ସହରକୁ ଆଣି ବିକୁଥିବା ଦେଖିବାକୁ ମିଳିଥିଲା। କେତେକ ବନବାସୀ ପନିପରିବା ଆଣି ମଧ୍ୟ ବିକ୍ରି କରିଥିଲେ। ଶୁକ୍ରବାର ସକାଳେ କେନ୍ଦୁଝର ରାସ୍ତା ଖାଁ ଖାଁ ଲାଗୁଥିବା ବେଳେ ବାଂଶପାଳ ବ୍ଲକର ବିଭିନ୍ନ ଅଞ୍ଚଳରୁ ବନବାସୀ ବିଭିନ୍ନ ବନଜାତ ସାମଗ୍ରୀ ଧରି ସହରକୁ ଚାଲି ଚାଲି ଆସିବା ଦେଖିବାକୁ ମିଳିଥିଲା। ସେମାନେ ରାସ୍ତା କଡରେ ବସି ବନଜାତ ସାମଗ୍ରୀ ରଖି ଗ୍ରାହକଙ୍କ ଅପେକ୍ଷାରେ ବସି ରହିଥିଲେ। ସେମାନଙ୍କୁ ପଚାରିବାରୁ 'କାମ କଲେ ଦୁଇ ପଇସା ମିଳିବ ଓ ଘର ଚଳିବ' ବୋଲି କହିଥିଲେ।

# ୪୧ ଜଣଙ୍କ ଘର ଭାଙ୍ଗିଲା

**ବାଙ୍ଗିରିପୋଷି,୪।୫(ଡିଏନଏ)**

ସାମୁଦ୍ରିକ ଝଡ ଫନୀ ପ୍ରଭାବରେ ବାଙ୍ଗିରିପୋଷି ତହସିଲ ଅନ୍ତର୍ଗତ ୫ଟି ରାଜସ୍ୱ ସର୍କଲରେ ୪୧ ଜଣଙ୍କ ଘର ଭାଙ୍ଗିଛି। ମାଟି କାନ୍ଥ ପଡି ଗୋଟିଏ ଗାଈର ମଧ୍ୟ ମୃତ୍ୟୁ ଘଟିଛି। କ୍ଷୟକ୍ଷତିର ପରିମାଣ ବୃଦ୍ଧି ପାଇପାରେ ବୋଲି କୁହାଯାଉଛି। କ୍ଷତିଗ୍ରସ୍ତ ପରିବାରଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି। ବିଭିନ୍ନ ସ୍ଥାନରେ ଗଛ ପଡି ରାସ୍ତା ଅବରୋଧ ହୋଇଥିବା ବେଳେ ବାଙ୍ଗିରିପୋଷି ପୋଲିସ ଓ ଦମକଳ ବହିନୀ ରାସ୍ତାରୁ ଗଛ ଉଠାଇ ଯାନବାହାନ ଚଳାଚଳ ସ୍ୱାଭାବିକ କରିଥିଲେ ।


## ଭାରତୀୟ ରିଜର୍ଭ ବ୍ୟାଙ୍କ
www.rbi.org.in

### ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଦ୍ୱାରା ନିୟନ୍ତ୍ରିତ ହେଉଥିବା କୌଣସି ସଂସ୍ଥା କିମ୍ବା ନିଜର ବିଭାଗ ବିରୁଦ୍ଧରେ ଅଭିଯୋଗର ନିରାକରଣ

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଦେଶସାରା ନିଜର କାର୍ଯ୍ୟାଳୟରେ ଅଭିଯୋଗର ନିରାକରଣ ପାଇଁ ବିଭିନ୍ନ ମାଧ୍ୟମ ସ୍ଥାପନ କରିଅଛି।

ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥା ଯଥା: ବାଣିଜ୍ୟକ ବ୍ୟାଙ୍କ, ଆଞ୍ଚଳିକ ଗ୍ରାମ୍ୟବ୍ୟାଙ୍କ, ସମବାୟ ବ୍ୟାଙ୍କ କିମ୍ବା ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କଂପାନୀ (ଭାରତୀୟ ରିଜର୍ଭବ୍ୟାଙ୍କ ଆଇନ ୧୯୩୪ର ଧାରା ୪୫-IA ଅନୁଯାୟୀ ପଞ୍ଜୀକୃତ) ଅଣବ୍ୟାଙ୍କିଙ୍ଗ୍ ସଂସ୍ଥାମାନଙ୍କର ଡ଼ିଜିଟାଲ୍ ନେଣ ଦେଣ (ପେମେଣ୍ଟ ସେଟଲମେଣ୍ଟ ଆଇନ ୨୦୦୭ ଅଧୀନସ୍ଥ) ଜମା ବୀମା ଓ ଋଣ ନିକ୍ଷେପ ନିଗମ କିମ୍ବା ନିଜର କୌଣସି ବିଭାଗ ବିରୁଦ୍ଧରେ ଯଦି କୌଣସି ବ୍ୟକ୍ତିଙ୍କର ସେବା ଅବହେଳା ଜନିତ ଅଭିଯୋଗ ଥାଏ ତେବେ ସେ ଭାରତୀୟ ରିଜର୍ଭବ୍ୟାଙ୍କର ଓଡ଼ିଶା କ୍ଷେତ୍ର ପାଇଁ ନିମ୍ନଲିଖିତ କାର୍ଯ୍ୟାଳୟ ସହ ଯୋଗାଯୋଗ କରି ତାଙ୍କ ଅଭିଯୋଗ ପୂର୍ଣ୍ଣ ବିବରଣୀ ଏବଂ ସମର୍ଥିତ କାଗଜପତ୍ର ସହିତ ଦାଖଲ କରିପାରିବେ।

**୧. ବ୍ୟାଙ୍କ ଲୋକପାଳ, ଯୋଜନା 2006 (BO Scheme, 2006)**

ବ୍ୟାଙ୍କ ଲୋକପାଳ ଯୋଜନା, 2006 ରେ ଧାରା ୮ ନିର୍ଦ୍ଦିଷ୍ଟ ଅଭିଯୋଗର ନିରାକରଣ।

ଜଣେ ଅଭିଯୋଗକାରୀ ଅନ୍‌ଲାଇନ କମ୍ପ୍ଲେଟ୍ ଟ୍ରାକିଙ୍ଗ୍ ସିଷ୍ଟମ୍ (CTS) ମାଧ୍ୟମରେ https://www.rbi.org.in>>consumer Education and Protection>> For Common Person>>Complaints>>Against Bank>>Banking Ombudsman Scheme ରେ ଯାଇ ଅଭିଯୋଗ ଦାଖଲ କରିପାରିବେ।

ସଂପୂର୍ଣ୍ଣ ତଥ୍ୟ ଏବଂ ସମର୍ଥିତ କାଗଜ ପତ୍ର ସହିତ ଅଭିଯୋଗକୁ ନିମ୍ନଲିଖିତ ଠିକଣାରେ ଡ଼ାକ ଦ୍ୱାରା /କାହା ହାତରେ/e-mail ମାଧ୍ୟମରେ ମଧ୍ୟ ଦାଖଲ କରାଯାଇ ପାରିବ। **ବ୍ୟାଙ୍କିଙ୍ଗ୍ ଲୋକପାଳଙ୍କ କାର୍ଯ୍ୟାଳୟ,** ମାର୍ଫତ୍-ଭାରତୀୟ ରିଜର୍ଭ ବ୍ୟାଙ୍କ (ତୃତୀୟ ମହଲା), ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୧, ଟେଲିଫୋନ-୦୬୭୪-୨୩୯୬୨୦୭/୨୩୯୬୦୦୮, ଫାକ୍ସ ନମ୍ବର-୨୩୯୩୯୦୬, ଇ-ମେଲ୍-bobhubaneswar@rbi.org.in

**୨. ଲୋକପାଳ ଯୋଜନା-ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କଂପାନୀ (NBFC-O Scheme), 2018**

ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କଂପାନୀ ଲୋକପାଳ ଯୋଜନା ୨୦୧୮ର ଧାରା ୮ ଅନ୍ତର୍ଗତ (ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ) ବିରୁଦ୍ଧରେ ଅଭିଯୋଗର ନିରାକରଣ ପାଇଁ ସଂପୂର୍ଣ୍ଣ ତଥ୍ୟ ଏବଂ ସମର୍ଥିତ କାଗଜ ପତ୍ର ସହିତ ଅଭିଯୋଗକୁ ନିମ୍ନଲିଖିତ ଠିକଣାରେ ଡ଼ାକ ଦ୍ୱାରା/କାହା ହାତରେ/e-mail ମାଧ୍ୟମରେ ଦାଖଲ କରାଯାଇ ପାରିବ।

**ଲୋକପାଳ-ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ (ପୂର୍ବ କ୍ଷେତ୍ର East Zone)**

ମାର୍ଫତ-ଭାରତୀୟ ରିଜର୍ଭ ବ୍ୟାଙ୍କ, ୧୫, ନେତାଜୀ ସୁବାଷ ରୋଡ଼, କୋଲକତା-୭୦୦୦୦୧, ଟେଲିଫୋନ ନମ୍ବର-୦୩୩-୨୩୩୦୪୯୮୨, ଫାକ୍ସ ନମ୍ବର-୦୩୩-୨୨୩୦୫୮୯୯, ଇ-ମେଲ୍-nbfcokolkata@rbi.org.in, କାର୍ଯ୍ୟାଳୟ ସମୟ-ପୂର୍ବାହ୍ନ-୯.୩୦ ଅପରାହ୍ନ-୫.୩୦

ଅଧିକ ସୂଚନା ପାଇଁ, ଦୟାପୂର୍ବକ ୱେବସାଇଟ୍ https://www.rbi.org.in>>Consumer Education and Protection>> For Common Person>>Complaints>>Against NBFCs>>Ombudsman Scheme for NBFCs ଦେଖନ୍ତୁ।

**୩. ଡ଼ିଜିଟାଲ୍ ନେଣଦେଣ ପାଇଁ ଲୋକପାଳ ଯୋଜନା (OSDT 2019)**

ପେମେଣ୍ଟ ସେଟଲ୍‌ମେଣ୍ଟ ଅଧିନୀୟମ, ୨୦୦୭ରେ ସୂଚୀତ ପଦ୍ଧତି ଭାଗୀଦାରୀ ଦ୍ୱାରା ପେମେଣ୍ଟ ନେଣ ଦେଣ ସେବାରେ ଅବହେଳା ଜନିତ ଅଭିଯୋଗର ନିରାକରଣ ପାଇଁ ସମ୍ପୂର୍ଣ୍ଣ ତଥ୍ୟ ଏବଂ ସମର୍ଥିତ କାଗଜ ପତ୍ର ସହିତ ଅଭିଯୋଗକୁ ନିମ୍ନଲିଖିତ ଠକଣାରେ ଡ଼ାକ ଦ୍ୱାରା/କାହା ହାତରେ କିମ୍ବା e-mail ମାଧ୍ୟମରେ ମଧ୍ୟ ଦାଖଲ କରିପାରିବେ।

**ଲୋକପାଳ, ଡ଼ିଜିଟାଲ୍ ନେଣଦେଣ (ଭୁବନେଶ୍ୱର)**

ମାର୍ଫତ-ଭାରତୀୟ ରିଜର୍ଭ ବ୍ୟାଙ୍କ, ପଣ୍ଡିତ ଜବହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧, ଟେଲିଫୋନ୍ ନମ୍ବର-୦୬୭୪-୨୩୯୬୨୦୭/୨୩୯୬୦୦୮, ଫାକ୍ସ ନମ୍ବର-୨୩୯୩୯୦୬, ଇ-ମେଲ୍-odtbhubaneswar@rbi.org.in, କାର୍ଯ୍ୟାଳୟ ସମୟ-ପୂର୍ବାହ୍ନ-୯.୩୫ ଅପରାହ୍ନ-୫.୨୦

**ଭୁବନେଶ୍ୱରସ୍ଥିତ ଡ଼ିଜିଟାଲ୍ ନେଣଦେଣ ଲୋକପାଳଙ୍କ କ୍ଷେତ୍ର ପରିସରରେ ଓଡ଼ିଶା ରାଜ୍ୟ ଅନ୍ତର୍ଭୂକ୍ତ।**

**ଟିପ୍ପଣୀ :** ବ୍ୟାଙ୍କ ଲୋକପାଳ ଯୋଜନା, ୨୦୦୬ କିମ୍ବା ଅଣବ୍ୟାଙ୍କିଙ୍ଗ ବିତ୍ତୀୟ କଂପାନୀ ଲୋକପାଳ ଯୋଜନା, ୨୦୧୮ କିମ୍ବା ଡ଼ିଜିଟାଲ ନେଣ-ଦେଣ ଲୋକପାଳ ଯୋଜନା, ୨୦୧୯ ଅନ୍ତର୍ଗତ ଅଭିଯୋଗ ଦାଖଲ କରିବା ପାଇଁ ଅଭିଯୋଗକାରୀ ଦୟାପୂର୍ବକ ଧ୍ୟାନ ଦିଅନ୍ତୁ ଯେ ନିଜ ଅଭିଯୋଗର ନିରାକରଣ ପାଇଁ ପ୍ରଥମେ ବ୍ୟାଙ୍କ ଶାଖା ରିଜର୍ଭ ବ୍ୟାଙ୍କରେ ପଞ୍ଜିକୃତ ହୋଇ ଜମା ଗ୍ରହଣ କରୁଥିବା ଅଣବ୍ୟାଙ୍କିଙ୍ଗ ବିତ୍ତୀୟ କମ୍ପାନୀ/ପଦ୍ଧତି ଅଂଶ ଗ୍ରହଣକାରୀଙ୍କ ସହ ସଂପର୍କ ସ୍ଥାପନ କରନ୍ତୁ। ଯଦି ସମ୍ବନ୍ଧିତ ବ୍ୟାଙ୍କ ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ/ପଦ୍ଧତି ସହଭାଗୀ ଲୋକପାଳ ଯୋଜନା ଧାରା ୮ ଅନ୍ତର୍ଗତ ସେବା ଅବହେଳା ସଂପର୍କିତ ଅଭିଯୋଗର ନିରାକରଣ ୩୦ ଦିନ ଭିତରେ ନ'କରନ୍ତି କିମ୍ବା ଅଭିଯୋଗକାରୀ, ତାଙ୍କ ଉତ୍ତରରେ ସନ୍ତୁଷ୍ଟ ନ ହୁଅନ୍ତି, ତେବେ ସେ ତା'ପରେ ଉତ୍ତର ପ୍ରାପ୍ତିର ଏକ ବର୍ଷ ମଧ୍ୟରେ କିମ୍ବା ଉତ୍ତର ପ୍ରାପ୍ତି ନ' ହୋଇଥିଲେ ଅଭିଯୋଗ ଦେଇଥିବା ତାରିଖ ଠାରୁ ଏକ ବର୍ଷ ଏକ ମାସ ମଧ୍ୟରେ ସଂପୃକ୍ତ ଲୋକପାଳଙ୍କୁ ଅଭିଯୋଗ କରିପାରିବେ।

**ଲୋକପାଳଙ୍କ ନିଷ୍ପତ୍ତିର ପୁନର୍ବିଚାର**

ବ୍ୟାଙ୍କ/ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ/ଡ଼ିଜିଟାଲ୍ ନେଣଦେଣ ଲୋକପାଳଙ୍କ ନିଷ୍ପତ୍ତି ପୂନର୍ବିଚାର ପାଇଁ ଆବେଦନ କରାଯାଇପାରିବ ଯଦି ଅଭିଯୋଗଟି ଏହି ଯୋଜନାରେ ସୂଚୀତ ପୂନର୍ବିଚାର ଯୋଗ୍ୟ ଅଭିଯୋଗ ହୋଇଥିବ। ଏହି ପୂନର୍ବିଚାର ଆବେଦନ ବ୍ୟାଙ୍କିଙ୍ଗ୍ ଲୋକପାଳଙ୍କ ନିଷ୍ପତ୍ତି ସୂଚନା ପ୍ରାପ୍ତିର ୩୦ ଦିନ ମଧ୍ୟରେ ପୂନର୍ବିଚାର ଅଧିକାରୀ, **ଭାରତୀୟ ରିଜର୍ଭ ବ୍ୟାଙ୍କ ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା ବିଭାଗ, କେନ୍ଦ୍ରୀୟ କାର୍ଯ୍ୟାଳୟ, ଅମର ବିଲ୍ଡିଂ ସାର୍ ପି ଏମ ରୋଡ଼, ପୋଷ୍ଟ ମୁମ୍ବାଇ-୪୦୦୦୦୧**ରେ ଦାଖଲ କରାଯାଇପାରିବ।

**୪. ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା କକ୍ଷ (CEPC)**

ଶ୍ରୀ ସନ୍ତୋଷ କୁମାର ପଟ୍ଟନାୟକ, ସହାୟକ ମହାପ୍ରବନ୍ଧକ, ଭାରତୀୟ ରିଜର୍ଭ ବ୍ୟାଙ୍କ, ପଣ୍ଡିତ ଜବାହରଲାଲ୍ ନେହେରୁ ମାର୍ଗ-୭୫୧୦୦୧ ଭୁବନେଶ୍ୱର, ଟେଲିଫୋନ ନମ୍ବର-୦୬୭୪-୨୩୯୦୦୭୪, ଇ-ମେଲ୍-cepcbhubaneswar@rbi.org.in, କାର୍ଯ୍ୟାଳୟ ସମୟ-ପୂର୍ବାହ୍ନ-୯.୩୫ ଅପରାହ୍ନ-୫.୨୦, ଅଧିକ ସୂଚନା ପାଇଁ ଦୟାପୂର୍ବକ https://www.rbi.org.in>>consumer Education and Protection>> For Common Person>>Complaints>>Against RBI ନାମକ ୱେବସାଇଟ୍ ଦେଖନ୍ତୁ।

**୫. ଜମାବୀମା ଓ ଋଣ ନିକ୍ଷେପ ନିଗମ ବିରୁଦ୍ଧରେ ଅଭିଯୋଗ**

ସାଧାରଣବ୍ୟକ୍ତି ଜମାବୀମା ଓ ଋଣ ନିକ୍ଷେପ ନିଗମ ବିରୁଦ୍ଧରେ ଅଭିଯୋଗକୁ ନିମ୍ନୋକ୍ତ ଠିକଣା/ଇ-ମେଲ୍ ମାଧ୍ୟମରେ ଦାଖଲ କରିପାରିବେ।

**ଜମାବୀମା ଓ ଋଣ ନିକ୍ଷେପ ନିଗମ (DICGC)**

ଉପମହାପ୍ରବନ୍ଧକ, ଜମାବୀମା ଓ ଋଣ ନିକ୍ଷେପ ନିଗମ, ଅଭିଯୋଗ ନିରାକରଣ କକ୍ଷ, ଭାରତୀୟ ରିଜର୍ଭ ବ୍ୟାଙ୍କ ଭବନ, ୨ୟ ମହଲା, ମୁମ୍ବାଇ ସେଣ୍ଟ୍ରାଲ୍ ରେଲୱେ ଷ୍ଟେସନ ସମ୍ମୁଖ, ମୁମ୍ବାଇ-୪୦୦୦୦୮, ଅଭିଯୋଗକାରୀ ଶ୍ରୀ ଦୀପକ ନାରଙ୍ଗ ଉପମହାପ୍ରବନ୍ଧକଙ୍କୁ ମଧ୍ୟ ଟେଲିଫୋନ୍ ନମ୍ବର-୦୨୨-୨୩୦୧୯୬୩୩ କିମ୍ବା ଇ-ମେଲ୍ dicgc@rbi.org.in ମାଧ୍ୟମରେ ଯୋଗାଯୋଗ କରିପାରିବେ।

**ଟିପ୍ପଣୀ : ଅଭିଯୋଗକାରୀଙ୍କ ନିଜର ଠିକଣା ଏବଂ ଫୋନ୍ ନମ୍ବର/ମୋବାଇଲ୍ ନମ୍ବର ଅଭିଯୋଗରେ ଦର୍ଶାଇବା ପାଇଁ ଅନୁରୋଧ।**

# ତାଲିବାନ୍ ଆକ୍ରମଣ: ୭ ପୋଲିସ ନିହତ

କାବୁଲ,୪।୫

ଆଫଗାନିସ୍ତାନ୍‌ର ପଶ୍ଚିମ ବାଦ୍‌ଘିସ୍ ପ୍ରଦେଶରେ ତାଲିବାନ ଆତଙ୍କବାଦୀମାନେ ସିକ୍ୟୁରିଟୀ ଚେକ୍‌ପୋଷ୍ଟ ଉପରେ ଆକ୍ରମଣ କରିବା ଫଳରେ ୭ ଜଣ ପୋଲିସ ନିହତ ହୋଇଥିବା ଜଣାପଡିଛି। ଏନେଇ ତାଲିବାନ୍ ପକ୍ଷରୁ କିଛି ପ୍ରତିକ୍ରିୟା ମିଳିପାରିନାହିଁ। ଆଫଗାନ୍ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ପୂର୍ବ କୁନାର୍ ପ୍ରଦେଶରେ ଶୁକ୍ରବାର ସେନା ପକ୍ଷରୁ ଏୟାର ଷ୍ଟ୍ରାଇକ୍ କରାଯାଇ ୪୩ ଆଇଏସ୍ ଆତଙ୍କବାଦୀଙ୍କୁ ହତ୍ୟା କରାଯାଇଥିଲା। ଚପରା ଜିଲାର ଆଇଏସ୍ ଆଡା ଉପରେ ଏହି ଆକ୍ରମଣ କରାଯାଇଥିଲା। ତା'ପରେ ତାଲିବାନ୍ ପକ୍ଷରୁ ଏଭଳି ଆକ୍ରମଣ କରାଯାଇଛି।

# ବିଶ୍ୱଭାରତୀ କ୍ୟାମ୍ପସରେ ନବଦମ୍ପତିଙ୍କ ମୃତ୍ୟୁ

ସୁରୀ,୪।୫(ପି.ଟି.)

ବୀରଭୂମ୍ ଜିଲାରେ ଥିବା ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ପରିସର ମଧ୍ୟରୁ ନବଦମ୍ପତିଙ୍କ ମୃତଦେହ ମିଳିଛି। ଶୁକ୍ରବାର ବିଳମ୍ବିତ ରାତିରେ କ୍ୟାମ୍ପସ ପରିସରରେ ଥିବା ଚାଇନା ଭବନ ନିକଟରୁ ମୃତଦେହ ମିଳିଥିବା ପୋଲିସ କହିଛି। ମୃତକମାନେ ହେଲେ ବୋଲପୁର ଶ୍ରୀନନ୍ଦା ହାଇସ୍କୁଲ ଛାତ୍ର ସୋମନାଥ ମାହାତୋ (୧୮) ଏବଂ ଛାତ୍ରୀ ଅବନ୍ତିକା(୧୯)। ସେମାନେ ନିକଟରେ ପରସ୍ପରକୁ ବିବାହ କରିଥିଲେ। ସୋମନାଥ ଚଳିତବର୍ଷ ଉଚ୍ଚମାଧ୍ୟମିକ ପରୀକ୍ଷା ଦେଉଥିବାବେଳେ ଅବନ୍ତିକା ଦଶମ ବୋର୍ଡ ପରୀକ୍ଷା ଦେଇଥିଲେ। ସେମାନେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଥିବାବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ତଥ୍ୟ ଜଣାପଡିବ ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି।

# ଅସୁସ୍ଥ ମାଇହାତୀ ମୃତ



ପରଜଙ୍ଗ, ୪।୫(ଡି.ଏନ୍.ଏ.)

ଢେଙ୍କାନାଳ ବନଖଣ୍ଡ ମହାବିରୋଡ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନ ଅଧୀନ ବାଇଗିଣିଆ ମୁଣ୍ଡାସାହି ନିକଟରେ ଶନିବାର ପୂର୍ବାହ୍ନ ୧୧ଟାରେ ଏକ ଅସୁସ୍ଥ ମାଇହାତୀର ମୃତ୍ୟୁ ଘଟିଛି। ଉକ୍ତ ହାତୀ ଗତ ୨୫ ତାରିଖରୁ ଅସୁସ୍ଥ ଥିଲା। ଏ ସମ୍ପର୍କରେ ଅବଗତ ଥିବା ସତ୍ତ୍ୱେ ବନ ବିଭାଗ ପକ୍ଷରୁ ଚିକିତ୍ସା ଲାଗି କୌଣସି ପଦକ୍ଷେପ ନିଆଗଲାନାହିଁ। ଚିକିତ୍ସା ଅବହେଳାରୁ ହାତୀର ମୃତ୍ୟୁ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶନିବାର ସକାଳେ ମୁଣ୍ଡାସାହି ପାଖରେ ଉକ୍ତ ହାତୀ ବିଚରଣ କରୁଥିବା ଦେଖି ଲୋକମାନେ ବନ ବିଭାଗକୁ ସୂଚନା ଦେଇଥିଲେ। ବନ କର୍ମଚାରୀ ପହଞ୍ଚି ହାତୀର ପିଛା କରିଥିଲେ। ତେବେ ହାତୀଟି କିଛି ବାଟ ଯିବା ପରେ ପଡ଼ିଯାଇଥିଲା। ପରେ ଛଟପଟ ହୋଇ ପ୍ରାଣ ହରାଇଥିଲା। ହାତୀର ଆନୁମାନିକ ବୟସ ୪୦ ବର୍ଷ ହେବ। ଜିଲା ବନଖଣ୍ଡ ଅଧିକାରୀ ସୁଦର୍ଶନ ପାତ୍ର, ଏସିଏଫ୍ ଜିତେନ୍ଦ୍ରନାଥ ଦାସ, ରେଞ୍ଜର ହରମୋହନ ନାୟକ, ଫରେଷ୍ଟର ରାମଚନ୍ଦ୍ର ରାଉତ ପ୍ରମୁଖ ପହଞ୍ଚି ତଦନ୍ତ କରିଛନ୍ତି। ପ୍ରାଣୀଧନ ଚିକିତ୍ସକ ଡା ରଞ୍ଜିତ କୁମାର ସାହୁ ହାତୀର ବ୍ୟବଚ୍ଛେଦ କରିଥିଲେ। ମୃତଦେହକୁ ଗାତ ଖୋଳି ପୋତି ଦିଆଯାଇଛି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯେଣେ ଇଚ୍ଛା ତେଣେ ଯାଅ,**
**କରମ ଘେନି ବୁଲୁଥାଅ ।**

କର୍ମ ହିଁ ଜୀବନ ଯାତ୍ରାର ଅସଲ ସହଚର। ଯେଉଁଠି ରହିଲେ ବି କର୍ମ ଅନୁସାରେ ଫଳ ଫଳେ। କର୍ମ ଓ ଭାଗ୍ୟ ଏକାଠି ହେଲେ ଲୋକ ଐଶ୍ୱର୍ଯ୍ୟ ଭୋଗ କରେ। ଯେତେ କର୍ମ କଲେ, ଭାଗ୍ୟରେ ନ ଥିଲେ ଭଲ ଫଳ ମିଳୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯେ ପକ୍ଷୀ ଉଡ଼େ ଯେତେ ଦୂର,**
**ସେ ଜାଣେ ତା'ର ବେଭାର ।**

ବହୁଦର୍ଶୀ ବ୍ୟକ୍ତିର ଅଭିଜ୍ଞତା। ଅଭିଜ୍ଞତାନୁସାରେ ଜ୍ଞାନାର୍ଜନ। ଅଭିଜ୍ଞତା ମଣିଷକୁ ଜ୍ଞାନୀ କରାଏ। ଯେ ଯେତେ ଅଭିଜ୍ଞ ସେ ସେତେ ବିଜ୍ଞ ଭାବେ ପରିଗଣିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା. ଲି.

# ୧୨୬ ଘଣ୍ଟା ନୃତ୍ୟକରି ବିଶ୍ୱ ରେକର୍ଡ

କାଠମାଣ୍ଡୁ,୪।୫(ପି.ଟି.)

ଜଣେ ନେପାଳି ବାଳିକା କ୍ରମାଗତ ୧୨୬ ଘଣ୍ଟା ନୃତ୍ୟକରି ଗିନିଜ୍ ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି। ସେ ଜଣେ ଭାରତୀୟ ବାଳିକାଙ୍କ ପୂର୍ବ ରେକର୍ଡକୁ ଭଙ୍ଗ କରିଛନ୍ତି। ଶନିବାର ନେପାଳ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲିଙ୍କ ସରକାରୀ ଦପ୍ତରରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ୧୮ ବର୍ଷୀୟା ବାଳିକା ବନ୍ଦନା ନେପାଳଙ୍କୁ ଏହି ସଫଳତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବ ନେପାଳର ଧାନକୁଟା ଜିଲା ବାସିନ୍ଦା ବନ୍ଦନା ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନ ପାଇଥିବା ଶୁକ୍ରବାର ସୂଚନା ପାଇଥିଲେ। ୨୦୧୧ରେ ଭାରତୀୟ ଲଳନା କଳମଣ୍ଡଳମ୍ ହେମଲତା ୧୨୩ ଘଣ୍ଟା ୧୫ ମିନିଟ୍ ସର୍ବାଧିକ ସମୟ ନୃତ୍ୟକରି ଗିନିଜ୍ ବିଶ୍ୱ ରେକର୍ଡ ସ୍ଥାପନ କରିଥିଲେ।

# କଶ୍ମୀରରେ ପ୍ରଶିକ୍ଷଣ ନେଇଥିଲେ ଶ୍ରୀଲଙ୍କା ଆତ୍ମଘାତୀ

କଲମ୍ବୋ,୪।୫(ପି.ଟି.)

ଇଷ୍ଟର ସଣ୍ଡେରେ ବିସ୍ଫୋରଣ ଘଟାଇଥିବା କେତେଜଣ ଶ୍ରୀଲଙ୍କା ଆତ୍ମଘାତୀମାନେ ପ୍ରଶିକ୍ଷଣ ଲାଗି କଶ୍ମୀର ଓ କେରଳ ଆସିଥିଲେ ବୋଲି ଶ୍ରୀଲଙ୍କା ସେନା ମୁଖ୍ୟ ପ୍ରକାଶ କରିଛନ୍ତି। ଗୋଇନ୍ଦା ରିପୋର୍ଟକୁ ଆଧାରକରି ଶ୍ରୀଲଙ୍କା ସୁରକ୍ଷା ଅଧିକାରୀ କହିଛନ୍ତି। ଏପ୍ରିଲ ୨୧ରେ ଶ୍ରୀଲଙ୍କାର ୮ ସ୍ଥାନରେ ଜଣେ ମହିଳାଙ୍କୁ ମିଶାଇ ୯ ଆତ୍ମଘାତୀ ସିରିଜ୍ ବିସ୍ଫୋରଣ କରିବାରୁ ୨୫୩ ଜଣଙ୍କ ମୃତ୍ୟୁ ଘଟିଥିଲା।

ଏକ ସାକ୍ଷାତକାରରେ ସେନା କମାଣ୍ଡର ଲ୍ୟୁଟନାଣ୍ଟ ଜେନେରାଲ୍ ମହେଶ ସେନାନାୟକେ ଏମାନଙ୍କ ଅନ୍ତର୍ଜାତୀୟ ଲିଙ୍କ୍ ଥିବା ସୂଚନା ଦେଇଛନ୍ତି। ଆକ୍ରମଣ ଲାଗି ଆଇଏସ୍ ନିଜକୁ ଦାୟୀ କରିଥିଲାବେଳେ ସରକାର କିନ୍ତୁ ସ୍ଥାନୀୟ ଇସ୍‌ଲାମିକ୍ କଠୋରପନ୍ଥୀ ଗୋଷ୍ଠୀ ଏନ୍‌ଟିଜେର ହାତ ଥିବା କହୁଛି। ଏହି ଗୋଷ୍ଠୀ ସହ ସମ୍ପୃକ୍ତ ଥିବା ଶତାଧିକ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି।


## ମନେ ପଡ଼ନ୍ତି

**ଶ୍ରଦ୍ଧାଞ୍ଜଳି**
**ଦଶାହ ଉପଲକ୍ଷେ**



**ସ୍ୱର୍ଗତା ପ୍ରମୋଦା ସାହୁ**
**ସ୍ୱାମୀ: ସ୍ୱର୍ଗତ ଗଣେଶ୍ୱର ସାହୁ**
ଆବିର୍ଭାବ: ୨୪।୦୬।୧୯୩୪
ତିରୋଧାନ: ୨୬।୦୪।୨୦୧୯
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ସଦ୍‌ଗୁରୁଙ୍କ ଶ୍ରୀଚରଣେ ପ୍ରାର୍ଥନା।
ଶୋକସନ୍ତପ୍ତ
ପରିବାର ଏବଂ ବନ୍ଧୁବାନ୍ଧବବର୍ଗ।
ଦଶାହ କର୍ମ: ୦୫.୦୫.୧୯, ୧୦ A.M
ଏକାଦଶାହ ଅତିଥି ସେବା: ୦୬.୦୫.୧୯, ୭.୩୦ P.M
ନିତ୍ୟଲୋକ
Plot no-348, BJB Nagar, Lewis road, Bhubaneswar-14, Mob-9831411953
ଧ-୫୮୦୩

**ସପ୍ତମ ଶ୍ରାଦ୍ଧବାର୍ଷିକ**
**ଉପଲକ୍ଷେ ଶ୍ରଦ୍ଧାଞ୍ଜଳୀ**



**ସ୍ୱର୍ଗତା ସବିତା ବଡ଼ଜେନା**
ସ୍ଥାନ- ସି-୯୩, ପଳାସପଲ୍ଲୀ, ଭୁବନେଶ୍ୱର
ଆବିର୍ଭାବ: ୧୯୫୬ (ଅକ୍ଷୟ ତୃତୀୟା)
ତିରୋଧାନ: ୧୩।୦୫।୨୦୧୩
ସାତବର୍ଷ ବିତିଗଲାଣି, ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ଉପଦେଶ ସର୍ବଦା ଆମମାନଙ୍କ ପାଇଁ ପଥପ୍ରଦର୍ଶକ ହେଉ। ଆଜି ଏହି ଶ୍ରାଦ୍ଧଦିବସରେ ଆପଣଙ୍କ ଆଦର୍ଶ ଓ କର୍ତ୍ତବ୍ୟନିଷ୍ଠା ଆମମାନଙ୍କୁ ଅନୁପ୍ରାଣିତ କରୁ ଓ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ସ୍ୱାମୀ, ପୁଅ, ବୋହୂ, ଝିଅ ଜ୍ୱାଇଁମାନେ, ନାତି ନାତୁଣୀ ଓ ବନ୍ଧୁବର୍ଗ।
ଧ-୧୨୪୩୨

**ଏକାଦଶାହ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଶ୍ରୀମତୀ ସୁଧାଂଶୁବାଳା ପଟ୍ଟନାୟକ**
ଆବିର୍ଭାବ: ୧୯୫୦
ତିରୋଧାନ: ୨୦୧୯
ବୋଉ ତୁମର ଅନାବିଳ ସ୍ନେହ ସବୁଦିନ ପାଇଁ ଆମର ମନେରହିବ। ତୁମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖେ ବିନମ୍ର ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:**
ପରିବାରବର୍ଗ, ପତି- ବଂଶିଧର, ପୁତ୍ର- କୁନା, ଲୁନା ଓ ବୁବି, ପୁତ୍ରବଧୂ- ମାନି, ମିତା ଓ ସୋନି, ନାତୁଣୀ- ବୋବ, ପିହୁ ଓ ବାନି।
ଧ-୬୫୮୯୪



## ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ
### ଇଞ୍ଜିନିୟରିଂ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଂ.)/ରାୟପୁର ନିମ୍ନଲିଖିତ କାର୍ଯ୍ୟର ନିର୍ବାହ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି:

(୧) **ଟେଣ୍ଡର ବିଜ୍ଞପ୍ତି ନଂ.:** ଇ-ଆର୍-ଟି-୩୨-୧୯-୨୦ **ତାରିଖ:** ୨୯।୦୪।୨୦୧୯। **କାର୍ଯ୍ୟର ନାମ:** ରାୟପୁର ଡିଭିଜନର ଧାଡ଼ପଡ଼ା ୟାର୍ଡରେ କିମି ୭୨୫/୨୫-୨୭ଠାରେ ଲେଭଲ କ୍ରସିଂ ନଂ.୩୬୯ଠାରେ ରବରଯୁକ୍ତ ପୃଷ୍ଠର ବ୍ୟବସ୍ଥା ଦ୍ୱାରା ସଡ଼କ ପୃଷ୍ଠର ଉନ୍ନତୀକରଣ। **ଟେଣ୍ଡର ମୂଲ୍ୟ:** ₹୫୦,୧୦,୮୧୦/-। **ଇଏମ୍‌ଡି:** ₹୧,୦୦,୨୦୦/-, **ଟେଣ୍ଡର କାଗଜପତ୍ର ମୂଲ୍ୟ:** ₹୫,୦୦୦/-। **ସମାପ୍ତି ଅବଧି:** ୦୬ (ଛଅ) ମାସ।

(୨) **ଟେଣ୍ଡର ବିଜ୍ଞପ୍ତି ନଂ.:** ଇ-ଆର୍-ଟି-୩୩-୧୯-୨୦ **ତାରିଖ:** ୨୯।୦୪।୨୦୧୯। **କାର୍ଯ୍ୟର ନାମ:** ୧. ରାୟପୁର ଡିଭିଜନର ବିଳାସପୁର-ଦୁର୍ଗ ସେକ୍ସନରେ ପୁରୁଣା ଓ କ୍ଷତିଗ୍ରସ୍ତ ଗ୍ଲୁଡ୍ ଜଏଣ୍ଟ ୫୫୦ସେଟ୍‌ର ନବୀକରଣ। ୨. ରାୟପୁର ଡିଭିଜନର ବିଳାସପୁର - ଦୁର୍ଗ ସେକ୍ସନରେ ଥିକ୍ ୱେବ୍ ସ୍ୱିଚ୍ ଏବଂ ୱେଲ୍‌ଡେବଲ୍ ସିଏମ୍‌ଏସ୍ କ୍ରସିଂ ସହିତ ୧୫୯ ସେଟ୍ ସ୍ୱିଚ୍ ଓ କ୍ରସିଂର ନବୀକରଣ (୪ ସେଟ୍ - ୧ଇନ୍ ୧୬, ୧୪୮ ସେଟ୍ - ୧ ଇନ୍ ୧୨ ଓ ୭ ସେଟ୍ ୧ ଇନ୍ ୮.୫ ପଏଣ୍ଟ ଏବଂ କ୍ରସିଂ)। ୩. ରାୟପୁର ଡିଭିଜନର ବିଳାସପୁର - ରାୟପୁର ସେକ୍ସନରେ କ୍ରାକ୍‌ଡ ସ୍ଲିପର୍‌ର କାଜୁଆଲ୍ ନବୀକରଣ। ୪. ରାୟପୁର ଡିଭିଜନର ରାୟପୁର - ଦୁର୍ଗ ସେକ୍ସନର କ୍ରାକ୍‌ଡ ସ୍ଲିପର୍‌ର କାଜୁଆଲ୍ ନବୀକରଣ। **ଟେଣ୍ଡର ମୂଲ୍ୟ:** ₹୨,୪୮,୦୫,୦୨୯/-। **ଇଏମ୍‌ଡି:** ଟ.୨,୭୪,୦୦୦/-, **ଟେଣ୍ଡର କାଗଜପତ୍ର ମୂଲ୍ୟ:** ₹୧୦,୦୦୦/-। **ସମାପ୍ତି ଅବଧି:** ୨୪ (ଚବିଶ) ମାସ।

ବିଡରମାନେ କେବଳ ତା୦୬।୦୬।୨୦୧୯ରିଖ ୧୧.୦୦ ଘଟିକା ପର୍ଯ୍ୟନ୍ତ ସେମାନଙ୍କର ମୂଳ/ସଂଶୋଧିତ ବିଡ୍ ଦାଖଲ କରିବାରେ ସକ୍ଷମ ହେବେ। ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ୍ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ୍ ଅଫର୍‌ଗୁଡ଼ିକୁ ନାକଚ କରିଦିଆଯିବ । ବିବରଣୀ ଆମ ୱେବ୍‌ସାଇଟ୍: www.ireps.gov.inରେ ଉପଲବ୍ଧ।

ସିନିୟର ଡିଭିଜନାଲ ଇଞ୍ଜିନିୟର୍ (ଲାଇନ୍),
ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଏନ୍‌ଜିଜି),
ଏସ୍.ଇ.ସି. ରେଳପଥ, ରାୟପୁରଙ୍କ ପାଇଁ
PR/R/Engg/AK/14
ସ୍ୱଚ୍ଛ ଭାରତ ଅଭିଯାନ



# CLASSIFIED DISPLAY

## MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

**INDUS FINANCE**
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟୀକ, home, ମାର୍କଶିଟ, ଶିକ୍ଷା, କୃଷି, ପ୍ରୋପାର୍ଟୀ ଓ ପଶୁପାଳନ। ସହଜ କିସ୍ତିରେ, INDUS FINANCE COMPANY ଠାରୁ ସମସ୍ତ ପ୍ରକାର loan ପ୍ରାପ୍ତ କରନ୍ତୁ। ସୁଧ 1%
Address: Narsingpur, Bhogarai, Balasore
Mob: 8860754194, 7835948917

**FINANCE**
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

୧୯୮୨ଠାରୁ ଆପଣଙ୍କ ସେବାରେ
**GLOBAL FINANCE PVT. LTD.**
ପି.ଏମ୍.ଜନଧନ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଗ୍ରୁପ୍ ଋଣ ଓ ସବୁ ଋଣ ମାତ୍ର ୨୪ ଘଣ୍ଟାରେ
୨% ସୁଧ ଓ ୪୦% ଛାଡ଼
ଯେକୌଣସି କମ୍ପାନୀ, ବ୍ୟାଙ୍କରୁ ପ୍ରତାରିତ ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
କାମ ଆମର - ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
7894704743
House No.2, Ram Nagar, Narnol, Haryana.

**GTL Telecom Network Company**
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
Contact :- 8676907143, 9348274623

ASTROLOGY ASTROLOGY

**FINANCE**
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ । ଠକଙ୍କ ପ୍ରତି ସାବଧାନ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

**FINANCE**
BCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
8449164136
9675859756

**ଋଣ**
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
**ଗଣପତି ଫାଇନାନ୍ସ**
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍‌ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
9899436770
8929606415
SCO- 106, Second Floor, Vishal Tower, Cannaught Place, Delhi.

BUSINESS BUSINESS

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Mysore, Karnataka 570001
Call or SMS Now
7895985440

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନପାଇଁ ମୋତେ ସଂପର୍କ କରନ୍ତୁ।
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଭଲପାଉଥିବା, କଳାଯାଦୁ, କରି କରାଉଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଲେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୁଠ ଯାଦୁଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ପରେ ହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କରନ୍ତୁ।
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠକରଣୀ
**ବାବା ଆଲାମ ଖାନ**
ମାଷ୍ଟର କ୍ୟାବିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

GOLD CASH
AN ISO 9001:2015 CERTIFIED PUBLIC LIMITED COMPANY
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

**ଲୋନ! ଲୋନ! ଲୋନ**
**BFC FINANCE**
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

**ଋଣ**
**ମହାଲକ୍ଷ୍ମୀ ଫାଇନାନ୍ସ**
ଏଜୁକେଶନ୍, ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର, ପଶୁପାଳନ, ବ୍ୟବସାୟ ମତ୍ସ୍ୟପାଳନ, ବ୍ୟକ୍ତିଗତ ଋଣ
୩ ଲକ୍ଷରୁ ୫୦ ଲକ୍ଷ
ସୁଧ ହାର: ୪% ବାର୍ଷିକ
!! କୌଣସି ଫାଇଲ୍ ଚାର୍ଜ ନାହିଁ!!
07052133043
08419077960
Add : - 41/14, Sec.1, Pushp Vihar, Delhi

DHARITRI Career appointment Every Wednesday and Saturday

**SMS JOBS DHAMAKA**
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋଣା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
**ବାବା ଆମିଲ ସୁଫି**
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର



## ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ
### ଟେଣ୍ଡର ବିଜ୍ଞପ୍ତି

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଂ.)/ରାୟପୁର ନିମ୍ନଲିଖିତ କାର୍ଯ୍ୟର ନିର୍ବାହ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି:

(୧) **ଟେଣ୍ଡର ବିଜ୍ଞପ୍ତି ନଂ.:** ଇ-ଆର୍-ଟି-୩୪-୧୯-୨୦ **ତାରିଖ:** ୦୧।୦୫।୧୯। **କାର୍ଯ୍ୟର ନାମ:** ତା୩୦।୦୬।୨୦୨୦ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ଏଡିଇଏନ୍(।)/ଭିଲାଇଙ୍କ କ୍ଷେତ୍ରାଧିକାର ଅଧୀନରେ ରାୟପୁର ଡିଭିଜନର ସିଭିଲ ଜୋନାଲ କାର୍ଯ୍ୟ ନିର୍ବାହ। **ଟେଣ୍ଡର ମୂଲ୍ୟ:** ₹୬୫,୦୧,୭୦୯/-। **ଇଏମ୍‌ଡି:** ₹୧,୩୦,୦୦୦/-, **ଟେଣ୍ଡର କାଗଜପତ୍ର ମୂଲ୍ୟ:** ₹୫,୦୦୦/-, **ସମାପ୍ତି ଅବଧି:** ୩୦।୦୬।୨୦୨୦।

(୨) **ଟେଣ୍ଡର ବିଜ୍ଞପ୍ତି ନଂ.:** ଇ-ଆର୍-ଟି-୩୫-୧୯-୨୦ **ତାରିଖ:** ୦୧।୦୫।୧୯। **କାର୍ଯ୍ୟର ନାମ:** ତା୩୦।୦୬।୨୦୨୦ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ରାୟପୁର ଡିଭିଜନର ଏଡିଇଏନ୍(।)/ଭିଲାଇଙ୍କ କ୍ଷେତ୍ରାଧିକାର ଅଧୀନରେ ଜଳ ଯୋଗାଣ, କଲର୍ ୱାଶିଂ, ହ୍ୱାଇଟ୍ ୱାଶିଂ ପାଇଁ ଜୋନାଲ୍ କାର୍ଯ୍ୟ ନିର୍ବାହ। **ଟେଣ୍ଡର ମୂଲ୍ୟ:** ₹୪୩,୫୬,୨୦୦/-। **ଇଏମ୍‌ଡି:** ₹୮୭,୧୦୦/-, **ଟେଣ୍ଡର କାଗଜପତ୍ର ମୂଲ୍ୟ:** ₹୩,୦୦୦/-, **ସମାପ୍ତି ଅବଧି:** ୩୦।୦୬।୨୦୨୦।

(୩) **ଟେଣ୍ଡର ବିଜ୍ଞପ୍ତି ନଂ.:** ଇ-ଆର୍-ଟି-୩୬-୧୯-୨୦ **ତାରିଖ:** ୦୧।୦୫।୧୯। **କାର୍ଯ୍ୟର ନାମ:** ତା୩୦।୦୬।୨୦୨୦ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ରାୟପୁର ଡିଭିଜନର ଏଡିଇଏନ୍/ଭାଟପଡ଼ାଙ୍କ କ୍ଷେତ୍ରାଧିକାର ଅଧୀନରେ ଜଳ ଯୋଗାଣ, କଲର୍ ୱାଶିଂ, ହ୍ୱାଇଟ୍ ୱାଶିଂ ତଥା ଜଙ୍ଗଲ ସଫେଇ ପାଇଁ ଜୋନାଲ୍ କାର୍ଯ୍ୟ ନିର୍ବାହ। **ଟେଣ୍ଡର ମୂଲ୍ୟ:** ₹୮୦,୭୪,୯୬୧/-। **ଇଏମ୍‌ଡି:** ₹୧,୬୧,୫୦୦/-, **ଟେଣ୍ଡର କାଗଜପତ୍ର ମୂଲ୍ୟ:** ₹୫,୦୦୦/-, **ସମାପ୍ତି ଅବଧି:** ୩୦।୦୬।୨୦୨୦।

(୪) **ଟେଣ୍ଡର ବିଜ୍ଞପ୍ତି ନଂ.:** ଇ-ଆର୍-ଟି-୩୭-୧୯-୨୦ **ତାରିଖ:** ୦୧।୦୫।୧୯। **କାର୍ଯ୍ୟର ନାମ:** ତା୩୦।୦୬।୨୦୨୦ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ରାୟପୁର ଡିଭିଜନର ଏଡିଇଏନ୍/ଭାଟପଡ଼ାଙ୍କ କ୍ଷେତ୍ରାଧିକାର ଅଧୀନରେ ସିଭିଲ ଜୋନାଲ୍ କାର୍ଯ୍ୟ ନିର୍ବାହ। **ଟେଣ୍ଡର ମୂଲ୍ୟ:** ₹୮୦,୦୦,୦୦୦/-। **ଇଏମ୍‌ଡି:** ₹୧,୬୦,୦୦୦/-, **ଟେଣ୍ଡର କାଗଜପତ୍ର ମୂଲ୍ୟ:** ₹୫,୦୦୦/-, **ସମାପ୍ତି ଅବଧି:** ୩୦।୦୬।୨୦୨୦।

(୫) **ଟେଣ୍ଡର ବିଜ୍ଞପ୍ତି ନଂ.:** ଇ-ଆର୍-ଟି-୩୮-୧୯-୨୦ **ତାରିଖ:** ୦୧।୦୫।୧୯। **କାର୍ଯ୍ୟର ନାମ:** ତା୩୦।୦୬।୨୦୨୦ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ରାୟପୁର ଡିଭିଜନର ଏଡିଇଏନ୍/ଭାଟପଡ଼ାଙ୍କ କ୍ଷେତ୍ରାଧିକାର ଅଧୀନରେ ସଡ଼କ ମରାମତି ପାଇଁ ଜୋନାଲ କାର୍ଯ୍ୟ ନିର୍ବାହ। **ଟେଣ୍ଡର ମୂଲ୍ୟ:** ₹୪୫,୦୦,୦୦୦/-। **ଇଏମ୍‌ଡି:** ₹୯୦,୦୦୦/-, **ଟେଣ୍ଡର କାଗଜପତ୍ର ମୂଲ୍ୟ:** ₹୩,୦୦୦/-, **ସମାପ୍ତି ଅବଧି:** ୩୦।୦୬।୨୦୨୦।

(୬) **ଟେଣ୍ଡର ବିଜ୍ଞପ୍ତି ନଂ.:** ଇ-ଆର୍-ଟି-୩୯-୧୯-୨୦ **ତାରିଖ:** ୦୧।୦୫।୧୯। **କାର୍ଯ୍ୟର ନାମ:** ତା୩୦।୦୬।୨୦୨୦ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ରାୟପୁର ଡିଭିଜନର ଏଡିଇଏନ୍/।/ଭିଲାଇଙ୍କ କ୍ଷେତ୍ରାଧିକାର ଅଧୀନରେ ସଡ଼କ ମରାମତି ପାଇଁ ଜୋନାଲ କାର୍ଯ୍ୟ ନିର୍ବାହ। **ଟେଣ୍ଡର ମୂଲ୍ୟ:** ₹୩୦,୦୦,୦୦୦/-। **ଇଏମ୍‌ଡି:** ₹୬୦,୦୦୦/-, **ଟେଣ୍ଡର କାଗଜପତ୍ର ମୂଲ୍ୟ:** ₹୩,୦୦୦/-, **ସମାପ୍ତି ଅବଧି:** ୩୦।୦୬।୨୦୨୦।

ବିଡରମାନେ କେବଳ ତା୩୦।୦୫।୨୦୧୯ରିଖ **୧୧.୦୦ ଘଟିକା ସୁଦ୍ଧା** ପର୍ଯ୍ୟନ୍ତ ସେମାନଙ୍କର ମୂଳ/ସଂଶୋଧିତ ବିଡ୍ ଦାଖଲ କରିବା ପାଇଁ ସକ୍ଷମ ହେବେ।

ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ନାକଚ କରିଦିଆଯିବ। ବିବରଣୀ ଆମ ୱେବ୍‌ସାଇଟ୍: www.ireps.gov.inରେ ଉପଲବ୍ଧ।

ସିନିୟର ଡିଭିଜନାଲ ଇଞ୍ଜିନିୟର୍ (ଲାଇନ୍),
ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଏନ୍‌ଜିଜି),
ଏସ୍‌ଇସି ରେଳପଥ, ରାୟପୁରଙ୍କ ପାଇଁ
PR/R/ENGG/PM/18
ସ୍ୱଚ୍ଛ ଭାରତ ଅଭିଯାନ


## ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଫନୀ ବିପର୍ଯ୍ୟୟ ଦେଇଗଲା ଦୁଃଖ

ସାମୁଦ୍ରିକ ବାତ୍ୟା 'ଫନୀ'ଭୟଙ୍କର ରୂପ ନେଇ ଓଡ଼ିଶା ଉପକୂଳରେ ତାଣ୍ଡବ ଲୀଳା ଖେଳାଇଛି। ଶୁକ୍ରବାର ପୂର୍ବାହ୍ନରେ ଏହା ପୁରୀ ଉପକୂଳ ଛୁଇଁବା ପରେ କ୍ରମଶଃ ଉତ୍ତର ଦିଗକୁ ଗତି କରିଥିଲା। ପବନର ଉଗ୍ରରୂପ ସାଙ୍ଗକୁ ପ୍ରବଳ ବର୍ଷା ଉପକୂଳ ଅଞ୍ଚଳବାସୀଙ୍କୁ ତ୍ରସ୍ତ କରିଦେଇଥିଲା। ଉତ୍ତର ଓଡ଼ିଶାର ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲାରେ ଅପରାହ୍ନରୁ ରାତି ୧୦ଟା ପର୍ଯ୍ୟନ୍ତ ପ୍ରକୋପ ଦେଖାଇଥିଲା 'ଫନୀ'। ଆଗୁଆ ସତର୍କତାମୂଳକ ପଦକ୍ଷେପ ସତ୍ତ୍ୱେ ଉତ୍ତର ଓଡ଼ିଶାର ମୟୂରଭଞ୍ଜ ଓ ଭଦ୍ରକରେ ବାତ୍ୟା ବେଳେ ଗଛ ପଡି ଓ ଅନ୍ୟ ଦୁର୍ଘଟଣା ଘଟି ୫ ଜଣଙ୍କର ଜୀବନ ଯାଇଛି। ବିଭିନ୍ନ ସ୍ଥାନରେ ବଡ ବଡ ଗଛ ଉପୁଡି ପଡିବା ସହ ବିଦ୍ୟୁତ୍, ଜଳ ଯୋଗାଣ, ଟେଲି ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଦୁଇଦିନ ଧରି ସମଗ୍ର ଅଞ୍ଚଳରେ ଗମନାଗମନ ସାଙ୍ଗକୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି। ବାତ୍ୟା ଓ ବର୍ଷା ପରେ ଉପକୂଳ ସମେତ ଆଭ୍ୟନ୍ତରୀଣ ଅଞ୍ଚଳରେ ଘରଦ୍ୱାର ହରାଇଥିବା ଲୋକଙ୍କ ଦୁର୍ଦ୍ଦଶା ବୃଦ୍ଧି ପାଇଛି। ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହେବାରୁ ବହୁ ଅଞ୍ଚଳ ଅନ୍ଧାରରେ ରହିଛି। ବାତ୍ୟା ଛାଡିବା ସତ୍ତ୍ୱେ ଆଶ୍ରୟସ୍ଥଳରେ ଥିବା ଲୋକେ ଏଯାଏ ଘରକୁ ଫେରି ନ ଥିବା ଜଣାପଡିଛି।



ବାରିପଦା-ଉଦଳା ରାସ୍ତାରେ ଶୁକ୍ରବାରବାତ୍ୟା ବେଳେ ଗଛ ଭାଙ୍ଗି ପଡିବାରୁ ଏକ ସ୍କର୍ପିଓ ଚାପି ହୋଇ ରହିଛି।

## ଫନୀ ନେଲା ୫ ଜୀବନ



ବାତ୍ୟାବେଳେ ବାରିପଦାରେ ଜଣେ ଆହତ ବ୍ୟକ୍ତିଙ୍କୁ ଉଦ୍ଧାର କରି ଡାକ୍ତରଖାନା ନିଆଯାଉଛି।

ବାରିପଦା ଅଫିସ/ବଡ଼ସାହି, ୪।୫(ଡି.ଏନ୍.ଏ.)

ଶୁକ୍ରବାର ଥିଲା ମୟୂରଭଞ୍ଜ ଜିଲା ପାଇଁ କାଳରାତ୍ରି। ତାଣ୍ଡବ ରଚିଥିଲା ପ୍ରଳୟଙ୍କରୀ ସାମୁଦ୍ରିକ ଝଡ଼ ଫନୀ। ସନ୍ଧ୍ୟା ୬ରୁ ରାତି ୧ଟା ପର୍ଯ୍ୟନ୍ତ ଦୀର୍ଘ ୭ ଘଣ୍ଟା ଧରି ସମଗ୍ର ଜିଲାରେ ଅନ୍ଧାର ରାତିରେ ଫନୀର ଆତଙ୍କ ଜାରି ରହିଥିଲା। ୮୦ କି.ମି.ରୁ ଅଧିକ ବେଗରେ ପବନ ବହିଥିବା ବାରିପଦା ସହରରେ ସନ୍ଧ୍ୟା ୬ଟାରୁ ଫନୀ ତାଣ୍ଡବ ଖେଳାଇ ରାତି ୧ଟାରେ ଥମିଯାଇଥିଲା।

ଫନୀ ପ୍ରଭାବରେ ଜିଲାର ବିଭିନ୍ନ ସ୍ଥାନରେ ଶତାଧିକ ବଡ଼ ବଡ଼ ଗଛ ଉପୁଡି ପଡିଥିବା ବେଳେ ୪ଜଣଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ଏଥିସହ ବହୁ ଲୋକଙ୍କ ଘରର ଛପର ଉଡିଯାଇଛି। ବାରିପଦା ସହର ସମେତ ଜିଲାର ବନ୍ୟାପ୍ରଭାବିତ ବ୍ଲକ ବଡ଼ସାହି, ବେତନଟୀ, କପ୍ତିପଦା, ରାସ ଗୋବିନ୍ଦପୁର, ମୋରଡ଼ା, ବାରିପଦା, ଖୁଣ୍ଟା, ଗୋପବନ୍ଧୁନଗର ସମେତ ଅନ୍ୟାନ୍ୟ ବ୍ଲକର ନଦୀ କୂଳବର୍ତ୍ତି ତଳିଆ ଅଞ୍ଚଳ ଏବଂ ବସ୍ତି ଅଞ୍ଚଳରେ ଫନୀର ପ୍ରଭାବ ଦେଖିବାକୁ ମିଳିଥିଲା।

ମୟୂରଭଞ୍ଜ ଜିଲାର ବାରିପଦା ସହରରେ ଗଛପଡ଼ି କେବଳ ୩ ଜଣଙ୍କ ଜୀବନ ଯାଇଛି। ବଡ଼ସାହି ଥାନା ଅନ୍ତର୍ଗତ ଚାକୁଳିଆଶୋଳ ରାସ୍ତାରେ ଏକ ଚାରି ଚକିଆ ଗାଡି ଉପରେ ଗଛ ପଡ଼ିବାରୁ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଜଣେ ନାବାଳକ ଆହତ ହୋଇ ବାରିପଦା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ମୃତ ୪ ଜଣ ବାରିପଦା ୨୫ ନମ୍ବର ୱାର୍ଡ ପୂର୍ଣ୍ଣଚନ୍ଦ୍ରପୁର ଅଞ୍ଚଳର ସୌମ୍ୟକାନ୍ତ ପଣ୍ଡା, ବୈଶିଙ୍ଗା ଥାନା ଯୁଗଳ ଅନ୍ତର୍ଗତ କ୍ଷେତ୍ରମୋହନ ବେହେରା, ବାରିପଦା ୨୧ନମ୍ବର ୱାର୍ଡ ବିଜୟରାମଚନ୍ଦ୍ରପୁର ମୁର୍ଗାବାଡି ଅଞ୍ଚଳର ଗୌତମ କୁମାର ମହାନ୍ତି ଏବଂ ବଡ଼ସାହି ଥାନା ଅନ୍ତର୍ଗତ ଢୁକୁରା ଅଞ୍ଚଳର ମହେଶ୍ୱର ବିନ୍ଧାଣି। ଆହତ ନାବାଳକ ହେଉଛନ୍ତି ୨୧ନମ୍ବର ୱାର୍ଡ ମୁର୍ଗାବାଡିର ମାନସ କୁମାର ମହାନ୍ତି। ତାଙ୍କୁ ଚିକିତ୍ସା ପାଇଁ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲରେ ଭର୍ତ୍ତି କରାଯାଇଛି। ସବୁ ଦୁର୍ଘଟଣା ରାତି ୧୦ଟାରୁ ୧୦ଟା ୩୦ ମଧ୍ୟରେ ଘଟିଥିବା ଜଣାପଡିଛି। ରାତି ପ୍ରାୟ ୧୦ଟା ପରେ ଫନୀର ପ୍ରକୋପ ଜୋର୍ ହେଉଥିବା ବେଳେ ସୌମ୍ୟକାନ୍ତ ଏବଂ ତାଙ୍କ ସାଥୀ କ୍ଷେତ୍ରମୋହନ ଏକ ବାଇକ୍‌ରେ ତାଙ୍କ ଦୋକାନରୁ ଘରକୁ ଫେରଥିଲେ। ସ୍ଥାନୀୟ ବିଜୁ ପାର୍କ ସମ୍ମୁଖରେ ଏକ କୃଷ୍ଣଚୂଡା ଗଛ ସେମାନଙ୍କ ମୁଣ୍ଡ ଉପରେ ପଡ଼ିଯାଇଥିଲା। ସେମାନେ ଗଛଡାଳ ତଳେ ଚାପିହୋଇ ରହିଯାଇଥିଲେ। ଘଟଣାସ୍ଥଳରେ ସେମାନଙ୍କର ମୃତ୍ୟୁ ଘଟିଥିଲା। କିଛି ସମୟ ପରେ ମୁର୍ଗାବାଡି ଅଞ୍ଚଳର ଗୌତମ ତାଙ୍କ ଦୋକାନକୁ ଯାଇଥିବା ବେଳେ ସେଠାରେ ତାଙ୍କ ଉପରେ ଏକ ଗଛ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତାଙ୍କ ସାଙ୍ଗରେ ଥିବା ସାନଭାଇ ମାନସ ଗୁରୁତର ଆହତ ହୋଇଥିଲେ। ଖବର ପାଇ ଟାଉନ ଥାନା ପୋଲିସ, ଓଡ୍ରାଫ୍ ଏବଂ ଦମକଳ ବାହିନୀ ଯାଇ ଗଛ କାଟି ମୃତ ବ୍ୟକ୍ତିମାନଙ୍କୁ ଉଦ୍ଧାର କରିଥିଲେ। ଏହି ଘଟଣାରେ ବାରିପଦା ଟାଉନ ପୋଲିସ ୩ଟି ଅପମୃତ୍ୟୁ ମାମଲା ରୁଜୁ କରିଛି। ସେହିପରି ମହେଶ୍ୱର ଏକ ଚାରିଚକିଆ ଯୋଗେ ବାରିପଦାରୁ ଉଦଳା ରାସ୍ତାରେ ରାତି ୧୧ଟା ସମୟରେ ଯାଉଥିବା ବେଳେ ବଡ଼ସାହି ଥାନା ଚାକୁଳିଆଶୋଳାଠାରେ ଏକ ବଡ଼ ଗଛ ଗାଡ଼ି ଉପରେ ପଡ଼ିଯାଇଥିଲା। ଫଳରେ ସେ ଗାଡ଼ି ମଧ୍ୟରେ ଚାପିହୋଇ ମୃତ୍ୟୁବରଣ କରିଥିଲେ। ଶନିବାର ସକାଳେ ଓଡ୍ରାଫ୍ ଟିମ୍ ଯାଇ ଗଛ କାଟି ଗାଡ଼ି ମଧ୍ୟରୁ ମହେଶ୍ୱରଙ୍କ ମୃତଦେହ ଉଦ୍ଧାର କରିଥିଲେ। ମହେଶ୍ୱର ସ୍ୱାସ୍ଥ୍ୟ ବିଭାଗରେ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ।

### ଜଣେ ମହିଳା ମୃତ

**ବନ୍ତ, ୪।୫ (ଡି.ଏନ.ଏ.)–** ଭଦ୍ରକ ଜିଲାରେ ବାତ୍ୟା ବେଳେ ଜଣେ ମହିଳାଙ୍କ ଜୀବନ ଯାଇଛି। ବନ୍ତ ବ୍ଲକ ଗୋବିନ୍ଦପୁର ପଞ୍ଚାୟତର ଏହି ମହିଳା ଶୁକ୍ରବାର ବାତ୍ୟା ସମୟରେ ଶୌଚ ପାଇଁ ଯାଇ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାଯାଇଛି। ଏହାକୁ ମିଶାଇ ଉତ୍ତର ଓଡ଼ିଶାରେ ମୃତ୍ୟୁସଂଖ୍ୟା ୫କୁ ବୃଦ୍ଧି ଘଟିଛି।

### ଉଜୁଡ଼ିଲା ପରିବା ଫସଲ

**ସୋର, ୪।୫(ଡି.ଏନ.ଏ.)–**'ଫନୀ' ପ୍ରଭାବରେ ପବନ ସାଙ୍ଗକୁ ବର୍ଷା ହେବାରୁ ବାଲେଶ୍ୱର ଜିଲା ସୋର ଅଞ୍ଚଳରେ ବ୍ୟାପକ ପରିବା ଚାଷ ନଷ୍ଟ ହୋଇଛି। ପାଖାପାଖି ୮୫କି.ମି. ବେଗରେ ପବନ ବୋହିବା ଯୋଗୁ କେତେକ ସ୍ଥାନରେ ଗଛ ଉପୁଡି ଡାଳ ଭାଙ୍ଗି ଯାଇଥିଲା। ପନିପରିବା ଫସଲ ବ୍ୟତୀତ ଡାଲୁଅ ଧାନ ଚାଷ ନଷ୍ଟ ହୋଇଛି। ବାତ୍ୟା ଥମିବା ପରେ ଶନିବାର ସ୍ଥାନୀୟ ହାଟ ବଜାରରେ ପନିପରିବାର ଅହେତୁକ ଦର ବୃଦ୍ଧି ପାଇଛି। ପ୍ରଭାବିତ ତଳିଆ ଅଞ୍ଚଳବାସୀଙ୍କୁ ପ୍ରଶାସନ ବିଭିନ୍ନ ବିଦ୍ୟାଳୟ ଓ ବାତ୍ୟା ଆଶ୍ରୟସ୍ଥଳୀରେ ରଖି ରନ୍ଧା ଖାଦ୍ୟ ଯୋଗାଇଦେଇଥିବା ଜଣାପଡିଛି।

## ସମୁଦ୍ର କୂଳ ଲଙ୍ଘିଲା, ଜମିକୁ ମାଡ଼ିଲା ଜୁଆର ପାଣି

ବାଲେଶ୍ୱର ଅଫିସ/ରୁପ୍‌ସା, ୪।୫(ଡି.ଏନ୍.ଏ.)



ବାଲେଶ୍ୱରରେ ଓଡ୍ରାଫ୍ ଟିମ୍ ଓ ଅଗ୍ନିଶମ ବିଭାଗ ଦ୍ୱାରା ଗଛ କଟାଯାଉଛି।

ବାଲେଶ୍ୱର ଜିଲାରେ ସାମୁଦ୍ରିକ ବାତ୍ୟାର ତାଣ୍ଡବ ଦେଖିବାକୁ ମିଳିଛି। ଶୁକ୍ରବାର ରାତି ୧୦ଟା ବେଳେ ହଠାତ୍ ପ୍ରାୟ ୧୦୦ କି.ମି. ବେଗରେ ପବନ ବୋହି ପ୍ରବଳ ବର୍ଷା ହୋଇଥିଲା। ଅଶାନ୍ତ ସମୁଦ୍ର କୂଳଲଘିଂ ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ବାହାବଳପୁର, ଦୁବୁଲାଗଡି, ରସଲପୁର, କଷାଫଳ, ସାର୍ଥା ଆଦି ପଞ୍ଚାୟତର ହଜାର ହଜାର ହେକ୍ଟର ଚାଷଜମିକୁ ଜୁଆର ପାଣି ମାଡ଼ି ଯାଇଥିଲା। ଫନୀ ପ୍ରଭାବରେ ଗୁରୁବାର ରାତିରୁ ଲଗାଣବର୍ଷା ଲାଗିରହିଥିବା ବେଳେ ସମୁଦ୍ର ଜୁଆର ମାଡି ଆସିବାରୁ ରବି ଧାନଚାଷର ବ୍ୟାପକ କ୍ଷୟକ୍ଷତି ଘଟିଛି। ଧାନ ଅମଳ ସମୟରେ ଏଭଳି ବିପର୍ଯ୍ୟୟ ଯୋଗୁ ଚାଷୀକୁଳ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଫନୀ ପ୍ରଭାବରେ ବାଲେଶ୍ୱର ସହର ସମେତ ଜିଲାର ବିଭିନ୍ନ ଅଞ୍ଚଳରେ ବହୁ ଗଛ, ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିପଡିଛି। ରାସ୍ତାରେ ଗଛ ପଡ଼ିଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ବାଲେଶ୍ୱାର ସହରର ପାଣିଟାଙ୍କି ଛକ, ଏଫ୍‌ଏମ୍ କଲେଜ ଏବଂ ଡିଆଇବି ଅଫିସ୍ ସମ୍ମୁଖରେ ଥିବ ଗଛଗୁଡିକ ଉପୁଡି ପଡ଼ିଥିଲା। ପୌରାଞ୍ଚଳର ୨ନଂ. ୱାର୍ଡ଼ ମୁନିପଦାରେ ଗଛ ପଡି ରାସ୍ତା ଅବରୋଧ ହୋଇଥିଲା। ବିଦ୍ୟୁତ୍ ଓ ପାନୀୟ ଜଳ ଯୋଗାଣ ବ୍ୟାହତ ହେବାରୁ ଲୋକେ ଶନିବାର ଦିନତମାମ୍ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଜିଲାର ବିଭିନ୍ନ ମୋବାଇଲ୍ ଟାୱାରରେ ନେଟ୍ ସଂଯୋଗ ନ ଥିବାରୁ ସାରା ଜିଲାରେ ଯୋଗାଯୋଗ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଓଡ୍ରାଫ୍ ଟିମ୍ ଏବଂ ଅଗ୍ନିଶମ ବିଭାଗ ବିଭିନ୍ନ ସ୍ଥାନରେ ଗଛଗୁଡ଼ିକୁ କାଟି ସଫା କରିବା କାମରେ ଲାଗିଛନ୍ତି।

### ବାତ୍ୟା ଆଶ୍ରୟସ୍ଥଳୀରେ ୨୫ହଜାର ଲୋକ

ବାଲିଆପାଳ, ୪।୫(ଡି.ଏନ.ଏ.)

ସାମୁଦ୍ରିକ ଝଡ଼ 'ଫନୀ' ଯୋଗୁ ଶୁକ୍ରବାର ସୁଦ୍ଧା ବାଲିଆପାଳର ୪୮ ସେଣ୍ଟରକୁ ମୋଟ ୨୫ହଜାର ପ୍ରଭାବିତ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ପ୍ରଶାସନ ତରଫରୁ ସେମାନଙ୍କୁ ସମସ୍ତ ସୁରକ୍ଷା ସହାୟତା ଯୋଗାଇ ଦିଆଯାଇଛି। ବାଲିଆପାଳ ବାତ୍ୟା ଆଶ୍ରୟସ୍ଥଳୀ ସମେତ ଅନ୍ୟ ସେଣ୍ଟରରେ ଥିବା ଲୋକମାନଙ୍କୁ ପଞ୍ଚାୟତ ପକ୍ଷରୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି। ଉପଜିଲାପାଳ ନୀଲୁ ମହାପାତ୍ର ବ୍ଲକରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟର ସମୀକ୍ଷା କରୁଛନ୍ତି। ଗୁରୁବାର ରାତିରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। କ୍ଷୟକ୍ଷତି ଆକଳନ କରାଯାଇନାହିଁ।

## ୨ ଦିନ ଧରି ଜୀବନଯାତ୍ରା ପ୍ରଭାବିତ

ଭଦ୍ରକ ଅଫିସ/ଧାମନଗର/ବନ୍ତ/ଭଣ୍ଡାରିପୋଖରୀ/ତିହିଡି/ପଦ୍ମପୁର, ୪।୫ (ଡି.ଏନ.ଏ.)

'ଫନୀ' ଯୋଗୁ ଭଦ୍ରକ ଜିଲାର ଭଦ୍ରକ, ଧାମନଗର, ବନ୍ତ, ଭଣ୍ଡାରିପୋଖରୀ, ବାସୁଦେବପୁର ଓ ତିହିଡି ବ୍ଲକରେ ବ୍ୟାପକ ନଷ୍ଟଭ୍ରଷ୍ଟ ହୋଇଛି। ଶୁକ୍ରବାର ଅପରାହ୍ନରୁ ବାତ୍ୟା ଆରମ୍ଭ ହୋଇ ରାତି ପ୍ରାୟ ସାଢେ ୮ ଟା ପର୍ଯ୍ୟନ୍ତ ତାଣ୍ଡବ ରଚିଲା। ରାସ୍ତାକଡ଼ରେ ଥିବା ଶହ ଶହ ବଡ଼ ବଡ଼ ଗଛ ଭାଙ୍ଗି ପଡ଼ିବାରୁ କିଛି ସମୟ ପାଇଁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଗୁରୁବାର ରାତିରୁ ବିଦ୍ୟୁତ୍ କାଟ୍ ହୋଇଥିବା ବେଳେ ଶୁକ୍ରବାର ବିଭିନ୍ନ ସ୍ଥାନରେ ଖୁଣ୍ଟି ଉପୁଡ଼ିବା ଓ ତାର ଛିଡ଼ିବା ଯୋଗୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ୩୩ କେଭି ବିଦ୍ୟୁତ୍ ଖୁଣ୍ଟକୁ ସଜାଡ଼ିବା ପାଇଁ ବିଭାଗ ଯୁଦ୍ଧକାଳୀନ ଭିତ୍ତିରେ ଲାଗିପଡ଼ିଥିବାବେଳେ ଗ୍ରାମାଞ୍ଚଳରେ ସ୍ଥାନୀୟ ଲୋକଙ୍କ ଦ୍ୱାରା ଗଛ ଡାଳ କାଟି ତାର ଟଣା ଲାଗି ଉଦ୍ୟମ କରାଯାଉଛି। ବିଦ୍ୟୁତ୍ ସ୍ୱାଭାବିକ ହେବାକୁ ୪ରୁ ୫ ଦିନ ଲାଗିପାରେ ବୋଲି ବିଭାଗୀୟ ଯନ୍ତ୍ରୀ ସୂଚନା ଦେଇଛନ୍ତି।

ଧାମନଗର ବ୍ଲକ ପ୍ରଶାସନ ପକ୍ଷରୁ ବାତ୍ୟାର ପୂର୍ବ ସୂଚନା ମୁତାବକ ପଦକ୍ଷେପ ଯୋଗୁ କେହି ମୃତାହତ ହୋଇନାହାନ୍ତି। ହେଲେ ବିଭିନ୍ନ ସ୍ଥାନରରେ କଚା ଘର ଭାଙ୍ଗିବା, କାନ୍ଥ ପଡ଼ିଯିବା, ଘର ଉପରେ ଗଛ ପଡ଼ିବା ନେଇ ଧାମନଗର ତହସିଲଦାର ଦୁର୍ଗାଚରଣ ମୁର୍ମୁ ବିଭାଗୀୟ କର୍ମଚାରୀଙ୍କୁ ଅନୁଧ୍ୟାନ କରି ତୁରନ୍ତ ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଧାମନଗର ଏବଂ ଧୂଷୁରୀ ପ୍ରାଣୀ ଚିକିତ୍ସାଧିକାରୀ ଡା. ନିରାକାର ଜେନାଙ୍କୁ ନେଇ ଅଞ୍ଚଳ ବୁଲି ପ୍ରାଣୀମାନଙ୍କ ଅବସ୍ଥା ବୁଝୁଛନ୍ତି। ଫନୀ ପ୍ରଭାବରେ ବ୍ୟାପକ ଧାନ ଚାଷ ଉଜୁଡ଼ି ଯାଇଥିବା ବେଳେ ନଦୀକୂଳିଆ ପନିପରିବା ଚାଷ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ସେହିପରି ଧୂଷୁରୀସ୍ଥିତ ଆଇଜିଏମ୍ ସାଇନ୍ସ କଲେଜରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବହୁ ପୁରୁଣା କଲେଜରେ ଥିବା ସାଇନ୍ସ ଲାବୋରୋଟୋରିର ଛାତ ଉଡ଼ିଯାଇଥିବା ବେଳେ ଘର ଭିତରେ ଥିବା ସମସ୍ତ ଜିନିଷ ନଷ୍ଟ ହୋଇଯାଇଛି।



ବନ୍ତରେ ଗଛ ପଡ଼ି ରାସ୍ତା ଅବରୋଧ।

## ସବୁଠି ବାତ୍ୟାର କ୍ଷତଚିହ୍ନ

ଖଇରା/ଔପଦା, ୪।୫(ଡି.ଏନ.ଏ.)

ବାତ୍ୟା 'ଫନୀ' ପ୍ରଭାବରେ ବାଲେଶ୍ୱର ଜିଲା ଖଇରା ଓ ଔପଦାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ୯୦ଟି ବାସଗୃହ ଆଂଶିକ କ୍ଷତି ହୋଇଥିବା ବେଳେ ୮ଟି ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ଖଇରା ତହସିଲ ପକ୍ଷରୁ ରେକର୍ଡ କରାଯାଇଛି। କିନ୍ତୁ ୩୭ ପଞ୍ଚାୟତରେ ୨ଶହରୁ ଊର୍ଦ୍ଧ୍ୱ ବାସଗୃହ ନଷ୍ଟ ହୋଇଥିବା ବିଭିନ୍ନ ସୂତ୍ରରୁ ଅଭିଯୋଗ ମିଳିଛି। ବର୍ତ୍ତନା ପଞ୍ଚାୟତ ଅଧୀନ ଆନ୍ଦୋଳା ଗ୍ରାମରେ ବଜ୍ରପାତ ଯୋଗୁ ରମେଶ ଦାସଙ୍କର ୧୨ ଛେଳି ଦଗ୍ଧ ହୋଇଯାଇଛନ୍ତି। ନୟାଖଣ୍ଡି ପଞ୍ଚାୟତ ଗୋଳାଗଡିଆ ଗ୍ରାମରେ କାନ୍ଥ ପଡିବା ଯୋଗୁ କୁଶ ଦାସଙ୍କର ଏକ ଗାଈର ମୃତ୍ୟୁ ହୋଇଛି। ଶୁକ୍ରବାର ୧୦୦କି.ମି. ବେଗରେ ତୋଫାନ ହେବା ଯୋଗୁ ଖଇରା ବିଦ୍ୟୁତ ଉପଖଣ୍ଡ ଅଧୀନରେ ୩୭ଟି ବିଦ୍ୟୁତ ଖୁଣ୍ଟ ଭାଙ୍ଗି ପଡିଥିବା ବେଳେ ଏଲ୍‌ଟି ଲାଇନରେ ୫୦ରୁ ଅଧିକ ଖୁଣ୍ଟ ନଷ୍ଟ ହୋଇଛି।



ଜଳଙ୍ଗ ଗ୍ରାମରେ ଭାଙ୍ଗିପଡିଥିବା ଏକ ଘର।

## ଫନୀ ଭୟ: ୨୮ ଘଣ୍ଟା ପର୍ଯ୍ୟନ୍ତ ମିଳିଲାନି ଆମ୍ବୁଲାନ୍ସ

କେନ୍ଦୁଝର, ୪।୫(ସ୍ୱ.ପ୍ର.)

ସାମୁଦ୍ରିକ ବାତ୍ୟା ଫନୀ ଭୟରେ ଭାଲୁ ଆକ୍ରମଣରେ ଗୁରୁତର ଆହତ ହୋଇଥିବା ଜଣେ ଆଦିବାସୀ ଯୁବତୀଙ୍କୁ କେନ୍ଦୁଝରରୁ କଟକ ନେବା ଲାଗି ଆମ୍ବୁଲାନ୍ସ ମିଳିଲା ନାହିଁ। ଏହି ଯୁବତୀଙ୍କୁ ଅସହାୟ ଅବସ୍ଥାରେ ଧରି ପରିବାର ଲୋକେ ଶୁକ୍ରବାର ଅପରାହ୍ନରୁ ଦୀର୍ଘ ୨୮ ଘଣ୍ଟା ପର୍ଯ୍ୟନ୍ତ ଆମ୍ବୁଲାନ୍ସକୁ ଅପେକ୍ଷା କରି ରହିଥିଲେ। ଶେଷରେ ନିରାଶ ହୋଇ ସେମାନେ ସାମାଜିକ କର୍ମୀ ଦେବରାଜ ଆଚାର୍ଯ୍ୟ ଓ ବ୍ରଜ କିଶୋର ରାୟଙ୍କ ସହାୟତା ମାଗିଥିଲେ। ସେମାନେ ଡାକ୍ତରଖାନାରେ ପହଞ୍ଚି ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ପର ଆହତ ଯୁବତୀଙ୍କୁ ଆମ୍ବୁଲାନ୍ସ ସେବା ମିଳିଥିଲା।

ଭାଲୁ ଆକ୍ରମଣରେ ଗୁରୁତର ଆହତ ହୋଇଥିବା ଯୁବତୀ ଜଣଙ୍କ ହେଲେ ପ୍ରମିଳା ପୂର୍ତ୍ତି (୧୯)। ଘର ଯଶିପୁର ଥାନା ବଲାଣିପଶି ଗ୍ରାମରେ। ସେ ବୁଧବାର ସକାଳେ ତାଙ୍କ ଘର ନିକଟରେ ଭାଲୁ ଆକ୍ରମଣର ଶିକାର ହୋଇଥିଲେ। ତାଙ୍କ ମୁଣ୍ଡକୁ ଭାଲୁ କାମୁଡି ଦେଇଥିବାରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଯଶିପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନେଇଆସିଥିଲେ। ପରେ ତାଙ୍କୁ କରଞ୍ଜିଆ ଉପଖଣ୍ଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ବୁଧବାର ବିଳମ୍ବିତ ରାତିରେ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରେ ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର ରକ୍ତ ଯୋଗାଡ଼ କରିବାକୁ ପରିବାରବର୍ଗଙ୍କୁ କହିଥିଲେ। ରକ୍ତ ନ ମିଳିବା ଏବଂ ତାଙ୍କ ମସ୍ତିଷ୍କରେ ଆଘାତ ଲାଗିଥିବାରୁ ଶୁକ୍ରବାର ଅପରାହ୍ନ ୧ଟା ବେଳେ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ଡାକ୍ତରଖାନାରୁ ଆମ୍ବୁଲାନ୍ସ ସେବା ନ ମିଳିବାରୁ ଯୁବତୀଙ୍କ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସ ସହ ଯୋଗାଯୋଗ କରିଥିଲେ। ସାମୁଦ୍ରିକ ବାତ୍ୟା ଫନୀର ପ୍ରକୋପକୁ ଦେଖି ଡ୍ରାଇଭର ଆମ୍ବୁଲାନ୍ସ ନେଇ ଯିବାକୁ ମନା କରିଦେଇଥିଲେ। ଏଭଳି ସ୍ଥିତିରେ ଯୁବତୀଙ୍କ ପରିବାରବର୍ଗ ନିରାଶ ହୋଇ ଭାଗ୍ୟକୁ ଆଦରି ପଡିରହିଥଲେ ବୋଲି ଯୁବତୀଙ୍କ ପରିବାରର ଭେନୁଶର ତିରିଆ କହିଛନ୍ତି। ସେମାନେ ପରିଶେଷରେ ସାମାଜିକ କର୍ମୀଙ୍କ ସହାୟତା ନେବାରୁ ଡାକ୍ତରଖାନା କର୍ତ୍ତୃପକ୍ଷ ଆମ୍ବୁଲାନ୍‌ସ ସେବା ଯୋଗାଇ ଦେଇଥିଲେ। ଆମ୍ବୁଲାନ୍ସ ସେବା ଯୋଗାଣରେ ଏଭଳି ସମସ୍ୟା ନେଇ ସିଡିଏମ୍‌ଓ ଡ. ଚୌଧୁରୀ ସ୍ୱରୂପ ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଡାକ୍ତରଖାନା ତତ୍ତ୍ୱାବଧାରକ ରୋଗୀଙ୍କ ସୁବିଧା ଅସୁବିଧା ବୁଝି ଦାୟିତ୍ୱ ନେବା କଥା। ତେବେ ଏଭଳି ପରିସ୍ଥିତିରେ ସେ ପଦକ୍ଷେପ ନେଇ ଆମ୍ବୁଲାନ୍ସ ଯୋଗାଇ ଦେଇଛନ୍ତି। ଏହି ଘଟଣା ନେଇ ସାମାଜିକ କର୍ମୀ ବ୍ରଜ କିଶୋର ରାୟ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଆହତ ଯୁବତୀଙ୍କ ପ୍ରତି କୌଣସି ବିପଦ ଆସିଲେ ସ୍ୱାସ୍ଥ୍ୟ ବିଭାଗ ଦାୟୀ ରହିବ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି।


ବାତ୍ୟା ସମୟରେ ପାରାଦୀପ ସମୁଦ୍ର ବେଳାଭୂମିର ଦୃଶ୍ୟ।


ଗଛ ପଡ଼ି ରଣପୁର ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପାଚେରି ଭାଙ୍ଗି ଯାଇଛି।


ଦଶପଲ୍ଲା ଅଞ୍ଚଳର ଏକ କାର ଉପରେ ଭାଙ୍ଗି ପଡ଼ିଥିବା ଗଛ।

# ଫନୀ ଫୁଁ'ରେ ଉଡ଼ିଲା ଚାଳ, ଭାଙ୍ଗିଲା ଡ଼ାଳ

**କେନ୍ଦ୍ରାପଡା ଅଫିସ, ୪।୫**

ପୁରୀ, ଭୁବନେଶ୍ୱର, ଖୋର୍ଦ୍ଧାରେ ତାଣ୍ଡବ ରଚାଇ ଭୟଙ୍କର ସାମୁଦ୍ରିକ ଝଡ 'ଫନୀ' ଉପକୂଳବର୍ତ୍ତୀ କେନ୍ଦ୍ରାପଡା, ଜଗତ୍‌ସିଂହପୁର ଓ ଯାଜପୁର ଜିଲାରେ ମଧ ଖଣ୍ଡ ପ୍ରଳୟ ସୃଷ୍ଟି କରି ତାର ଛାପ ଛାଡିଯାଇଛି । ବର୍ଷା ସାଙ୍ଗକୁ ସୁ ସୁ ଗର୍ଜନ କରି ଏମିତି ପବନ ବହିଲା ଯେ, ମହାବାତ୍ୟାର ବିଭୀଷିକାକୁ ମନେ ପକାଇ ଦେଲା।

ଫନୀ ପ୍ରଭାବରେ ଉପକୂଳବର୍ତ୍ତୀ କେନ୍ଦ୍ରାପଡା ଜିଲାରେ ଶୁକ୍ରବାର ଘଣ୍ଟାକୁ ୧୩୦ କିଲୋମିଟରରୁ ଊର୍ଦ୍ଧ୍ୱ ବେଗରେ ପବନ ବହି ବିଭିନ୍ନ ସ୍ଥାନରେ ବହୁ ଚାଳ ଛପର ଉଡାଇ ନେଇଛି । ଗଛ ଓ ଡାଳ ଭାଙ୍ଗି ଗମନାଗମନ ଠପ୍ କରିଛି । ବିଦ୍ୟୁତ ସରବରାହ ବନ୍ଦ ରହିଥିବା ବେଳେ ପାନୀୟ ଜଳ ସମସ୍ୟା ସୃଷ୍ଟି କରିଛି । ସହର,ବଜାର ଓ ରାସ୍ତାଘାଟରେ ଭଙ୍ଗା ଡାଳ ଓ ଅଳିଆ ପଡି ରହିଥିବା ଶନିବାର ଦେଖିବାକୁ ମିଳିଛି । ପ୍ରଶାସନ ପକ୍ଷରୁ ଜିଲାର ୬୫୧ ଗ୍ରାମରୁ ୧୧୬୬୯୩ ଲୋକଙ୍କୁ ୪୯୮ଟି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ଆଶ୍ରୟସ୍ଥଳରେ ଶୁଖିଲା ଖାଦ୍ୟ ସହିତ ରନ୍ଧାଖାଦ୍ୟ ଦିଆଯାଉଛି । ଜିଲାପାଳଙ୍କ କାର୍ଯ୍ୟାଳୟରେ ନୋଡାଲ ଅଫିସର ଜଳସମ୍ପଦ ସଚିବ ପ୍ରଦୀପ କୁମାର ଜେନା, ହେମନ୍ତ କୁମାର ପାଢ଼ୀ, ଜିଲାପାଳ ଦାଶରଥୀ ଶତପଥୀ ପ୍ରମୁଖ ପରିସ୍ଥିତି ନିରୀକ୍ଷଣ କରିବା ସହିତ ପରିଚାଳନା କରିଥିଲେ ।

## ୬୯୧ ମିମି ବର୍ଷା

ବୁଧବାର ଓ ଗୁରୁବାର ଦୁଇଦିନ ଧରି ମେଘୁଆ ପାଗ ଥିଲା । ଶୁକ୍ରବାର ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ସାମାନ୍ୟ ବର୍ଷା ହୋଇଥିଲା। ତେବେ ଏହା ପରଠାରୁ ବାତ୍ୟା ଫନୀ ଭୀଷଣ ରୂପ ନେଇଥିଲା। ଏହି ସମୟ ମଧ୍ୟରେ ମୋଟ ୬୯୧ ମିଲିମିଟର ବର୍ଷା ହୋଇଥିଲା। ଏଥିରେ ପ୍ରାୟ ୨୦ ହଜାର କଚ୍ଚା ଘର ଭୁଶୁଡି ପଡିଥିବା ଜଣାଯାଇଛି।

## ରାଜନଗରରେ କମ ଲୋକଙ୍କୁ ସ୍ଥାନାନ୍ତର

ଜିଲା ପ୍ରଶାସନ ପକ୍ଷରୁ ତଳିଆ ଅଞ୍ଚଳରେ ରହୁଥିବା ଅଧିବାସୀଙ୍କ ସ୍ଥାନାନ୍ତରକୁ ଗୁରୁତ୍ୱ ଦିଆଯାଇଥିଲା । କେନ୍ଦ୍ରାପଡା ବ୍ଲକର ୨୭ ଗ୍ରାମରୁ ୯୨୪୪ ଲୋକଙ୍କୁ ୨୭ଟି ସୁରକ୍ଷିତ ସ୍ଥାନକୁ ଶୁକ୍ରବାର ଅପରାହ୍ନ ୩ଟା ସୁଦ୍ଧା ସ୍ଥାନାନ୍ତର କରାଯାଇଥିଲା । ସେହିପରି ଡେରାବିଶ ବ୍ଲକର ୪୯ ଗ୍ରାମର ୪୦୨୩ ଜଣଙ୍କୁ ୨୭ଟି ଆଶ୍ରୟସ୍ଥଳକୁ, ମାର୍ଶାଘାଇର ୩୩ ଗ୍ରାମର ୫୩୪୬ ଜଣଙ୍କୁ ୮ ଆଶ୍ରୟସ୍ଥଳ ଓ ୯୩ ଅନ୍ୟ ସ୍ଥାନ, ମହାକାଳପଡାର ୩୯ ଗ୍ରାମର ୨୦୮୪୦ ଜଣଙ୍କୁ ୧୯ ଆଶ୍ରୟସ୍ଥଳ ଓ ୧୬ ଅନ୍ୟ ସ୍ଥାନ, ଗରଦପୁରର ୪୦ ଗ୍ରାମର ୧୨୭୦ ଜଣଙ୍କୁ ୫ ଆଶ୍ରୟସ୍ଥଳ ଓ ୩୫ ଅନ୍ୟ ସ୍ଥାନ, ପଟ୍ଟାମୁଣ୍ଡାଇର ୭୩ ଗ୍ରାମର ୧୯୩୦୦ ଜଣଙ୍କୁ ୧୦ ଆଶ୍ରୟସ୍ଥଳ ଓ ୯୩ ଅନ୍ୟ ସ୍ଥାନ, ଆଳିର ୧୩୫ ଗ୍ରାମର ୨୦୪୫୮ ଜଣଙ୍କୁ ୨ ଆଶ୍ରୟସ୍ଥଳ ଓ ୫୯ ଅନ୍ୟ ସ୍ଥାନ, ରାଜନଗରର ୨୦୨ ଗ୍ରାମର ୨୬୩୪୫ ଜଣଙ୍କୁ ୪୭ ଆଶ୍ରୟସ୍ଥଳ ଓ ୧୧୧ ଅନ୍ୟ ସ୍ଥାନ ଓ ରାଜକନିକା ବ୍ଲକ ଅଧୀନ ୫୩ ଗ୍ରାମର ୯୮୬୭ ଜଣଙ୍କୁ ୪ ଆଶ୍ରୟସ୍ଥଳ ଓ ୩୭ ଅନ୍ୟ ସ୍ଥାନରେ ସୁରକ୍ଷିତ କରାଯାଇଛି । ତେବେ ରାଜନଗର ବ୍ଲକ ଅଞ୍ଚଳରୁ ୪୧୨୦୦ ଲୋକଙ୍କୁ ସ୍ଥାନାନ୍ତର କରିବାର ଲକ୍ଷ୍ୟ ରଖା ଯାଇଥିଲେ ମଧ୍ୟ ବହୁ କମ୍ ସଂଖ୍ୟକ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି।

## ୩ ଦିନ ପାଇଁ ରିଲିଫ

ବିପନ୍ନ ଲୋକଙ୍କୁ ସହାୟତା ଯୋଗାଇଦେବା ପାଇଁ ୩ ଦିନିଆ ରିଲିଫ ବଣ୍ଟନ ବ୍ୟବସ୍ଥା ହୋଇଛି। ପ୍ରତି ପଞ୍ଚାୟତ ଓ ପୌରାଞ୍ଚଳର ୱାର୍ଡରେ ଗୋଟିଏ ଲେଖାଏଁ ଡିଷ୍ଟ୍ରିବ୍ୟୁସନ ପଏଣ୍ଟ ଖୋଲାଯାଇଛି। ଏହାବ୍ୟତୀତ କ୍ଷୟକ୍ଷତି ଆକଳନ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

## ବାତ୍ୟାରେ ୩ ମୃତ

ବାତ୍ୟାରେ କେନ୍ଦ୍ରାପଡା ଜିଲାରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ଡେରାବିଶ ବ୍ଲକ ନୂଆଗାଁରେ ଭାନୁପ୍ରିୟା ପ୍ରଧାନଙ୍କ ମୁଣ୍ଡରେ ଗଛ ପଡିଯିବାରୁ ତାଙ୍କ ମୃତ୍ୟୁ ଘଟିଛି। ଆଳି ବ୍ଲକ ଅରଗଳ ଗ୍ରାମର ଉମ୍ବରୁଧର ଦାସଙ୍କ ସ୍ତ୍ରୀ ଭାରତୀ ଦାସ(୬୨) ବାତ୍ୟା ଆଶ୍ରୟସ୍ଥଳକୁ ଗଲାବେଳେ ଗଛ ପଡିଯିବାରୁ ତାଙ୍କ ମୃତ୍ୟୁ ଘଟିଛି। ସେହିପରି ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତ ଦେବେନ୍ଦ୍ର ନାରାୟଣପୁର ଗ୍ରାମର ଅଶ୍ୱିନୀ ମଣ୍ଡଳଙ୍କ ସ୍ତ୍ରୀ ଉଷାରାଣୀ (୬୨)ଙ୍କ ମୃତ୍ୟୁ ଘଟିଛି। ଆଳି ବ୍ଲକର ବିଭିନ୍ନ ସ୍ଥାନରେ ୪ ଜଣ ଆହତ ହୋଇଛନ୍ତି।

## ସଂକ୍ଷେପରେ

### ସମୁଦ୍ର ଅଶାନ୍ତ, ବ୍ୟାପକ କ୍ଷୟକ୍ଷତି

ଜଗତ୍‌ସିଂହପୁର ଅଫିସ/ପାରାଦୀପ, ୪।୫(ସ୍ୱ.ପ୍ର.): ଫନୀ ପ୍ରଭାବରେ ଜଗତ୍‌ସିଂହପୁର ଜିଲାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଏହି ଜିଲାର ପାରାଦୀପ, କୁଜଙ୍ଗ, ଏରସମା ସମେତ ସମସ୍ତ ସମୁଦ୍ରକୂଳିଆ ଅଞ୍ଚଳରେ ବିଶେଷ ଭାବେ ଲୋକେ ପ୍ରଭାବିତ ହୋଇଛନ୍ତି। ଯଦିଓ ପରିସ୍ଥିତି ୧୯୯୯ ମହାବାତ୍ୟା ଭଳି ହୋଇନାହିଁ, ତଥାପି ମଧ ଏହା ମହାବାତ୍ୟାର ସ୍ମୃତିକୁ ତାଜା କରିଛି। ଫନୀ ସ୍ଥଳଭାଗ ଛୁଇଁବା ପୂର୍ବରୁ ଗୁରୁବାର ଅପରାହ୍ନରୁ ବର୍ଷା ପବନ ଆରମ୍ଭ ହୋଇଯାଇଥିଲା। ରାତିଠାରୁ ସମୁଦ୍ରରେ ଉଚ୍ଚ ଜୁଆର ସୃଷ୍ଟି ହୋଇଥିଲା। ଶୁକ୍ରବାର ଦିନ ତମାମ ବର୍ଷା ହେବା ସହ ଓ ପ୍ରବଳ ବେଗରେ ପବନ ବହିଥିଲା। ଏଥିରେ ବିଭିନ୍ନ ସ୍ଥାନରେ ଛୋଟ ବଡ଼ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଆଦି ଭାଙ୍ଗିପଡ଼ିବା ସହ ରାସ୍ତା ଅବରୋଧ ହୋଇଥିଲା। ବିଭିନ୍ନ ସ୍ଥାନରେ କଚ୍ଚାଘର, ମାଟି କାନ୍ଥ ଆଦି ଭାଙ୍ଗିଯାଇଥିଲା। ତେବେ ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଆଗୁଆ ସତର୍କତାମୂଳକ ପଦପେକ୍ଷ ଗ୍ରହଣ କରାଯାଇଥିବାରୁ ବହୁ ଲୋକଙ୍କୁ ଆଶ୍ରୟସ୍ଥଳୀକୁ ନିଆଯାଇପାରିଥିଲା। ଜଗତ୍‌ସିଂହପୁର ଜିଲା ଓ ପାରାଦୀପ ପୌର ପ୍ରଶାସନ ପକ୍ଷରୁ ବସ୍ତି ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ଜିଲା ପ୍ରଶାସନ ପକ୍ଷରୁ ପାରାଦୀପ ଏଡିଏମ୍ ଅଫିସରେ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ପୋଲିସ, ଏନ୍‌ଡିଆରଏଫ୍ ଟିମ୍, ଓଡ୍ରାଫ୍ ଟିମ ଓ ଅଗ୍ନିଶମ ବାହନୀ ପହଞ୍ଚି ବିଭିନ୍ନ ସ୍ଥାନରେ ରାସ୍ତା ଓ ଘର ଉପରେ ପଡିଥିବା ଗଛ କାଟି ସଫା କରୁଛନ୍ତି।

### ଦେଉଳି ପାହାଡ଼ରୁ ମା'ଙ୍କ ମୃତଦେହ ଉଦ୍ଧାର, ଝିଅ ଗୁରୁତର

ଧର୍ମଶାଳା,୪।୫(ଡିଏନଏ)- ଧର୍ମଶାଳା ଥାନା ଅନ୍ତର୍ଗତ ଦେଉଳି ପାହାଡ ଉପରୁ ଜଣେ ମହିଳାଙ୍କ ମୃତଦେହକୁ ପୋଲିସ ଶନିବାର ଉଦ୍ଧାର କରିବା ସହ ତାଙ୍କ ଝିଅକୁ ସେଠାରୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରିଛି। ଗୁରୁତର ଅବସ୍ଥାରେ ଝିଅକୁ ଧର୍ମଶାଳା ମେଡିକାଲରେ ଭର୍ତ୍ତି କରାଯାଇଛି। ପୋଲିସ ଏକ ମାମଲା (ନଂ. ୨୧୬/୧୯) ରୁଜୁ କରି ମହିଳାଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ପ୍ରକାଶ ଯେ, ଶୁକ୍ରବାର କେତେଜଣ ଯୁବକ ପାହାଡ଼କୁ ଯାଇଥିବା ବେଳେ ୨ଜଣ ମହିଳା ସେଠାରେ ପଡିରହିଥିବା ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମହିଳା ମୃତଦେହକୁ ଉଦ୍ଧାର କରିବା ସହ ଝିଅକୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରିଥିଲା। ତେବେ ଗୁରୁବାର ରାତିରେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ତାଙ୍କ ଘରକୁ ଆସି ସମ୍ପୃକ୍ତ ମହିଳାଙ୍କ ଝିଅକୁ ଡାକି ଜୋରଜବରଦସ୍ତ ସାଥିରେ ନେଇଯାଇଥିଲେ। ଏହାକୁ ମହିଳା ବିରୋଧ କରିବା ସହ ତାଙ୍କ ପଛରେ ଯାଇଥିଲେ ବୋଲି ଶୁଣିବାକୁ ମିଳୁଛି। ଜଣେ ଯୁବକ ଉଭୟ ମା' ଓ ଝିଅଙ୍କୁ କିଭଳି ଓ କାହିଁକି ପାହାଡ଼ ଉପରକୁ ନେଲା ଏବଂ ଗୁରୁବାର ରାତିରୁ ସେମାନେ ନିଖୋଜ ହୋଇଥିବା ବେଳେ ପରିବାର ଲୋକେ ପୋଲିସକୁ କାହିଁକି ଜଣାଇ ନ ଥିଲେ; ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅପରପକ୍ଷେ ମୃତ ମହିଳାଙ୍କ ପୁଅ ତରୁଣ ସାମଲ ବାଲେଶ୍ୱରର ସହଦେବଖୁଣ୍ଟା ଅଞ୍ଚଳରେ ଡ୍ରାଇଭର ଭାବେ କାମ କରୁଥିବାବେଳେ ସେ ମଧ ଶୁକ୍ରବାର ପାରିବାରିକ କଳହରୁ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି।


ଖଣ୍ଡପଡ଼ା ଅଞ୍ଚଳର ଏକ ମାଟି ଘର ଭାଙ୍ଗି ଯାଇଛି।


ଆଳିରେ ପବନରେ ଏକ ବିଦ୍ୟୁତ୍ ଖୁଣ୍ଟ ବଙ୍କା ହୋଇଯାଇଛି।


ପାରାଦୀପରେ ବାତ୍ୟା ପ୍ରଭାବରେ ଭୁଶୁଡ଼ି ପଡ଼ିଥିବା ଏକ ଗଛ।

ଖଣ୍ଡପଡ଼ା ଅଞ୍ଚଳରେ 'ଫନୀ'ର ପ୍ରଭାବ

## ଶତାଧିକ ଘରର ଚାଳଛପର ଉଡ଼ିଗଲା

**ଖଣ୍ଡପଡା ୪।୫(ସ୍ୱ.ପ୍ର.)**

- ରାସ୍ତା ଉପରେ ଗଛପଡ଼ି ଯାନବାହନ ଚଳାଚଳ ବନ୍ଦ
- ବିଦ୍ୟୁତ୍ ସରବରାହ ବ୍ୟାହତ

ସାମୁଦ୍ରିକ ଝଡ 'ଫନୀ' ପ୍ରଭାବରେ ଖଣ୍ଡପଡା ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ଗ୍ରାମାଞ୍ଚଳରେ ଥିବା ଶତାଧିକ ଘରର ଚାଳ ଛପର ଉଡାଇ ନେଇଥିବା ବେଳେ ବହୁ ଗଛ ଧରାଶାୟୀ ହୋଇଛି । ଖଣ୍ଡପଡା ବିଦ୍ୟୁତ୍ ଉପଖଣ୍ଡରେ ଗଛ ଡାଳ ଭାଙ୍ଗି କେତେକ ଖୁଣ୍ଟ ବକ୍ର ହୋଇଯାଇଥିବା ବେଳେ ତାର ଛିଣ୍ଡିଯାଇ ଦୀର୍ଘ ୧୪ ଘଣ୍ଟା ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ଶନିବାର ପୁନଶ୍ଚ ସକାଳ ୮ଟାରୁ ବିଦ୍ୟୁତ୍ ସେବା ବନ୍ଦ ରହିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହି ବାତ୍ୟାରେ ବଡ ବଡ ଗଛ ଭାଙ୍ଗିପଡି ଶୂଳିଆ– କଣ୍ଟିଲୋ, ଶୂଳିଆ–ଖଣ୍ଡପଡା, ଜଗନ୍ନାଥପ୍ରସାଦ–ବାଇଗୁଣିଆ, ବାଘୁଆପଲ୍ଲୀ–ବଳଦିଆ ନୂଆଗାଁ ରାସ୍ତାରେ ଯାନବାହନ ଚଳାଚଳରେ ବାଧା ସୃଷ୍ଟି ହୋଇଥିଲା । ବାତ୍ୟା ପ୍ରଭାବରେ ଜଗନ୍ନାଥ ପ୍ରସାଦ ପଞ୍ଚାୟତ ଦରଦା ଗ୍ରାମର ନଟବର ବରାଡ଼, ରମେଶ ମହାପାତ୍ର, କୃଷ୍ଣଚନ୍ଦ୍ର ରଣା, ସୁବାସ ଜେନା, କୋବର ଜେନା, ନୀଳମଣି ବରାଡଙ୍କ ଘରର ଚାଳ ଛପର ଉଡାଇନେଇଛି । ସିଙ୍ଘାପଡା ପଞ୍ଚାୟତ ବେଡାଙ୍ଗୀ ହରିଜନ ସାହିର ବିଭୂତି ଭୂଷଣ ନାୟକ, ଭାସ୍କର ନାୟକ, ନିର୍ମଳ ନାୟକ, ନକୁଳ ନାୟକ, ଦୁର୍ଯ୍ୟୋଧନ ନାୟକ, ଗୋଲାପ ନାୟକ, ସୁଦର୍ଶନ ନାୟକ, ସୁମତି ନାୟକ ଓ ବାଜେଣି ନାୟକ ଏବଂ ଖୁଣ୍ଟୁବନ୍ଧ ସାହିର ଯଦୁମଣି ନାୟକ, ଭାବଗ୍ରାହୀ ନାୟକ, ବସନ୍ତ ନାୟକ, ସହଦେବ ନାୟକ, ପ୍ରଦୀପ ନାୟକ, ଲାବଣ୍ୟ ନାୟକ, ମାଧବ ନାୟକ ଓ ଗୋଛାବାରୀ ଗ୍ରାମର କୁମୁଦ ପରିଡାଙ୍କ ମାଟିଘରର କାନ୍ଥ ଭାଙ୍ଗିଯାଇଥିବାବେଳେ ଚାଳଛପର ଉଡାଇ ନେଇଛି। ଅନ୍ୟପକ୍ଷେ ଖଣ୍ଡପଡା ବ୍ଲକର ବିଭିନ୍ନ ଆଶ୍ରୟସ୍ଥଳରେ ରହିଥିବା ଲୋକଙ୍କୁ ଚୁଡା, ଗୁଡ, ଚିନି ଓ ରନ୍ଧାଖାଦ୍ୟ ଯୋଗାଯାଇଥିବା ସରପଞ୍ଚ ବିପିନ କୁମାର ସାମଲ ସୂଚନା ଦେଇଛନ୍ତି।

**ଭାପୁର,(ଡି.ଏନ.ଏ.):** ଫନୀ ଯୋଗୁ ଶୁକ୍ରବାର ଭାପୁର ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ବାତ୍ୟାରେ ଶତାଧିକ ଘରର ଚାଳ,ଆଜବେଷ୍ଟସ ଏବଂ ଟାଇଲ ଛପର ଉଡ଼ିଯାଇଛି। ସେହିଭଳି ଏଠାରେ ଅନେକ ରାସ୍ତାରେ ବଡ ବଡ ଗଛ ପଡ଼ିଥିବାରୁ ଯୋଗାଯୋଗ ପ୍ରଭାବିତ ହୋଇଥିଲା । ଅନେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିପଡ଼ିବା ସହିତ ତାର ମଧ ତଳେ ଛିଣ୍ଡିପଡ଼ିଥିଲା। ଏହି ବାତ୍ୟାରେ ୨ଜଣ ଆହତ ହୋଇଛନ୍ତି।


କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକରେ ଫନୀ ପ୍ରଭାବରେ ତାଳୁଆ ଧାନ ଫସଲ କ୍ଷତିଗ୍ରସ୍ତ ।


ପାରାଦୀପରେ ଏକ ଆଶ୍ରୟସ୍ଥଳରେ ଥିବା ମହିଳା ଓ ଶିଶୁମାନେ।


ରାଜକନିକା ଅଞ୍ଚଳରେ ଉପୁଡ଼ିଯାଇଥିବା ଏକ ଗଛ।

## ବାତ୍ୟାରେ ଚାଷୀଙ୍କ ମୃତ୍ୟୁ ଅଭିଯୋଗ

**ଧର୍ମଶାଳା,୪।୫(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ କଦମପାଳ ଗ୍ରାମର ଜଣେ ଚାଷୀ ଶୁକ୍ରବାର ଫନୀ ବାତ୍ୟାରେ ମୃତ୍ୟୁବରଣ କରିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ମୃତକ ଜଣଙ୍କ ହେଲେ କାର୍ତ୍ତୀକ ଚନ୍ଦ୍ର ପ୍ରଧାନ(୪୩) । ସେ ବାତ୍ୟା ସମୟରେ ନିଜ ବାଡିରେ ବୋଡିଗଦା ଘୋଡାଉଥିବା ବେଳେ ବାତ୍ୟା ପବନରେ ତଳେ ପଡି ଗୁରୁତର ହୋଇଥିଲେ। ବାତ୍ୟାଯୋଗୁ ପରିବାର ଲୋକେ ସଙ୍ଗେସଙ୍ଗେ ମେଡିକାଲ ଆଣି ପାରି ନ ଥିଲେ। ଶୁକ୍ରବାର ରାତିରେ ବାତ୍ୟା କମିବାପରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ମୃତ କାର୍ତ୍ତୀକଙ୍କ ଭାଇ ପ୍ରକାନ୍ତ ପ୍ରଧାନ ଧର୍ମଶାଳା ତହସିଲଦାରଙ୍କ ନିକଟରେ ବାତ୍ୟା ଯୋଗୁ ତାଙ୍କ ଭାଇଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରିଥିବା ଜଣାପଡିଛି।

## ତାଣ୍ଡବ ରଚିଲା 'ଫନୀ'

**ରସୁଲପୁର,୪।୫ (ଡି.ଏନ.ଏ.)**

- ଭାଙ୍ଗିଲା ଗଛ, ଉଡ଼ିଲା ଛପର
- ଯାତାୟାତ, ବିଦ୍ୟୁତ୍ ସେବା ଠପ୍

ଯାଜପୁର ଜିଲାର ରସୁଲପୁର ବ୍ଲକର ଅଞ୍ଚଳରେ ମହାବାତ୍ୟା ଫନୀର ପ୍ରଭାବ ଅନୁଭୂତ ହୋଇଛି। ମହାବାତ୍ୟାର ପ୍ରଭାବ ଗାଁରୁ ସହର ପର୍ଯ୍ୟନ୍ତ ସବୁଠି ଦେଖିବାକୁ ମିଳିଛି। ଶୁକ୍ରବାର ପୂର୍ବାହ୍ନ ୧୧ଟା ପରେ ପବନର ବେଗ କ୍ରମାନ୍ୱୟରେ ବଢିବାରେ ଲାଗିଥିଲା। ଅପରାହ୍ନ ୨ଟା ପରଠାରୁ ପବନର ବେଗ ବୃଦ୍ଧି ପାଇବାରେ ଲାଗିଥିଲା। ଏହାପରେ ଦେଖିବାକୁ ମିଳିଥିଲା ଫନୀର ଉଗ୍ର ରୂପ। ମୂଷଳ ଧାରାରେ ବର୍ଷା ସାଙ୍ଗକୁ ପବନର ବେଗ ଘଣ୍ଟା ପ୍ରତି ୧୫୦ରୁ ୧୫୫ କି.ମି.ରେ ପହଞ୍ଚିଥିଲା। ଏଥିରେ ପରିବେଶର ସ୍ଥିତି ବିଶେଷ ବିଗିଡି ଯାଇଛି। ପରିବେଶ ଯେତିକି କ୍ଷତିଗ୍ରସ୍ତ ହୋଇଛି; ତାହାର ଭରଣା କରିବାକୁ ବର୍ଷ ବର୍ଷ ସମୟ ଲାଗିଯିବ ବୋଲି ଅନୁମାନ କରାଯାଉଛି। ଫନୀ ଚାଷୀକୂଳକୁ ବିଶେଷ ପ୍ରଭାବିତ କରିଛି। ଏହି ବ୍ଲକ ଅଞ୍ଚଳର ପନିପରିବା ଚାଷ ସମ୍ପୂର୍ଣ୍ଣ ଉଜୁଡି ଯାଇଛି। ପାଖାପାଖି ୮୨୫ ହେକ୍ଟର ଚାଷ ଜମିରେ ହୋଇଥିବା ବିଭିନ୍ନ କିସମର ପନିପରିବା ଚାଷ ପବନ ବର୍ଷାରେ ପ୍ରଭାବିତ ହୋଇଛି। ରାସ୍ତାକଡ଼ରେ ଥିବା ବଡବଡ ଗଛ ଉପୁଡ଼ି ପଡ଼ିବାରୁ ଯାତାୟାତ ଓ ବିଦ୍ୟୁତ ସରବରାହ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ବ୍ଲକ ପକ୍ଷରୁ ୫୯ଟି ଆଶ୍ରୟସ୍ଥଳ ଖୋଲା ରହିଛି। ଶିବିରକୁ ୧୦,୨୨୩ ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଛି। ପ୍ରତ୍ୟେକ ଶିବିରରେ ଲୋକଙ୍କୁ ପ୍ରଶାସନ ପକ୍ଷରୁ ଶୁଖିଲା ଖାଦ୍ୟ ଭାବେ ବିସ୍କୁଟ, ଚୂଡା ଓ ଗୁଡ ପ୍ରଦାନ କରାଯାଇଛି । ରନ୍ଧା ଖାଦ୍ୟର ବନ୍ଦୋବସ୍ତ କରାଯାଇଛି। ।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

REQUIREMENT
Experienced personnel required for a reputed paints Company JKP PAINTS (INDIA) PVT. LTD. Corporate Office at Mumbai and Regional Office at Bhubaneswar, for the post of **1)** Manager (H.R.) Female, **2)** Accountant Male/Female knowledge in Tally with fully conversant with GST, **3)** Front Office Executive (Female) Graduation with Computer knowledge, **4)** Marketing personnel Experience in same field, **5)** Store In-Charge cum dispatch person Experience in same field, **6)** Personal Manager, **7)** Office Assistant, **8)** Lab-Technician, Apply with all your testimonials within 7 days from the date of advertisement.
JKP PAINTS (INDIA) PVT. LTD.
PLOT NO.-N-4-1/1 IRC Village, Nayapalli, Bhubaneswar, Pin-751015, PH.-9861887472, 7683961184

URGENT REQUIREMENT
For Male **HELPERS** to work in Hyderabad.
Good Salary and Accommodation.
Ph: 9989323192/ 9182932892

MÖBEL® FURNITURE
Eastern India's most Admired Furniture Brand
BHUBANESWAR SHOWROOM
REQUIRES
• SHOWROOM MANAGER
• SALES EXECUTIVES
• CORPORATE SALES EXECUTIVES
• FURNITURE FITTERS
90739 87973
www.MobelHomeStore.com
jobs@mobelindia.com

Baazar Kolkata
LADIESWEAR MENSWEAR KIDSWEAR ACCESSORIES
ଆମର ନୂତନ ସୋରୁମ୍ ପାଇଁ
ସେଲ୍‌ସବଏ
ଆବଶ୍ୟକ
ବୟସ :୧୮ ବର୍ଷରୁ ୨୭ ବର୍ଷ
ଯୋଗ୍ୟତା: ମାଟ୍ରିକ୍/+୨ ପାସ୍
ସାକ୍ଷାତକାର ତାରିଖ:
୬ ଓ ୭ ମେ, ୨୦୧୯
ଦିବା ୧୧ଟା ରୁ ୫ଟା
ନିଜର ଶିକ୍ଷାଗତ ପ୍ରମାଣପତ୍ର, ଆଧାର କାର୍ଡ ଓ ବ୍ୟାଙ୍କର ବିବରଣୀ ସହ ଆସନ୍ତୁ
ସାକ୍ଷାତକାର ସ୍ଥାନ
ବଜାର କୋଲକତା
କେଦାର ଭବନ, ଦୋଳମୁଣ୍ଡାଇ, ପୋ-ବକ୍ସିବଜାର, ଥାନା-ବାଦାମବାଡ଼ି, କଟକ
(ଦୋଳମୁଣ୍ଡାଇ ଇଲେକ୍ଟ୍ରିସିଟି ଅଫିସ୍ ପାଖ)

SLAS Group Company
Urgently Require
Office Coordinator, Telesales & Sales officer, **Salary : 4000/- to 22000/-PM** @ BBSR
Send CV to:info@slasfinancial.com
or whatsapp.- 8328955452
WALK IN : 4 to 6 pm @plot no.1052, Tankapani Road, BBSR. (Mon-Fri)

KRAFT FURNITURE
Kesura Chhak, Mangaraj Point, Infront of Pallavi Mandap
MARKETING- 5
ACCOUNTANT- 3 (Male or Female)
STORE KEEPER-1 (Male or Female)
PEON CUM COOK - 1
Interview : 5th May (Sunday) 10.00 AM
Mob.: 7978404626, 8917331588
Mail: jayanta.sahoo200@gmail.com

OFFICIALLY JOB
**ଯୋଗ୍ୟତା:** ଦଶମ ପାସ୍/ଫେଲ୍, **ବୟସ:** (18-40) yrs., ମାସିକ ଦରମା upto Rs.25000/-.
Contact Immediately
Mob: 8763257042

Contact: 9938414918
Bhubaneswar ଅଫିସ୍ ପାଇଁ 10th/ above Candidates (M/F) ଆବଶ୍ୟକ। **ବୟସ:** (18-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24000/-.

REQUIRED
For Sanitary Show Room, BBSR.
1. **Salesman:** 4 Nos.
2. **Marketing Executive:** 4 Nos.
3. **Office Assistant:** 2 Nos. (Computer Knowledge)
4. **Driver** (for home duty): 2 Nos.
Contact: 8093231473

REQUIRE
FOR A PVT. LTD. FIRM ONE LADY & MALE PERSONNEL FOR BACK OFFICE & BUSINESS PROMOTION
SALARY STARTING 8K.
:CONTACT MOBILES:
8984814518,9439021001
(WHATSAPP).-9938994484

All Odisha Aadarsha Vidyalaya Vacancy
POST : TEACHER, CLERK, DATA ENTRY
(MALE / FEMALE)
Sal- 15,000 / Above, 3 year Exp.
Qualification : +2 / Above
Contact : 8480659517

URGENTLY REQUIRED
ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବାପାଇଁ
ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.45,000
For More Details Contact 9178134788 7064222275

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। **ଯୋଗ୍ୟତା:** 10th/ above. Monthly Salary upto Rs.27000/-. (Part Time/Full Time)
Contact: 9938676412

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

“ ପଡ଼ିଆରେ ମୁଁ କ୍ରୋଧ ପ୍ରକାଶ କଲେ ଯଦି ଆମ ଦଳର ଖେଳାଳିଙ୍କ ପ୍ରଦର୍ଶନରେ ଉନ୍ନତି ପରିଲକ୍ଷିତ ହେଉଛି ତା'ହାଲେ ଭଲ କଥା ।

–ଦୀନେଶ କାର୍ତ୍ତିକ, କୋଲକାତା ନାଇଟ ରାଇଡର୍ସ ଅଧିନାୟକ



“ ଚଳିତ ଆଇପିଏଲରେ ପାୱାର ପ୍ଲେ ଓଭରଗୁଡ଼ିକରେ କେ.ଏଲ୍ ରାହୁଲ ଓ କ୍ରିସ୍ ଗେଲ ଯେପରି ଖେଳୁଛନ୍ତି ତାହା ଆମ ଦଳ ପାଇଁ ଚିନ୍ତାର କାରଣ ହୋଇଛି ।

–ରବିଚନ୍ଦ୍ରନ ଅଶ୍ୱିନ, କିଙ୍ଗ୍ସ ଇଲେଭେନ ପଞ୍ଜାବ ଅଧିନାୟକ




# କୋଲକାତାର ସହଜ ବିଜୟ

ମୋହାଲି, ୪।୫ (ପି.ଟି.)

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୫୨ତମ ମ୍ୟାଚ୍‌ରେ କୋଲକାତା ନାଇଟ ରାଇଡର୍ସ ଦୁଇ ଓଭର ବାକି ଥାଇ ୭ ଉଇକେଟରେ ଘରୋଇ କିଙ୍ଗ୍ସ ଇଲେଭେନ ପଞ୍ଜାବକୁ ପରାସ୍ତ କରିଛି। ସ୍ଥାନୀୟ ମୋହାଲି ଗ୍ରାଉଣ୍ଡରେ ଶୁକ୍ରବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ପଞ୍ଜାବ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୮୩ ରନ ସଂଗ୍ରହ କରିଥିଲା। ଜବାବରେ କୋଲକାତା ୧୮ ଓଭରରେ ୩ ଉଇକେଟ ହରାଇ ୧୮୫ ରନ କରି ବିଜୟୀ ହେବା ସହ ତା'ର ପ୍ଲେ- ଅଫ୍ ଆଶା ଉଜ୍ଜୀବିତ ରଖିଛି।

୧୮୪ ରନ ବିଜୟ ଲକ୍ଷ୍ୟର ପିଛା କରି କୋଲକାତା ଦୁଇ ଓପନର ଶୁବମନ ଗିଲ ଓ କ୍ରିସ୍ ଲିନ୍ ୩୬ ବଲରୁ ୬୨ ରନ ସଂଗ୍ରହ କରିଥିଲେ। ଲିନ୍ ୨୨ ବଲରୁ ୫ ଚୌକା ଓ ୩ ଛକା ସହ ୪୬ରନ କରି ପ୍ରଥମେ ଆଉଟ ହୋଇଥିଲେ। ରବିନ ଉଥାପ୍ପା ୧୪ଟି ବଲ୍ ଖେଳି ୨ ଚୌକା ଓ ୧ ଛକା ସହ ୨୨ ରନ କରି ଆଉଟ ହୋଇଥିଲେ।

ଏହାପରେ ଇନ୍‌ଫର୍ମ ବ୍ୟାଟ୍ସମ୍ୟାନ ଆନ୍ଦ୍ରେ ରସେଲ ୧୪ଟି ବଲ୍ ଖେଳି ୨ଟି ଲେଖାଏ ଚୌକା ଓ ଛକା ସହ ୨୪ ରନ କରି ଦଳର ସ୍କୋରକୁ ଆଗେଇ ନେଉଥିବା ବେଳେ ପ୍ୟାଭିଲିୟନ ଫେରିଥିଲେ। ଯୁବ ବ୍ୟାଟ୍ସମ୍ୟାନ ଶୁବମନ ଧୂଆଁଧାର ବ୍ୟାଟିଂ କରି ୪୯ ବଲର ସମ୍ମୁଖୀନ ହୋଇ ୫ ଚୌକା ଓ ୨ ଛକା ସହ ୬୫ ରନ କରି ଅପରାଜିତ ରହିବା ସହ ଦଳକୁ ବିଜୟୀ କରାଇଥିଲେ। ସେହିପରି ଅଧିନାୟକ ଦୀନେଶ କାର୍ତ୍ତିକ ୯ ବଲରୁ ୨ ଚୌକା ଓ ୧ ଛକା ସହ ୨୧ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ପଞ୍ଜାବ ତରଫରୁ ମହମ୍ମଦ ସାମି, ଅଧିନାୟକ ରବିଚନ୍ଦ୍ରନ ଅଶ୍ୱିନ ଓ ଆଣ୍ଡ୍ର୍ୟୁ ଟାଏ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ତରଫରୁ ସାମ୍ କୁରାନ ସର୍ବାଧିକ ୫୫ ରନ (୨୪ ବଲ, ୭ ଚୌକା, ୨ ଛକା) କରି ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଇକେଟକିପର ବ୍ୟାଟ୍ସମ୍ୟାନ ନିକୋଲାସ ପୁରାନ ୨୭ ବଲରୁ ୩ ଚୌକା ଓ ୪ ଛକା ସହ ୪୮, ମୟଙ୍କ ଅଗ୍ରୱାଲ ୩୬ ରନ (୨୬ ବଲ, ୨ ଚୌକା, ୧ ଛକା), ମନଦୀପ ସିଂ ୨୫ ରନ (୧୭ ବଲ, ୧ ଚୌକା, ୧ ଛକା) ସଂଗ୍ରହ କରି ପ୍ୟାଭିଲିୟନ ଫେରିଥିଲେ। ଇନ୍‌ଫର୍ମ ଓପନର ଲୋକେଶ ରାହୁଲ ମାତ୍ର ୨ ଓ ବିସ୍ଫୋରକ ଓପନର କ୍ରିସ୍ ଗେଲ ମାତ୍ର ୧୪ ରନ କରି ପ୍ରଥମେ ପ୍ୟାଭିଲିୟନ ଫେରିଥିଲେ। ବୋଲିଂରେ କୋଲକାତା ତରଫରୁ ସନ୍ଦୀପ ୱାରିୟର ୨, ହ୍ୟାରି ଗର୍ନି, ରସେଲ ଓ ନୀତୀଶ ରାଣା ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।



ଅର୍ଦ୍ଧଶତକ ହାସଲକାରୀ ଶୁବମନ ଗିଲ୍।

**ସଂକ୍ଷିପ୍ତ ସ୍କୋର**

- କିଙ୍ଗ୍ସ ଇଲେଭେନ୍ ପଞ୍ଜାବ ୨୦ ଓଭରରେ ୧୮୩/୬ (କୁରାନ- ୫୫*, ପୁରାନ- ୪୮, ଅଗ୍ରୱାଲ- ୩୬, ମନଦୀପ- ୨୫, ସନ୍ଦୀପ- ୨/୩୧, ଗର୍ନି- ୧/୪୧, ରସେଲ- ୧/୨୯, ରାଣା- ୧/୮ )।
- କୋଲକାତା ନାଇଟ ରାଇଡର୍ସ ୧୮ ଓଭରରେ ୧୮୫/୩, (ଶୁବମନ- ୬୫*, ଲିନ୍- ୪୬, ରସେଲ- ୨୪, ଉଥାପ୍ପା- ୨୨, କାର୍ତ୍ତିକ- ୨୧*, ସାମି- ୧/୧୫।


ନେଟ୍ସରେ ଅଭ୍ୟାସ କରୁଛନ୍ତି ମହେନ୍ଦ୍ର ସିଂ ଧୋନୀ।

## ଶୀର୍ଷ ସ୍ଥାନ ବଜାୟ ଲକ୍ଷ୍ୟରେ ଚେନ୍ନାଇ

**ମୋହାଲି, ୪।୫ (ପି.ଟି.):** ଆଇପିଏଲ୍‌ରେ ରବିବାର ଖେଳାଯିବାକୁ ଥିବା ପ୍ରଥମ ମ୍ୟାଚ୍‌ରେ ଘରୋଇ କିଙ୍ଗ୍ସ ଇଲେଭେନ ପଞ୍ଜାବ ଓ ଚେନ୍ନାଇ ସୁପର୍ କିଙ୍ଗ୍ସ ପରସ୍ପରକୁ ଭେଟିବେ। ଟେବୁଲ ଟପ୍ପର ଚେନ୍ନାଇ ଏହି ମ୍ୟାଚ୍‌ରେ ବିଜୟ ହାସଲ କରି ଶୀର୍ଷ ସ୍ଥାନ ବଜାୟ ରଖିବା ଲକ୍ଷ୍ୟରେ ରହିଛି। ମୁମ୍ବାଇ ନିକଟରୁ ବୃହତ୍ ବ୍ୟବଧାନରେ ପରାସ୍ତ ହେବାପରେ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଚେନ୍ନାଇ ପରବର୍ତ୍ତୀ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ୮୦ ରନରେ ପରାସ୍ତ କରି ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଥିଲା। ଅନ୍ତିମ ମ୍ୟାଚ୍‌ରେ ଯଦି ଚେନ୍ନାଇ ବିଜୟ ହାସଲ କରେ ତେବେ ଏକ ନମ୍ବର ସ୍ଥାନରେ ଲିଗ୍ ପର୍ଯ୍ୟାୟ ଶେଷ କରିବା ଏକପ୍ରକାର ନିଶ୍ଚିତ। ସୁପର୍ କିଙ୍ଗ୍ସ ବର୍ତ୍ତମାନ ସୁଦ୍ଧା ୧୩ ମ୍ୟାଚ୍‌ରୁ ୧୮ ପଏଣ୍ଟ ହାସଲ କରିଛି। ଆଉ ଗୋଟିଏ ବିଜୟ ଦଳକୁ ୨୦ ପଏଣ୍ଟରେ ପହଞ୍ଚାଇବ। ଦ୍ୱିତୀୟ ସ୍ଥାନରେ ରହିଥିବା ଦିଲ୍ଲୀ ୧୪ ମ୍ୟାଚ୍‌ରୁ ୧୮ ପଏଣ୍ଟ ଏବଂ ୩ୟ ସ୍ଥାନରେ ଥିବା ମୁମ୍ବାଇ ୧୩ ମ୍ୟାଚ୍‌ରୁ ୧୬ ପଏଣ୍ଟ ହାସଲ କରିଥିବାରୁ ଚେନ୍ନାଇକୁ ଟପିବା ଅସମ୍ଭବ ହେବ। ଧୋନୀ, ସୁରେଶ ରାଇନା, ଅମ୍ବାତି ରାୟୁଡୁ, ଶେନ ୱାଟସନ ଓ ଫାଫ୍ ଡୁ ପ୍ଲେସିସଙ୍କ ପରି ଶ୍ରେଷ୍ଠ ବ୍ୟାଟ୍ସମ୍ୟାନଙ୍କୁ ନେଇ ଚେନ୍ନାଇ ବ୍ୟାଟିଂ ଲାଇନ୍‌ଅପ୍ ବେଶ୍ ଶକ୍ତିଶାଳୀ ରହିଛି। ସେହିଭଳି ବୋଲିଂରେ ଦୁଇ ସ୍ପିନର ଇମ୍ରାନ ତାହିର ଓ ହରଭଜନ ସିଂ ପଞ୍ଜାବ ବ୍ୟାଟ୍ସମ୍ୟାନଙ୍କୁ ଚକ୍‌ମା ଦେଖାଇବା ଲକ୍ଷ୍ୟରେ ରହିଛନ୍ତି। ଅପରପକ୍ଷରେ ୧୩ ମ୍ୟାଚ୍‌ରୁ ୧୦ ପଏଣ୍ଟ ପାଇ ପ୍ଲେ-ଅଫ୍ ଦୌଡ଼ରୁ ପଞ୍ଜାବ ବାଦ୍ ପଡ଼ିସାରିଛି। ତେଣୁ ଦଳ ସମ୍ମାନ ଲାଗି ଏହି ମ୍ୟାଚ୍‌ରେ ପଡ଼ିଆକୁ ଓହ୍ଲାଇବ। ଘରୋଇ ଗ୍ରାଉଣ୍ଡରେ ମ୍ୟାଚ୍ ଖେଳାଯାଉଥିବାରୁ ରବିଚନ୍ଦ୍ରନ ଅଶ୍ୱିନଙ୍କ ଦଳ ବିଜୟ ସହ ଏହାର ଆଇପିଏଲ୍ ଅଭିଯାନ ଶେଷ କରିବାକୁ ଲକ୍ଷ୍ୟ ରଖିଛି।

## ପ୍ରଶଂସକଙ୍କୁ କ୍ଷମା ମାଗିଲେ କୋହଲି, ଡି'ଭିଲର୍ସ

ବେଙ୍ଗାଲୁରୁ, ୪।୫(ପି.ଟି.)

ଚଳିତ ଆଇପିଏଲ୍‌ରେ ସ୍ଥିର ପ୍ରଦର୍ଶନ ଦେଇପାରି ନ ଥିବାରୁ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି)ର ଦୁଇ ବ୍ୟାଟିଂ ଶକ୍ତି ଅଧିନାୟକ ବିରାଟ କୋହଲି ଓ ଏବି ଡି'ଭିଲର୍ସ ପ୍ରଶଂସକଙ୍କୁ କ୍ଷମା ମାଗିଛନ୍ତି। ବାଙ୍ଗାଲୋର ଶନିବାର ଏହାର ଆଇପିଏଲ ଅଭିଯାନ ଶେଷ କରିଛି। ଏହା ଦଳ ପାଇଁ ଅନ୍ୟତମ ନିକୃଷ୍ଟତମ ସିଜନ ସାବ୍ୟସ୍ତ ହୋଇଛି। ୮ ଦଳବିଶିଷ୍ଟ ଲିଗ୍‌ରେ ଆର୍‌ସିବି ଶେଷ ସ୍ଥାନରେ ରହିଛି। ପୂରା ସିଜନରେ ଭରପୂର ସମର୍ଥନ ଜଣାଇଥିବାରୁ ଆର୍‌ସିବି ପ୍ରଶଂସକଙ୍କୁ ଉଭୟ ଧନ୍ୟବାଦ ଜଣାଇଛନ୍ତି। ବର୍ଷା ଯୋଗୁ ରାଜସ୍ଥାନ ବିପକ୍ଷ ମ୍ୟାଚ୍ ୫ ଓଭର ବିଶିଷ୍ଟ ହୋଇଥିଲା। ଫଳାଫଳ ମିଳି ନ ଥିଲେ ହେଁ ଏହା ତାଙ୍କ କ୍ୟାରିୟରର ଅନ୍ୟତମ ସ୍ମରଣୀୟ ମ୍ୟାଚ୍ ଥିଲା ବୋଲି ସ୍ୱୀକାର କରିଛନ୍ତି କୋହଲି। ''ଆମେ ସଫଳ ପ୍ରଦର୍ଶନ ସହ ସିଜନ ଶେଷ କରିବୁ ବୋଲି ଆଶା ରଖିଥିଲୁ। ମାତ୍ର ତାହା ହେଲାନି। ସ୍ଥିର ପ୍ରଦର୍ଶନ ଦେଇପାରି ନ ଥିବାରୁ ଦୁଃଖିତ। ଆସନ୍ତା ସିଜନ ସ୍ୱତନ୍ତ୍ର ରହିବା ନେଇ ଆଶା'' ବୋଲି କହିଛନ୍ତି ଡି'ଭିଲର୍ସ। ''ତିନିଘଣ୍ଟାର ଖେଳ ବର୍ଷା ଯୋଗୁ ବାଧାପ୍ରାପ୍ତ ହେବା ସତ୍ତ୍ୱେ ତୁମେମାନେ ଷ୍ଟାଡିୟମ୍‌ରେ ବସିରହି ଆମକୁ ଉତ୍ସାହିତ କରିଛ। ଆମେ ଯେତେବେଳେ ବ୍ୟାଟିଂ କରିବାକୁ ଗଲୁ ତୁମମାନଙ୍କ ସମର୍ଥନ ଆମ ମନ ଏବଂ ହୃଦୟକୁ ଛୁଇଁଥିଲା। ତୁମେମାନେ ହିଁ ହେଉଛ ପ୍ରକୃତରେ ଶ୍ରେଷ୍ଠ ପ୍ରଶଂସକ'' ବୋଲି ନିଜ ପ୍ରଶଂସକଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ଦେଇଛନ୍ତି କୋହଲି। ଆର୍‌ସିବି କ୍ରମାଗତ ୬ଟି ମ୍ୟାଚ୍ ହାରି ବ୍ୟାକ୍‌ଫୁଟ୍‌କୁ ଚାଲି ଯାଇଥିଲା। ପରେ ପ୍ରଦର୍ଶନରେ ଉନ୍ନତି ଆଣିଥିଲେ ହେଁ ତାହା ପ୍ଲେ-ଅଫ୍‌ରେ ପ୍ରବେଶ ପାଇଁ ପର୍ଯ୍ୟାପ୍ତ ନ ଥିଲା। ତେବେ ଆସନ୍ତା ସିଜନ ନିଶ୍ଚିତ କିଛି ଭିନ୍ନ ଏବଂ ସ୍ୱତନ୍ତ୍ର ରହିବ ବୋଲି ଉଭୟ ତାରକା ଖେଳାଳି ପ୍ରତିଶ୍ରୁତି ଦେଇଛନ୍ତି।

## ୮୦୦ ମିଟର ଜିତିଲେ ସିମେନ୍ୟା

**ଦୋହା, ୪।୫ (ଏଏଫ୍‌ପି):** ଦକ୍ଷିଣ ଆଫ୍ରିକୀୟ ମହିଳା ଆଥଲେଟ୍ କାଷ୍ଟର ସିମେନ୍ୟା ଦୋହା ଡାଇମଣ୍ଡ ଲିଗ୍ ମିଟିଂରେ ୮୦୦ ମିଟର ରେସ୍ ଜିତିଛନ୍ତି। ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥ୍‌ଲେଟିକ୍ସ ଫେଡେରେଶନ(ଆଇଏଏଏଫ୍)ର ଟେଷ୍ଟୋଷ୍ଟେରନ ନିୟମ ବିରୋଧରେ କୋର୍ଟରେ କରିଥିବା ଚ୍ୟାଲେଞ୍ଜରେ ହାରିଯିବା ପରେ ଏହା ଥିଲା ତାଙ୍କର ପ୍ରଥମ ରେସ୍। ଦୁଇଥର ଅଲିମ୍ପିକ ଚାମ୍ପିୟନ ସିମେନ୍ୟା ୧ ମିନିଟ୍ ୫୪.୯୮ ସେକେଣ୍ଡ ଟାଇମିଂରେ ବୁରୁଣ୍ଡିର ଫ୍ରାନ୍‌ସିସ୍ ନିୟନସାବା (୧ ମିନିଟ୍ ୫୭.୭୫ ସେକେଣ୍ଡ) ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ଅଜି ୱିଲସନ (୧ମିନିଟ ୫୮.୮୩ ସେକେଣ୍ଡ)ଙ୍କୁ ଯଥାକ୍ରମେ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରି ନେଇଥିଲେ। ଆଇଏଏଏଫ୍‌ର ଟେଷ୍ଟୋଷ୍ଟେରନ ସ୍ତର ନିୟମ ମେ ୮ରୁ କାର୍ଯ୍ୟକାରୀ ହେବାକୁ ଥିବାରୁ ୮୦୦ ମିଟରରେ ସିମେନ୍ୟାଙ୍କର ସମ୍ଭବତଃ ଏହା ଶେଷ ବିଜୟ ହୋଇପାରେ। ଚିକିତ୍ସା ଦ୍ୱାରା ଶରୀରରେ ପୁରୁଷ ହର୍‌ମୋନ ପରିମାଣ ହ୍ରାସ କରିବା ଲାଗି ତାଙ୍କର କୌଣସି ଯୋଜନା ନ ଥିବା ରେସ୍ ପରେ ସିମେନ୍ୟା କହିଛନ୍ତି।

## ନାଇଟ୍ ରାଇଡର୍ସ ପାଇଁ 'କର ବା ମର' ସ୍ଥିତି

ମୁମ୍ବାଇ, ୪।୫(ପି.ଟି.)

ଚଳିତ ଆଇପିଏଲ୍‌ର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ରବିବାର ଘରୋଇ ମୁମ୍ବାଇ ଇଣ୍ଡିଆନ୍ସ ଓ କୋଲକାତା ନାଇଟ୍ ରାଇଡର୍ସ ପରସ୍ପରକୁ ଭେଟିବେ। ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ଦ୍ୱିତୀୟ ସ୍ଥାନରେ ରହି ମୁମ୍ବାଇ ପ୍ଲେ-ଅଫ୍‌ରେ ପ୍ରବେଶ କରିସାରିଥିବାବେଳେ କୋଲକାତା ପାଇଁ ଏହି ମ୍ୟାଚ୍ 'କର ବା ମର' ସଦୃଶ ହୋଇଛି। କୋଲକାତାର ଏହା ଅନ୍ତିମ ଲିଗ୍ ମ୍ୟାଚ୍। ପ୍ଲେ-ଅଫ୍ ଆଶା ଉଜ୍ଜୀବିତ ରଖିବା ପାଇଁ ହେଲେ ଦୀନେଶ କାର୍ତ୍ତିକଙ୍କ ନେତୃତ୍ୱାଧୀନ କୋଲକାତା ଏହି ମ୍ୟାଚ୍‌ରେ ନିଶ୍ଚିତ ବିଜୟ ଆବଶ୍ୟକ କରୁଛି। ନାଇଟ୍ ରାଇଡର୍ସ ଏହାର ପୂର୍ବ ମ୍ୟାଚ୍‌ରେ କିଙ୍ଗ୍ସ ଇଲେଭେନ ପଞ୍ଜାବକୁ ପରାସ୍ତ କରି ଅନ୍ତିମ ଲିଗ୍ ମ୍ୟାଚ୍ ପର୍ଯ୍ୟନ୍ତ ପ୍ଲେ-ଅଫ୍ ଆଶା ଉଜ୍ଜୀବିତ୍ ରଖିଥିଲା। କିନ୍ତୁ ଯଦି ଶନିବାର ଖେଳାଯିବାକୁ ଥିବା ଅନ୍ୟ ଏକ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ପ୍ରତିପକ୍ଷ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ପରାସ୍ତ କରେ ତେବେ କୋଲକାତାକୁ ଉନ୍ନତ ରନ୍‌ରେଟ୍‌ରେ ମୁମ୍ବାଇକୁ ପରାସ୍ତ କରିବାକୁ ପଡ଼ିବ। ପଏଣ୍ଟ ଟେବୁଲର ୪ର୍ଥ ସ୍ଥାନରେ ରହିଥିବା ହାଇଦ୍ରାବାଦ୍ (+୦.୬୫୩)ର ନେଟ୍ ରନ୍‌ରେଟ୍ ୫ମ ସ୍ଥାନରେ ରହିଥିବା କୋଲକାତା (+୦.୧୭୩)ଠାରୁ ବହୁତ ଉଚ୍ଚ ରହିଛି। କିନ୍ତୁ ଯଦି ଶନିବାର ମ୍ୟାଚ୍‌ରେ ହାଇଦ୍ରାବାଦ୍‌କୁ ବାଙ୍ଗାଲୋର ମାତ୍ ଦିଏ ତେବେ କୋଲକାତା ପାଇଁ ମୁମ୍ବାଇ ବିପକ୍ଷ ମ୍ୟାଚ୍ କ୍ୱାର୍ଟର ଫାଇନାଲ ସଦୃଶ ହେବ।

କ୍ରିସ ଲିନ୍ ଓ ଶୁବମନ ଗିଲ୍ ଫର୍ମକୁ ଫେରିବା ଏବଂ ଆନ୍ଦ୍ରେ ରସେଲଙ୍କ ଚମତ୍କାର ଫର୍ମ ନାଇଟ୍ ରାଇଡର୍ସର ବ୍ୟାଟିଂକୁ ଦୃଢ଼ କରିଛି। ଯୁବ ବ୍ୟାଟ୍ସମ୍ୟାନ ଗିଲ୍ ମୁମ୍ବାଇ ଓ ପଞ୍ଜାବ ବିପକ୍ଷ ଶେଷ ୨ଟି ମ୍ୟାଚ୍‌ରେ କ୍ରମାଗତ ଅର୍ଦ୍ଧଶତକ ହାସଲ କରିଛନ୍ତି, ଯାହାକି ଅଧିନାୟକ କାର୍ତ୍ତିକଙ୍କ ପାଇଁ ଆଶ୍ୱସ୍ତି ଆଣିଛି। ସ୍ଥାନୀୟ ୱାଙ୍ଖେଡେର ଏହି ବ୍ୟାଟିଂ ଟ୍ରାକରେ କୋଲକାତା ବଡ଼ ସ୍କୋର କରିବା ଲକ୍ଷ୍ୟରେ ରହିଛି। ବୋଲିଂରେ ହ୍ୟାରୀ ଗର୍ନି, ସନ୍ଦୀପ ୱାରିୟର, ସୁନୀଲ ନାରିନ ଓ ପୀୟୂଷ ଚାୱଲା ମୁମ୍ବାଇ ବ୍ୟାଟ୍ସମ୍ୟାନଙ୍କ ଉପରେ ଅଙ୍କୁଶ ଲଗାଇବାର ଦକ୍ଷତା ରଖିଛନ୍ତି।

ଅପରପକ୍ଷରେ ରୋହିତ୍ ଶର୍ମାଙ୍କ ମୁମ୍ବାଇ ଦଳ ପ୍ଲେ-ଅଫ୍‌ରେ ପ୍ରବେଶ କରିସାରିଛି। କୋଲକାତା ବିପକ୍ଷରେ ପୂର୍ବ ମ୍ୟାଚ୍ ପରାଜୟର ପ୍ରତିଶୋଧ ନେବା ଲକ୍ଷ୍ୟରେ ରହିଛି ମୁମ୍ବାଇ। ଚଳିତ ସିଜନରେ ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌କୁ କୋଲକାତା ୩୪ ରନରେ ଜିତିନେଇଥିଲା। ଅଧିନାୟକ ରୋହିତ୍ (୩୩୧ ରନ)ଙ୍କ ସମେତ ହାର୍ଦ୍ଦିକ ପାଣ୍ଡ୍ୟା (୩୮୦ ରନ), କ୍ୱିଣ୍ଟନ ଡି କକ୍ (୪୬୨ ରନ) ଓ ସୂର୍ଯ୍ୟକୁମାର ଯାଦବ (୨୯୨ ରନ) ଚଳିତ ସିଜନରେ ଭଲ ଫର୍ମରେ ଥିବାରୁ ଏହି ମ୍ୟାଚ୍‌ରେ ଏକ ବଡ଼ ସ୍କୋର ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।



ଅଭ୍ୟାସ ସେସନ ଅବସରରେ କୋଲ୍‌କାତା ନାଇଟ୍ ରାଇଡର୍ସର ଖେଳାଳିମାନେ।

**ଆଜିର ମ୍ୟାଚ**

ଚେନ୍ନାଇ ସୁପର କିଙ୍ଗ୍ସ
ବନାମ
କିଙ୍ଗ୍ସ ଇଲେଭେନ ପଞ୍ଜାବ



ସ୍ଥାନ : ମୋହାଲି
ସମୟ : ଅପରାହ୍ନ ୪ଟା

ମୁମ୍ବାଇ ଇଣ୍ଡିଆନ୍ସ
ବନାମ
କୋଲକାତା ନାଇଟ୍ ରାଇଡର୍ସ

ପ୍ରସାରଣ
ସ୍ଥାନ : ମୁମ୍ବାଇ
ସମୟ: ରାତି ୮ଟା
ଷ୍ଟାର ସ୍ପୋର୍ଟ୍ସ

## ୧୯୮୭: ଇଂଲଣ୍ଡ ବାହାରେ ପ୍ରଥମ ବିଶ୍ୱକପ୍

ଆନ୍ତର୍ଜାତିକ କ୍ରିକେଟ କାଉନ୍‌ସିଲ (ଆଇସିସି) ବିଶ୍ୱକପ୍‌ର ଚତୁର୍ଥ ସଂସ୍କରଣକୁ ଭାରତ ଓ ପାକିସ୍ତାନ ମିଳିତ ଭାବେ ଆୟୋଜନ କରିଥିଲେ। ୧୯୮୭ରେ ଅନୁଷ୍ଠିତ ଏହି ବିଶ୍ୱକପ୍ ଅକ୍ଟୋବର ୮ରୁ ଆରମ୍ଭ ହୋଇ ନଭେମ୍ବର ୮ ତାରିଖରେ ଶେଷ ହୋଇଥିଲା। ରାଉଣ୍ଡ ରବିନ୍ ଓ ନକ୍‌ଆଉଟ ପଦ୍ଧତିରେ ଖେଳାଯାଇଥିବା ଏହି ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ଅଲାନ ବର୍ଡରଙ୍କ ନେତୃତ୍ୱରେ ଚାମ୍ପିୟନ ହୋଇଥିଲା ଓ ପ୍ରଥମଥର ପାଇଁ ଟାଇଟଲ ହାସଲ କରିଥିଲା। ଫାଇନାଲରେ ଅଷ୍ଟ୍ରେଲିଆ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡକୁ ହରାଇ ବାଜି ମାରିଥିଲା। ଏହି ବିଶ୍ୱକପ୍‌ରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ ଓ ମୋଟ୍ ଉପରେ ୨୭ଟି ମ୍ୟାଚ୍ ଖେଳାଯାଇଥିଲା। ଇଂଲଣ୍ଡ ବ୍ୟାଟ୍ସମ୍ୟାନ ଗ୍ରାହାମ ଗୁଚ୍ ଟୁର୍ନାମେଣ୍ଟରେ ସର୍ବାଧିକ ୪୭୧ ରନ୍ ସଂଗ୍ରହ କରିଥିଲେ। ସେହିପରି ଅଷ୍ଟ୍ରେଲୀୟ ଦ୍ରୁତ ବୋଲର କ୍ରେଗ ମ୍ୟାକଡୋର୍ମଟ ସର୍ବାଧିକ ୧୮ଟି ଉଇକେଟ ହାସଲ କରିଥିଲେ। ରିଲାଏନ୍ସ କପ୍‌ରେ ନାମିତ ଏହି ବିଶ୍ୱକପ୍ ପ୍ରଥମଥର ପାଇଁ ଇଂଲଣ୍ଡ ବାହାରେ ସଫଳତାର ସହ ଆୟୋଜିତ ହୋଇଥିଲା।

ପ୍ରଥମଥର ପାଇଁ ଏହି ବିଶ୍ୱକପ୍‌ରେ ମ୍ୟାଚ୍‌ଗୁଡିକ ୬୦ ଓଭର ବଦଳରେ ୫୦ ଓଭର ବିଶିଷ୍ଟ ହୋଇଥିଲା। କୋଲ୍‌କାତାର ଇଡେନ୍ ଗାର୍ଡେନରେ ଅନୁଷ୍ଠିତ ରୋମାଞ୍ଚକ ଫାଇନାଲ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ମାତ୍ର ୭ ରନ୍‌ରେ ଇଂଲଣ୍ଡକୁ ହରାଇ ଟାଇଟଲ ଜିତିଥିଲା। ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୫ ଉଇକେଟ ହରାଇ ୨୫୩ ରନ୍ ସଂଗ୍ରହ କରିଥିଲା। ଦଳ ତରଫରୁ ଡେଭିଡ ବୁନ୍ ସର୍ବାଧିକ ୭୫, ମାଇକେ ଭେଲେଟ୍ଟା ୪୫ ରନ୍ ସଂଗ୍ରହ କରିଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ଇ. ହେମିଙ୍ଗ୍ସ ୨, ଏନ୍. ଫୋଷ୍ଟର ଓ ଜି. ଗୁଚ୍ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଇଂଲଣ୍ଡ ୫୦ ଓଭରରେ ୮ ଉଇକେଟ ହରାଇ ୨୪୬ ରନ୍‌ରେ ସୀମିତ ରହି ପରାସ୍ତ ହେବା ସହ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଦଳ ତରଫରୁ ବିଲ୍ ଆଥେ ୫୮, ମାଇକ୍ ଗ୍ୟାଟିଂ ୪୧, ଅଲାନ ଲ୍ୟାମ୍ବ ୪୫ ରନ୍ ସଂଗ୍ରହ କରିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ଷ୍ଟିଭ୍ ୱ ଓ ଆଲାନ ବର୍ଡର ୨ଟି ଲେଖାଏ, ମ୍ୟାକ୍‌ଡୋର୍ମଟ ଓ ଏସ୍ ଓ'ଡାନିଏଲ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଅନ୍ତିମ ଓଭରରେ ଇଂଲଣ୍ଡ ବିଜୟ ପାଇଁ ଆବଶ୍ୟକ ୧୭ ରନ ସଂଗ୍ରହ କରିବାରେ ବିଫଳ ହୋଇଥିଲା। ଡେଭିଡ ବୁନ୍ ଫାଇନାଲ ମୁକାବିଲାରେ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ତେବେ ଦୁଇ ଆୟୋଜକ ଦେଶ ଭାରତ ଓ ପାକିସ୍ତାନ ଫାଇନାଲକୁ ଉଠିବାରେ ବିଫଳ ହୋଇଥିଲେ। ଦୁଇ ଦଳ ସେମିଫାଇନାଲରେ ପରାସ୍ତ ହୋଇଥିଲେ। ୱେଷ୍ଟଇଣ୍ଡିଜ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲା ଓ ଗ୍ରୁପ୍ ପର୍ଯ୍ୟାୟ ଅତିକ୍ରମ କରିବାରେ ବିଫଳ ହୋଇଥିଲା।

୮ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା। ଗ୍ରୁପ୍‌ରେ ପ୍ରତ୍ୟେକ ଦଳ ବାକି ୩ଟି ଦଳ ବିପକ୍ଷରେ ଦୁଇଥର ମ୍ୟାଚ୍ ଖେଳିଥିଲେ। ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ ସେମିଫାଇନାଲରେ ପ୍ରବେଶ କରିଥିଲେ। ସେମିଫାଇନାଲର ଦୁଇ ବିଜେତା ଦଳ ଫାଇନାଲ ଟିକେଟ ହାସଲ କରିଥିଲେ। ସବୁ ମ୍ୟାଚ୍ ଦିନରେ ଖେଳାଯାଇଥିଲା। ଶେଷଥର ପାଇଁ ଖେଳାଳିମାନେ ଧଳା ପୋଷାକ ପରିଧାନ କରିବା ସହ ଲାଲ୍ ବଲ୍‌ରେ ମ୍ୟାଚ୍ ଖେଳିଥିଲେ। ପ୍ରଥମ ସେମିଫାଇନାଲରେ ଅଷ୍ଟ୍ରେଲିଆ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୪ ଉଇକେଟ ହରାଇ ୨୬୭ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଡେଭିଡ ବୁନ ସର୍ବାଧିକ ୬୫ ରନ ସଂଗ୍ରହ କରିଥିଲେ। ଜବାବରେ ପାକିସ୍ତାନ ୪୯ ଓଭରରେ ୨୪୯ ରନ୍ କରି ଅଲ୍‌ଆଉଟ ହୋଇ ପରାସ୍ତ ହୋଇଥିଲା। ଦଳ ତରଫରୁ ଇମ୍ରାନ ଖାଁ ୫୮, ଜାଭେଦ ମିଆଁଦାଦ ୭୦ ରନ୍ ସଂଗ୍ରହ କରିଥିଲେ। ସେହିପରି ଦ୍ୱିତୀୟ ସେମିଫାଇନାଲରେ ଭାରତ ଇଂଲଣ୍ଡଠାରୁ ହାରିଥିଲା। ଟସ୍ ହାରି ଇଂଲଣ୍ଡ ୫୦ ଓଭରରେ ୬ ଉଇକେଟ ହରାଇ ୨୫୪ ରନ୍ ସଂଗ୍ରହ କରିଥିଲା। ଜବାବରେ ଭାରତ ୪୫.୩ ଓଭରରେ ୨୧୯ ରନ୍ କରି ଅଲଆଉଟ୍ ହୋଇ ପରାସ୍ତ ହେବା ସହ ଫାଇନାଲ ପ୍ରବେଶ କରିବାରେ ବିଫଳ ହୋଇଥିଲା।





ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ରବିବାର, ମେ ୫/୨୦୧୯ Bhubaneswar, Sunday, May 5/ 2019

# ରୟାଲ୍ସ ଆଶା ଅଧୁରା

ନୂଆଦିଲ୍ଲୀ, ୪।୫(ପି.ଟି.)

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ରାଜସ୍ଥାନ ରୟାଲ୍ସର ପ୍ଲେ-ଅଫ୍ ଆଶା ଅଧୁରା ରହିଛି। ଶନିବାର ଅନୁଷ୍ଠିତ ମ୍ୟାଚରେ ଦଳ ଦିଲ୍ଲୀ କ୍ୟାପିଟାଲ୍ସ ନିକଟରୁ ହାରି ଯାଇଛି। ଅନ୍ୟ ପକ୍ଷରେ ୫ ଉଇକେଟରେ ବିଜୟ ସହ ଦିଲ୍ଲୀ ଏହାର ଲିଗ୍ ଅଭିଯାନ ଶେଷ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ୨୦ ଓଭରରେ ୯ ଉଇକେଟ ହରାଇ ୧୧୫ ରନ କରିଥିବାବେଳେ ଦିଲ୍ଲୀ ୧୬.୧ ଓଭରରେ ୫ ଉଇକେଟ ହରାଇ ୧୨୧ ରନ ସଂଗ୍ରହ କରି ନେଇଥିଲା। ଦିଲ୍ଲୀ ୧୪ ମ୍ୟାଚ ଖେଳି ୯ ବିଜୟ ଓ ୫ ପରାଜୟ ସହ ୧୮ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ଚେନ୍ନାଇ ସୁପର କିଙ୍ଗ୍ସ ସମାନ ୧୮ ପଏଣ୍ଟ ପାଇଥିଲେ ହେଁ ରନ ହାରରେ ଶୀର୍ଷସ୍ଥାନ ଅଧିକାର କରିଛି। ଅନ୍ୟପକ୍ଷରେ ରାଜସ୍ଥାନ ରୟାଲ୍ସ ୧୪ ମ୍ୟାଚ ଶେଷ କରିଥିବାବେଳେ ୫ ବିଜୟ, ୮ ପରାଜୟ ଓ ୧ ମ୍ୟାଚ ବାତିଲ ସହ ୧୧ ପଏଣ୍ଟରେ ସନ୍ତୁଷ୍ଟ ରହିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ଈଶାନ୍ତ ଶର୍ମା ଓ ଅମିତ ମିଶ୍ରଙ୍କୁ ସଫଳ ମୁକାବିଲା କରିପାରି ନ ଥିଲା। ଫଳରେ ଦଳର ସ୍କୋର ୧୧୫ରେ ସୀମିତ ରହିଥିଲା। ଈଶାନ୍ତ ରାଜସ୍ଥାନର ଟପ୍ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିବାବେଳେ ଅମିତ ଓ ଟ୍ରେଣ୍ଟ ବୋଲ୍ଟ ମିଡିଲ ଓ ଲୋୟର ଅର୍ଡରକୁ କ୍ଷତି ପହଞ୍ଚାଇଥିଲେ। ଈଶାନ୍ତ ୩୮ ରନରେ ୩ଟି ଓ ଅମିତ ମାତ୍ର ୧୭ ରନରେ ୩ଟି ଉଇକେଟ ନେଇଥିବାବେଳେ ବୋଲ୍ଟ ପାଇଥିଲେ ୨ଟି ଉଇକେଟ। ରାଜସ୍ଥାନ ପକ୍ଷରୁ ରିୟାନ ପରାଗ ସର୍ବାଧିକ ୫୦(୪୯ ବଲ, ୪ ଚୌକା, ୨ ଛକା) ରନ କରିଥିବାବେଳେ ଲିଆମ ଲିଭିଙ୍ଗଷ୍ଟୋନ ୧୪ ଓ ଶ୍ରେୟାସ ଗୋପାଳ ୧୨ ରନ କରିଥିଲେ। ୬ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ରାଜସ୍ଥାନ ପରି ଦିଲ୍ଲୀ ମଧ୍ୟ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ୨୮ ରନ ମଧ୍ୟରେ ଦୁଇ ଓପନର ଶିଖର ଧାୱନ(୧୬ ରନ) ଓ ପୃଥ୍ୱୀ ଶ’(୮) ଆଉଟ ହୋଇ ଯାଇଥିଲେ। ଅଧିନାୟକ ଶ୍ରେୟାସ ଆୟାର ମଧ୍ୟ ମାତ୍ର ୧୫ ରନ କରିଥିଲେ। ମାତ୍ର ରିଷଭ ପନ୍ତଙ୍କ ଲଢୁଆ ଇନିଂସ ଦିଲ୍ଲୀକୁ ବିଜୟ ମଣ୍ଡିତ କରିଥିଲା। ଗୋଟିଏ ପଟରେ ଉଇକେଟ ପଡ଼ି ଚାଲିଥିଲେ ହେଁ ଏକାଗ୍ରତା ନ ହରାଇ ରିଷଭ ୩୮ ବଲ୍‌ରୁ ୫୩(୨ ଚୌକା, ୫ ଛକା) ରନର ଅପରାଜିତ ଇନିଂସ ଖେଳି ରାଜସ୍ଥାନ ବିଜୟ ଆଶାରେ ପାଣି ଭରିଥିଲେ। କଲିନ୍ ଇନ୍‌ଗ୍ରାମ ୧୨ ଓ ଶେର୍ଫାନେ ରଥରଫୋର୍ଡ ୧୧ ରନର ଇନିଂସ ଖେଳିଥିଲେ। ରାଜସ୍ଥାନ ପକ୍ଷରୁ ଈଶ୍ ସୋଧୀ ୩ଟି ଓ ଗୋପାଳ ୨ଟି ଉଇକେଟ ନେଇଥିଲେ।


ଅର୍ଦ୍ଧଶତକ ହାସଲକାରୀ ରିଷଭ ପନ୍ତ।

## ସଂକ୍ଷିପ୍ତ ସ୍କୋର

- ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୧୫/୯(ପରାଗ-୫୦, ଅମିତ-୩/୧୭, ଈଶାନ୍ତ-୩/୩୮, ବୋଲ୍ଟ-୨/୨୭)।
- ଦିଲ୍ଲୀ କ୍ୟାପିଟାଲ୍ସ ୧୬.୧ ଓଭରରେ ୧୨୧/୫(ରିଷଭ-୫୩, ଈଶ୍-୩/୨୬, ଗୋପାଳ-୨/୨୧)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନ ହାର |
|---|---|---|---|---|---|
| ସୁପର କିଙ୍ଗ | ୧୩ | ୯ | ୪ | ୧୮ | ୦.୨୦୯ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୪ | ୯ | ୫ | ୧୮ | ୦.୦୪୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୮ | ୫ | ୧୬ | ୦.୩୨୧ |
| ସନ୍‌ରାଇଜର୍ସ | ୧୩ | ୬ | ୭ | ୧୨ | ୦.୬୫୩ |
| ନାଇଟ ରାଇଡର୍ସ | ୧୩ | ୬ | ୭ | ୧୨ | ୦.୧୭୩ |
| ରାଜସ୍ଥାନ ରୟାଲ୍ସ | ୧୪ | ୫ | ୮ | ୧୧ | -୦.୪୪୯ |
| କିଙ୍ଗ୍ସ ଇଲେଭେନ | ୧୩ | ୫ | ୮ | ୧୦ | -୦.୩୫୧ |
| ରୟାଲ ଚ୍ୟାଲେଞ୍ଜର୍ସ | ୧୩ | ୪ | ୮ | ୯ | -୦.୬୯୪ |

# ଅର୍ଜୁନ ତେନ୍ଦୁଲକରଙ୍କ ମୂଲ୍ୟ ୫ ଲକ୍ଷ

ମୁମ୍ବାଇ, ୪।୫ (ପି.ଟି.)

ମୁମ୍ବାଇ ଟି୨୦ ଲିଗ୍‌ର ଦ୍ୱିତୀୟ ସିଜନ ପାଇଁ ଖେଳାଳି ନିଲାମ ବେଳେ କ୍ରିକେଟ ଆଇକନ ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନଙ୍କୁ ଆକାଶ ଟାଇଗର୍ସ ମୁମ୍ବାଇ ୱେଷ୍ଟର୍ସ ସବ୍‌ଅର୍ବସ ଦଳ ୫ ଲକ୍ଷ ଟଙ୍କାରେ କ୍ରୟ କରିଛି। ଅର୍ଜୁନ ହେଉଛନ୍ତି ଜଣେ ବାମହାତୀ ପେସ୍ ବୋଲର ଓ ବ୍ୟାଟ୍ସମ୍ୟାନ। ସେ ଭାରତୀୟ ୧୯ ବର୍ଷରୁ କମ୍ ଦଳରେ ପ୍ରତିନିଧିତ୍ୱ କରିଛନ୍ତି। ଟୁର୍ନାମେଣ୍ଟରେ ଯେଉଁ କେତେଜଣ ଖେଳାଳି ନଜରରେ ରହିବେ, ସେମାନଙ୍କ ମଧ୍ୟରେ ଅର୍ଜୁନ ଅନ୍ୟତମ। ଅର୍ଜୁନଙ୍କୁ ଅଲ୍‌ରାଉଣ୍ଡର କାଟେଗୋରିରେ ସାମିଲ କରାଯାଇଥିଲା। ତାଙ୍କର ବେସ୍ ପ୍ରାଇସ୍ ୧ ଲକ୍ଷ ଟଙ୍କା ରହିଥିଲା। କ୍ରିକେଟ ଆଇକନ୍‌ଙ୍କୁ ନେବାଲାଗି ବହୁ ଟିମ୍ ଆଗ୍ରହ ପ୍ରକାଶ କରିଥିଲେ। ନର୍ଥ ମୁମ୍ବାଇ ପାନ୍ଥର୍ସ ସର୍ବାଧିକ ୫ଲକ୍ଷ ଟଙ୍କା ବାଜି ଲଗାଇଥିଲା, ଯାହାକି ବିଡ୍‌ର ସର୍ବାଧିକ ପରିମାଣ ଥିଲା। ତେବେ ନିଲାମ ପରିଚାଳନା କରୁଥିବା ଚାରୁ ଶର୍ମା ଅପରଚୁନିଟି ଟୁ ମ୍ୟାଚ୍ (ଓଟିଏମ୍) ଭିତ୍ତିରେ ଦୁଇ ନୂଆ ଦଳ ଆକାଶ ଟାଇଗର୍ସ ଏବଂ ଆକାଶ ଟାଇଗର୍ସ ମୁମ୍ବାଇ ୱେଷ୍ଟର୍ସ ସବ୍‌ଅର୍ବସକୁ ସୁଯୋଗ ଦେଇଥିଲେ। ଉଭୟ ଦଳ ଓଟିଏମ୍‌ର ସୁଯୋଗ ନେଇଥିଲେ। ଫଳରେ କାର୍ଡ ଉଠାଣ ବ୍ୟବସ୍ଥାର ସହାୟତା ନିଆଯାଇଥିଲା। ମୁମ୍ବାଇ କ୍ରିକେଟ ଆସୋସିଏଶନ ଆଡହକ୍ କମିଟି ସଦସ୍ୟ ଉନ୍ମେଷ ଖାନୱିଲ୍‌କର ଗୋଟିଏ କାର୍ଡ ଉଠାଇଥିଲେ। ତାହା ଆକାଶ ଟାଇଗର୍ସର ଥିଲା। ଏହି ଦଳ ଜୁନିୟର ତେନ୍ଦୁଲକରଙ୍କୁ ନେଇଥିଲା। ନିଲାମ ପୂର୍ବରୁ ସୂର୍ଯ୍ୟକୁମାର ଯାଦବ, ଆକାଶ ପାରକର (ଟ୍ରିମ୍ଫ୍ ନାଇଟ୍ସ ମୁମ୍ବାଇ ନର୍ଥ ଇଷ୍ଟ), ଶିଭମ ଦୁବେ, ସିଦ୍ଧେଶ ଲାଡ୍ (ଶିବାଜୀ ପାର୍କ ଲାୟନ୍ସ), ପୃଥ୍ୱୀ ଶ’ (ନର୍ଥ ମୁମ୍ବାଇ ପାନ୍ଥର୍ସ), ଜୟ ବିସ୍ତା ଧୂର୍ମିଲ ମଟକାର (ସୋବୋ ସୁପରସୋନିକ୍ସ), ଶୁଭମ ରଞ୍ଜନେ, ତୁଷାର ଦେଶ୍‌ପାଣ୍ଡେ (ଆର୍କସ ଅନ୍ଧେରୀ), ଶ୍ରେୟାସ ଆୟାର, ଏକନାଥ କେରକାର (ନମୋ ବାନ୍ଦ୍ରା ବ୍ଲାଷ୍ଟର୍ସ) ପ୍ରମୁଖ ଖେଳାଳିଙ୍କୁ ୬ଟି ଫ୍ରାଞ୍ଚାଇଜ୍ ଅଟକାଇ ରଖିଛନ୍ତି। ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଏଥିରେ ସାମିଲ ଦୁଇ ନୂଆ ଫ୍ରାଞ୍ଚାଇଜ୍ ଯଥା ଇଗଲ ଥାନେ ଷ୍ଟ୍ରାଇକର୍ସ ଆଦିତ୍ୟ ତାରେ ଓ ସର୍ଫରାଜ ଖାଁଙ୍କୁ ଏବଂ ଆକାଶ ଟାଇଗର୍ସ ମୁମ୍ବାଇ ୱେଷ୍ଟର୍ସ ସବ୍‌ଅର୍ବସ ଦୁଇ ଖେଳାଳି ଧାୱଲ କୁଲକର୍ଣ୍ଣୀ ଓ ଶାମ୍ସ ମୁଲାନିଙ୍କୁ ନେଇଥିଲା। ଅନ୍ୟପକ୍ଷରେ ସୁଜିତ୍ ନାୟକ ୫ଲକ୍ଷ ଟଙ୍କାରେ ବିକ୍ରି ହୋଇଥିଲେ। ୱାଙ୍ଖେଡେ ଷ୍ଟାଡିୟମ୍‌ରେ ମେ ୧୪ରୁ ଆରମ୍ଭ ହେବାକୁଥିବା ଏହି ଟୁର୍ନାମେଣ୍ଟ ଲାଗି ସଚିନ ତେନ୍ଦୁଲକର ବ୍ରାଣ୍ଡ ଆମ୍ବାସାଡର ରହିଛନ୍ତି।

## ମୁମ୍ବାଇ ଟି୨୦ ଲିଗ୍

# ଟିକେଟର ଚାହିଦା ଦେଖି ଆୟୋଜକ ଚକିତ

## ଫିଫା ମହିଳା ବିଶ୍ୱକପ୍

ପ୍ୟାରିସ୍,୪।୫ (ଏଏଫ୍‌ପି)

ଫ୍ରାନ୍ସରେ ମହିଳା ଫୁଟବଲ ବିଶ୍ୱକପ୍ ଆରମ୍ଭ ହେବାକୁ ଆଉ ୫ ମାସ ବାକିଥିଲେ ମଧ୍ୟ ଏହି ମେଗା ଇଭେଣ୍ଟର ଟିକେଟର ଚାହିଦା ଆକାଶଛୁଆଁ ରହିଛି। ଏହା ଆୟୋଜକଙ୍କୁ ଚକିତ କରିଛି। ଆସନ୍ତା ଜୁନ୍ ୭ରୁ ଆରମ୍ଭ ହୋଇ ଏହି ବିଶ୍ୱକପ୍ ଜୁଲାଇ ୭ ତାରିଖରେ ଶେଷ ହେବା କାର୍ଯ୍ୟକ୍ରମ ରହିଛି। କେବଳ ଦେଶୀ ନୁହଁ ବିଦେଶୀ ପ୍ରଶଂସକମାନେ ମଧ୍ୟ ଟିକେଟ କ୍ରୟ କରିବାକୁ ବେଶ୍ ଆଗ୍ରହ ପ୍ରକାଶ କରିଛନ୍ତି ବୋଲି ଲୋକାଲ ଅର୍ଗାନାଇଜିଂ କମିଟି ମୁଖ୍ୟ ଏରୱାନ ଲେ ପ୍ରିଭୋରେଷ୍ଟ କହିଛନ୍ତି।

ବିଶ୍ୱକପ୍‌ର ଉଦ୍‌ଘାଟନୀ ମ୍ୟାଚ୍ ରାଜଧାନୀ ପ୍ୟାରିସ୍‌ର ପାର୍କ ଡେସ ପ୍ରିନ୍‌ସେସ୍‌ରେ ଖେଳାଯିବ। ଦୁଇଟି ଯାକ ସେମିଫାଇନାଲ ଓ ଫାଇନାଲ ଲିୟନରେ ଅୟୋଜନ ହେବ। ବାକି ମ୍ୟାଚ୍‌ଗୁଡିକ ଫ୍ରାନ୍ସର ଅନ୍ୟ ଛୋଟିଆ ସହରରେ ଖେଳାଯିବ। ଷ୍ଟାଡିୟମ ଫାଙ୍କା ରହିବା ଆଶଙ୍କାରେ ମ୍ୟାଚଗୁଡିକ ଛୋଟିଆ ଛୋଟିଆ ଗ୍ରାଉଣ୍ଡରେ ଆୟୋଜନ କରିବାକୁ ଆମେ ଅଗ୍ରାଧିକାର ଦେଇଥାଉ ବୋଲି ଫ୍ରେଞ୍ଚ ଫୁଟବଲ ଫେଡେରେଶନ ଅଧ୍ୟକ୍ଷ ନୋଏଲ ଲି ଗ୍ରାଏଟ୍ କହିଛନ୍ତି। ଟୁର୍ନାମେଣ୍ଟର ୫୨ଟି ମ୍ୟାଚ୍ ପାଇଁ ୧.୩ ମିଲିୟନ ଟିକେଟର ବିକ୍ରି ବ୍ୟବସ୍ଥା ରହିଛି। ଟିକେଟଗୁଡିକର ମୂଲ୍ୟ ୯ରୁ ୮୪ ୟୁରୋ ରଖାଯାଇଛି। ଏପର୍ଯ୍ୟନ୍ତ ୭ ଲକ୍ଷ ୨୦ ହଜାର ଟିକେଟ ବିକ୍ରି ସରିଛି ବୋଲି କୁହାଯାଇଛି। ଟିକେଟ ବିକ୍ରି ଦୃଷ୍ଟିକୋଣରୁ ଆମେ ଲକ୍ଷ୍ୟରେ ପହଞ୍ଚି ସାରିଛୁ। ଏବେ ଅଧିକା ଟିକେଟ ବିକ୍ରି ଉପରେ ଆମେ ଗୁରୁତ୍ୱ ଦେଉଛୁ। ଉଦ୍‌ଘାଟନୀ ମ୍ୟାଚ୍, ଦୁଇଟି ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍ ପାଇଁ ମାତ୍ର ୪୮ ଘଣ୍ଟା ମଧ୍ୟରେ ସବୁ ଟିକେଟ ବିକ୍ରି ହୋଇଛି। ଏହା ଆମକୁ ଚକିତ କରିଛି। ଏହାପୂର୍ବରୁ ଆମେ ୨୦୧୫ରେ ମହିଳା ଫୁଟବଲ ବିଶ୍ୱକପ ଆୟୋଜନ କରିଥିଲୁ। ସେତେବେଳେ ଷ୍ଟାଡିୟମ କିପରି ପୂର୍ଣ୍ଣ ହେବ ସେ ନେଇ ଚିନ୍ତା କରୁଥିଲୁ। ଏବେ କିନ୍ତୁ ସେ କଥା ଆଉ ନାହିଁ। ଉଦ୍‌ଘାଟନୀ ମ୍ୟାଚ୍‌ର ଟିକେଟ ମାତ୍ର ୫ ମିନିଟ୍‌ରେ ବିକ୍ରି ହୋଇଥିଲା ବୋଲି ଗ୍ରାଏଟ୍ କହିଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଆୟୋଜକ ଫ୍ରାନ୍ସ ଓ କୋରିଆ ପରସ୍ପରକୁ ଭେଟିବେ। ଫ୍ରାନ୍ସ ପ୍ରଥମଥର ଚାମ୍ପିୟନ ହେବା ଲକ୍ଷ୍ୟରେ ରହିଛି। ୭ଟି ମ୍ୟାଚ୍‌ର ଟିକେଟ ସମ୍ପୂର୍ଣ୍ଣ ଭାବେ ବିକ୍ରି ହୋଇଛି।

# ଉଡ୍‌ସଙ୍କୁ ଆମେରିକାର ସର୍ବୋଚ୍ଚ ବେସାମରିକ ସମ୍ମାନ

**ଓାଶିଂଟନ, ୪।୫ (ପି.ଟି.):** ଆସନ୍ତା ସପ୍ତାହରେ ବିଶ୍ୱପ୍ରସିଦ୍ଧ ଗଲ୍‌ଫ ଖେଳାଳି ଟାଇଗର ଉଡ୍‌ସଙ୍କୁ ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ୟୁଏସ୍ ପ୍ରେସିଡେନ୍‌ସିଆଲ ମେଡାଲ ଅଫ୍ ଫ୍ରିଡମ୍‌ରେ ସମ୍ମାନିତ କରିବେ। ହ୍ୱାଇଟ୍ ହାଉସ୍ ପକ୍ଷରୁ ଏହା ଘୋଷଣା କରାଯାଇଛି। ରୋଜ୍ ଗାର୍ଡେନଠାରେ ମେ’ ୬ ତାରିଖରେ ଏକ ସ୍ୱତନ୍ତ୍ର ଉତ୍ସବରେ ଟ୍ରମ୍ପ ଏହି ପୁରସ୍କାର ପ୍ରଦାନ କରିବେ ବୋଲି ହ୍ୱାଇଟ୍ ହାଉସ୍ ପ୍ରେସ୍ ସଚିବ ସାରା ସେଣ୍ଡର୍ସ କହିଛନ୍ତି। ୪୩ ବର୍ଷୀୟ ଏହି ଆମେରିକାନ ପ୍ରଫେସନାଲ ଗଲ୍‌ଫର ୨୦୦୮ ୟୁଏସ୍ ଓପନ୍ ପରେ ଗତମାସରେ ମାଷ୍ଟର୍ସ ଟାଇଟଲ ଜିତିଥିଲେ।







୪୦
3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ